# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

VOLUME- 43 • ISSUE-271 • MONDAY • 30 MARCH 2026 • PAGE-12 • ₹ 7.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୨୭୧ • ସୋମବାର • ୩୦ ମାର୍ଚ୍ଚ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦




ହନୁମାନ ଜୟନ୍ତୀରେ ପ୍ରଥମ ଝଲକ

▶ପୃଷ୍ଠା ୧୧ ଦେଖନ୍ତୁ...

# ବିଜୁଙ୍କୁ ବିଜେପି ସାଂସଦଙ୍କ ଅପମାନ

## ସାରା ରାଜ୍ୟରେ ପ୍ରତିକ୍ରିୟା; ବିଜେଡିର ତୀବ୍ର ପ୍ରତିବାଦ

■ ଭୁବନେଶ୍ୱର, ୨୯।୩ (ସମିସ): ଯେଉଁ ବିଜୁ ପଟ୍ଟନାୟକଙ୍କ ପରଲୋକରେ ତିନି ଦେଶର ପତାକା ଅବନମିତ ହୋଇଥିଲା, ଯେଉଁ ବିଜୁ ପଟ୍ଟନାୟକଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦରେ ଭୂରିଭୂରି ପ୍ରଶଂସା କରିଛନ୍ତି; ସେହି ବିଜୁ ପଟ୍ଟନାୟକଙ୍କ ପ୍ରତି ଅତ୍ୟନ୍ତ ନିମ୍ନରୁଚିର ମନ୍ତବ୍ୟ ଦେଇଛନ୍ତି ଜଣେ ବିଜେପି ସାଂସଦ ନିଶିକାନ୍ତ ଦୁବେ। ବିଭିନ୍ନ ଠକେଇ ଓ ଜାଲିଆତି ମାମଲାରେ ଅଭିଯୁକ୍ତ ସାଂସଦ ନିଶିକାନ୍ତ ଦୁବେ ଓଡ଼ିଆ ଅସ୍ମିତାର ଚଳମାନ ପ୍ରତୀକ କୁହାଯାଉଥିବା ପ୍ରବାଦପୁରୁଷ ବିଜୁବାବୁଙ୍କ ବିରୋଧରେ ସିଆଇଏ ଏଜେଣ୍ଟ ପରି ଘୃଣ୍ୟ ଟିପ୍ପଣୀ ଦେଇଛନ୍ତି। ଯାହାକୁ ନେଇ ସାରା ରାଜ୍ୟରେ ପ୍ରକାଶ ପାଇଛି ତୀବ୍ର ପ୍ରତିକ୍ରିୟା। ନିଶିକାନ୍ତ ଏପରି ମନ୍ତବ୍ୟକୁ ବିଜେଡି ପ୍ରତିବାଦ କରିଛି। ଦଳର ୭ ରାଜ୍ୟସଭା ସାଂସଦ ଏହାକୁ ନେଇ ଆପତ୍ତି ଉଠାଇଛନ୍ତି। ବିଜେଡି ସାଂସଦ ମାନସ ମଙ୍ଗରାଜ ସାମାଜିକ ଗଣମାଧ୍ୟମରେ ଭର୍ତ୍ସନା କରିବା ସହ ଇତିହାସକୁ ବିକୃତ କରିବାକୁ ନିଶିକାନ୍ତ ଦୁବେଙ୍କ ଏପରି ଉଦ୍ୟମକୁ ଓଡ଼ିଶାବାସୀ କଦାପି କ୍ଷମା କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ନିଶିକାନ୍ତ ଦୁବେ ଅଧ୍ୟକ୍ଷ ଥିବା



ସଂସଦର ସ୍ଥାୟୀ କମିଟିରୁ ସାଂସଦ ସସ୍ମିତ ପାତ୍ର ଇସ୍ତଫା ଦେଇଛନ୍ତି।

ଝାଡ଼ଖଣ୍ଡର ବିଜେପି ସାଂସଦ ନିଶିକାନ୍ତ ଦୁବେ ୧୯୬୨ ଚୀନ ସହ ଯୁଦ୍ଧ ଓ ଚାରିବାଟିଆ ବିମାନଘାଟିରେ ଆମେରିକୀୟ ସେନାଙ୍କ ଉପସ୍ଥିତିକୁ ନେଇ ଶ୍ରୀ ଦୁବେଙ୍କର ବିଜୁବାବୁଙ୍କ ପ୍ରତି ପ୍ରଦାନ କରିଥିବା ଅସମ୍ମାନସୂଚକ ମନ୍ତବ୍ୟ ଏବେ ସାରା ରାଜ୍ୟରେ ନିଆଁ ଲଗାଇ ଦେଇଛି। ବିଜେପିର ଶୀର୍ଷ ନେତୃତ୍ୱଙ୍କ ନିକଟତମ ବୋଲି ଦାବି କରୁଥିବା, ନୀତି ନୈତିକତା ବିବର୍ଜିତ ଓ ବିଭିନ୍ନ ଠକେଇ ମାମଲାରେ ଅଭିଯୁକ୍ତ ନିଶିକାନ୍ତ ଦୁବେଙ୍କର ବିଜୁ ବାବୁଙ୍କ ପରି ପ୍ରବାଦ ପୁରୁଷ, ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଟିପ୍ପଣୀ ଦେବାର ସାମାନ୍ୟତମ ନୈତିକତା ନାହିଁ ଓ ରାଜନୈତିକ ଉଦ୍ଦେଶ୍ୟ ରଖି ବିଜୁବାବୁଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ପ୍ରଦାନ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।

### ନିଶିକାନ୍ତଙ୍କୁ ବିଜେଡି ସାଂସଦଙ୍କ କଡ଼ା ଭର୍ତ୍ସନା

### ସାଂସଦଙ୍କ କ୍ଷମାପ୍ରାର୍ଥନା ଦାବି କଲା ସିପିଏମ୍

ବିଜେଡି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ନିଶିକାନ୍ତ ଦୁବେଙ୍କ ଦ୍ୱାରା କରାଯାଇଥିବା ଅତ୍ୟନ୍ତ ଅପମାନଜନକ ଏବଂ ଦାୟିତ୍ୱହୀନ ମନ୍ତବ୍ୟକୁ ତୀବ୍ର ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ଇତିହାସକୁ ବିକୃତ କରିବା ଉଦ୍ଦେଶ୍ୟରେ କରାଯାଇଥିବା ଏପରି ଭିତ୍ତିହୀନ ଏବଂ ଅର୍ଦ୍ଧସତ୍ୟ ଉକ୍ତି ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଏବଂ ଓଡ଼ିଶାର ଗର୍ବ ବିଜୁ ପଟ୍ଟନାୟକଙ୍କ ପ୍ରତି ଅପମାନ । ଏହା କେବଳ ବିଜୁ ବାବୁଙ୍କ ଲିଗାସୀ ଉପରେ ଆକ୍ରମଣ ନୁହେଁ, ବରଂ ପ୍ରତ୍ୟେକ ଓଡ଼ିଆଙ୍କ ଭାବନା ଉପରେ ଆକ୍ରମଣ। ଏପରି ନିମ୍ନ ସ୍ତରର ରାଜନୀତି ଦେଶ ପ୍ରତି ତାଙ୍କର ବିଶାଳ ଯୋଗଦାନ ଉପରେ ପ୍ରଭାବ ପକାଇପାରିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ସାଂସଦ ଦେବାଶିଷ ସାମନ୍ତରାୟ, ମୁନ୍ନା ଖାଁ, ନିରଞ୍ଜନ ବିଶି, ସୁଲତା ଦେ, ସୁଭାଶିଷ ଖୁଣ୍ଟିଆ ପ୍ରମୁଖ କଠୋର ଶବ୍ଦରେ ନିଶିକାନ୍ତଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କର ମତିଭ୍ରମ ଘଟିଥିବା କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସାଂସଦ ସୁଭାଶିଷ ଖୁଣ୍ଟିଆ କହିଛନ୍ତି ଯେ ଏପରି ଭିତ୍ତିହୀନ, ଅସଂଗତ ଏବଂ ଐତିହାସିକ ସତ୍ୟତାରୁ ବଞ୍ଚିତ ଦାବିଗୁଡ଼ିକ ଜଣେ ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ଏବଂ ଓଡ଼ିଶାର ଅମର ପ୍ରତୀକ ତଥା ଦେଶର ଗର୍ବ ଓ ବୀରତ୍ୱର ପ୍ରତି ଗମ୍ଭୀର ଅପମାନ। ଏହା କେବଳ ବିଜୁ ବାବୁଙ୍କ ବିରାଟ ଲିଗାସୀକୁ ହୀନ ପ୍ରତିପାଦିତ କରିବା ନୁହେଁ, ବରଂ ପ୍ରତ୍ୟେକ ଓଡ଼ିଆଙ୍କ ସାମୂହିକ ବିବେକ ଏବଂ ଭାବନା ପ୍ରତି ସିଧାସଳଖ ଅପମାନବୋଲି ସେ କହିଛନ୍ତି। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି କହିଛନ୍ତି ଯେ ବିଜୁ ବାବୁ କେବଳ ଜଣେ ରାଜନୈତିକ ନେତା ନ ଥିଲେ, ସେ ନିଜେ ଏକ ଅନୁଷ୍ଠାନ ଥିଲେ। ଏକାଧାରାରେ ସେ ନିର୍ଭୀକ ▶ପୃଷ୍ଠା-୭

## ରାସ୍ତାକୁ ଓହ୍ଲାଇଲେ ୮୦ ଲକ୍ଷ ଆମେରିକୀୟ

# ଟ୍ରମ୍ପଙ୍କ ବିରୋଧରେ ସମାବେଶ




■ ୱାସିଂଟନ/ସେଣ୍ଟପଲ୍, ୨୯।୩ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୀତି ଏବଂ ଇରାନ ସହ ଯୁଦ୍ଧ ବିରୋଧରେ ସାରା ବିଶ୍ୱରେ ବିରୋଧର ନିଆଁ ଜଳୁଛି। ଖାସ୍ କରି ଟ୍ରମ୍ପଙ୍କ ଦୂରଦୃଷ୍ଟିହୀନ ନୀତି ଓ ଇରାନ ଯୁଦ୍ଧ ବିରୋଧରେ ଲକ୍ଷଲକ୍ଷ ଲୋକ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହି ବିକ୍ଷୋଭକୁ 'ନୋ କିଙ୍ଗସ' ବୋଲି ନାମିତ କରାଯାଇଛି। ଏହି ଆନ୍ଦୋଳନରେ ବ୍ୟାପକ ସହଭାଗିତା ଦେଖିବାକୁ ମିଳିଛି। ଆୟୋଜକଙ୍କ ଅନୁଯାୟୀ, ଶନିବାର ଅନୁଷ୍ଠିତ ଏହି ପ୍ରତିବାଦରେ ପ୍ରାୟ ୯ ମିଲିୟନ ଅର୍ଥାତ ୯୦ ଲକ୍ଷ ଲୋକ ଏହି ବିକ୍ଷୋଭରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଥିଲା। ତେବେ ଏହି ରାଲିରେ ୮୦ ଲକ୍ଷ ଲୋକ ସାମିଲ ହୋଇ ଟ୍ରମ୍ପଙ୍କ ଇସ୍ତଫା ଦାବି କରିଛନ୍ତି। ଆମେରିକାର ସମସ୍ତ ୫୦ଟି ରାଜ୍ୟରେ ପ୍ରାୟ ୩,୧୦୦ରୁ ଅଧିକ କାର୍ଯ୍ୟକ୍ରମ ପଞ୍ଜିକୃତ ହୋଇଛି। ସେଣ୍ଟ ପଲ୍‌ସ୍ଥିତ ମିନେସୋଟା କ୍ୟାପିଟାଲ ଗ୍ରାଉଣ୍ଡରେ କ୍ୟାପିଟାଲ ଗ୍ରାଉଣ୍ଡରେ ବିରାଟ ଜନ ସମାଗମ ହୋଇଥାଏ। ବିଶିଷ୍ଟ ଗାୟକ ବ୍ରୁସ୍ ସ୍ପ୍ରିଙ୍ଗଷ୍ଟାଇନ୍ ଏଠାରେ ସଙ୍ଗୀତ ପରିବେଷଣ କରି ଲୋକଙ୍କୁ ଉତ୍ସାହିତ କରିଥିଲେ। ସେ ଟ୍ରମ୍ପ ପ୍ରଶାସନର କଠୋର ଆଭିମୁଖ୍ୟକୁ ସମାଲୋଚନା କରିଥିଲେ। ଲୋକମାନେ ମୁଖ୍ୟତଃ ଇରାନ ସହ ଯୁଦ୍ଧ, କଠୋର ଆଗମନ ଅର୍ଥାତ ଇମିଗ୍ରେସନ ନୀତି ଏବଂ ଟ୍ରାନ୍ସଜେଣ୍ଡର ଅଧିକାର କ୍ଷୁର୍ଣ୍ଣ ହେବା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। କେବଳ ଆମେରିକା ନୁହେଁ, ବରଂ ଲଣ୍ଡନ, ପ୍ୟାରିସ ଓ ରୋମ ଭଳି ସହରରେ ମଧ୍ୟ ହଜାର ହଜାର ଲୋକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ତେବେ ଟ୍ରମ୍ପ ପ୍ରଶାସନ ଏହି ବିକ୍ଷୋଭକୁ ସାମାଲୋଚନା କରି କହିଛି ଯେ ଏହା ▶ପୃଷ୍ଠା-୭

# ବିଜେଡି ବିଧାୟିକାଙ୍କ କ୍ୱାର୍ଟର୍ସରେ ପଶିଲା ପୁଲିସ

■ ଭୁବନେଶ୍ୱର, ୨୯।୩ (ସମିସ): ରାଜଧାନୀରେ ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସରକାରୀ ବାସଭବନରେ ଧସେଇ ପଶିଛି କଳାହାଣ୍ଡି ଜିଲ୍ଲା କେସିଙ୍ଗା ପୁଲିସ। ବିଧାୟିକାଙ୍କ ଅନୁପସ୍ଥିତିରେ ଓ ଘରେ କୌଣସି ପୁରୁଷ ବ୍ୟକ୍ତି ନ ଥିବା ସମୟରେ ସବୁ ଆଇନକାନୁନକୁ ଭାଙ୍ଗି ପୁଲିସ ବଳପୂର୍ବକ ତାଙ୍କ ଘରେ ପ୍ରବେଶ କରିଛି। ଏପରିକି ବିଧାୟିକାଙ୍କ ପରିଚାରିକା ପୋଷାକ ବଦଳାଉଥିବା ଘର ଭିତରେ ମଧ୍ୟ ଜବରଦସ୍ତ ପ୍ରବେଶ କରିଛି। ଏହି ସମୟରେ ବିଧାୟିକାଙ୍କ ଝିଅ ଓ ପରିଚାରିକା ଏକାକୀ ଥିଲେ ମଧ୍ୟ ପୁଲିସ ଏହାକୁ ଭ୍ରୁକ୍ଷେପ କରିନାହିଁ। କାହା ନିର୍ଦ୍ଦେଶରେ ପୁଲିସ ସବୁ ଆଇନକାନୁନ ଭାଙ୍ଗି ଚାଲିଛି ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଚଢାଉ ବେଳେ ଖବର ପାଇଁ ଭୁବନେଶ୍ୱର ମେୟର ସୁଲୋଚନା ଦାସ ତାଙ୍କ କ୍ୱାର୍ଟର୍ସରେ ପହଁଞ୍ଚିବା ସହ ବିଜେଡିର ଭୁବନେଶ୍ୱର ସାଂସଦ ପ୍ରାର୍ଥୀମନ୍ମଥ ରାଉତରାୟ, ଯୁବ ସଭାପତି ଚିନ୍ମୟ ସାହୁ ଏବଂ ଛାତ୍ର ସଭାପତି ଇପ୍ସିତା ସାହୁ ଘଟଣାସ୍ଥଳରେ ପହଞ୍ଚି ପୁଲିସ କାର୍ଯ୍ୟାନୁଷ୍ଠାନକୁ ତୀବ୍ର ବିରୋଧ କରିଛନ୍ତି।

### ଘଟଣାସ୍ଥଳରେ ପହଞ୍ଚି ବିରୋଧ କଲେ ବହୁ ବିଜେଡି ନେତା

ଗତ ମାର୍ଚ୍ଚ ୧୬ ତାରିଖରେ ରାଜ୍ୟସଭା ନିର୍ବାଚନର ଠିକ୍ ଗୋଟିଏ ଦିନ ପୂର୍ବରୁ ଅର୍ଥାତ ମାର୍ଚ୍ଚ ୧୫ ତାରିଖରେ କେସିଙ୍ଗା ଥାନାରେ ବିଧାୟିକାଙ୍କ ସ୍ୱାମୀ ତଥା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ନାମରେ ଏକ ଏତଲା ଦିଆଯାଇଥିଲା। ସ୍ଥାନୀୟ ତହସିଲଦାରଙ୍କୁ ସେ ଫୋନ୍‌ରେ ହତ୍ୟା ଧମକ ଦେଇଥିବା ଏଥିରେ ଅଭିଯୋଗ ହୋଇଥିଲା। ବିଧାୟିକାଙ୍କୁ ରାଜନୈତିକ ଭାବରେ ବ୍ଲାକମେଲ କରିବାକୁ ଶାସକ ଦଳ ପ୍ରୋତ୍ସାହନରେ ଏପରି ଅଭିଯୋଗ ହୋଇଥିବା ସେତେବେଳେ ଆଲୋଚନା ହୋଇଥିଲା। ରାଜ୍ୟ ସଭାରେ ବିଜେପି କଥା ନ ମାନି ନିଜ ଦଳ ପ୍ରତି ଆନୁଗତ୍ୟ ଦେଖାଇବାରୁ ଏବେ ପୁଲିସ ଆକ୍ରୋଶମୂଳକ ପଦକ୍ଷେପ ନେଇଥିବା ଅଭିଯୋଗ ହୋଇଛି । ଫୋନ୍‌ରେ ତହସିଲଦାରଙ୍କୁ ଧମକ ଦେଇଥିବା ଅଭିଯୋଗରେ ବିଧାୟିକାଙ୍କ ଘରେ ପୁଲିସ ପଶି ଧମକଚମକ ଦେଇଥିବାବେଳେ ବ୍ଲକ୍ ଅଫିସରେ ବିଡ଼ିଓଙ୍କ ଉପରେ ଲାପଟପ୍ ଫିଙ୍ଗିବା ଘଟଣାରେ ବିଜେପି ନେତାଙ୍କ ବିରୋଧରେ କାହିଁକି ଏଯାଏ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ଅତୀତରେ ଗୁରୁତ୍ୱପୂର୍ଣ୍ଣ ଫୋନ୍‌ରେ ଧମକ ଭଳି ଅନେକ ଅଭିଯୋଗକୁ ପୁଲିସ ଅଣଦେଖା କରିଥିବା ଦେଖାଯାଇଛି। ଏଭଳି ଅପରାଧ ପାଇଁ ଥାନାରୁ ହିଁ ଅଭିଯୁକ୍ତଙ୍କୁ ଜାମିନ୍ ମିଳି ▶ପୃଷ୍ଠା-୭

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ଥରହର-ହାହାକାର

### ଆକ୍ରମଣ, ପ୍ରତି ଆକ୍ରମଣରେ ଥରୁଛି ଇରାନ, ଇସ୍ରାଏଲ, ଉପସାଗରୀୟ ଦେଶ



- ଇରାନର ପ୍ରମୁଖ ବାଲିଷ୍ଟିକ ମିସାଇଲ ୟୁନିଟରେ ଇସ୍ରାଏଲର ଆକ୍ରମଣ
- ୟୁଏଇ, କୁଏତ, ସାଉଦି ଆରବ, ଇସ୍ରାଏଲରେ ଇରାନର କ୍ଷେପଣାସ୍ତ୍ର ମାଡ଼
- ଆଲୋଚନା ଆଳରେ ସେନା ଅଭିଯାନ ପାଇଁ ଆମେରିକାର ପ୍ରସ୍ତୁତି
- ଆମେରିକା ସେନାକୁ ଜଳାଇ ଦେବୁ: ଇରାନ

■ ତେହରାନ/ତେଲ ଆଭିଭ, ୨୯।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାଯୁଦ୍ଧ ବିସ୍ଫୋରକ ସ୍ଥିତିରେ ପହଞ୍ଚି ଯାଇଛି। ବିଭିନ୍ନ କ୍ଷେତ୍ରରେ ସାମରିକ, ରାଜନୈତିକ ଏବଂ ଅର୍ଥନୈତିକ ଚାପ ସତ୍ତ୍ୱେ ଏହା ଆହୁରି ଭୟଙ୍କର ହେବାରେ ଲାଗିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ କରାଳ ରୂପ ଧାରଣ କରି ମଧ୍ୟପ୍ରାଚ୍ୟକୁ ସମ୍ପୂର୍ଣ୍ଣ ଗିଳି ଦେଇଛି। ଏହାର ପ୍ରଭାବରେ ବିଶ୍ୱରେ ଶକ୍ତି ସଙ୍କଟ ଗମ୍ଭୀର ହେବାରେ ଲାଗିଛି। ଆକ୍ରମଣ ଏବଂ ପ୍ରତି ଆକ୍ରମଣ ମଧ୍ୟରେ ▶ପୃଷ୍ଠା-୭

**ଭୟଙ୍କର ଇନ୍ଧନ ସଙ୍କଟ**

## ପାକିସ୍ତାନରେ ସପ୍ତାହକୁ ଦୁଇ ଦିନ ଲକ୍‌ଡାଉନ୍

■ ଇସଲାମାବାଦ୍, ୨୯।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଯୋଗୁଁ ପାକିସ୍ତାନରେ ତୈଳ ସଙ୍କଟ ଚରମ ସୀମାରେ ପହଞ୍ଚିଛି। ଏହି ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଶାହବାଜ ସିରିଫ୍ ରବିବାର ସାରା ଦେଶରେ ସପ୍ତାହକୁ ଦୁଇଦିନ ଶନିବାର ଓ ରବିବାର ସମ୍ପୂର୍ଣ୍ଣ ଲକ୍‌ଡାଉନ ଲାଗୁ କରିବାକୁ ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ଆସନ୍ତା ଏପ୍ରିଲ ୪ ଓ ୫ରୁ କାର୍ଯ୍ୟକାରୀ ହେବ। ପ୍ରତିଶନିବାର ରାତି ୧୨.୦୧ରୁ ରବିବାର ୧୧.୫୯ ପର୍ଯ୍ୟନ୍ତ ▶ପୃଷ୍ଠା-୭

# ପୁରୀ ଜେଲରେ କଏଦୀ ମୃତ

### ହତ୍ୟା ଅଭିଯୋଗ ଆଣିଲେ ପରିବାର

■ ପୁରୀ/କୋଣାର୍କ, ୨୯।୩ (ସମିସ): ପୁରୀ ଜିଲ୍ଲା କାରାଗାରରେ ଜଣେ ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ, ସତ୍ୟବାଦୀ ଥାନା ଦହନା ଡାହାଣ କୁମ୍ଭାରପଡ଼ା ଅଞ୍ଚଳର ଦୀପ୍ତିରଞ୍ଜନ ସ୍ୱାଇଁ ଓରଫ୍ ସିଲୁ (୨୭)। ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇ ସେ ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ଥିଲେ। ତାଙ୍କ ନାମରେ ସତ୍ୟବାଦୀ ଥାନାରେ ୨୦୨୩ ଅକ୍ଟୋବର ୨୧ରେ ୩୬୧/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଆଜି ପୂର୍ବାହ୍ନରେ ସେ ଜେଲ୍ ପାଇଖାନାରେ ଆତ୍ମହତ୍ୟା କରିଥିବା ଜେଲ୍ କର୍ତ୍ତୃପକ୍ଷ କହୁଥିଲେ ହେଁ ସିଲୁଙ୍କ ପରିବାରଲୋକ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଜେଲ୍ ଭିତରେ ତାଙ୍କୁ ପିଟିପିଟି ହତ୍ୟା କରାଯାଇଛି ବୋଲି ସଂଗିନ୍ ଅଭିଯୋଗ ଆଣିଛନ୍ତି। ଏ ସଂପର୍କରେ ପରିବାର ପକ୍ଷରୁ ରାମଚଣ୍ଡୀ ଥାନାରେ ଏତଲା ଦିଆଯାଇଛି। ଅପରପକ୍ଷେ, କାରାଗାର ପକ୍ଷରୁ ଏହାକୁ ▶ପୃଷ୍ଠା-୭

# ୪୦ ଟପିଲା ଚଇତି ତାତି

### ଟିଟିଲାଗଡ଼ ସବୁଠୁ ତତଲା

■ ଭୁବନେଶ୍ୱର, ୨୯।୩ (ସମିସ): ରାଜ୍ୟରେ ଖରାର ପ୍ରଭାବ ବଢ଼ି ଚାଲିଛି। ରବିବାର ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇ ୪୦ ଡିଗ୍ରୀ ଅତିକ୍ରମ କରିଛି। ୪୦.୮ ଡିଗ୍ରୀ ସହ ଟିଟିଲାଗଡ଼ରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ଏହାସହିତ ଭବାନୀପାଟଣାରେ ୩୯.୮, ଝାରସୁଗୁଡ଼ା ଓ ସୋନପୁରରେ ତାପମାତ୍ରା ୩୯.୪ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି। କିଛି ଦିନ ହେବ କ୍ରମାଗତ ଭାବେ କାଳବୈଶାଖୀ ଜନିତ ବର୍ଷା ସ୍ଥିତି ଲାଗି ରହୁଥିବାରୁ ତାପମାତ୍ରା କମିଥିଲା। ୨ ଦିନ ହେବ ତାପମାତ୍ରା ବୃଦ୍ଧି ଫଳରେ ପୁଣି ଥରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ସୋମବାର ଆଉ କିଛି ସ୍ଥାନରେ ତାପମାତ୍ରା ବଢ଼ିବା ସହ ଏକାଧିକ ସ୍ଥାନରେ ୪୦ ଡିଗ୍ରୀ ଡେଇଁବାର ଆଶଙ୍କା ରହିଛି।

ଅନ୍ୟପଟେ ତାପମାତ୍ରା ବୃଦ୍ଧି ସାଙ୍ଗକୁ ରାଜ୍ୟରେ ଜାରି ରହିଥିବା କାଳବୈଶାଖୀ ଜନିତ ସ୍ଥିତି ଲାଗି ରହିବା ନେଇ ପାଣିପାଗ ▶ପୃଷ୍ଠା-୭




**ରାମନବମୀ ଶୋଭାଯାତ୍ରାରେ ନବୀନ ଜୈନଙ୍କ ଆତଙ୍କ ଖେଳାଇବା ଘଟଣା**

# ବିଜେପି ବିଧାୟକ ବୋଲି ଗିରଫ କରୁନି ପୁଲିସ

ବଲାଙ୍ଗିର,୨୯ ।୩(ସମିସ)



ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ସହରରେ ରାମନବମୀ ଶୋଭାଯାତ୍ରା ଚାଲିଥିବା ସମୟରେ ରାସ୍ତାରେ ଶତାଧିକ ଲୋକଙ୍କ ଉପସ୍ଥିତିରେ ବିଧାୟକ ନବୀନ ଜୈନଙ୍କ ଫାଙ୍କା ଗୁଳି ଚାଳନା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଧାୟକଙ୍କ ଏହିଭଳି କାର୍ଯ୍ୟକଳାପ ସରକାରଙ୍କୁ ଅଡୁଆରେ ପକାଇଛି। ଘଟଣା ଘଟିବାର ଦିନକ ପରେ ପୁଲିସ ମାମଲା ରୁଜୁ କରିଛି। ବିଧାୟକଙ୍କ କାର୍ଯ୍ୟାଳୟକୁ ଯାଇ ତଦନ୍ତ କରିଥିଲା। ପିସ୍ତଲ ମଧ୍ୟ ଜବତ କରିଥିଲା। ମାମଲା ରୁଜୁ କରିବା ପରେ ବିଧାୟକ ଫେରାର ଥିବା ସୂଚନା ମିଳିଛି। ତେବେ ପୁଲିସ ଜାଣିଶୁଣି ବିଧାୟକଙ୍କୁ ଫେରାର କରାଇବାରେ ସହଯୋଗ କରିଥିବା ଅଭିଯୋଗ ହୋଇଛି। ତାଙ୍କ ସଉକ ଓ ବାହୁବଳି ନେତା ହେବାର ଇଚ୍ଛା ଯୋଗୁଁ ତାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ନିଲମ୍ବିତ ହୋଇଛନ୍ତି। ବେଆଇନ କାର୍ଯ୍ୟ କରି ସଙ୍ଗିନ ମାମଲାରେ ଅଭିଯୁକ୍ତ ହୋଇ ପୂର୍ବରୁ ବିଜେଡି ସରକାର ସମୟରେ ତତ୍କାଳୀନ ପାଟଣାଗଡ ବିଧାୟକ ସରୋଜ ମେହେର ଗିରଫ ହୋଇ ଜେଲ୍ ଯାଇଥିଲେ; କିନ୍ତୁ ବିଜେପି ସରକାର ସମୟରେ ସର୍ବସମ୍ମୁଖରେ ଗୁଳିଚାଳନା କରିବା ଅଭିଯୋଗ ସତ୍ତ୍ୱେ ବିଧାୟକଙ୍କୁ ଗିରଫ କରିବାକୁ ପୁଲିସ ସାହସ କରିପାରୁନାହିଁ। ବିଧାୟକ ଶ୍ରୀ ଜୈନ ଗିରଫ ହେବେ ନା ସରକାର ଓ ପୁଲିସ ସୁରକ୍ଷା ବଳୟ ଭିତରେ ସୁରକ୍ଷିତ ରହିବେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ପବିତ୍ର ରାମନବମୀ ଉତ୍ସବ ଶୋଭାଯାତ୍ରାରେ ଟିଟିଲାଗଡ ବିଧାୟକଙ୍କ କାର୍ଯ୍ୟକଳାପକୁ ନେଇ ବିବାଦ ଦେଖାଦେଇଛି। ଟିଟିଲାଗଡ ବିଧାୟକ ନବୀନ ଜୈନ ସ୍ଥାନୀୟ ବ୍ୟାଙ୍କ ଛକ ଓ ଶାସ୍ତ୍ରୀ ଛକରେ ଦୁଇ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲେ। ତାହା ପୁଣି ପୁଲିସ ଓ ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କ ଉପସ୍ଥିତିରେ କିନ୍ତୁ କେହି ପାଟି ଫିଟାଇ ନ ଥିଲେ। ଏପରିକି ତାଙ୍କ ପିଏସ୍ଓ ପ୍ରେମଚାନ୍ଦ ନାଗ ନିଜେ ପିସ୍ତଲରେ ଗୁଳି ଲୋଡ୍ କରି ତାଙ୍କୁ ଧରାଉଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାର ପ୍ରାୟ ୨୪ ଘଣ୍ଟା ବିତିବା ପରେ ଏହି ସମୟର

- ଫେରାର ହେବାକୁ ସୁଯୋଗ
- ଚଢ଼଼ଉ ସତ୍ତ୍ୱେ ଗିରଫ ହେଲେନି
- ପିସ୍ତଲ ଧରିବା ନ ଶିଖି ଗୁଳି ଚଳାଇଲେ

ଭିଡିଓ ଭାଇରାଲ ହୋଇଥିଲା। ଭିଡିଓ ସାମ୍ନାକୁ ଆସିବା ପରେ ପୁଲିସ ଏହାର ଛାନଭିନ ଆରମ୍ଭ କରିଥିଲା। ବିଧାୟକଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କୁ ପଚରାଉଚୁରା କରିଥିଲା। ପିସ୍ତଲ ମଧ୍ୟ ଜବତ କରିଥିଲା। ଏହି ଘଟଣାରେ ସଂପୃକ୍ତ ପିଏସଓଙ୍କୁ ଶନିବାର ରାତିରେ ନିଲମ୍ବିତ କରାଯାଇଛି। ଉଭୟ ପିଏସଓ ଓ ବିଧାୟକଙ୍କ ନାମରେ ମାମଲା ରୁଜୁ ହୋଇଥିବା ଏସ୍‌ପି କହିଥିଲେ। ତେବେ ଯଦି ଜଣେ ସାଧାରଣ ଲୋକଙ୍କ ନାମରେ ଆର୍ମ୍ସ ଆକ୍ଟରେ ମାମଲା ରୁଜୁ ହେବ ତେବେ ପୁଲିସ ସଙ୍ଗେ ସଙ୍ଗେ ତାଙ୍କୁ ଗିରଫ କରିଦିଏ; କିନ୍ତୁ ଘଟଣାର ଦୁଇ ଦିନ ପରେ ବି ବିଧାୟକ ଶ୍ରୀ ଜୈନ ଗିରଫ ହୋଇନାହାନ୍ତି କି ତାଙ୍କ ଗିରଫଦାରୀକୁ ନେଇ ଟିଟିଲାଗଡ ପୁଲିସ ବି କିଛି କହୁନାହିଁ। ସେ ଫେରାର ଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ କୁଆଡେ ବିଧାୟକ ଓ ତାଙ୍କ ପୁଅ ନାମରେ କିଛି ଦିନ ପୂର୍ବରୁ ହିଁ ଦୁଇଟି ଲାଇସେନ୍ସ ମିଳିଛି। ଜବତ ହୋଇଥିବା ପିସ୍ତଲ ବି ତାଙ୍କର। ସେ ତାକୁ ବ୍ୟବହାର କରିବା ମଧ୍ୟ ଜାଣିନାହାନ୍ତି। ପିଏସଓ ସହାୟତାରେ ନିଜ ଦବଙ୍ଗଗିରୀ ଦେଖାଇବା ପାଇଁ ଏହି ଘଟଣା ଘଟାଇଛନ୍ତି। ଏଣୁ ଆଇନ ଅନୁସାରେ ତାଙ୍କ ଲାଇସେନ୍ସ ମଧ୍ୟ ବାତିଲା ହେବା କଥା; କିନ୍ତୁ ତାହା ମଧ୍ୟ ହୋଇନାହିଁ। ସର୍ବସମ୍ମୁଖରେ ଶୋଭାଯାତ୍ରାରେ ଶହ ଶହ ଲୋକଙ୍କ ସାମ୍ନାରେ ଏହିଭଳି ଖୋଲାଖୋଲି ବିନା କାରଣରେ ଗୁଳି ଚଳାଇବା ସଂପୂର୍ଣ୍ଣ ଭାବେ ଧର୍ତ୍ତବ୍ୟ ଅପରାଧ। ଏହାସତ୍ତ୍ୱେ ତାଙ୍କ ବିରୋଧରେ ନା ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହୋଇଛି ନା ଦଳ ପକ୍ଷରୁ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଜିଲ୍ଲାର ଯଦି ଆଉ ଏକ ପୁରୁଣା ଘଟଣା ଉପରେ ନଜର ପକାଇବା ତେବେ ବିଜେପି ସରକାର ସମୟରେ ସରକାରୀ ଦଳର ବିଧାୟକଙ୍କୁ କେତେ ସୁରକ୍ଷା ଦିଆଯାଉଛି ତାହା ସ୍ପଷ୍ଟ ଅନୁମାନ କରାଯାଇପାରିବ। ଗତ ୨୦୧୯ ନିର୍ବାଚନ ପରେ ପାଟଣାଗଡ ବିଧାୟକ ସରୋଜ ମେହେର ଜଣେ ଯନ୍ତ୍ରୀଙ୍କୁ ନିମ୍ନମାନର କାମ ଅଭିଯୋଗରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ।

ଏହି ଘଟଣାରେ ତତ୍କାଳୀନ ସରକାରୀ ଦଳର ନେତା ସତ୍ତ୍ୱେ ତାଙ୍କୁ କୌଣସି ସୁରକ୍ଷା ଦିଆଯାଇ ନ ଥିଲା। ତାଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିବା ସହ ଜାମିମ ନାମଞ୍ଜୁର ହେବା ପରେ ସେ କିଛି ଦିନ ଜେଲରେ ରହିଥିଲେ; କିନ୍ତୁ ଟିଟିଲାଗଡର ଏହି ଘଟଣାରେ ଓଲଟା ଦେଖିବାକୁ ମିଳିଛି। ସରକାରୀ ଦଳର ବିଧାୟକ ହୋଇଥିବାରୁ ନବୀନ ଜୈନଙ୍କୁ ସ୍ଥାନୀୟ ଥାନା ଅଧିକାରୀ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଫେରାର ହେବା ପରେ ସହଯୋଗ କରିଥିବା ଚର୍ଚ୍ଚା ହେଉଛି। ତେବେ ବିଧାୟକ ଶ୍ରୀ ଜୈନ କେବେ ଗିରଫ ହେବେ ତାହା ଦେଖିବାକୁ ବାକି ରହିଲା।

## ବିଧାୟକଙ୍କୁ ତୁରନ୍ତ ବାନ୍ଧ






ଟିଟିଲାଗଡ ବିଧାୟକ ନବୀନ ଜୈନଙ୍କ ପାଇଁ ଦିନକୁଦିନ ଅଡୁଆ ବଢିବାରେ ଲାଗିଛି। ଫାଙ୍କା ଗୁଳି ଚାଳନା ଘଟଣାରେ ଏବେ ବିରୋଧୀ ବିଜେଡି ଶ୍ରୀ ଜୈନଙ୍କୁ ଗିରଫ ଦାବିକୁ ଅଧିକ ଶାଣିତ କରିଛି। ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ ଶନିବାର ଶ୍ରୀ ଜୈନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ରବିବାର ବିଜେଡି ପକ୍ଷରୁ ବିଭିନ୍ନ ଥାନାରେ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଯୁବ ବିଜେଡି କର୍ମକର୍ତ୍ତା ମଧ୍ୟ ଏସପିଙ୍କୁ ଭେଟିଛି। ଟିଟିଲାଗଡ ଥାନାରେ ସ୍ଥାନୀୟ ବିଜେଡି ପକ୍ଷରୁ ଶ୍ରୀ ଜୈନଙ୍କ ବିରୋଧରେ ଏତଲା ଦିଆଯାଇଛି। ଯୁବ ବିଜେଡି ସଭାପତି ଯତୀନ୍ଦ୍ର ପଟେଲ ଓ ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ହୋତାଙ୍କ ନେତୃତ୍ୱରେ ଏକ ଦଳ ଏସ୍‌ପି ଅଭିଲାଷ ଜି.ଙ୍କୁ ଭେଟିଥିଲେ। ବିଧାୟକଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ହୋଇଛି। ସେହିପରି ସଇଁନ୍ତଲା ଓ ଜିଲ୍ଲାର ଅନ୍ୟ ଥାନାରେ ସ୍ଥାନୀୟ ବିଜେଡି ପକ୍ଷରୁ ବିଧାୟକଙ୍କୁ ଗିରଫ କରିବାକୁ ଦାବି କରି ଏତଲା ଦିଆଯାଇଛି।



ବଲାଙ୍ଗିରରେ ରାମଲୀଳା ମହୋତ୍ସବ ଉଦ୍‌ଘାଟିତ ହୋଇଛି

## ପଲିଥିନମୁକ୍ତ ବଲାଙ୍ଗିର ପାଇଁ ସଂକଳ୍ପ

ବଲାଙ୍ଗିର,୨୯ ।୩(ସମିସ): ବଲାଙ୍ଗିର ସହରର ଗୋପାଳଜୀ ମନ୍ଦିରରୁ ପ୍ଲାଷ୍ଟିକ୍ ବର୍ଜନ ଅଭିଯାନର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ସହରର ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ପୌର ପରିଷଦର ନିର୍ବାହୀ ଅଧିକାରୀ, ସୁପରଭାଇଜର, ସ୍ୱଚ୍ଛ ସାଥୀ, ସାନିଟେସନ୍ ଏକ୍ସପର୍ଟ ଓ କର୍ମଚାରୀ ସାମିଲ ହୋଇଥିଲେ। ସମସ୍ତେ ସହରର ବିଭିନ୍ନ ଦୋକାନ ଓ ବଜାର ଅଞ୍ଚଳ ବୁଲି ସଚେତନତା ସୃଷ୍ଟି କରିଥିଲେ। ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବାକୁ ଅନୁରୋଧ କରିଥିଲେ। ପଲିଥିନ୍ ବ୍ୟବହାର ବିରୋଧରେ କଡା ଅଭିଯାନ ଆରମ୍ଭ କରାଯିବ। ଯେକୌଣସି ବ୍ୟକ୍ତି କିମ୍ବା ବ୍ୟବସାୟୀଙ୍କ ପାଖରେ ପଲିଥିନ୍ ମିଳିଲେ ତାଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ପୌର ପରିଷଦ ସଚେତନ କରିଛି। ଏପ୍ରିଲ୍ ମାସ ଶେଷ ସୁଦ୍ଧା ବଲାଙ୍ଗିର ସହରକୁ ପଲିଥିନମୁକ୍ତ କରିବା ପାଇଁ ପୌର ପରିଷଦ ସଂକଳ୍ପ ନେଇଛି।




## ୩୩ ଭୂମିହୀନଙ୍କୁ ଘରଡିହ ପଟ୍ଟା ମିଳିଲା

ବେଲପଡା,୨୯ ।୩(ସମିସ): ବେଲପଡା ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ପାଟଣାଗଡ଼ ବିଧାୟକ ତଥା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଯୋଗଦେଇ ୩୩ଜଣ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ୪ ଡିସିମିଲ ଲେଖାଏ ଘରଡିହ ପଟ୍ଟା ପ୍ରଦାନ କରିଛନ୍ତି। ଏଥିରେ ବେଲପଡା ଆରଆଇ ସର୍କଲର ୧୨ ଜଣ ହିତାଧିକାରୀ, ଧୁମାଭଟା ଆରଆଇ ସର୍କଲର ୮ଜଣ ହିତାଧିକାରୀ, ପର୍ଲିମାଲ ଆରଆଇ ସର୍କଲର ୪ଜଣ, ସୁଲେକେଲା ଆରଆଇ ସର୍କଲର ୩ ଜଣ, ଗମ୍ଭାର ସର୍କଲର ଜଣେ, କପାଣି ସର୍କଲର ୫ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ଏହି ମେଳାରେ ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ ମେହେର, ବେଲପଡା ତହସିଲଦାର ଅଭିଷେକ କିସାନ, ବେଲପଡା ବିଡ଼ିଓ ରାଜେଶ ମେହେର, ଅତିରିକ୍ତ ତହସିଲଦାର ଅମିତ ଦ୍ୱିବେଦୀ, ଅତିରିକ୍ତ ବିଡ଼ିଓ ସାରଥୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମଣ୍ଡଲ ଗାଁର ଜଗନ୍ନାଥ ମନ୍ଦିର ମଣ୍ଡପ ନିକଟରେ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। ଏଥିରେ ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଅନିମା ଦାସ, ଶବ୍ଦ ମିର୍ଦ୍ଧା, ଜୋନ ସଭାପତି ତିରୁପତି ବର୍ଗେ, ସାଂସଦ ପ୍ରତିନିଧି କୁନୁ ମୁଣ୍ଡା, ବିଧାୟକ ପ୍ରତିନିଧି ତନ୍ମୟ ଦାସ, ଶ୍ରୀମତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



## ଜଗନ୍ନାଥ ରାମଲୀଳା କମିଟି ପକ୍ଷରୁ ନାଟକ ଆରମ୍ଭ



ସଇଁତଲା,୨୯ ।୩(ସମିସ) : ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଜଗନ୍ନାଥ ରାମଲୀଳା କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ପବିତ୍ର ରାମଲୀଳା ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ବରିଷ୍ଠ ସଦସ୍ୟ ନାଟ୍ୟଗୁରୁ ଆର୍ତ୍ତତ୍ରାଣ ଷଡ଼ଙ୍ଗୀ, ଅଞ୍ଜନ ପଶାୟତ, ନରେଶ ସାହୁ, କାଳିଆ ସାହୁ, ବେଣୁ ସାହୁ, ହରି ଷଡ଼ଙ୍ଗୀ, ପୂଜକ ବିକ୍ରମ ମିଶ୍ର, ନବଘନ ଷଡ଼ଙ୍ଗୀ, ତେଜରାଜ ସାଂଡ, ଗୋବିନ୍ଦ ପଶାୟତ, ବିନୟ ଭୋଇ, ଶୁଖା ସାହୁ, ହରେ ସାହୁ, ମଟୀନ ସାହୁ, ସନ୍ୟାସୀ ସାହୁ ପ୍ରମୁଖ ସାହାଯ୍ୟ କରୁଛନ୍ତି।

## ନିଃଶୁଳ୍କ ସାମୂହିକ ବ୍ରତୋପନୟନ

ବଲାଙ୍ଗିର,୨୯ ।୩(ସମିସ) : ସ୍ଥାନୀୟ ନୃସିଂହ ମନ୍ଦିରରେ ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ସାମୂହିକ ନିଃଶୁଳ୍କ ବ୍ରତୋପନୟନ ଉତ୍ସବ ସମ୍ପନ୍ନ ହୋଇଛି। ୧୪ ଜଣଙ୍କ ବ୍ରତୋପନୟନ ହୋଇଥିଲା। ଗିରିଧାରୀ ଶତପଥୀ, ପଣ୍ଡିତ ଲକ୍ଷ୍ମୀପ୍ରସାଦ ଚାନ୍ଦ, ବିଭୁଦତ୍ତ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ବ୍ରାହ୍ମଣ ମହାସଭାର ଉପଦେଷ୍ଟା ପଣ୍ଡିତ ସତ୍ୟବନ୍ତ ବେଦବାକ, ପଣ୍ଡିତ ଧର୍ମସିଂହ ମିଶ୍ର, ବ୍ରହ୍ମଶ୍ରୀ ଗିରିଧାରୀ ଶତପଥୀ, ବିପ୍ରଶ୍ରୀ ଗୋପବନ୍ଧୁ ପୁରୋହିତ, ସଭାପତି ଧନଞ୍ଜୟ ମିଶ୍ର, ସଂପାଦକ ଶ୍ୟାମ ସୁନ୍ଦର ଦାଶ, ଉପସଭାପତି ବିଶ୍ୱନାଥ ମିଶ୍ର, ଜୟ ବିହାରୀ ବେଦବାକ, ପଞ୍ଚାନନ ବେଦବାକ, କେଶବ ମିଶ୍ର, କବିରାଜ ହୋତା, ପ୍ରଭୁଦତ୍ତ ଶତପଥୀ, ଜଗନ୍ନାଥ ଷଡଙ୍ଗୀ, ପୁରୁଷୋତ୍ତମ ପଣ୍ଡା, ଅଶୋକ ମିଶ୍ର, ସୁଶାନ୍ତ ପଣ୍ଡା, ଗୋପିକୃଷ୍ଣ ପାଣିଆ, ସଂକୀର୍ତ୍ତନ ତ୍ରିପାଠି, ଦୁର୍ଗାପ୍ରସାଦ ହୋତା, କାଳୀପ୍ରସାଦ ମିଶ୍ର, ଗୋପବନ୍ଧୁ ଶତପଥୀ, ଦାମୋଦର ଓତା, ରାମଶଙ୍କର ଶତପଥୀ, ଭାସ୍କର ତ୍ରିପାଠି, ତରୁଣ ମିଶ୍ର, ସୁଶାନ୍ତ ପଣ୍ଡା, ପୀତବାସ ପଣ୍ଡା, ବନମାଳି ନନ୍ଦ, ଗୋବିନ୍ଦ ମିଶ୍ର, ଆର୍ତ୍ତବନ୍ଧୁ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅଖିଳ ଓଡ଼ିଶା ବ୍ରାହ୍ମଣ ମହାସଭାର ମହାସଚିବ ବିଦୁଷୀ ଶ୍ରଦ୍ଧା ଷଡଙ୍ଗୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଗୋପାଳଜୀ ପାଣିଗ୍ରାହୀ, ପୌରାଧ୍ୟକ୍ଷା ଲିକା ସାହୁ, ଶରତ ଚନ୍ଦ୍ର ପଟ୍ଟନାୟକ, ନବୀନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।





## ଓଡ଼ିଶା ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଆନ୍ଦୋଳନ ଚେତାବନୀ

ବଲାଙ୍ଗିର,୨୯ ।୩(ସମିସ) : ବଲାଙ୍ଗିର ସାମ୍ବାଦିକ ଭବନଠାରେ ଓଡ଼ିଶା ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ବଲାଙ୍ଗିର ଶାଖା ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ବିରୋଧରେ ଗର୍ଜିଛି। ପଦୋନ୍ନତି ପ୍ରକ୍ରିୟାରେ ଅନିୟମିତତା ନେଇ ଏଥିରେ ଅଭିଯୋଗ କରାଯାଇଛି। ୨୨।୧।୨୦୨୬ର ହାଇକୋର୍ଟଙ୍କ ରାୟ ଅନୁଯାୟୀ ଅନ୍ୟ ଜିଲ୍ଲାର ଡିପିସି ସମ୍ପନ୍ନ ହୋଇସାରିଛି ବୋଲି ସଂଘ କହିଛି; କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଡିପିସି ଏ ପର୍ଯ୍ୟନ୍ତ ହୋଇନାହିଁ। ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଚାକିରି ସମୟସୀମା ମଧ୍ୟରେ ଗୋଟିଏ ମଧ୍ୟ ପଦୋନ୍ନତି ନ ପାଇ ବିନା ପଦୋନ୍ନତିରେ ଅବସର ଗ୍ରହଣ କରୁଛନ୍ତି। ଆସନ୍ତା ମାସରେ ମଧ୍ୟ କେତେଜଣ ଅବସର ଗ୍ରହଣ କରିବେ। ବଲାଙ୍ଗିର ସିଡିଏମ୍ଓ ଏବଂ ଜିଲ୍ଲାପାଳଙ୍କୁ ବାରମ୍ବାର ପତ୍ର ମାଧ୍ୟମରେ ଅଭିଯୋଗ କରିଛି; ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ବେଖାତିର କରାଯାଉଛି। ୧୫ ଦିନ ମଧ୍ୟରେ ଡିପିସି ନ ହେଲେ ଏପ୍ରିଲ ୧୨ରୁ ଅନ୍ ଲାଇନ କାମ ବନ୍ଦ କରିବାକୁ ସଂଘ ଚେତାବନୀ ଦେଇଛି। ଆଗକୁ ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରିବାକୁ ସଂଘ ପଛଘୁଞ୍ଚା ଦେବ ନାହିଁ ବୋଲି କହିଛି। ସଂପାଦିକା ରୀନା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଦେବାନନ୍ଦ ପାତ୍ର, ବିନୋଦ ସାହୁ, ରମାକାନ୍ତ ପଟେଲ, ଜାମିନି ମେହେର, ବଂଶୀଧର ମେହେର, ଡୋଳାମଣି ମେହେର, ସସ୍ମିତା ଶତପଥୀ, ସୌଦାମିନୀ ସାହୁ, ପୁଷ୍ପିତା ମିଶ୍ର, ସୁନିତା ଷଡଙ୍ଗୀ, ସବିତା ପଣ୍ଡା, ସୁଶୀଳା ପତ୍ରୀ, ରାଧାମଣି ସିଂ, ସଂଯୁକ୍ତା କୁମ୍ଭାର, ଜୟନ୍ତୀ ସାହୁ, ଶାନ୍ତିଲତା ସାହୁ, ଜ୍ୟୋତ୍ସ୍ନା ଭୋଇ, ସଂଯୁକ୍ତା ମିଶ୍ର, ସୁନିତି ମେହେର ପ୍ରମୁଖ ଶତାଧିକ ମହିଳା ସ୍ୱାସ୍ଥ୍ୟ କର୍ମୀ ସାମିଲ ଥିଲେ।



## ଭାରତୀୟ ଶିକ୍ଷଣ ମଣ୍ଡଳର ଶୋକସଭା



ବଲାଙ୍ଗିର,୨୯ ।୩(ସମିସ): ଭାରତୀୟ ଶିକ୍ଷଣ ମଣ୍ଡଳ ତରଫରୁ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରର ପ୍ରତିଷ୍ଠାତା ସ୍ୱର୍ଗତ ବାଞ୍ଛାନିଧି ରଥଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ଶୋକସଭା ଆୟୋଜିତ ହୋଇଯାଇଛି। ପ୍ରଫେସର ତରୁଣ ମିଶ, ଗୋପବନ୍ଧୁ ପୁରୋହିତ, ପଞ୍ଚାନନ ସେଠ, ଦିବାକର ହୋତା, ରାଜେଶ ପାଣିଗ୍ରାହୀ, ସତ୍ୟବ୍ରତ ବେହେରା, ବିମଳ ଚକ୍ରବର୍ତ୍ତୀ ପ୍ରମୁଖ ସ୍ୱର୍ଗତ ରଥଙ୍କ ସ୍ମୃତିଚାରଣ କରିଥିଲେ।

**ଦେଓଗାଁ ଚିନିକଲ ସଂଘର୍ଷ ସମିତିର ବୈଠକ**

# ୮ରେ ଜିଲ୍ଲାପାଳ ଅଫିସରେ ଧାରଣା

ବଲାଙ୍ଗିର,୨୯ ।୩(ସମିସ)

ବଲାଙ୍ଗିର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ଦେଓଗାଁ ଚିନିକଲ ସଂଘର୍ଷ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୮ରେ ଜିଲ୍ଲାପାଳ ଅଫିସରେ ଧାରଣା ଦେବାକୁ ଏଥିରେ ନିଷ୍ପତ୍ତି ହୋଇଛି। ଚିନିକଲ ପୁନରୁଦ୍ଧାର ପାଇଁ ବାରମ୍ବାର ଆଲୋଚନା ଏବଂ ଆନ୍ଦୋଳନ କରାଯାଉଛି; ହେଲେ ସରକାର ସମ୍ପୂର୍ଣ୍ଣ ଚୁପ୍। ଅଞ୍ଚଳବାସୀଙ୍କ ଦାବି ପ୍ରତି ସରକାର ଚରମ ଉଦାସୀନତା ମନୋଭାବ ରଖୁଛନ୍ତି। ଡବଲ ଇଞ୍ଜିନ ସରକାର ବଲାଙ୍ଗିରବାସୀଙ୍କୁ ପ୍ରତାରିତ କରିଛନ୍ତି ବୋଲି ସଭାରେ ମତ ପ୍ରକାଶ ପାଇଛି।

ପଥରଚେପାରେ କିଛି ମାସ ତଳେ ରାଜ୍ୟ କୃଷି ତଥା ଉପମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଏକ କାକର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦେଓଗାଁ ଚିନିକଲକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଦୃଢ ଘୋଷଣା କରି ବାହାବା ସାଉଁଟି ଥିଲେ। ସଂଘର୍ଷ ସମିତି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ସ୍ୱାଗତ କରିଥଲା। ନିକଟରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା ମଧ୍ୟ ଭୁବନେଶ୍ୱରଠାରେ ଏକ କାର୍ଯ୍ୟକ୍ରମରେ ବଡମ୍ବା ଓ ନୟାଗଡ ଚିନିକଲ .ଲିବା ନେଇ ସବୁଜ ସଂକେତ ଦେଇଥିଲେ। ବଲାଙ୍ଗିର ବିଜୟାନନ୍ଦ ସମବାୟ ଚିନିକଲ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀଙ୍କ ପୂର୍ବ ଘୋଷଣା ଓ ନିର୍ବାଚନ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ସତ୍ତ୍ୱେ ସମ୍ପୂର୍ଣ୍ଣ ଭାବେ ଉପେକ୍ଷା କରାଯାଇଥିବା ଲକ୍ଷ୍ୟ କରାଯାଇଛି। ଏହି ସରକାରୀ ଉଦାସିନତାକୁ ଦେଓଗାଁ ଚିନିକଲ ସଂଘର୍ଷ ସମିତି ତରଫରୁ ମୁଖ୍ୟ ଆବାହକ ବିଭୁଦତ୍ତ ମିଶ୍ର ଏବଂ ଆବାହକ ମଣ୍ଡଳିର ସଦସ୍ୟମାନେ ଘୋର ବିରୋଧ କରିଛନ୍ତି। ଆଗାମୀ ୮ ତାରିଖରେ ଏଥବଲାଗି ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ପାଇଁ ନିଷ୍ପତ୍ତି ହୋଇଛି।

ଶେଷରେ ଆବାହକ ରାଜେଶ ବଗର୍ତ୍ତି ଧନ୍ୟବାଦ ଦେଇଥିଲେ। ସତ୍ୟ ବନଛୋର, ନୀଳମଣି ମିଶ୍ର, ଡ. ବିପିନ କୁଶଲିଆ, ମଧୁସୂଦନ କ୍ଷେତି, ସଭରୀ ସାହୁ, ପୂର୍ଣ୍ଣ ବିଶ୍ୱାଳ, ପିଣ୍ଟୁ ସେଠ, ସରୋଜ ମେଶ୍ରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।



## ସରକାରୀ କଟକଣାକୁ ଫୁ ▸ ଖୋଲା ବଜାରରେ ବେଫିକର ବିକ୍ରି ହେଉଛି ଏସିଡ୍

ରାଉରକେଲା, ୨୯।୩(ସମିସ)

ଏସିଡ ପରି ମାରାତ୍ମକ ରାସାୟନିକ ପଦାର୍ଥ ବିକ୍ରି ଉପରେ ରହିଥିବା ସରକାରୀ କଟକଣାକୁ ସୁନ୍ଦରଗଡ଼ ଜିଲ୍ଲାରେ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଦୋକାନରେ ଏସିଡ ରଖିବା ଏବଂ ବିକ୍ରି କରିବା କ୍ଷେତ୍ରରେ ଓଡ଼ିଶା ପଏଜସନ୍ ରୁଲ ୨୦୧୩ ଆଇନ ଉଲଂଘନ ହେଉଥିବା କୁହାଯାଉଛି। ଏସିଡ ବିକ୍ରି ଉପରେ କଟକଣା ନ ଥିବାରୁ ଯିଏ ପାରୁଛି ସିଏ କିଣି ପାରୁଛି। ଯାହାର ଅପବ୍ୟବହାର ହେବାର ସମ୍ଭାବନା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ନିୟମ ମୁତାବକ ଏସିଡ କିଣୁଥିବା ବ୍ୟକ୍ତି ନିଜର ସରକାରୀ ପରିଚୟ ପତ୍ର ପ୍ରଦାନ କରିବେ। ଏସିଡ କିଣିବା ବେଳେ ପାଖରେ ଆଉ ଜଣେ ପରିଚିତ ଲୋକ ଦୋକାନରେ ଗ୍ୟାରେଣ୍ଟର ଭାବେ ରହିବେ। ଦୋକାନୀ ଉକ୍ତ ପରିଚୟ ପତ୍ର ଯାଞ୍ଚ କରିବେ। ଠିକଣା ଓ ମୋବାଇଲ ନମ୍ବର ନିଜ ରେଜିଷ୍ଟରରେ ଲେଖିବେ। କଣ ପାଇଁ ଏସିଡ ନିଆଯାଉଛି ତାହା ମଧ୍ୟ ଖାତାରେ ଉଲ୍ଲେଖ ରହିବ। ତାପରେ ଯାଇ ବିକ୍ରି ହେବ। ରାଜ୍ୟରେ ଏହା ହେଉଛି ଏସିଡ ବିକ୍ରିର ସରକାରୀ ବିଧିବ୍ୟବସ୍ଥା। ମାତ୍ର ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଫୁ କରି ଖୋଲା ବଜାରରେ ବେଫିକର ଏସିଡ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି। ଏପରିକି ସବୁଠାରୁ ମାରାତ୍ମକ କୁହାଯାଉଥିବା ସଲଫ୍ୟୁରିକ ଏସିଡକୁ ବିନା କୌଣସି କଟକଣାରେ ସୁନ୍ଦରଗଡ଼ ଜିଲ୍ଲା ସମେତ ରାଉରକେଲା ସହରରେ ବିକ୍ରି କରାଯାଉଛି। ରାଉରକେଲା ସମେତ ଆଖପାଖ ଅଞ୍ଚଳରେ ରହିଥିବା ଏସିଡ୍ ଦୋକାନରେ ଏସିଡ ରଖିବା ଓ ବିକ୍ରି କରିବା ନେଇ



ଓଡ଼ିଶାର ଆଇନଗତ ବ୍ୟବସ୍ଥା ରହିଛି। ଓଡ଼ିଶା ପଏଜସନ୍ ରୁଲ ୨୦୧୩ ଅନୁସାରେ ଏସିଡ ଦୋକାନରେ ରଖାଯିବ ଓ ବିକ୍ରି କରାଯାଇ ପାରିବ। ଦେଶରେ ବାରମ୍ବାର ଏସିଡ ଆକ୍ରମଣ ଘଟଣା ବଢ଼ିବା ପରେ ସୁପ୍ରିମକୋର୍ଟ ଏନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ଏପରିକି ସ୍ୱତନ୍ତ୍ର ଆଇନ କରିବାକୁ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଏସିଡ ବିକ୍ରି କରିବାକୁ ଥିବା ଦୋକାନୀ ଜିଲ୍ଲାପାଳ କିମ୍ବା ପୁଲିସ ବିଭାଗ ଠାରୁ ଅନୁମତି ନେବେ। ସମସ୍ତ ଷ୍ଟକ୍ ସେ ଏକ ଖାତାରେ ଲେଖି ରଖିବେ। ମାସକୁ ଦୁଇ ଥର ସରକାରୀ କର୍ତ୍ତୃପକ୍ଷଙ୍କ ପାଖରେ ତଥ୍ୟ ଉପସ୍ଥାପନ କରିବେ। ଆବଶ୍ୟକ ସ୍ଥଳେ ପୁଲିସ ଅଧିକାରୀ କିମ୍ବା ଏଗଜିକ୍ୟୁଟିଭ ମାଜିଷ୍ଟ୍ରେଟ ଉକ୍ତ ଦୋକାନକୁ ଯାଇ ଷ୍ଟକ୍ ଓ ତଥ୍ୟ ଯାଞ୍ଚ କରିବେ। ୧୮ ବର୍ଷ କମ୍ ବୟସର ଲୋକଙ୍କୁ ଏସିଡ ବିକ୍ରି କରାଯିବନି। ଏହାକୁ ଅମାନ୍ୟ କଲେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ହେବା ସହିତ ଫୌଜଦାରୀ ମାମଲା ମଧ୍ୟ ରୁଜୁ କରାଯିବ ବୋଲି ନିୟମ ରହିଛି। ହେଲେ ସହରରେ ଥିବା ଏସିଡ ବା କେମିକାଲ ଦୋକାନ ଗୁଡ଼ିକରେ କୌଣସି ନିୟମ ଠିକ ଭାବେ ପାଳନ କରାଯାଉ ନଥିବା ଅଭିଯୋଗ ହୋଇଛି। ଗହଣା ତିଆରି କରୁଥିବା ଦୋକାନୀ, ବ୍ୟାଟେରୀ ତିଆରି ଓ ମରାମତି କରୁଥିବା ଦୋକାନୀ, ଟାଇଲ ଓ ମାର୍ବଲ ମିସ୍ତ୍ରୀ, ପିତଳ ବାସନ ତିଆରି କରୁଥିବା କାରିଗର, ଗାଡି ପାର୍ଟସ ଟିକେଲିଂ କରୁଥିବା କାରଖାନା ସହିତ କିଛି ବଡ଼ କାରଖାନା ଏଭଳି ଏସିଡର ଗ୍ରାହକ। ସେହିପରି ଏସିଡର ମାତ୍ରା କମ୍ ଥିବା ଓ ପାଣିର ମାତ୍ରା ଅଧିକ ଥିବା ଫ୍ଲୋର ଓ ପାଇଖାନା ସଫା ପାଇଁ ବ୍ୟବହାର ହେଉଥିବା ଡାଏଲ୍ୟୁଟେଡ ଏସିଡକୁ ମଧ୍ୟ କିଛି ଛୋଟ ଦୋକାନୀ କିଣିଥାନ୍ତି। ସ୍କୁଲ ଓ କଲେଜରେ ଥିବା ଲାବୋରେଟରୀ ପାଇଁ ମଧ୍ୟ ଏସିଡ ଏହି ଦୋକାନରୁ କିଣାଯାଏ। ଏ ସମସ୍ତଙ୍କ ପାଇଁ ଏସିଡ ବିକ୍ରି କ୍ଷେତ୍ରରେ ସମାନ ନିୟମ ରହିଛି। ହେଲେ ଏଭଳି ନିୟମକୁ ବିଲକୁଲ ପାଳନ କରାଯାଉ ନାହିଁ। ନିଜର ଷ୍ଟକ୍ ଲୁଚାଇବା, ଜିଏସଟି ଫାଙ୍କିବା ଓ ଚୋରା ଏସିଡ ଆଣି ବିକ୍ରି କରିବା ପାଇଁ ଏସବୁ ଦୋକାନରେ ନିୟମକୁ ଫୁ କରିଦେଇ ବେଲଗାମ ଭାବେ ଏସିଡ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଅଧିକ ମାରାତ୍ମକ ସଲଫ୍ୟୁରିକ ଏସିଡକୁ ମଧ୍ୟ ବିନା କୌଣସି କଟକଣାରେ ଦୋକାନୀ ଆରାମରେ ବିକ୍ରି କରି ଦେଉଛନ୍ତି। ଏପରିକି ପାଇଖାନା ସଫା ପାଇଁ ବ୍ୟବହାର ହେଉଥିବା ଘାତକ ହାଇଡ୍ରୋକ୍ଲୋରିକ ଏସିଡ ମଧ୍ୟ ବିନା କୌଣସି ଯାଞ୍ଚ ଓ ଗ୍ରାହକଙ୍କ ପରିଚୟ ପତ୍ରରେ ବିକ୍ରି କରାଯାଉଛି। ସହରରେ ଏଭଳି ଖୋଲା ମେଲାରେ ଏସିଡ ବିକ୍ରି ହେବା ନିଶ୍ଚିତ ଭାବେ ବିପଦକୁ ନିମନ୍ତ୍ରଣ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏସିଡ ବିକ୍ରି କଟକଣା ଓ ନିୟମ ପାଳନ କ୍ଷେତ୍ରରେ କାହିଁକି ପ୍ରଶାସନ ଢିଲା ମାରୁଛି ବୋଲି ପ୍ରଶ୍ନ ଉଠୁଛି। ଏପରିକି ଏସିଡ ବିକ୍ରି ରେକର୍ଡ ଯାଞ୍ଚ ଦାୟିତ୍ୱରେ ଥିବା ଜିଲ୍ଲାସ୍ତରୀୟ ଅଧିକାରୀ ଓ ସ୍ଥାନୀୟ ଥାନା ଅଧିକାରୀ ଥିଲେ ମଧ୍ୟ ସେ ଧରଣର ଯାଞ୍ଚ ବିଲକୁଲ କରାଯାଉନି ବୋଲି ଅଭିଯୋଗ ହୋଇଛି।

▸▸ ନିୟମ ପାଳନ କ୍ଷେତ୍ରରେ ପ୍ରଶାସନିକ ଢିଲା !

▸▸ ଅଘଟଣକୁ ନିମନ୍ତ୍ରଣ

## ବୀରମିତ୍ରପୁରରେ ବିଜେଡି କର୍ମୀ ସମ୍ମିଳନୀ




ରାଉରକେଲା, ୨୯।୩(ସମିସ): ବୀରମିତ୍ରପୁର ବିଜେଡି କାର୍ଯ୍ୟାଳୟଠାରେ ଆଜି ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବୀରମିତ୍ରପୁର ବିଧାୟକ ରୋହିତ ଯୋସେଫ ତିର୍କି ଯୋଗଦେଇ ଅଗାମୀ ଦିନରେ ଦଳକୁ କିପରି ଶକ୍ତିଶାଳୀ କରାଯିବ ସେନେଇ ପରାମର୍ଶ ଦେଇଥିଲେ। ବିଧାୟକ ଶ୍ରୀ ତିର୍କୀ ମୋହନ ସରକାରଙ୍କ ଅପରାଗତ ଉପରେ ଗର୍ଜିବା ସହ ଜନସାଧାରଣଙ୍କୁ ବିଜେପି ସରକାର ସବୁ କ୍ଷେତ୍ରରେ ହଇରାଣ କରୁଛି ବୋଲି କହିଥିଲେ। ଏଥିରେ ବିଧାୟକ ଜାତୀୟ ରାଜପଥ ସମସ୍ୟା, ଯୁବପିଢିମାନଙ୍କର ବେକାରୀ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନଗର ସଭାପତି କୁନା ଦେଓ, ବୀରମିତ୍ରପୁର ବିଧାୟକ ପ୍ରତିନିଧି ଶଶି ସାଗର, ବୀରମିତ୍ରପୁର ମୁନିସିପାଲିଟି ଉପାଧ୍ୟକ୍ଷ ନିବେଦିତା ବାଗେ, ବରିଷ୍ଠ ନେତା ଜଗଦୀଶ ଅଗ୍ରୱାଲ, ଲୋରେନ୍ସ ବାଗେ ୱାର୍ଡ କାଉନସିଲର କମଲେଶ ସିଂ, ନିର୍ମଳା କୁଜୁର, ଜ୍ୟୋତି କିରାନ ଲାକଡ଼ା, ଛାତ୍ର ନେତା ମହମ୍ମଦ ଏଜାଜ ଆଲମ, ବରିଷ୍ଠ ନେତା ସାଜିଦ ଆଲମ, ଅଶୋକ ନାୟିକ, ରାଜା ଆଲମ, ଅଞ୍ଜାନ, ମୋହସିନ, ବୁଣଟି, ସାରିକା ଏବଂ ଅନ୍ୟ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ପକ୍ଷରୁ ଇସ୍ପାତ ହାଟରେ ସ୍ୱଚ୍ଛତା ଅଭିଯାନ



ରାଉରକେଲା, ୨୯।୩(ସମିସ): ଚଳିତ ସ୍ୱଚ୍ଛତା ପକ୍ଷର ଅଂଶ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନାର ଟାଉନ୍ ଇଞ୍ଜିନିୟରିଂ ଜନ ସ୍ୱାସ୍ଥ୍ୟ ଦଳ ଦ୍ୱାରା ସେକ୍ଟର-୧୯ ସ୍ଥିତ ଇସ୍ପାତ ହାଟ (ମୁଣ୍ଡା ମାର୍କେଟ୍)ରେ ସ୍ୱଚ୍ଛତା ଅଭିଯାନ କରାଯାଇଛି। ବ୍ୟସ୍ତବହୁଳ ବଜାରରେ ଉନ୍ନତ ପରିମଳ ଏବଂ ପରିଚ୍ଛନ୍ନତାର ଆବଶ୍ୟକତା ଦୃଷ୍ଟିରୁ ଏହି ସ୍ଥାନକୁ ଚିହ୍ନଟ କରାଯାଇଥିଲା। ଦୋକାନୀ, ପନିପରିବା ବିକ୍ରେତା ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଏବଂ ସଠିକ୍ ଆବର୍ଜନା ନିଷ୍କାସନର ଗୁରୁତ୍ୱ ବିଷୟରେ ଜନସ୍ୱାସ୍ଥ୍ୟ ଦଳ ସଚେତନ କରିଥିଲା। ଏହାପରେ ଜମା ଆବର୍ଜନା ଅପସାରଣ ପାଇଁ ଜେସିବି ସମେତ ଭାରୀ ଯନ୍ତ୍ରପାତି ସାହାଯ୍ୟରେ ବଜାର ସଫେଇ କରାଯାଇଥିଲା। ପରଦିନ ପ୍ରାୟ ୩୦ଟି ସ୍ୱଚ୍ଛତା ସ୍ୱାଭିମାନ ଦଳ ଦ୍ୱାରା ବିଶାଳ ସଫେଇ ଅଭିଯାନ ହୋଇଥିଲା। ଏହି ଅଭିଯାନରେ ଟିଇ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବିକେ ଜୋଜୋ, ମାନବ ସମ୍ବଳ ବିଭାଗର ସିଜିଏମ ମାନସ ରଥଙ୍କ ସହ ଟିଏସ୍ ଏବଂ ସିଏସଆର ବିଭାଗର ସିଜିଏମ ଟିଜି କାନେକର ନେତୃତ୍ୱ ନେଇଥିଲେ। ସହର ସେବା ବିଭାଗର କର୍ମଚାରୀମାନେ ବଜାରର ବିଭିନ୍ନ ଅଂଶରେ ସାମୂହିକ ସଫେଇରେ ସହଯୋଗ କରିଥିଲେ। (ଟିଇ ପିଏଚ) ବିଭାଗର ଡେପୁଟି ଚିଫ୍ ମେଡିକାଲ୍ ଅଫିସର ଡ.ଦୀପା ଲାଭାଙ୍ଗରେ ଏବଂ ସହାୟକ ପ୍ରବନ୍ଧକ ରସାନନ୍ଦ ପ୍ରଧାନ କାର୍ଯ୍ୟକଳାପକୁ ସଂଯୋଜନା କରିଥିଲେ। ଏହି ପଦକ୍ଷେପ ବଜାରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ସ୍ଥାନୀୟ ବିକ୍ରେତା ଏବଂ ବାସିନ୍ଦାଙ୍କ ମଧ୍ୟରେ ପରିଷ୍କାର ପରିବେଶର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲା।

## ଡାଲମିଆ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ

କୁତ୍ରା, ୨୯।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ଓଡ଼ିଆ ସରକାର ଓ ଉଚ୍ଚ ଶିକ୍ଷା ବିଭାଗର ଆହ୍ୱାନ କ୍ରମେ 'ଓଡ଼ିଆ ପକ୍ଷ' ପାଳନ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜିତେନ୍ଦ୍ର ପଟେଲ ଅଧ୍ୟକ୍ଷତା କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଷୟରେ ସୂଚନା ପ୍ରଦାନ କରିଥିଲେ। ଓଡ଼ିଆ ଅଧ୍ୟାପିକା ମମତା ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ସାହୁ ସହଯୋଗ କରିଥିଲେ। ଓଡ଼ିଆ ଗଳ୍ପ, କବିତା ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଅଶୋକ କୁମାର ଦାସ ବଣାଇଁର ନୂଆ ଉପଜିଲ୍ଲାପାଳ

ବଣାଇଁ, ୨୯।୩(ସମିସ): ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ପତ୍ର ସଂଖ୍ୟା ୯୮୮୩/୨୦୨୬ ଅନୁସାରେ ଭୁବନେଶ୍ୱର ମହାନଗର ନିଗମରେ ଡେପୁଟି କମିଶନର ଭାବେ କାର୍ଯ୍ୟରତ ଅଶୋକ କୁମାର ଦାସଙ୍କୁ ବଣାଇଁର ନୂତନ ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି। ପୂର୍ବତନ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କୁ ଜଗତସିଂହପୁର ଜିଲ୍ଲାକୁ ବଦଳି କରାଯିବା ପରେ ବଣାଇଁ ପିଏଆଇଟିଡିଏ ଅଧିକାରୀ ସ୍ୱଦୀପ ଟପ୍ପୋଙ୍କୁ ଅସ୍ଥାୟୀ ଭାବେ ଏହି ପଦର ଦାୟିତ୍ୱ ଦିଆଯାଇଥିଲା। ସେ ଯଥାଶୀଘ୍ର ତାଙ୍କର ଦାୟିତ୍ୱ ଗ୍ରହଣ କରି ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି।

## ଡ.ଅଶୋକ ପଣ୍ଡା ସେଲ୍‌ର ପ୍ରଥମ ଓଡ଼ିଆ ସିଏମ୍‌ଡି



ରାଉରକେଲା, ୨୯।୩(ସମିସ): ଭାରତୀୟ ଇସ୍ପାତ ପ୍ରାଧିକରଣ ସଂସ୍ଥା (ସେଲ)ର ଅର୍ଥ ନିର୍ଦ୍ଦେଶକ ଡ.ଅଶୋକ ପଣ୍ଡାଙ୍କୁ ପିଇଏସବି ସେଲର 'ସିଏମଡି' ଅର୍ଥାତ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ମନୋନୀତ କରାହୋଇଛି। ଡ.ପଣ୍ଡା ସେଲର ଅର୍ଥ ନିର୍ଦ୍ଦେଶକ ସହିତ ଅତିରିକ୍ତ କମର୍ସିଆଲ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିଲେ। ସେ ଆରଏସପିରେ ମହାପ୍ରବନ୍ଧକ ଭାବେ ଦାୟିତ୍ୱ ତୁଲାଇବା ପରେ ସେଲ କର୍ପୋରେଟ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଥିଲେ। ପରେ ସେ ନିର୍ବାହୀ ନିର୍ଦ୍ଦେଶକ ପଦକୁ ପଦୋନ୍ନତି ପାଇ ଭିଲାଇ ଇସ୍ପାତ କାରଖାନାରେ ଯୋଗ ଦେଇଥିଲେ। ଗତ ବର୍ଷ ଠାରୁ ପ୍ରଥମ ଓଡ଼ିଆ ଭାବେ ସେଲର ଅର୍ଥ ନିର୍ଦ୍ଦେଶକ ପଦବୀ ତୁଲାଉଥିଲେ। କିଛି ଦିନ ପୂର୍ବରୁ ସେ ଅତିରିକ୍ତ ସେଲ ନିର୍ଦ୍ଦେଶକ (ବାଣିଜ୍ୟ) ଦାୟିତ୍ୱ ମଧ୍ୟ ତୁଲାଉଥିଲେ। ଏ ଖବର ରାଉରକେଲା ବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଦେଇଛି। ଏହାସହ ବିଭିନ୍ନ ମହଲରୁ ଡ.ପଣ୍ଡାଙ୍କ ପାଇଁ ଶୁଭେଚ୍ଛାର ବାର୍ତ୍ତା ଛୁଟୁଛି।

## ବଣାଇଁ ହନୁମାନ ମନ୍ଦିର ପକ୍ଷରୁ ସାମୂହିକ ବ୍ରତୋପନୟନ



ବଣାଇଁ, ୨୯।୩(ସମିସ): ବଣାଇଁ ବାଣେଶ୍ୱର ମନ୍ଦିର ସ୍ଥିତ ହନୁମାନ ମନ୍ଦିର ପକ୍ଷରୁ ନିଃଶୁଳ୍କ ବ୍ରତୋପନୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ୨ ଜଣ ବ୍ରାହ୍ମଣ ଶିଶୁଙ୍କର ବ୍ରତୋପନୟନ ସଂସ୍କାର ସମ୍ପନ୍ନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା, ବେଦମନ୍ତ୍ର ଉଚ୍ଚାରଣ ଓ ପାରମ୍ପରିକ ରୀତିନୀତି ଅନୁସାରେ ସମସ୍ତ ବିଧିବିଧାନ କରାଯାଇଥିଲା। ମନ୍ଦିର ପକ୍ଷରୁ ଶିଶୁମାନଙ୍କୁ ନୂତନ ବସ୍ତ୍ର, ଯଜ୍ଞୋପବୀତ ଓ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ହନୁମାନ ମନ୍ଦିରର ମୁଖ୍ୟ ଗୁଣନିଧି ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିଲା। ପୁରୋହିତ ଭାବେ ଅଜୟ କୁମାର ମିଶ୍ର ଓ ମୀରା ଶଙ୍କର ନନ୍ଦ ବୈଦିକ ମନ୍ତ୍ରୋଚ୍ଚାରଣ କରି ସମସ୍ତ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଆୟୋଜକ ଭାବେ ଇନ୍ଦ୍ର ପ୍ରସାଦ ମିଶ୍ର, ହିମାଂଶୁ ଶେଖର ମିଶ୍ର, ଡମ୍ବରୁ ଧର ନନ୍ଦ, ଚିନ୍ମୟ ତ୍ରିପାଠୀ, ଜଗନ୍ନାଥ ମହାପାତ୍ର, ସୁବ୍ରତ ଦେହୁରୀ ଓ ଶଶୀ ସୂତାରଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ସହଯୋଗ କରିଥିଲେ। ଶେଷରେ ପ୍ରସାଦ ବଣ୍ଟନ କରାଯାଇଥିଲା।

## ଜଙ୍ଗଲରେ ନିଆଁ ଲଗାଇ ଜଣେ ଗିରଫ

ବଣାଇଁ, ୨୯।୩(ସମିସ): ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ବନ ବିଭାଗ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଟିକାୟତ ପାଲି ଥାନା କଷଡା ଗ୍ରାମର ମହେଶ୍ୱର ଭୋଇ (୫୨)। ମହେଶ୍ୱର ଓ ଅନ୍ୟ କେତେକ ଦୁର୍ବୃତ୍ତ ବନ୍ୟଜନ୍ତୁ ଶିକାର ସହ ମହୁଲ ଗୋଟାଇବା ଉଦ୍ଦେଶ୍ୟରେ ଟିକାୟତ ପାଲି ଫରେଷ୍ଟ ସେକ୍ସନ ଅନ୍ତର୍ଗତ ୱେଷ୍ଟ ଦଣ୍ଡପାଟ ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇ ଦେଇଥିଲେ। ଟିକାୟତପାଲି ବନ ରେଞ୍ଜ ପକ୍ଷରୁ ଫୁଟ୍ ପେଟ୍ରୋଲିଂ ବେଳେ କିଛି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଉଥିବା ଦେଖିବାକୁ ପାଇଥିଲେ। ବନ କର୍ମଚାରୀଙ୍କୁ ଦେଖି ସେମାନେ ଫେରାର ହୋଇଯାଇଥିବା ବେଳେ ମହେଶ୍ୱରକୁ ବନ କର୍ମଚାରୀ କାବୁ କରିଥିଲେ। ଅନ୍ୟମାନେ ଫେରାର ହୋଇ ଯାଇଥିଲେ। ଖୁବଶୀଘ୍ର ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି।

## ସୁନ୍ଦରଗଡ଼ ଜିଲ୍ଲା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ



କୁତ୍ରା, ୨୯।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ସୁନ୍ଦରଗଡ଼ ଜିଲ୍ଲା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂଘର ସଭାପତି କାହ୍ନୁ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶ୍ୟାମ ସୁନ୍ଦର ମିଶ୍ର ଯୋଗଦେଇ ସମାଜର ବିକାଶ ପାଇଁ ସାମ୍ବାଦିକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଜୟକୃଷ୍ଣ ସେଠ ଯୋଗଦେଇ ସମାଜ ଗଠନରେ ସାମ୍ବାଦିକମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସାମ୍ବାଦିକମାନେ ନିର୍ଭୀକ ଭାବେ ସତ୍ୟତା ଆଧାରିତ ସମ୍ବାଦ ପରିବେଷଣ କରିବା ତଥା ଲୋକଙ୍କ ସମସ୍ୟାକୁ ଖବର କାଗଜ ମାଧ୍ୟମରେ ପ୍ରକାଶ କରିବା ପାଇଁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଚନ୍ଦ୍ରମଣି ପଟେଲ, କୁତ୍ରା ସରପଞ୍ଚ ଭୂବନ କୁଜୁର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଥିଲା। ସମାଜ ଗଠନରେ ବିଶେଷ ଭୂମିକା ପାଇଁ ତୁନମୁରା ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମରେଶ କୁମାର ସାହୁ, ଶିକ୍ଷକ ଚନ୍ଦ୍ରମଣି ତାଜନ, ସଫଳ ଚାଷୀ ବିକ୍ରମ ମିଞ୍ଜ, ଆୟୁର୍ବେଦିକ ବୈଦ୍ୟ ଫିଲିପ କେରକେଟା, ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଧଳ, ସାମ୍ବାଦିକ ଜୟକୃଷ୍ଣ ସେଠ, ପ୍ରଶାନ୍ତ କୁମାର ସାହୁ, ଦେବାଶିଷ ସାହୁ, ଲାଲଟୁ ମିତ୍ର, ସନ୍ତୋଷ କୁମାର ସାହୁ, ନମି ସନ୍ୟାସୀ, ଉପେନ୍ଦ୍ର ବଘାର, ବିକାଶ ରଞ୍ଜନ ନାୟକ, ସମାଜସେବୀ ଶିବ କିଶାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ପଙ୍କଜ କୁମାର ସାହୁ କରିଥିବା ବେଳେ ଉପସଭାପତି ପ୍ରଫୁଲ୍ଲ କୁମାର ସାହୁ, ସାମ୍ବାଦିକ ମନୋଜ ତନ୍ତୀ, ମୁକେଶ ପ୍ରସାଦ, ଭୋଗଲ ତିର୍କୀ, ପ୍ରଦୀପ କୁମାର ନନ୍ଦ, ଅନନ୍ତ ପଟେଲ, ପପୁ ସିଂ, ଗିରିଜା ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଏନ୍‌ଆଇଟିରେ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା




ରାଉରକେଲା, ୨୯।୩(ସମିସ): ଉନ୍ନତ ଭାରତ ଅଭିଯାନ ଅନ୍ତର୍ଗତ ନିରନ୍ତର ଗ୍ରାମ ପାଇଁ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏନ୍‌ଆଇଟି ରାଉରକେଲା ପରିସରରେ ଏକ ଦିବସୀୟ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ। ପ୍ରଫେସର ଶିଖା ରାୟ ଉଦ୍‌ଘାଟନୀ ଅଭିଭାଷଣ ରଖିଥିଲେ। ପରେ ୟୁବିଏ-ଏନ୍‌ଆଇଟିଆରର ନୋଡାଲ୍ ଅଧିକାରୀ ପ୍ରଫେସର ଆରକେ ବେହେରା କର୍ମଶାଳା ବିଷୟରେ ସମ୍ୟକ ସୂଚନା ଦେଇଥିଲେ। ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଏହି ଅବସରରେ ଗ୍ରାମାଞ୍ଚଳରେ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପ୍ରଦାୟ ଚାଳିତ ସମାଧାନକୁ ସକ୍ଷମ କରିବାରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ। ଏନ୍‌ଆଇଟି କୁଳ ସଚିବ ପ୍ରଫେସର ରୋହନ ଧିମାନ ଏହି ପ୍ରତିଷ୍ଠାନ ସ୍ଥାନୀୟ ସମ୍ପ୍ରଦାୟ ସହିତ ନିରନ୍ତର ସମ୍ପର୍କ ସ୍ଥାପନ କରି ଜୈବିକ କୃଷି, ବୃକ୍ଷରୋପଣ ଅଭିଯାନ, ଦକ୍ଷତା ବିକାଶ ଏବଂ ନବୀକରଣୀୟ ଶକ୍ତି ସଚେତନତାକୁ ମଧ୍ୟ ପ୍ରୋତ୍ସାହିତ କରିଛି ବୋଲି କହିଥିଲେ। ୟୁବିଏ-ଏନ୍‌ଆଇଟିଆର ର ଅଧ୍ୟକ୍ଷ ପ୍ରଫେସର ବିଭୁଦତ୍ତ ସାହୁ ଏନ୍‌ଆଇଟି ରାଉରକେଲା ୭ମ ସେମିଷ୍ଟରରେ ଏନଇପି ୨୦୨୦ ଅନ୍ତର୍ଗତ ଇପିଆଇସିଏସ ମାଧ୍ୟମରେ ଇଞ୍ଜିନିୟରିଂ ଛାତ୍ରମାନଙ୍କୁ ତାଲିମ ଦେବାକୁ ଯୋଜନା କରିଛି। ଛାତ୍ରଛାତ୍ରୀମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା, ନବୀକରଣୀୟ ଶକ୍ତି ଏବଂ ଗ୍ରାମୀଣ ବିକାଶ ଭଳି ବାସ୍ତବ-ବିଶ୍ୱ ସାମୁଦାୟିକ ଚ୍ୟାଲେଞ୍ଜରେ ସାମିଲ କରି ଅଭିଜ୍ଞତାମୂଳକ ଏବଂ ବହୁବିଧ ଶିକ୍ଷା ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ପ୍ରଫେସର ସିତୁ ରାଣୀ ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାର ବୈଷୟିକ ଅଧିବେଶନଗୁଡ଼ିକରେ ଡ. ଅଜୟ କୁମାର ମହାନ୍ତି, ପୁଷ୍ପଲତା ସାହୁ, ଅବସରପ୍ରାପ୍ତ ପ୍ରଫେସର ରାଜକିଶୋର ପଟେଲ ଏବଂ ପ୍ରଫେସର ହିମାଂଶୁ ଭୂଷଣ ସାହୁ ପ୍ରମୁଖ ଯୋଗଦେଇ ତୃଣମୂଳସ୍ତରୀୟ ବର୍ଜ୍ୟବସ୍ତୁ ପରିଚାଳନା ମଡେଲ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ କାର୍ଯ୍ୟାନ୍ୱୟନ ଚ୍ୟାଲେଞ୍ଜ ବିଷୟରେ ଆଲୋଚନା କରିଥିଲେ।

## ଅଙ୍ଗନବାଡ଼ି ଓ ହେଲ୍ପର୍ସ ଆସୋସିଏସନର ରାଜ୍ୟ ସମ୍ମିଳନୀ



କୋଇଡା, ୨୯।୩(ସମିସ): ସିଆଇଟିୟୁ ଅନୁବନ୍ଧିତ ଓଡ଼ିଶା ଅଙ୍ଗନବାଡି ଏବଂ ହେଲ୍ପରର୍ସ୍ ଆସୋସିଏସନର ଚତୁର୍ଥ ରାଜ୍ୟ ସମ୍ମିଳନୀ କୋଇଡା ସ୍ଥିତ ସିଆଇଟିୟୁ ସଭାଗୃହରେ ଲମ୍ବୋଦର ନାୟକ ଓ ରାଧାରମଣ ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସିଆଇଟିୟୁ ରାଷ୍ଟ୍ରୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଅଙ୍ଗନବାଡି ୱାର୍କର୍ସ ଆସୋସିଏସନର ସମ୍ପାଦିକା ପୁଷ୍ପା ଦାଶ, ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡା, ରାଜ୍ୟ ସମ୍ପାଦିକା ସକୁନ୍ତଳା ମହାକୁଡ଼, ରାଜ୍ୟ ଉପସଭାପତି ହୃଦାନନ୍ଦ ଯାଦବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଙ୍ଗନବାଡି କର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ମାସିକ ୨୬ ହଜାର ମଜୁରୀ, ସାମାଜିକ ସୁରକ୍ଷା ଓ ଅତ୍ୟାଧୁନିକ ଉପକରଣ ପ୍ରଦାନ ନେଇ ଏଥିରେ ଦାବି ଉପସ୍ଥାପନ କରାଯାଇଥିଲା। ଆଗାମୀ ଦିନରେ ଯଦି ଦାବି ସମୂହ ପୁରଣ ନ ହୁଏ, ତେବେ ସମସ୍ତ କର୍ମୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅଙ୍ଗନବାଡି ୱାର୍କର୍ସ ଆସୋସିଏସନର ସମ୍ପାଦିକା ପୁଷ୍ପା ଦାଶ ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆବାହିକା ଗାୟତ୍ରୀ ଉପାଧ୍ୟାୟ, ବଣାଇଁ ସଂଘ ସଭାପତି ଲକ୍ଷ୍ମୀ ପାତ୍ର, ରେଣୁବାଳା ନାଏକ, ବାଣେଶ୍ୱରୀ ମହାନ୍ତ, ମୀନତି ସାହୁ, ରାମେଶ୍ୱରୀ କିଶାନ, ମନ୍ଦୋଦରୀ ମହାନ୍ତ ପ୍ରମୁଖଙ୍କ ସହ ୫୦୦ରୁ ଉର୍ଦ୍ଧ୍ୱ ଅଙ୍ଗନବାଡି ଓ ହେଲ୍‌ପର ଯୋଗଦେଇଥିଲେ।

### କୃତ୍ରିମ ବୁଦ୍ଧିମତ୍ତା ତାଲିମ ଶିବିର

## ପ୍ରଥମ ପର୍ଯ୍ୟାୟରେ ୧୫୦ ଆଦିବାସୀ ବାଳିକାଙ୍କୁ ପ୍ରଶିକ୍ଷଣ

ଲହୁଣୀପଡ଼ା, ୨୯।୩(ସମିସ)

ଆମେରିକାର ୱାର୍ଲଡ ୱମାନ ଫାଉଣ୍ଡେସନ ତରଫରୁ ଲହୁଣିପଡ଼ାଠାରେ ଆଦିବାସୀ ବାଳିକାମାନଙ୍କ ପାଇଁ ଏକ ଦିନିକିଆ କୃତ୍ରିମ ବୁଦ୍ଧିମତ୍ତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତରେ ପ୍ରଥମ ଥର ପାଇଁ ଆୟୋଜିତ ଏହି ଧରଣର ବୁଟ୍ କ୍ୟାମ୍ପର ପାଇଲଟ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ୧୫୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ଅବସରରେ ଲହୁଣୀପଡ଼ା ବ୍ଲକ କେନ୍ଦୁଡ଼ିହି ସ୍ଥିତ ସମରା ଓରାମ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ମୁଖ୍ୟ ଉଦ୍‌ଯୋକ୍ତା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ୱାର୍ଲଡ ୱମାନ ଫାଉଣ୍ଡେସନର ଉଦ୍ୟମକୁ ପ୍ରଶଂସା କରିବା ସହ ଏହି ବୁଟ କ୍ୟାମ୍ପ ଏକ ସ୍ୱୟଂ ସମୃଦ୍ଧ ସର୍ବକୁଶଳୀ ଏବଂ ସଶକ୍ତ ଆଦିବାସୀ ସମାଜ ଗଠନ କରିବାରେ ସହାୟକ ହେବ ବୋଲି ଆଶା ପୋଷଣ କରିଥିଲେ। ୱାର୍ଲଡ ୱମାନ ଫାଉଣ୍ଡେସନର ପ୍ରତିଷ୍ଠାତ୍ରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପା



ଦାଶ ଏହି ପଦକ୍ଷେପ ଭବିଷ୍ୟତରେ ଏକ ସମତା ସମ୍ପନ୍ନ ସମାଜ ଗଠନ ପାଇଁ ସବୁ ସମ୍ପ୍ରଦାୟର ନାରୀନେତ୍ରୀମାନଙ୍କୁ ପ୍ରସ୍ତୁତ କରିବା ଦିଗରେ ୱାର୍ଲଡ ୱମାନ ଫାଉଣ୍ଡେସନର ପ୍ରତିବଦ୍ଧତାର ଅଂଶ ବିଶେଷ ବୋଲି କହିଥିଲେ। ସୂଚନାଯୋଗ୍ୟ, ଆମେରିକାର ପଞ୍ଜୀକୃତ ଉକ୍ତ ଦାତବ୍ୟ ଅନୁଷ୍ଠାନ ୱାର୍ଲଡ ୱମାନ ଫାଉଣ୍ଡେସନ ବର୍ତ୍ତମାନ ୨୦ଟି ଦେଶରେ କାର୍ଯ୍ୟରତ ରହିଛି। ୨୦୫୦ ମସିହା ସୁଦ୍ଧା ବିଶ୍ୱରେ ୧୦ ଲକ୍ଷ ମହିଳା ଓ ବାଳିକାଙ୍କୁ ସଶକ୍ତ ଓ ସ୍ୱୟଂ ସମ୍ପନ୍ନ କରିବାକୁ ୱାର୍ଲଡ ୱମାନ ଫାଉଣ୍ଡେସନ ଲକ୍ଷ୍ୟ ରଖିଛି। ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ କେନ୍ଦୁଡ଼ିହିଠାରେ ଅବସ୍ଥିତ ଏହାର ଦକ୍ଷତା ବିକାଶ ଓ ତାଲିମ କେନ୍ଦ୍ର ବିଭିନ୍ନ ପ୍ରକାର ଦକ୍ଷତା ପାଠ୍ୟକ୍ରମ, ଶିକ୍ଷା ସହାୟତା ଓ ସମ୍ପ୍ରଦାୟ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ଗମ ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଇଲାକାରେ ଜନସାଧାରଣଙ୍କର ନିଯୁକ୍ତି ଯୋଗ୍ୟତା ଓ ଆତ୍ମନିର୍ଭରତାକୁ ବଢ଼ାଇବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଟ୍ରଷ୍ଟର ସେଟଲର ତଥା ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ କହିଥିଲେ। କାର୍ଯ୍ୟକ୍ରମରେ ଅଟୋମେଶନ ଏନି ହୋୟାରର ପ୍ରବନ୍ଧକ ନାଗରାଜା ବିଜି ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଟ୍ରଷ୍ଟର ଟ୍ରଷ୍ଟି ଗୁରୁ ଚରଣ ଓରାମ, ଇନ୍ଦୁମତି ଓରାମ, ଜୟା ଓରାମ, ଫୁଲଚାନ୍ଦ ଓରାମ, ୱାଲ୍ଡ ଓମେନ୍ ଫାଉଣ୍ଡେସନର ସିଇଓ ରୂପା ଦାସ, ଫାଉଣ୍ଡେସନର କର୍ମକର୍ତ୍ତା ଅନାୟ ଦାସ, ଏନଏସଆଇସିର ପ୍ରବନ୍ଧକ ଦୁର୍ଗା ମାଧବ ନାୟକ, କର୍ମତି ଓରାମ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଟ୍ରଷ୍ଟର ତତ୍ତ୍ୱାବଧାରିକା ବିଜୟିନୀ କିସପଟ୍ଟା, ପୂର୍ଣ୍ଣଚନ୍ଦ୍ର ଓରାମ, ନିରଞ୍ଜନ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ୮ ଦିନରେ କଟିଲା ୧ କୋଟି ଟଙ୍କାର ଚାଲାଣ

## ୨୧ରୁ ୩୧ ପରିବହନ ବିଭାଗର ଚଢ଼ଉ ଓ ସଚେତନତା ଅଭିଯାନ

**ସମ୍ବଲପୁର, ୨୯।୩ (ସମିସ)**

ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ), ଓଡ଼ିଶାର ପରିବହନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଗାଡ଼ି ଯାଞ୍ଚ (ଏନ୍‌ଫୋର୍ସମେଣ୍ଟ) ତଥା ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆସନ୍ତା ୩୧ ତାରିଖ ସରିବ। ସମ୍ବଲପୁର ଜିଲ୍ଲାର ବିଭିନ୍ନ ମୁଖ୍ୟରାସ୍ତା ଓ ସ୍ଥାନ ମାନଙ୍କରେ ପରିବହନ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଗାଡ଼ି କାଗଜାତ ଯାଞ୍ଚ କରିବାସହ ସଚେତନ କରୁଛନ୍ତି। ଆଞ୍ଚଳିକ ପରିବହନ ବିଭାଗ, ସମ୍ବଲପୁରର ସୂଚନା ଅନୁଯାୟୀ ୨୧ରୁ ୨୮ ତାରିଖ ପର୍ଯ୍ୟନ୍ତ ୮ ଦିନରେ ୧୬୦୨ଟି ଚାଲାନ କଟିଥିବାବେଳେ ୧, ୦୦, ୫୭, ୧୯ ୯ ଟଙ୍କା ଜୋରିମାନା କରାଯାଇଛି। ତନ୍ମଧ୍ୟରୁ ୧୨, ୨୬, ୬୮୦ ଟଙ୍କା ଜୋରିମାନା ସଂଗ୍ରହ କରାଯାଇଛି। ସମ୍ବଲପୁର ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ କହିଛନ୍ତି, ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବାସହ ନିଜ ଏବଂ ଅନ୍ୟମାନଙ୍କ ସୁରକ୍ଷା ଉପରେ ଧ୍ୟାନ ଦିଅନ୍ତୁ। ଆଗକୁ ମଧ୍ୟ ଏହି ଚଢ଼ଉ ଜାରି ରହିବ। ବେଳ ଥାଉ ଥାଉ ସୁଧୁରି ନଗଲେ ଅର୍ଥଦଣ୍ଡ ସହ ଅନ୍ୟ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଶ୍ରୀ ଟୁଡୁ ସତର୍କ କରାଇଛନ୍ତି।

ଏହି ଅଭିଯାନରେ ଚଢ଼ଉ ସମୟରେ ଦ୍ରୁତ ଗାଡ଼ିଚାଳନା, ନିଶାସକ୍ତ ଗାଡ଼ିଚାଳନା, ହେଲମେଟ୍ ନପିନ୍ଧିବା, ଦି'ଚକିଆରେ ତିନିଜଣ ବସିବା, ଭୁଲ ରାସ୍ତାରେ ଗାଡ଼ିଚାଳନା, ମାଲବାହୀ ଗାଡ଼ିରେ ଓଭରଲୋଡିଂ, ଯାତ୍ରୀବାହୀ ଗାଡ଼ିରେ ଓଭରଲୋଡିଂ, ଅନୁମତି ନନେଇ ବଡ଼ ଆକାରର ମାଲ ପରିବହନ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ିଚାଳନା ତଥା ଅନ୍ୟ ଟ୍ରାଫିକ ନିୟମ ଉଲ୍ଲଂଘନ ଆଦି ଯାଞ୍ଚ କରାଯାଉଛି। ଏହି ଅଭିଯାନରେ ୨୧ ତାରିଖ ୧୫୪ଟି ଚଲାନ ଇସ୍ୟୁ ହୋଇଥିବାବେଳେ ୧୧, ୧୨, ୨୨୮ ଟଙ୍କା ଜୋରିମାନା କରାଯାଇଥିଲା। ସେହିପରି ୨୨ ତାରିଖ ୧୮୩ଟି ଚଲାନ ଇସ୍ୟୁ ହୋଇଥିବାବେଳେ ୧୦, ୮୨, ୯୯୦ ଟଙ୍କା ଜୋରିମାନା, ୨୩ ତାରିଖ ୨୦୯ଟି ଚଲାନ ୧୧, ୫୮, ୩୬୦ ଟଙ୍କା ଜୋରିମାନା, ୨୪ ତାରିଖ ୨୭୫ଟି ଚଲାନ ୨୦, ୨୬, ୪୯୫ ଟଙ୍କା ଜୋରିମାନା, ୨୫ ତାରିଖ ୨୧୮ଟି ଚଲାନ ୧୧, ୭୭, ୪୩୦ ଟଙ୍କା ଜୋରିମାନା, ୨୬ ତାରିଖ ୨୩୪ଟି ଚଲାନ ୧୦, ୫୨, ୨୫୫ ଟଙ୍କା ଜୋରିମାନା, ୨୭ ତାରିଖ ୧୧୦ଟି ଚଲାନ ୧୦, ୮୮, ୦୨୦ ଟଙ୍କା ଜୋରିମାନା ଏବଂ ୨୮ ତାରିଖ ୨୧୯ଟି ଚଲାନ ୧୩, ୫୯, ୪୨୧ ଟଙ୍କା ଜୋରିମାନା କରାଯାଇଛି। ଏହିପରି ଗତ ୮ ଦିନ ମଧ୍ୟରେ ନିଶାସକ୍ତ ଗାଡ଼ିଚାଳନା ପାଇଁ ୧୫୫ଟି ଚଲାନ କଟିଥିବାବେଳେ ଦ୍ରୁତଗତିରେ ଗାଡ଼ିଚାଳନା (୨୩୫), ହେଲମେଟ୍ (୬୨୬), ସିଟ୍ ବେଲ୍ଟ (୫୦), ଓଭର୍‌ଲୋଡିଂ (୩୩), ମୋବାଇଲ ବ୍ୟବହାର (୩୪), ବୈଧ ଡ୍ରାଇଭିଂ ଲାଇସେନ୍ସ ନଥିବା (୧୮୩), ବାଇକ୍‌ରେ ତିନିଜଣିଆ ବସିବା (୫୫) ଏବଂ ଅନ୍ୟାନ୍ୟ ୨୩୭ ସହ ମୋଟ ୧୬୦୨ଟି ଚାଲାନ କଟିଥିବାବେଳେ ୧, ୦୦, ୫୭, ୧୯ ୯ ଟଙ୍କା ଜୋରିମାନା କରାଯାଇଛି। ବଳକା ଚାରିଦିନରେ ଏହି ସଂଖ୍ୟା ଚଲାନ ପରିମାଣ ଦେଢ଼ କୋଟିକୁ ଟପିପାରେ ବୋଲି ସାଧାରଣରେ ଆଶଙ୍କା କରାଯାଉଛି।





ଲକ୍ଷ୍ମୀଡୁଙ୍ଗୁରୀ ପାହାଡ଼ରେ ନିଆଁ।

## ନବନିର୍ବାଚିତ ସଭାପତି, ଉପସଭାପତି ଓ ସମ୍ପାଦକଙ୍କୁ ଆଲୁମିନି ସଂଘର ସମ୍ବର୍ଦ୍ଧନା

**ସମ୍ବଲପୁର, ୨୯।୩ (ସମିସ) :** ଲଜପତ ରାୟ ଆଇନ କଲେଜ ଆଲୁମିନି ସଂଘ ପକ୍ଷରୁ କଲେଜରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କଲେଜ ପରିସରେ ଲାଜପତ ରାୟଙ୍କ ପ୍ରତିମୂର୍ତ୍ତିରେ ସମ୍ବଲପୁର ବାର୍‌ର ନବ ନିର୍ବାଚିତ ସଭ୍ୟ ତଥା ଆଲୁମୁନି ସଭ୍ୟ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମ୍ବଲପୁର ଜିଲ୍ଲା ଓକିଲ ସଂଘର ନବନିର୍ବାଚିତ ସଭାପତି ଚନ୍ଦ୍ର କୁମାର ପୁରୋହିତ, ଉପସଭାପତି ରବି ପୂଜାରୀ, ସମ୍ପାଦକ ପ୍ରବୀଣ ସିଂଦେଓ, ଯୁଗ୍ମ ସମ୍ପାଦକ ରତନଲାଲ ଶର୍ମା, କାର୍ଯ୍ୟକାରିଣୀ ସଭ୍ୟା ସୁତପା ମିତ୍ର ପ୍ରମୁଖଙ୍କୁ ଲଜପତ ରାୟ ଆଇନ ମହାବିଦ୍ୟାଳୟର ଆଲୁମୁନି ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ନବନିର୍ବାଚିତ ସଭାପତି ଓ ଅନ୍ୟମାନେ କଲେଜର ପୁରାତନ ଛାତ୍ର ରୂପେ ୬୦ ବର୍ଷର ପୁରାତନ କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁପ୍ରକାର ପ୍ରୟାସ କରାଯିବ ବୋଲି କହିଥିଲେ। ଅନୁଷ୍ଠିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାରେ କଲେଜର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା, ଆୟୋଜିତ ହେବାକୁଥିବା ହୀରକ ଜୟନ୍ତୀର ସଫଳ ଆୟୋଜନ, ଜାତୀୟ ମୁଟ୍‌କୋର୍ଟ ପ୍ରତିଯୋଗିତା, ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ସେମିନାର, କୁଳପତିଙ୍କ ଗସ୍ତ ନେଇ ଆଲୋଚନା କରାଯାଇଥିଲା। ସମ୍ପାଦକ ଦୁର୍ଗା ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଉପସଭାପତି ସିପ୍ରା ମହାନ୍ତି, ଉପସଭାପତି ପ୍ରକାଶ ଶତପଥୀ, ଉପସଭାପତି ଅରୁଣ କୁମାର, ବରିଷ୍ଠ ସଭ୍ୟ ଚନ୍ଦ୍ର ମହାନ୍ତି, ସୁମନ୍ତ ସ୍ୱାଇଁ, ବରିଷ୍ଠ ସଭ୍ୟ ପ୍ରଶାନ୍ତ ପ୍ରଧାନ, ହୃଷିକେଶ ସ୍ୱାଇଁ, ସଂଯୋଜକ ଅଶ୍ୱିନୀ ପାଢ଼ୀ, ଶୁଭଦର୍ଶିନୀ ମହାନ୍ତି, ନାରାୟଣ ସୁନା, ଅନୁପ ତରିଆ, ନଟବର ମହାରଣା, ରାଜକିଶୋର ପାଢ଼ୀ, ବୁଲୁ ବଡ଼ପଣ୍ଡା, ତ୍ରିଲୋଚନ ତ୍ରିପାଠୀ, ଅର୍ଦ୍ଧେନ୍ଦୁ ଦାଶ, ଭଗତ ସିଂ, ସନ୍ତୋଷିନୀ ନାୟକ, ଅମରେଶ, ସୋନିଆ ସିଂ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



## ଟ୍ରକ୍-ଅଟୋ ମୁହାଁମୁହିଁ ଧକ୍କା



**ରେଢ଼ାଖୋଲ, ୨୯ ।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ଶୁଣ୍ଡିମୁଣ୍ଡା ଛକ ନିକଟରେ ଶନିବାର ରାତିରେ ଟ୍ରକ୍ ସହିତ ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋ ଚାଳକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ସହରପଟରୁ ବୌଦ୍ଧ ଅଭିମୁଖେ ଯାଉଥିବା ଟ୍ରକ୍ ସହିତ ରେଳଷ୍ଟେସନ ପଟରୁ ଅଟୋ ଆସି ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋ ସାମ୍ନାଭାଗ ଚୁରମାର ହୋଇଯାଇଥିବା ବେଳେ ଅଟୋ ଚାଳକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ଅଟୋ ଚାଳକ ଜଣଙ୍କ ସାମାନ୍ୟ ଆହତ ହୋଇଛନ୍ତି। ରେଢ଼ାଖୋଲ ପୁଲିସ ଘଟଣାର ତଦନ୍ତ କରୁଛି।

## ଜଙ୍ଗଲରୁ ଯୁବକଙ୍କ ଗଳିତ ଶବ ଉଦ୍ଧାର

**କୁଚିଣ୍ଡା, ୨୯ ।୩(ସମିସ):** ବାମରା ବ୍ଲକ କେଶାଇବାହାଲ ବିଦେଶୀ ମଦଦୋକାନ ନିକଟସ୍ଥ ଜଙ୍ଗଲରୁ ଜଣେ ଅଜଣା ଯୁବକଙ୍କ ଗଳିତ ଶବ ଠାବ କରି ମହୁଲପାଲି ପୁଲିସ ତଦନ୍ତ କରୁଛି। ସୂଚନା ଅନୁସାରେ ଗତ ଶନିବାର କେଶାଇବାହାଲ କେନମାଲ ରାସ୍ତା ନିକଟସ୍ଥ ଜଙ୍ଗଲରେ ମୃତଦେହ ପଡ଼ିଥିବା ନେଇ ସ୍ଥାନୀୟ ଲୋକ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ଶନିବାର ରାତିରେ ପୁଲିସ ଓ ସ୍ଥାନୀୟ ଲୋକେ ମୃତଦେହ ଠାବ କରିଥିଲେ। ମାତ୍ର ରାତି ଅଧିକ ହୋଇଥିବାରୁ ମୃତଦେହ ଉଦ୍ଧାର କରିବା ସମ୍ଭବ ହୋଇନଥିଲା। ଅନ୍ୟ ପଟେ ଶବର ପରିଚୟ ମିଳି ନଥିବା ବେଳେ ଘଟଣାକୁ ନେଇ ପୁଲିସ ତନାଘନା ଆରମ୍ଭ କରିଛି। ସମ୍ପୃକ୍ତ ଯୁବକଙ୍କୁ ହତ୍ୟା କରି ଫିଙ୍ଗି ଦିଆ ଯାଇଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଥିବା ବେଳେ ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ ପ୍ରକାଶ କରାଯାଇଥିଲା। ଶବକୁ କୁଚିଣ୍ଡା ଡାକ୍ତରଖାନାର ଶବ ଗୃହ ରେ ରଖା ଯାଇଥିବା ବେଳେ ଯୁବକର ପରିଚୟ ମିଳି ପାରିନାହିଁ।

## ତୁଲୁବଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

**ଜମନକିରା, ୨୯ ।୩(ସମିସ):** ଜମନକିରା ବ୍ଲକ ତୁଲୁବଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ସମାପନ ହୋଇଯାଇଛି। ଶୁକ୍ରବାର ତୁଲୁବନଦୀରୁ ପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ।ଶନିବାର ସକାଳେ ନାମ ଆରମ୍ଭ କରିଥିଲେ ରବିବାର ନାମ ସମପାନ ହୋଇ ଥିଲା।ସୁଦୀପ୍ତ କୁମାର ନାୟକ ଓ ତାଙ୍କ ପତ୍ନୀ ବୀଣା ନାୟକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଭାବରେ ପଣ୍ଡିତ ମନୋଜ କୁମାର ଧର ଓ ସହଯୋଗୀ ପୂଜକ ଭାବରେ ଓମ୍ ପ୍ରକାଶ ରଥ ପୂଜା କର୍ମ କରିଥଲେ। ତୁଲୁବ ଗୋଏପୁରଗା ଗ୍ରାମବାସୀ ଯଜ୍ଞ ଆୟୋଜନ କରିଥିବା ବେଳେ ଯଜ୍ଞ କମିଟି ସଭାପତି ଭାବରେ ସୁଦୀପ୍ତ କୁମାର ନାୟକ, ସମ୍ପାଦକ ଜଗନ୍ନାଥ ନାୟକ ପରିଚାଳନା କରିଥିଲେ। କୀର୍ତ୍ତନ ମଣ୍ଡଳୀ ମଧ୍ୟରେ ନିକିତିମାଲ, କଂସର ଗମ୍ଭାରୀ ପାଲି, ଟାଇସର, ଜମନକିରା ଜଗନ୍ନାଥ ପଡ଼ା, ଜମନକିରା, କଦଳୀମୁଣ୍ଡା, ତୁଲୁବ ଗୋଏପୁରଗା କୀର୍ତ୍ତନ ଦଳ ଯୋଗ ଦେଇ ଥିଲେ। ନରୋତ୍ତମ ପଟେଲ, ସନ୍ତୋଷ ନାୟକ, ଲୋକନାଥ ପଟେଲ, ଝସକେତନ ଝାଙ୍କର, ସୁରଜ ଝାଙ୍କର, ଓମ୍ ଝାଙ୍କର, ଲିନୁ ଝାଙ୍କର, ଉଦୟ ଝାଙ୍କର, ସରୋଜ ଧର, ରଞ୍ଜନ ନାୟକ, ରଞ୍ଜିତ ନାୟକ, ରାଜୀବ ନାୟକ, ଶରତ ପଟେଲ, ସୁମିତ ନାୟକସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଭିମସାର୍ ପିଜି ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ସମ୍ବଲପୁର, ୨୯।୩ (ସମିସ) :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର୍)ର ଜଣେ ପିଜି ପ୍ରଥମ ବର୍ଷ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ବର୍ତ୍ତମାନ ଭିମସାର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି। ତେବେ, ଆତ୍ମହତ୍ୟା ଉଦ୍ୟମର କାରଣ ଜଣାପଡ଼ିନାହିଁ। ସୂଚନା ଅନୁଯାୟୀ, ଭିମସାର୍ ଶିଶୁ ରୋଗ ବିଭାଗର ପିଜି ପ୍ରଥମ ବର୍ଷର ଜଣେ ଛାତ୍ରୀ ଶନିବାର ସକାଳେ ଅତ୍ୟଧିକ ପରିମାଣରେ ନିଶା ବଟିକା ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅସୁସ୍ଥ ଅବସ୍ଥାରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯିବାସହ ଆବଶ୍ୟକ ଚିକିତ୍ସା କରାଯାଇଛି। ଏନେଇ ଭିମସାର୍‌ର ଅଧୀକ୍ଷକ ତଥା ଭାରପ୍ରାପ୍ତ ନିର୍ଦ୍ଦେଶକ ଡା. ଲାଲମୋହନ ନାୟକ କହିଛନ୍ତି ଯେ, ଛାତ୍ରୀଜଣକ ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ତାଙ୍କୁ ପଚରାଉଚରା କରାଯିବ ଏବଂ କିଛି ଅଭିଯୋଗ ଥିଲେ ତଦନୁଯାୟୀ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଛାତ୍ରୀଜଣକ ଶିଶୁରୋଗ ବିଭାଗରେ କାର୍ଯ୍ୟରତ ଥିବାବେଳେ ଇମର୍‌ଜେନ୍ସି ଡ୍ୟୁଟି ଓ ଅନ୍ୟ କାର୍ଯ୍ୟକୁ ନେଇ ଚାପରେ ଥିବା ଶୁଣିବାକୁ ମିଳୁଛି।

## ନିରପେକ୍ଷ ତଦନ୍ତ ଦାବିକଲା ଜେଡିଏ

**ସମ୍ବଲପୁର, ୨୯।୩ (ସମିସ) :** ଭିମସାର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମକୁ ନେଇ ଜୁନିଅର ଡାକ୍ତର ସଂଘ (ଜେଡିଏ)ର ଏକ ଜରୁରୀ ସାଧାରଣ ପରିଷଦ ବୈଠକ ଆଜି ସନ୍ଧ୍ୟାରେ ସଭାପତି ଡା. ମଳୟ ରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ମାମଲାରେ ନିରପେକ୍ଷ ତଦନ୍ତ ଏବଂ ଦାୟୀ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଶିଶୁ ରୋଗ ବିଭାଗ ପ୍ରଥମ ବର୍ଷର ସ୍ନାତକୋତ୍ତର ଛାତ୍ରୀଙ୍କ ଦୁର୍ଭାଗ୍ୟପୂର୍ଣ୍ଣ ଆତ୍ମହତ୍ୟା ଉଦ୍ୟମକୁ ନେଇ ଜେଡିଏ ପକ୍ଷରୁ ଗଭୀର ଚିନ୍ତା ପ୍ରକଟ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ, ଆମର ସର୍ବୋଚ୍ଚ ପ୍ରାଥମିକତା ହେଉଛି ତାଙ୍କର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଏବଂ ଆମେ ତାଙ୍କର ଶୀଘ୍ର ସ୍ଥିରତା ଏବଂ ପୂର୍ଣ୍ଣ ଆରୋଗ୍ୟ ପାଇଁ ଆନ୍ତରିକ ଭାବରେ ଆଶା କରୁଛୁ ବୋଲି କୁହାଯାଇଛି। ଏହି ବିଷୟକୁ ଜରୁରୀ ଏବଂ ଗମ୍ଭୀରତାର ସହିତ ସମାଧାନ କରିବା ପାଇଁ ଡିନ୍ ଏବଂ ପ୍ରିନ୍ସିପାଲ୍ ଏବଂ ଭିମସାର୍‌ର ନିର୍ଦ୍ଦେଶକଙ୍କୁ ଜେଡିଏ ପ୍ରତିନିଧି ଦଳ ଭେଟିଥିଲେ। ସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଦାବିଗୁଡ଼ିକ ମଧ୍ୟରେ - ଏକ ସମ୍ପୂର୍ଣ୍ଣ, ସମୟସୀମା ଏବଂ ନିରପେକ୍ଷ ତଦନ୍ତ କରାଯାଇ ଦାୟୀ ଥିବା ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା; କଲେଜ ପ୍ରଶାସନକୁ ଯେକୌଣସି ପ୍ରକାରର କର୍ମସ୍ଥଳୀ ନିର୍ଯାତନା କିମ୍ବା ରାଗିଂ ପ୍ରତି ଶୂନ୍ୟ-ସହନଶୀଳତା ନୀତି ସୁନିଶ୍ଚିତ କରିବା; ଗୋପନୀୟତା ଏବଂ ମର୍ଯ୍ୟାଦାକୁ ସୁରକ୍ଷା ଦେବା ସହିତ ଏପରି ଅଭିଯୋଗଗୁଡ଼ିକର ସମାଧାନ କରିବା ପାଇଁ ଏକ ଉତ୍ସର୍ଗୀକୃତ, ଗୋପନୀୟ କମିଟି ପ୍ରତିଷ୍ଠା କରାଯିବା; ସମସ୍ତ ରେସିଡେଣ୍ଟ ଡାକ୍ତରଙ୍କ ପାଇଁ ସର୍ବନିମ୍ନ ଦୈନିକ ୬-୮ ଘଣ୍ଟା ବିଶ୍ରାମ ଅବଧି ବାଧ୍ୟତାମୂଳକ ଭାବରେ କାର୍ଯ୍ୟକାରୀ କରିବା, ଏବଂ ବିଭାଗ ନିର୍ବିଶେଷରେ, ରାତି ଡ୍ୟୁଟି ପରେ ବିଶ୍ରାମ/ଅବସର ବ୍ୟବସ୍ଥା କରିବା ଆଦି ରହିଛି।

## ଫଟୋ ସାମ୍ବାଦିକ ଦେବଦତ୍ତ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୯।୩ (ସମିସ) :** ବରିଷ୍ଠ ଫଟୋ ସାମ୍ବାଦିକ ଦେବଦତ୍ତ ପଣ୍ଡାଙ୍କ ବିୟୋଗରେ ସମ୍ବଲପୁର ପ୍ରେସ୍ କ୍ଲବ ସମ୍ମିଳନୀ କକ୍ଷରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଓୟୁଜେ ସମ୍ବଲପୁର ଜିଲ୍ଲା ସଭାପତି ପ୍ରଭାତ ବେହେରାଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ସାମ୍ବାଦିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ସଦସ୍ୟମାନେ ସ୍ୱର୍ଗତ ପଣ୍ଡାଙ୍କ ସାମ୍ବାଦିକତା କ୍ଷେତ୍ରରେ ଥିବା ଅବଦାନ ଏବଂ ତାଙ୍କ ଅମାୟିକ ବ୍ୟକ୍ତିତ୍ୱର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ଲାଗି ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ପଟ୍ଟନାୟକ, ବୀରେନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ପାଣି, ବରିଷ୍ଠ ସାମ୍ବାଦିକ ଶିବଶଙ୍କର ନନ୍ଦ, ସୁଜିତ ପାଣିଗ୍ରାହୀ, ଓୟୁଜେ ରାଜ୍ୟ କୋଷାଧ୍ୟକ୍ଷ ଅମୂଲ୍ୟ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସଚ୍ଚିକାନ୍ତ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଶରତ ପ୍ରଧାନ, ଉପସଭାପତି ଦିନେଶ ମାହାଣା, ରାଧାମୋହନ ଷଡ଼ଙ୍ଗୀ, ଦୁର୍ଗାଶଙ୍କର ବାଘ, ହରିହର ନାଥ, ଜିଲ୍ଲା ସଙ୍ଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ, କୋଷାଧ୍ୟକ୍ଷ ହେମନ୍ତ ରାଉତ, ସମ୍ପାଦକ ମନୋଜ ରାଜ, ଜୟନ୍ତ ଖଡିରତ୍ନ, ତପନ ଦାସ, ଦେବେନ୍ଦ୍ର ମିଶ୍ର, ସରୋଜ ସାହୁ, ଅନିଲ ପୃଷ୍ଟି, ତପନ ବିଶ୍ୱାଳ, ଦୟାସାଗର ଧର, ମନୋଜ ମୁଦୁଲି, ସୁବାସ ନାଥଶର୍ମା ପ୍ରମୁଖ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## 'ସାହିତ୍ୟୋତ୍ସବ'ରେ ଭାଗନେବେ ସମ୍ବଲପୁରର କବି ଦୁର୍ଗା ପଣ୍ଡା

**ସମ୍ବଲପୁର, ୨୯।୩ (ସମିସ) :** କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆସନ୍ତା ମାର୍ଚ୍ଚ ୩୦ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀଠାରେ ମର୍ଯ୍ୟାଦାଜନକ 'ସାହିତ୍ୟୋତ୍ସବ' (ଫେଷ୍ଟିଭାଲ ଅଫ୍ ଲେଟର୍ସ) ଆୟୋଜିତ ହେବାକୁ ଯାଉଛି। ଏହି ସମାରୋହରେ



ଗତବର୍ଷ ପାଇଁ ୨୪ଟି ଭାରତୀୟ ଭାଷାର ପ୍ରତିଷ୍ଠିତ ଲେଖକ ତଥା ୪୦ ବର୍ଷରୁ କମ୍ ଯୁବ ଲେଖକଙ୍କୁ ପୁରସ୍କାର ପ୍ରଦାନ କରାଯିବ। ୬ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଉତ୍ସବରେ ୫୦ଟି ଭାଷାର ପ୍ରତିନିଧିସ୍ତରୀୟ ସାହିତ୍ୟିକମାନେ ଭାରତର ବିଭିନ୍ନ ପ୍ରାନ୍ତରୁ ଆସି ସମାନ୍ତରାଳ ଅଧିବେଶନ ମାନଙ୍କରେ ଭାଗନେବେ। 'ସାହିତ୍ୟୋତ୍ସବ-୨୬'ର ଏହି ବିଶାଳ ସମାରୋହରେ କଳା, ସଂସ୍କୃତି, ଭାଷା, ସିନେମା, ନାରୀ ଅସ୍ମିତା, ଲୋକସାହିତ୍ୟ, ଦଳିତ ସାହିତ୍ୟର ବିଭିନ୍ନ ଦିଗଗୁଡ଼ିକୁ ନେଇ ଆଲୋଚନା ହେବ। ସମ୍ବଲପୁରର କବି ଦୁର୍ଗାପ୍ରସାଦ ପଣ୍ଡା ଏହି ସମାରୋହରେ ଭାଗ ନେବାପାଇଁ ସାହିତ୍ୟ ଏକାଡେମୀ ଦ୍ୱାରା ନିମନ୍ତ୍ରିତ ହୋଇଛନ୍ତି। ଆସନ୍ତା ଏପ୍ରିଲ ୪ ତାରିଖରେ ହେବାକୁ ଥିବା ବହୁଭାଷୀ କବିତା ପାଠୋତ୍ସବରେ ସେ ନିଜର କବିତା ପାଠ କରିବେ ଏବଂ କବିତା ସମ୍ପର୍କିତ ମତ ରଖିବେ ବୋଲି ଜଣାପଡ଼ିଛି।

## ଭିସୁଟ୍‌କୁ ଓଡ଼ିଶାର 'ୟୁନିଭର୍ସାଲ୍ ହ୍ୟୁମାନ୍ ଭ୍ୟାଲୁ' ପାଇଁ ପ୍ରଥମ ସମ୍ଭାବ୍ୟ ନୋଡାଲ୍ ସେଣ୍ଟର ସମ୍ମାନ



**ସମ୍ବଲପୁର, ୨୯।୩ (ସମିସ):** ନୂଆଦିଲ୍ଲୀରେ ଅବସ୍ଥିତ ଏଆଇସିଟିଇ ମୁଖ୍ୟାଳୟରେ ଆୟୋଜିତ' ଭାଇସ୍ ଚାନ୍‌ସେଲର୍‌ସ କନ୍‌କ୍ଲେଭ୍-୨୦୨୬' ଅବସରରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍, ବୁର୍ଲାକୁ ଓଡ଼ିଶାରେ 'ୟୁନିଭର୍ସାଲ୍ ହ୍ୟୁମାନ୍ ଭ୍ୟାଲୁ (ୟୁଏଚ୍‌ଭି)' ପାଇଁ ପ୍ରଥମ ସମ୍ଭାବ୍ୟ ନୋଡାଲ୍ ସେଣ୍ଟର୍ ଭାବେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ଏଆଇସିଟିଇ ଅଧ୍ୟକ୍ଷ ପ୍ରଫେସର ଯୋଗେଶ ସିଂହଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଭିସୁଟ୍ ଏହି କ୍ଷେତ୍ରରେ ଏକ ମାଇଲଷ୍ଟୋନ୍ ସୃଷ୍ଟି କରିଛି, କାରଣ ବିଶ୍ୱବିଦ୍ୟାଳୟଟି ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ସମସ୍ତ ଇଞ୍ଜିନିୟରିଂ ଶାଖାରେ ୟୁଏଚ୍‌ଭି ପାଠ୍ୟକ୍ରମକୁ କ୍ରେଡିଟ୍ କୋର୍ସ ଭାବେ ସଫଳତାର ସହିତ କାର୍ଯ୍ୟକାରୀ କରିଛି। ଏହି ପାଠ୍ୟକ୍ରମର ପରିଣାମ ସ୍ୱରୂପ, ଭିସୁଟ୍ ଛାତ୍ରଛାତ୍ରୀମାନେ ଅଧିକ ଶିଷ୍ଟ, ନିୟମିତ ଓ ଦାୟିତ୍ୱବାନ୍ ହୋଇଯାଇଛନ୍ତି। ଏହାର ପ୍ରଭାବ ଶିକ୍ଷାତ୍ମକ ସଫଳତା ସହିତ ସାମାଜିକ କାର୍ଯ୍ୟରେ ମଧ୍ୟ ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଛି ଓ ସମଗ୍ର କ୍ୟାମ୍ପସରେ ସନ୍ତୁଳିତ ପରିବେଶ ଦେଖାଯାଉଛି। ଏହି ଅବସରରେ ପ୍ରଫେସର ଯୋଗେଶ ସିଂହ ଭିସୁଟ୍‌ର ସିଡିସିଇ ଡିନ୍ ଓ ୟୁଏଚ୍‌ଭି ନୋଡାଲ୍ ଅଫିସର୍ ପ୍ରଫେସର୍ ଗଣେଶ୍ୱର ନାଥଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର୍ ଅନିଲ ଡି. ସାହାସ୍ରବୁଦ୍ଧେ (ଚେୟାରମ୍ୟାନ୍, ଏନ୍‌ଇଟିଇ, ନାକ୍ ଓ ଏନ୍‌ବିଏ), ପ୍ରଫେସର୍ ବିନୟ ପାଠକ (ପ୍ରେସିଡେଣ୍ଟ, ଏଆଇୟୁ), ଡଃ ନୀତୁ ଭାଗତ (ନିର୍ଦ୍ଦେଶକ, ୟୁଏଚ୍‌ଭି ସେଲ୍‌ଫ, ଏଆଇସିଟିଇ), ରାଜୁଲ ଅସ୍ଥାନା (ଭାଇସ୍ ଚେୟାରମ୍ୟାନ୍, ଏନ୍‌ସି-ୟୁଏଚ୍‌ଭି) ଓ ପ୍ରଫେସର ଶ୍ୟାମା ରଥ (ମେମ୍ବର୍ ସେକ୍ରେଟାରୀ, ଏଆଇସିଟିଇ) ଉପସ୍ଥିତ ଥିଲେ। ଓଡ଼ିଶାର ପ୍ରଥମ ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ଭିସୁଟ୍ ଏହି ଗୌରବମୟ ସ୍ୱୀକୃତି ପାଇଛି, ଯାହା ଜାତୀୟ ଶିକ୍ଷା ନୀତି-୨୦୨୦ (ଏନ୍‌ଇପି-୨୦୨୦) ଅନୁଯାୟୀ ୟୁଏଚ୍‌ଭି ପାଠ୍ୟକ୍ରମର ସଫଳ କାର୍ଯ୍ୟକାରିତାର ପରିଣାମ। ଏହି କନ୍‌କ୍ଲେଭ୍‌ରେ ଆଲୋଚନା ଅନୁସାରେ, ଖୁବ୍ ଶୀଘ୍ର ଏଆଇସିଟିଇ ଭିସୁଟ୍‌କୁ ଅନ୍ୟ ଶିକ୍ଷାନୁଷ୍ଠାନ ମାନଙ୍କରେ ମଧ୍ୟ ଏହି ପାଠ୍ୟକ୍ରମକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ଦେବାକୁ ଯାଉଛି।

## ରାଜ୍ୟସ୍ତରୀୟ ସୁରଘୁଙ୍ଗୁର ମହୋତ୍ସବ ଉଦ୍‌ଯାପିତ

**ରେଢ଼ାଖୋଲ, ୨୯ ।୩ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର କଦମ୍ବ ପଡ଼ିଆସ୍ଥିତ ଭୀମଭୋଇ କଳା ମଣ୍ଡପରେ ଦୁଇ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ସୁର ଘୁଙ୍ଗୁର ମହୋତ୍ସବ ଉଦ୍‌ଯାପିତ ସମାରୋହ ଅନୁଷ୍ଠିତ ହୋଇଯାଇଛି।ସମ୍ମାନନୀୟ ଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ପ୍ରମୁଖ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।ମହୋତ୍ସବରେ ବିଭିନ୍ନ ପାରମ୍ପାରିକ ନୃତ୍ୟ ଦଳ ନୃତ୍ୟ କଳା ପ୍ରଦର୍ଶନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ।ଚଳଚ୍ଚିତ୍ର ଅଭିନେତା ରେଢ଼ାଖୋଲ ମାଟିର ଗର୍ବ ଡିସ୍କୋ ରେଣୁ ଓ ଅଭିନେତ୍ରୀ ଶିବାନୀ ପଣ୍ଡା ସମେତ ଗ୍ରୁପ୍ କୁଡ଼ି ନୃତ୍ୟ ମହୋନି ଫୋକ୍ ଏକାଡେମୀ ବରଗଡ଼, ଜିଆରଏମ ବାବା, ପ୍ରଣାମ ଅନୁଷ୍ଠାନ, ପୁଷ୍ପାରାଜ ଟ୍ରୁପ ସମେତ ଅନ୍ୟ କଳାକାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ମହୋତ୍ସବ ରେ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ମାନିତ କରାଯାଇଥିଲା ଯଥା ସୁରକ୍ଷା ବାହିନୀ ମୋହନ ସବର୍, କ୍ରୀଡା କ୍ଷେତ୍ରରେ ପ୍ରଦୀପ ପ୍ରଧାନ, କୃଷି କ୍ଷେତ୍ରରେ ବୈକୁଣ୍ଠ ପ୍ରଧାନ, ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ୱର୍ଗତ ବରିଷ୍ଠ ସାମ୍ବାଦିକ ରମାକାନ୍ତ ମହାନନ୍ଦ ଙ୍କ ପୁତ୍ର ସମ୍ଭବ ମହାନନ୍ଦଙ୍କୁ ସମ୍ବର୍ଦ୍ଧନା, ମେଧାବୀ ଛାତ୍ରୀ ସ୍ନେହାସ୍ନିଧା ସ୍ୱାଇଁ, ରାବଣପୋଡ଼ି ମହୋତ୍ସବ ଅନିଲ ପୃଷ୍ଟି ପ୍ରମୁଖ ସମେତ ଅନ୍ୟ ସୁନାମଧନ୍ୟ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।ରେଢ଼ାଖୋଲ ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସଭାପତି ସୁଶାନ୍ତ ନାଗ, ଉପସଭାପତି ରଶ୍ମି ରଞ୍ଜନ ଖଡ଼ିରତ୍ନ, ସମ୍ପାଦକ ରାଜେନ୍ଦ୍ର ବୈଠାରୁ, ସହସମ୍ପାଦକ ଗଜାନନ ଭେଷରା ପ୍ରମୁଖ ସମେତ ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## 'ଭାରତୀୟ ଜ୍ଞାନ ପରମ୍ପରା ଓ ଭକ୍ତି ସାହିତ୍ୟ' ଶୀର୍ଷକ ଅନ୍ତର୍ଜାତୀୟ ଆଲୋଚନାଚକ୍ର

**ସମ୍ବଲପୁର, ୨୯।୩ (ସମିସ)**

ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଓ ହିନ୍ଦୀ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ (ଆଇକ୍ୟୁଏସି)ର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ 'ଭାରତୀୟ ଜ୍ଞାନ ପରମ୍ପରା ଓ ଭକ୍ତି ସାହିତ୍ୟ' ଶୀର୍ଷକ ଆନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ ସାରଳା ଚେୟାରର ପ୍ରାକ୍ତନ ପ୍ରଫେସର ଉଦୟନାଥ ସାହୁ, ମୁଖ୍ୟବକ୍ତା ଭାବରେ ଆଇଆଇଏମ୍ ସମ୍ବଲପୁରର ପ୍ରଫେସର ସୁଜିତ ପୃଷେଠ ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ହିନ୍ଦୀ ପ୍ରାଧ୍ୟାପକ ପ୍ରଫେସର ଜୟନ୍ତ କରଶର୍ମା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ପୃଷେଠ ଓଡ଼ିଶା ମାଟିରେ ଯେଉଁ ସମନ୍ୱୟବାଦୀ ଧର୍ମଧାରା ଜନ୍ମ ନେଇଥିଲା ତାହା ଉଲ୍ଲେଖ କରିବା ସହିତ ପଶ୍ଚିମ ଓଡ଼ିଶାର ଯୋଗିନୀ ଲକ୍ଷ୍ମୀଂକରା ଏବଂ କନ୍ଧକବି ଯୁଗ ଦାସଙ୍କ ଭକ୍ତି ସାହିତ୍ୟ ପରମ୍ପରାକୁ ଅବଦାନ ଉଲ୍ଲେଖ କରିଥିଲେ। ଆନ୍ତର୍ଜାତୀୟ ସମ୍ମାନର ଆବାହକ ତଥା ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଅଖିଳ ବିଶ୍ୱାଳ ସମ୍ମାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଇକ୍ୟୁଏସି ନିର୍ଦ୍ଦେଶକ ତଥା ହିନ୍ଦୀ ବିଭାଗ ମୁଖ୍ୟ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସମ୍ମାନ ସଂରଚନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ପ୍ରଫେସର ରମେଶ ଚନ୍ଦ୍ର ମିର୍ଦ୍ଧା ଉଦ୍‌ଘାଟନୀ ଉତ୍ସବର ସଂଯୋଜନା ଏବଂ ସଂଗଠନ ସମ୍ପାଦକ ପ୍ରଫେସର ପ୍ରଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ସମ୍ମାନରେ କେରଳ କାଲିକଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଏ ଅଚ୍ୟୁତନ, କଲୋମ୍ବୋ କେଲେନିଆ ବିଶ୍ୱବିଦ୍ୟାଳୟର



ପ୍ରଫେସର ଆନନ୍ଦ ଆବେସୁନ୍ଦର ଓ ପ୍ରଫେସର ରତ୍ନାୟକ, ଝାଡଖଣ୍ଡର ପ୍ରଫେସର ଜୟନ୍ତ କଶ୍ୟପ, ରାଞ୍ଚି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଜଙ୍ଗବାହାଦୂର ପାଣ୍ଡେ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଗୋପୀନାଥ ବାଗ, ସୁରଜମଲ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମନୋଜ ପଣ୍ଡା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଶ୍ୟାମ ଭୋଇ, ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟର ଡ. ମୀନା ସୋନୀ, ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ପ୍ରମୁଖ ଆଲୋଚକ ଭାବେ ସମ୍ମାନରେ ଭାଗ ନେଇଥିଲେ। ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ହିନ୍ଦୀ ଓ ଓଡ଼ିଆ ଅଧ୍ୟାପକ ଅଧ୍ୟାପିକା, ଗବେଷକ, ଛାତ୍ରଛାତ୍ରୀମାନେ ସମ୍ମାନରେ ୮୫ଟି ଗବେଷଣା ପତ୍ର ଉପସ୍ଥାପନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷା ପ୍ରଫେସର ମେହେର ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମଭୋଇ ଚେୟାରର ପ୍ରାକ୍ତନ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଯୋଗଦାନ କରି ଜ୍ଞାନ ଓ ଭକ୍ତିର ସମନ୍ୱୟ ଓ ବିରୋଧାଭାସ ଉପରେ ଆଲୋକପାତ କରିଥିଲେ। ହିନ୍ଦୀ ଓ ଓଡ଼ିଆ ବିଭାଗର ଅତିଥି ଅଧ୍ୟାପିକା ରଞ୍ଜିତା ମାଝୀ, ହେମନ୍ତୀ ସାହୁ, ଲୁଚକାନ୍ତି ପ୍ରଧାନ, ନିକିତା ବହିଦାର, ଯୋଗେଶ୍ୱରୀ ରଣା ପ୍ରମୁଖ ସମ୍ମାନ ଆୟୋଜନରେ ସହଯୋଗ କରିଥିଲେ।

# ଡକାୟତି ଯୋଜନା ବେଳେ ୨ ଗିରଫ




**ବରଗଡ଼, ୨୯।୩(ସମିସ):** ବରଗଡ଼ ବରଡୋଲ ରୋଡରେ ଡକାୟତି ଯୋଜନା କରୁଥିବା ୨ ଜଣ ଯୁବକଙ୍କୁ ବରଗଡ଼ ଟାଉନ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ସତ୍ୟମ ଚୌଧୁରୀ ଓ ଟାଉନ ଥାନା ଅଧୀନ ୱାର୍ଡ ନମ୍ବର୍ ୧୬ର କିରଣ ନାଗ। ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନା ସୂତ୍ରରୁ ଖବର ପାଇ ଟାଉନ ଥାନାକୁ ଖବର ଦେଇଥିଲେ। ବରଗଡ଼ ଟାଉନ ଥାନା ଏସଆଇ ଆଲୋକ ମହାଲିକଙ୍କ ନେତୃତ୍ୱରେ ବରଗଡ଼ ବରଡୋଲ ରୋଡରେ ପାଟ୍ରୋଲିଂ କରାଯାଇଥିଲା। ଏହି ସମୟରେ ଦୁଇ ଜଣ ଯୁବକ ଡକାୟତି କରିବା ପାଇଁ ଯୋଜନା କରୁଥିବା ଅବସ୍ଥାରେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ଗିରଫ ସମୟରେ ସେମାନଙ୍କ ଠାରୁ ୨ଟି ମୋବାଇଲ, ଏକ ଲାଲରଙ୍ଗର ମହିନ୍ଦ୍ରା ସ୍କର୍ପିଓ (ଓଡି୦୮ ୦୦୦୯), ଏକ ବଡ ଖଣ୍ଡା ଓ ଛୁରୀ ଜବତ ହୋଇଛି। ସେମାନଙ୍କ ନାମରେ ଟାଉନ ଥାନାରେ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଟାଉନ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେର କହିଛନ୍ତି।

## ଟମାଟୋ ଅଭାବି ବିକ୍ରି

# ଶୀତଳଭଣ୍ଡାର ଅଭାବରେ କ୍ଷତି ସହୁଛି ଚାଷୀ

**ବରଗଡ଼, ୨୯।୩(ସମିସ)**



ବରଗଡ଼ ଜିଲ୍ଲା କେବଳ ଭାତହାଣ୍ଡି ନୁହେଁ ପନିପରିବା କ୍ଷେତ୍ରରେ ମଧ୍ୟ ରାଜ୍ୟର ପ୍ରଥମ ସ୍ଥାନ ଅଧିକାର କରିଛି। ସରକାର ଅଣ ଧାନ ଚାଷ କରି ରାଜ୍ୟର କୃଷି ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥାନ୍ତି। ହେଲେ ପନିପରିବା ଚାଷୀଙ୍କ ପାଇଁ ନାଁ ବଜାର ବ୍ୟବସ୍ଥା ଅଛି ନାଁ ସଂରକ୍ଷିତ ରଖିବାକୁ ଶୀତଳଭଣ୍ଡାର ଅଛି। ଏପରି କି ଫସଲ ନଷ୍ଟ ହେଲେ ଇନପୁଟ ସବସିଡି ବା ଇନ୍ସୁରାନ୍ସ ବ୍ୟବସ୍ଥା ନାହିଁ। ଏଣୁ ପରିବା ଚାଷ ବହୁତ କ୍ଷତିଜନକ। ଏଣୁ ଏଥିପ୍ରତି ଚାଷୀଙ୍କ ଆଗ୍ରହ ଥିଲେ ମଧ୍ୟ ସେମାନେ ନିରୁତ୍ସାହିତ ହେଉଛନ୍ତି। ଜିଲ୍ଲାରେ କେତେବେଳେ ପଶୁପକ୍ଷୀଙ୍କ ଦ୍ୱାରା ପନିପରିବା ନଷ୍ଟ ହେଉଥିବା ବେଳେ ଅନେକ ସମୟରେ ମଣିଷ ଶତ୍ରୁ ଭାବ ରଖି କଲରା ଗଛ ଉପାଡିବା, କୋବି ଫସଲରେ କୀଟନାଶକ ପକାଇ ମାରିଦେବା ଆଦି ଘଟଣାରେ କୃଷକ ନ୍ୟାୟ ନ ପାଇବାରୁ ଇଚ୍ଛାହୀନ ହୋଇଛନ୍ତି। ପନିପରିବା ବେଳେ ବେଳେ ମୂଲ୍ୟହ୍ରାସ କାରଣରୁ ଚାଷୀ ସଂଗ୍ରହ କରୁନାହାନ୍ତି ବା ଅମଳ ଚାଷ ଛାଡି ଦେଇଥାନ୍ତି। ଚଳିତ ବର୍ଷ ଅଣ ଜଳସେଚିତ ଅଞ୍ଚଳରେ ବ୍ୟାପକ ଟମାଟ ଚାଷ ହୋଇଥିଲା। ପ୍ରଥମେ ପ୍ରଥମେ ଠିକଠାକ ଚାଲୁଥିଲା। ଏବେ ସଂଗ୍ରହ ମୂଲ୍ୟ ନ ମିଳିବାରୁ ଚାଷୀ ଚାଷଜମି ଛାଡି ଦେଉଛନ୍ତି। ଗାଇସିଲଟ ବ୍ଲକର, ଗନିଆଁ ପାଲି, ମଲମୁଣ୍ଡା, ଚାଟିପାଲି, କେରମେଲୀ, ଜଡାଗଞ୍ଜା, ଯୁଗୀବନ୍ଧଲୀ, ତଲପାଲି, ଜାନକେଡା, ବୁରୋମୁଣ୍ଡା, ଗୌରନମୁଣ୍ଡା, ଅମ୍ବାଭାନା ବ୍ଲକର ବରା, ରୁଚିଦା, ନରଙ୍ଗାପୁର ଅଞ୍ଚଳରେ ବ୍ୟାପକ ଚାଷ ହୋଇଛି। ବଡଧରା ଗାଁର ରମେଶ ବେହେରା, ସୂର୍ଯ୍ୟକାନ୍ତ ବେହେରା ଚାଷ ଜମି ଛାଡି ଦେଇଛନ୍ତି। ଠିକ ସେହିପରି ଘେଁସ, ତିଳେଇମାଳର ରବି ଗରାୟା ଜମିଭାଗ ନେଇ ଚାଷ କରିଥିବା ତାଙ୍କର ୩୦ ଡିସିମିଲ ଟମାଟ କେରେଟ ୮୦ ଟଙ୍କାରୁ କମ ହେବାରୁ ଅମଳ କରିବା ଛାଡି ଦେଇଛନ୍ତି। ବର୍ତ୍ତମାନ ପନିପରିବା ଯୋଉ ଭଳି ଦାମ୍ ହୋଇଛି ସେଥିପାଇଁ ବରଗଡ଼ ଜିଲ୍ଲାର ପ୍ରତ୍ୟେକଟି ପଞ୍ଚାୟତରେ ଶୀତଳଭଣ୍ଡାର ନିର୍ମାଣ କରାଯାଉ ବୋଲି ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ସୌଖୀନ କଳାକାର ସଂଘ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ



**ବରଗଡ଼, ୨୯।୩(ସମିସ):** ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ସୌଖୀନ କଳାକାର ସଂଘ ପକ୍ଷରୁ ଉତ୍ସବ ପାଳିତ ହୋଇଛି। ଉତ୍ସବରେ ଉପସଭାପତି ଓଡ଼ିଶା ନାଟ୍ୟ ସଂଘ ପଶ୍ଚିମ ପ୍ରାନ୍ତର ପ୍ରଦୀପ ପଣ୍ଡା, ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡା, ସିନେ ଅଭିନେତ୍ରୀ ଡ. ତପସ୍ୱିନୀ ଗୁରୁ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ଉପସଭାପତି ତ୍ରିନାଥ ପ୍ରସାଦ ତ୍ରିପାଠୀ ସ୍ୱାଗତ କରିଥିଲେ।ସଂଘର ବରିଷ୍ଠ ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ଦାଶ, ସୁଶୀଲ ମହାପାତ୍ର ମଞ୍ଚାସୀନ ଥିଲେ। ନାଟ୍ୟକାର ରାଜେଶରାୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଂଘର ସମ୍ପାଦକ ଅନନ୍ତ ମଜୁମଦାର ଧନ୍ୟବାଦ୍ ଅର୍ପଣ କରିଥିଲେ। ସୌଖୀନ ସଙ୍ଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀ ଶୁଭମ୍ ମହାପାତ୍ର, ସୁଚିସ୍ମିତା ପାତ୍ର, ଆତ୍ରିକ ଦାଶ, ସ୍ନେହସ୍ରି ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସୌଖୀନ ନୃତ୍ୟ ଶିକ୍ଷା କେନ୍ଦ୍ରର ନୃତ୍ୟ ଗୁରୁ ଗୋପାଳ ଦାଶ ଓ ନେହେରୁ ସରାଫଙ୍କ ପ୍ରଶିକ୍ଷଣରେ ଛାତ୍ରୀ ବିଭିପ୍ସା ଦେହେରି, ତ୍ରସିକା ମିଶ୍ର, ଆରୁଶି ଅରଣ୍ୟ ତ୍ରିପାଠୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସୌଖୀନ କଳାକାର ସଂଘର କଳାକାର ମାନଙ୍କ ଦ୍ୱାରା ରାଜେଶ ରାୟଙ୍କ ଦ୍ୱାରା ରଚିତ ଓ ପୂର୍ଣ୍ଣଚନ୍ଦ୍ର ଦାଶ, ଅଶୋକ ବେହେରାଙ୍କ ନିର୍ଦ୍ଦେଶିତ ନାଟକ "ଉର୍ଦ୍ଧ୍ୱ" ପ୍ରଦର୍ଶନ କରାଯାଇଥିଲା। ନାଟକରେ ବିଭିନ୍ନ ଭୂମିକାରେ ପ୍ରଭାସ ରଞ୍ଜନ ମହଲା, ଅଶୋକ ବେହେରା, ତ୍ରିନାଥ ପ୍ରସାଦ ତ୍ରିପାଠୀ, ସଞ୍ଜୟ ପାଢ଼ୀ, କେତନ ବଗାର, ସ୍ୱରୂପ ପଟ୍ଟନାୟକ, ପ୍ରୟାସ ବିର୍ତିଆ, ମୋହିତ ଭୋଇ, ଅନନ୍ତ ମଜୁମଦାର ପୂର୍ଣ୍ଣଚନ୍ଦ୍ର ଦାସ, ଅଭିନୟ କରିଥିଲେ। ଗୋପାଳ ମିଶ୍ର, ପରିତୋଷ ବେହେରା ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଶୁଭମ୍ ମହାପାତ୍ର କଣ୍ଠଦାନ କରିଥିଲେ। ଆଲୋକ ସମ୍ପାତ, ସଞ୍ଜୟ ବେହେରା ସହଯୋଗ କରିଥିଲେ। ଶବ୍ଦ ଓ ଆଲୋକରେ ବାସନ୍ତୀ ଲାଇଟ୍ ଆଣ୍ଡ ସାଉଣ୍ଡ ସହଯୋଗ କରିଥିଲେ।

# ସନ୍ଥକବି ଭୀମଭୋଇ ମହିମା +୩ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

**ବରଗଡ଼, ୨୯।୩ (ସମିସ):** ସନ୍ଥକବି ଭୀମଭୋଇ ମହିମା +୩ ମହାବିଦ୍ୟାଳୟ ଚକରକେନ୍ଦରେ ସ୍ନାତକ ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ବିଦାୟସମ୍ବର୍ଦ୍ଧନା ସମାରୋହ ଅଧ୍ୟକ୍ଷ କାର୍ତ୍ତିକେୟ ସାଥୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ମୁଖ୍ୟ ଡି.ମୁରଲୀକ୍ରିଷ୍ଣା ଯୋଗ ଦେଇଥିଲେ। ନବଜ୍ୟୋତି ଉଚ୍ଚବିଦ୍ୟାଳୟ ଅଧ୍ୟକ୍ଷ ହୃଷିକେଶ ସାହୁ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସମନ୍ୱିତ ଅତିଥି ଭାବେ ସୋହେଲା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରେମଚାନ୍ଦ ଦୁଆନ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ସଭାପତି ସରୋଜ ଭୋଇ, ଉନ୍ନୟନ କମିଟିର ସଭାପତି ଯଦୁମଣି ଭୋଇ, ସମ୍ପାଦକ ସୁଶୀଲ ସାହୁ, ପୂର୍ବତନ ସମ୍ପାଦକ ରବିଶଙ୍କର ପଧାନ, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ, ପ୍ରଶାସକ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ, କପିଳାଶ ଭୁଏ, ସୁନୀଲ ବାରିକ, ପ୍ରକାଶ ଭୋଇ, କିଶୋର ଭୋଇ, ଶୁକମୁନି ସାଥୁଆ, ରାଜିନ ପଧାନ, ଅଶ୍ୱିନୀ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ଅଧ୍ୟାପିକା ଚିନ୍ମୟୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଖଗେଶ୍ୱର ଭୋଇ, ଅଙ୍କିତ ଦାଶ, ଦେବରାଜ ସାହୁ, ସୁଶୀଲ ବାରିକ, ରାଜଲକ୍ଷ୍ମୀ ବାରିକ, ଜୁବିଲି ପଧାନ, ମାନସୀ ଖମାରି ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଲୀଳାବତୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ହେମସାଗର ଭୋଇ ପଦ୍ମପୁର ନୂତନ ଉପଜିଲ୍ଲାପାଳ

**ବରଗଡ଼, ୨୯।୩(ସମିସ):** ପଦ୍ମପୁର ଉପଖଣ୍ଡକୁ ନୂତନ ଉପଜିଲ୍ଲାପାଳ ଭାବେ ହେମସାଗର ଭୋଇଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ଓଡ଼ିଶା ସରକାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ବିଜ୍ଞପ୍ତିରେ



ପ୍ରକାଶ ପାଇଛି। ପୂର୍ବ କାର୍ଯ୍ୟରତ ଉପଜିଲ୍ଲାପାଳ ସ୍ନେହା ଅରୁଗୁଲାଙ୍କୁ ପୁରୀ ଜିଲ୍ଲା ପରିଷଦରେ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଶ୍ରୀ ଭୋଇ ୨୦୧୧ ଓଏଏସ୍ ବ୍ୟାଚ ଅଧିକାରୀ। ସେ ଏହା ପୂର୍ବରୁ କୁଚିଣ୍ଡାରେ ଏସଡିଏମ ଓ ପ୍ରୋଜେକ୍ଟ ଆଡମିନିଷ୍ଟ୍ରେଟର ଆଇଟିଡିଏ ଥିଲେ। ତା ପୂର୍ବରୁ କଳାହାଣ୍ଡି ଜିଲ୍ଲା କଳମପୁରରେ ଓ ସୋନପୁର ଜିଲ୍ଲାର ଉଲୁଣ୍ଡାରେ ବିଡିଓ ଥିଲେ। ଝାରସୁଗୁଡ଼ା ଲଖନପୁରରେ ମଧ୍ୟ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ଶ୍ରୀ ଭୋଇ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ନିବାସୀ ଅଟନ୍ତି।

# ହାଇସିକ୍ୟୁରିଟି ନମ୍ବର ନଥିବା ବାଇକ୍ ଜବତ

**ବରଗଡ଼, ୨୯।୩(ସମିସ):** ବରଗଡ଼ ଟାଉନ ଥାନା ପାଟ୍ରୋଲିଂ କରୁଥିବା ସମୟରେ ହାଇ ସିକ୍ୟୁରିଟି ନମ୍ବର ନଥିବା ୩୧ ବାଇକ୍ ଓ ୭ଟି ମୋଡିଫାଏଡ୍ ସାଇଲେନ୍ସର ଲଗାଯାଇଥିବା ବାଇକ୍‌କୁ ପୁଲିସ ଜବତ୍ କରିଛି। ସହର ମଧ୍ୟରେ ଶବ୍ଦ ପ୍ରଦୂଷଣ ସୃଷ୍ଟିକାରୀଙ୍କୁ ଆଜି ପୁଲିସ ସାବାଡ଼ କରିଛି। ଟାଉନ୍ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେର ଓ ଷ୍ଟାଫ ମିଶି ଆଜି ଏହି ଚେକିଂ କାର୍ଯ୍ୟକ୍ରମ କରିଥିଲେ।

# ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ବିନୋଦ ବିହାରୀ ପରଲୋକ

**ପାଇକମାଳ, ୨୯।୩(ସମିସ):** ପାଇକମାଳ ବ୍ଲକ ଭେଙ୍ଗରାଜପୁର ପଞ୍ଚାୟତ ରସମୁଣ୍ଡା ଗାଁର ସମାଜସେବୀ ତଥା ପୂର୍ବତନ ବ୍ଲକ କଂଗ୍ରେସ କମିଟି ସଭାପତି ବିନୋଦ ବିହାରୀ ବିଶ୍ୱାଳ (୫୨)ଙ୍କ ଶନିବାର



ହୃଦଘାତରେ ପରଲୋକ ଘଟିଛି। ସେ ଜଣେ ଜଣାଶୁଣା ଟାଣୁଆ କଂଗ୍ରେସ ନେତା ଥିଲେ ତଥା ବ୍ଲକ କଂଗ୍ରେସ ସଭାପତି ମଧ୍ୟ ଥିଲେ। ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ବ୍ଲକ କଂଗ୍ରେସ ସଭାପତି ମହେନ୍ଦ୍ର ଖୁଣ୍ଟିଆ, ବିନୋଦ କାଳିଆ, ପ୍ରାଣବନ୍ଧୁ ଦାସ, କ୍ଷେତ୍ରୀ ଲୁହାର, ଅଶ୍ୱିନୀ ପଟେଲ, ଟଙ୍କଧର ସାହୁ, ବିଜୟାନନ୍ଦ ପଟ୍ଟନାୟକ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଭିଏସ୍ଏସ୍ ନଗରରେ ଚବିଶ ପ୍ରହର ନାମଯଜ୍ଞ

**ବରଗଡ଼, ୨୯।୩(ସମିସ):** ବରଗଡ଼ ଭିଏସଏସ୍ ନଗର ୱାର୍ଡ ୧୮ ଓ ୯ରେ ରାମନବମୀ ଅବସରରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଶୁକ୍ରୁ ସାହୁ ଓ ଧର୍ମପତ୍ନୀ ଉର୍ମିଳା ସାହୁ ବସିଥିବା ବେଳେ ମୁଖ୍ୟ ପୂଜକ ଭାବେ ପଣ୍ଡିତ କିଶୋର ଚନ୍ଦ୍ର ଦାଶ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଏଥିରେ ସଭାପତି ତ୍ରିନାଥ ଦୋରା, ସମ୍ପାଦକ ସନ୍ତୋଷ ଦାଶ, ବରିଷ୍ଠ କର୍ମକର୍ତ୍ତା ରବିନାରାୟଣ ପାଢ଼ୀ, ଅଶୋକ ସାହୁ, ଅର୍ଜୁନ ସାହୁ, ମନୋଜ ବେହେରା, ମହେନ୍ଦ୍ର ଦୋରା, ମଣ୍ଟୁ ସାହୁ, ଦେବ ସାହୁ, ମୀନା ସାହୁ, ବସୁ ସାହୁ, ନେପାଳ ସାହୁ, ଦିଲ୍ଲୀପ ସାହୁ, ଜେଠୁ ସାହୁ, କୃଷ୍ଣ ସାହୁ, ଦୀପକ ସାହୁ, ନାରାୟଣ ସାହୁଙ୍କ ସମେତ ରାମନବମୀ କମିଟିର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଗନ୍ଧମାର୍ଦ୍ଦନ ପର୍ବତରେ ନିଆଁ ଲିଭା ଆଲୋଚନାଚକ୍ର

**ପାଇକମାଳ, ୨୯।୩(ସମିସ):** ପାଇକମାଳ ବ୍ଲକ ନୃସିଂହନାଥ ମନ୍ଦିର ଆଇଓସିଏଲ ବଙ୍ଗଳା ଠାରେ ଓଡ଼ିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ବରଗଡ଼ ବନଖଣ୍ଡ ପକ୍ଷରୁ ଜଙ୍ଗଲ ନିଆଁ ଲିଭା ଉପରେ ଆଲୋଚନାଚକ୍ର ପାଇକମାଳ ରେଞ୍ଜର ହୃଦାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ଡିଏଫଓ ସରୋଜ ପଣ୍ଡା, ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ବଡ ଶତପଥୀ, ସମ୍ମାନିତ ଅତିଥି ଭାବେ ଏସିଏଫ ହରମୋହନ ରଥ, ନୃସିଂହନାଥ ଗନ୍ଧମାର୍ଦ୍ଦନ ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟା ଯୋଗ ଦେଇଥିଲେ। ଓମ୍ ପ୍ରକାଶ ହୋତା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆଲୋଚନାଚକ୍ରରେ ପାଇକମାଳ, ଝାରବନ୍ଧ ଓ ପଦ୍ମପୁର ବ୍ଲକର ରେଞ୍ଜର, ବନପାଳ, ବନ କର୍ମଚାରୀ, ସାମ୍ବାଦିକ, ସମାଜସେବୀ ତଥା ବୁଦ୍ଧିଜୀବୀ ମାନେ ଅଂଶଗ୍ରହଣ କରିଥିଲେ। ବରଗଡ଼ ଡିଏଫଓ ଶ୍ରୀ ପଣ୍ଡା ଗନ୍ଧମାର୍ଦ୍ଦନ ଜଙ୍ଗଲର ବହୁ ଉପାଦେୟ ଜଡିବୁଟି ସହ ମୂଲ୍ୟବାନ ଔଷଧୀୟ ବୃକ୍ଷଲତା ରହିଥିବା କହିଥିଲେ। ଜାଣତରେ ବା ଅଜାଣତରେ ଜଙ୍ଗଲରେ କେହି ନିଆ ଲଗାଇଲେ ଏହାର ନିର୍ବାପନ ପାଇଁ ସାଧାରଣ ଲୋକଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ, ବିଭୁତି ମୁଣ୍ଡ, ଭୁବନେଶ୍ୱର ପ୍ରଧାନ, ଧିରେନ ମହାନ୍ତିଙ୍କ ସହ ପଦ୍ମପୁର ରେଞ୍ଜର ପ୍ରକାଶ ହୋତା ଓ ଅନ୍ୟାନ୍ୟ ବନକର୍ମଚାରୀ, ଟେମରୀ ସରପଞ୍ଚ ଦିଲ୍ଲୀପ ବାବୁ, ଜନସାଧାରଣ, ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ରେଞ୍ଜର ହୃଦାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଆଇଆଇଟି, ଜେଏଏମ୍ ପରୀକ୍ଷାରେ ପଞ୍ଚାୟତ ମହାବିଦ୍ୟାଳୟର ସଫଳତା



**ବରଗଡ଼, ୨୯।୩(ସମିସ):** ବରଗଡ଼ ପଞ୍ଚାୟତ କଲେଜର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଆଇଆଇଟି, ଜେଏଏମ ୨୦୨୬ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ନକୁଳ ସେଠ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଡ.ସୁଶାନ୍ତ ପଧାନ ଏବଂ ସହକାରୀ ଅଧ୍ୟାପକ ଶଶୀଭୂଷଣ ସେଠଙ୍କ ଦ୍ୱାରା ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଅଧ୍ୟାପିକା ଶୁଭଶ୍ରୀ ବାରିକ ଆନୁଷ୍ଠାନିକ ପରିଚୟ ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀ ରେଶମା ଗର୍ତିଆ (ଏଆଇଆର୍-୩୪୭), ପାୟଲ ମେହେର (ଏଆଇଆର୍-୧୦୪୬), ଆକାଶ ହୋତା (ଏଆଇଆର-୪୧୬), ସାଇକଲ୍ୟାଣ ଦାଶ (ଏଆଇଆର୍-୮୧୬)ଙ୍କୁ ଅଧ୍ୟକ୍ଷ ଡ.ନକୁଳ ସେଠ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଡ.ସୁଶାନ୍ତ ପଧାନ ଏହା କେବଳ କଲେଜ ପାଇଁ ନୁହେଁ ବରଂ ସମଗ୍ର ବରଗଡ଼ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ। ଶୁଭଶ୍ରୀ ବାରିକ, ଲଳିତା ଧରୁଆ, ଆକାଶ ଭୋଇ, ଚନ୍ଦ୍ରଭାନୁ ସାହୁ, ଗୀତାଞ୍ଜଳି ମେହେର ପ୍ରମୁଖ ସମସ୍ତ ସହକାରୀ ଅଧ୍ୟାପକ ଅଧ୍ୟାପିକା ବୈଠକରେ ଉପସ୍ଥିତ ଥିଲେ। ସମସ୍ତେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ଶେଷରେ ସହକାରୀ ଅଧ୍ୟାପକ ସମୀର ସେଠଙ୍କ ଦ୍ୱାରା ଧନ୍ୟବାଦ ପ୍ରଦାନ କରିଥିଲେ।

# ଜୁନାନୀ ଗାଁରେ ହାତୀ ସୁରକ୍ଷା ସଚେତନତା ଅଭିଯାନ

**ଭଟଲି, ୨୯।୩(ସମିସ):** ଜୈବ ବିବିଧତାର ସଂରକ୍ଷଣ ନିମିତ୍ତ ହାତୀ ପରି ଜୀବର ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ। ଏହି ମର୍ମରେ ଭୁବନେଶ୍ୱର ସ୍ଥିତ ପରିବେଶ ଶିକ୍ଷଣ କେନ୍ଦ୍ର ଓ ଗୋପାଳପୁର ଆଶ୍ରମ ସ୍କୁଲ ଭଟଲିର ଇକୋ କ୍ଲବ୍ ଆନୁକୂଲ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜୁନାନୀ ଗାଁରେ ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଉଚ୍ଛବ ଭୁଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବନ୍ୟ ପ୍ରାଣୀ ବିଭାଗର ସହକାରୀ ବନ ସଂରକ୍ଷକ ଦିଲ୍ଲୀପ ଧଳ, ମୁଖ୍ୟ ବକ୍ତା ଭାବେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀ, ସମ୍ମାନିତ ଅତିଥି ଭାବେ ପ୍ରକୃତି ବନ୍ଧୁ ଶୋଭାରାମ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦ୍ରୁପଦ ପାତ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ସ୍ମୃତିସନ୍ତକ ସ୍ୱରୂପ ଗ୍ରାମବାସୀଙ୍କୁ ଚାରାପ୍ରଦାନ କରାଯାଇଥିଲା। ସମସ୍ତ ଗ୍ରାମବାସୀ ଓ ପ୍ରକୃତୀ ପ୍ରେମୀ ବିଦ୍ୟୁତ ତାରକୁ ସୁରକ୍ଷିତ କରି ବନ୍ୟପ୍ରାଣୀଙ୍କ ଯେପରି କ୍ଷତି ନ ହୁଏ ସେଥିପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ହାତୀ ପରି ବନ୍ୟପ୍ରାଣୀ ସହ ସଂଘର୍ଷ ନ କରି ବନ୍ୟଜୀବର ସୁରକ୍ଷା କରିବା ପ୍ରତ୍ୟେକ ନାଗରିକର ନୈତିକ କର୍ତ୍ତବ୍ୟ ଓ ବନ୍ୟପ୍ରାଣୀଙ୍କ ଦ୍ୱାରା କ୍ଷୟକ୍ଷତି ହେଲେ ଅନୁକମ୍ପା ଆପ୍ ମାଧ୍ୟମରେ କିପରି ସହାୟତା ପାଇବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବନରକ୍ଷୀ ସଞ୍ଜୀବ ଭୁଏଙ୍କ ସମେତ ଜୁନାନୀ ଗ୍ରାମବାସୀ ଓ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ। ଶିକ୍ଷକ ରୋହିତ ଭୁଏ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଅଭିମନ୍ୟୁ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନ୍ଧ୍ୟବାସିନୀ ପୀଠ ଓ ଗୁର୍ଖାପାଲିରେ ପାନୀୟ ଜଳପ୍ରକଳ୍ପ ଉଦ୍‌ଘାଟିତ




**ଥୁଆପାଲି, ୨୯।୩(ସମିସ):** ଭେଡେନ ବ୍ଲକ ଲାୟନ୍ସ କ୍ଲବ୍ ଝରାପାଲି ମାର୍କେଟ, ଥୁଆପାଲି ପକ୍ଷରୁ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢ଼ିବାରେ ଲାଗିଛି। ପାନୀୟଜଳର ସମସ୍ୟା ଦୂରକରି ପାଇଁ ଜନସାଧାରଣଙ୍କ ସୁବିଧା ନିମନ୍ତେ ଭେଡେନ ବ୍ଲକ ସଙ୍କ୍ରିଡା ପଞ୍ଚାୟତର ମାଁ ବିନ୍ଧ୍ୟବାସିନୀ ପୀଠର ପାଦଦେଶରେ ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କ ପାଇଁ ଓ ଅତାବିରା ବ୍ଲକ ଗୁରଖାପାଲି ଗାଁ ଠାରେ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଲାୟନ୍ସ କ୍ଲବ୍‌ର ସଭାପତି ଅକ୍ଷୟ ପଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସେକେଣ୍ଡ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଚରନଜିତ କୌର, ସମ୍ମାନିତ ଅତିଥି ଭାବେ କୁଶମିତ ହୁରା ଓ ମନୋଜ ଶର୍ମା ଯୋଗ ଦେଇଥିଲେ। ଏହି ସମୟରେ ଝରାପାଲି ମାର୍କେଟ ଥୁଆପାଲି ଲାୟନ୍ସ କ୍ଲବ୍‌ର ଶୁଶିଲ ଗୁପ୍ତା, ସନ୍ତୋଷ ପ୍ରଧାନ, କୁଶ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ଶିଶିର ଭୋଇ, ଓମ୍ ବାଗ, ସୁନୀଲ ସିଂ, ମୋତିଆଲା ଭେଙ୍କଟ, ସୂର୍ଯ୍ୟ ପଣ୍ଡା ଓ ଗୁଣ୍ଡା ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶଙ୍କରଲାଲ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ଆପ୍ରାଇଜ୍ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନ୍ସରେ ଜନଜାତି ପ୍ରଶିକ୍ଷଣ ଶିବିର

**ବରଗଡ଼, ୨୯।୩ (ସମିସ):** ବରଗଡ଼ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆପ୍ରାଇଜ୍ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନ୍ସରେ ଜନଜାତି ସମ୍ପର୍କିତ ଫଟୋଚିତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟ ପ୍ରଶିକ୍ଷକ ଅଶ୍ୱିନୀ ନାଏକ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଓଡ଼ିଶାର କଳା ଓ ସଂସ୍କୃତି ବିଷୟରେ ବିଭିନ୍ନ ଜନଜାତି ସମ୍ପର୍କିତ ଫୋଟୋଚିତ୍ର ଅଙ୍କନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଆପ୍ରାଇଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିଶିଥରଞ୍ଜନ ମହାନ୍ତି ଛାତ୍ରଛାତ୍ରୀଙ୍କୁ ଆଦିବାସୀ ଜନଜାତି ଲୋକ ମାନଙ୍କର ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଆପ୍ରାଇଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପାଧ୍ୟକ୍ଷ ଭୀଷ୍ମଦେବ ଦାଶ ଆଦିବାସୀ ଜନଜାତି କଳା ଓ ସଂସ୍କୃତି ବିଷୟରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଫିସ ମୁଖ୍ୟ, ଅର୍ଥ ବିଭାଗର ମୁଖ୍ୟ ଚିତ୍ତରଞ୍ଜନ ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଧିକାରୀ ଡ.ମୁକୁନ୍ଦ ଦାଶ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ଓଡ଼ିଶାର ବିଲୁପ୍ତ କଳା ଓ ସଂସ୍କୃତି ବିଷୟରେ ଅବଗତ କରିଥିଲେ। ଏଥିରେ ସମସ୍ତ ଅଧ୍ୟାପକ ଏବଂ ଅଣଶିକ୍ଷକ କର୍ମଚାରୀ ମାନେ ମଧ୍ୟ ଯୋଗ ଦେଇଥିଲେ।

# ସାହିତିକ୍ୟ, ନାଟ୍ୟକାର ସୁଶାନ୍ତ ମିଶ୍ରଙ୍କୁ ସିରଜିନା ସମ୍ମାନ



**ପଦ୍ମପୁର, ୨୯।୩(ସମିସ):** ଚଳିତ ବର୍ଷ ନାଟ୍ୟକାର ସୁଶାନ୍ତ ମିଶ୍ରଙ୍କୁ ସିରଜିନା ସମ୍ମାନରେ ସମ୍ମାନିତ କରାଯିବ ବୋଲି ରବିବାର ପଦ୍ମପୁର ଠାରେ ଅନୁଷ୍ଠିତ ସାହିତ୍ୟ ଓସାଂସୃତିକ ଅନୁଷ୍ଠାନ ସିରଜିନାର ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ପ୍ରତିବର୍ଷ ପରି ଏହିବର୍ଷ ମଧ୍ୟ ୨୦ଜଣଙ୍କୁ ସମ୍ମାନିତ କରାଯିବ। କବିତା ପାଇଁ ଗୁଣ ସାଗର ସାହୁ, ଗଳ୍ପ ସମ୍ମାନ ନରେନ୍ଦ୍ର ମହାନ୍ତି, ପ୍ରବନ୍ଧ୍ ପାଇଁ ପ୍ରଫୁଲ୍ଲ ପାଣିଗ୍ରାହୀ, ଅଭିନୟ ସମ୍ମାନ ସୁବ୍ରତ ପଟ୍ଟନାୟକ ଓ ମାନସରଞ୍ଜନ ସାହୁ, ନୂଆ ମୁହଁ ସମ୍ମାନ ସଦାନନ୍ଦ ମେହେର, ସାହିତ୍ୟ ସେବା ସମ୍ମାନ ଗୌରାଙ୍ଗ ପାଣ୍ଡେ ଓ ଶ୍ରେଷ୍ଠ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଦହନା ସାହିତ୍ୟ ଅନୁଷ୍ଠାନ କଁଟାପାଲି ବରଗଡ଼କୁ ଦିଆଯିବ। ଏହାଛଡା ଶିବ ସୁନା, ଶୁଭମ୍ ଘିବେଲା, ବଟକୃଷ୍ଣ ସାହୁ, ଝସକେତନ ମେହେର ଓ ଦହିତା ରାମଲୀଳା ଅନୁଷ୍ଠାନକୁ ମଧ୍ୟ ସମ୍ମାନିତ କରାଯିବା ପାଇଁ ପ୍ରସ୍ତାବ ହୋଇଥିଲା। ବୈଠକରେ ସଭାପତି ଆଦିତ୍ୟ ରଥ କାର୍ଯ୍ୟକାରୀ ସଭାପତି ଭୋଜରାଜ ବୁଡେକ୍, ଉପସଭାପତି ଆନନ୍ଦ ବେହେରା ଓ ଜୟ ସାହୁ, ସମ୍ପାଦକ ରାଜେନ୍ଦ୍ର ମହାନ୍ତି, ସଂଯୋଜକ ଦେବେନ୍ଦ୍ର ତ୍ରିପାଠୀ, ସନ୍ତୋଷ ଶତପଥୀ, ସନାତନ ବାରିକ, କିଶୋର ପାତ୍ର ଓ ଭଉଣୀ ମାନେ ଯୋଗ ଦେଇଥିଲେ। ଶେଷରେଆନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଖଜୁରିଆରେ ବାରପାହାଡ଼ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଅମ୍ବାଭୋନା, ୨୯।୩(ସମିସ)**

ଅମ୍ବାଭୋନା ବ୍ଲକ ଅଧୀନ ଲଖନପୁର ବନ୍ୟ ପ୍ରାଣୀ ବନାଞ୍ଚଳ ପକ୍ଷରୁ ଖଜୁରିଆ ଗାଁରେ 'ନିଆଁ ଶୂନ୍ୟ ଆମ ଡେବ୍ରିଗଡ଼' ସଚେତନତା ଅଭିଯାନ ଉଦ୍ଦେଶ୍ୟରେ ବାରପାହାଡ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟକୁ ବରଗଡ଼ ହୀରାକୁଦ ବନ୍ୟ ପ୍ରାଣୀ ବିଭାଗର ସହକାରୀ ବନସଂରକ୍ଷକ ଓ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଦିଲ୍ଲୀପ ଧଳ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲଖନପୁର ଫରେଷ୍ଟର ସଞ୍ଜୀବ ପଣ୍ଡା, ଖଜୁରିଆ ଫରେଷ୍ଟର ଭୁବନେଶ୍ୱର ମୁଦଲି, ଲଖନପୁର ଫରେଷ୍ଟର ବିକାଶ ସାହୁ ଓ ଫରେଷ୍ଟ ଗାର୍ଡ ସତ୍ୟ ଭାମାରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଖୋଲା ଦଳ ଓ ଖଜୁରିଆ ଦଳ ମଧ୍ୟରେ ଖେଳ ହୋଇଥିଲା। ଖେଳ ପରିଚାଳନାରେ ନାରାୟଣ ଡନସନା, ନଦିଆ ପଧାନ, ଶିବ ଡନସନା, ବିକାଶ ପଧାନ ଓରୋବିନ ପୋଢ଼ ଦାୟିତ୍ୱରେ ରହିଥିବା ବେଳେ ଧାରାବିବରଣୀ ଦାୟିତ୍ୱରେ ଶିବ ଡନସନା ପାଳନ କରୁଥିଲେ। ଟୁର୍ଣ୍ଣାମେଣ୍ଟରେ ଦ୍ୱାରୀ, ତିଲାଇମାଲ, ଲଟିଦା, ସମ୍ବରଦରହା, ଖଜୁରିଆ, ଖୋଲା ଓ ବରଗଡ଼ ସହିତ ବିଭିନ୍ନ ଦଳ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ବନ ସୁରକ୍ଷା ସଚେତନତା ସହ ଡେବ୍ରିଗଡ଼ ଅଭୟାରଣ୍ୟରେ ନିଆଁ ଲିଭା ଅଭିଯାନ ନେଇ କ୍ରୀଡାକୁ ଉତ୍ସାହିତ କରିବା ପାଇଁ ଏହି ପ୍ରୟାସକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

## ପ୍ଲାଷ୍ଟିକମୁକ୍ତ ହେବ ପର୍ଯ୍ୟଟନସ୍ଥଳୀ

# ବାୟାଣୀ ପୀଠରୁ ଆବର୍ଜନା ସଂଗ୍ରହ ଆରମ୍ଭ

ଅନୁଗୋଳ,୨୯।୩ (ସମିସ)

ପ୍ଲାଷ୍ଟିକଜନିତ ପ୍ରଦୂଷଣ କେବଳ ସହର ବଜାରରେ ସୀମିତ ହୋଇ ରହିନାହିଁ। ସାମ୍ପ୍ରତିକ ସମୟରେ ପର୍ଯ୍ୟଟନସ୍ଥଳୀଗୁଡ଼ିକ ମଧ୍ୟ ପ୍ଲାଷ୍ଟିକ ଆବର୍ଜନାରେ ପ୍ରଦୂଷିତ ହେବା ସହ ଉକ୍ତ ପର୍ଯ୍ୟଟନସ୍ଥଳୀଗୁଡ଼ିକର ସୌନ୍ଦର୍ଯ୍ୟହାନୀ ହେଉଛି। ଛେଣ୍ଡିପଦା ବ୍ଲକ୍ ପାତ୍ରପଡ଼ାର ଲୋକାଭିମୁଖୀ ପର୍ଯ୍ୟଟନସ୍ଥଳୀ ମା' ବାୟାଣୀ ପୀଠକୁ ପ୍ଲାଷ୍ଟିକମୁକ୍ତ କରିବା ଉଦ୍ଦେଶ୍ୟରେ ଅନୁଗୋଳର ସାମାଜିକ ଅନୁଷ୍ଠାନ 'ସାଥୀ ପରିବାର' ଏବଂ ଛେଣ୍ଡିପଦା ବ୍ଲକ୍‌ର ସାମାଜିକ ଅନୁଷ୍ଠାନ 'ଜାଗୃତି ପରିବାର'ର ମିଳିତ ଉଦ୍ୟମରେ 'ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଦୁଇ ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ସକାଳ ୮ ଟାରୁ ୧୧ ଟା ପର୍ଯ୍ୟନ୍ତ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇଥିଲା। ମାଆ ବାୟାଣୀଙ୍କ ମନ୍ଦିର ଚତୁଃପାଶ୍ୱର୍, ରାସ୍ତା ପାଶ୍ୱର୍, ନାଳ ପାଶ୍ୱର୍ ଓ ଜଳପ୍ରପାତ ଚାରିପାଖରୁ ୧ କୁଇଣ୍ଟାଲରୁ ଅଧିକ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇ




ପୁନଃଚକ୍ରଣ ପାଇଁ ନିକଟସ୍ଥ କବାଡ଼ି କେନ୍ଦ୍ରରେ ଜମା କରାଯାଇଥିଲା। ଏଥିସହ ପରିଭ୍ରମଣରେ ଆସିଥିବା ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନ ସମ୍ପର୍କରେ ସଚେତନ କରାଯାଇଥିଲା। ଜାଗୃତି ପରିବାରର ଅଜିତ୍ କୁମାର ସାହୁ, ସୌଭାଗ୍ୟ ରଞ୍ଜନ ସାହୁ, ଚଗଲା ସାହୁ, ଟିକେଇ ସାହୁ, ତ୍ରିଲୋଚନ ସାହୁ, ମଦନ ମୋହନ ସାହୁ, ଅନୀଲ କୁମାର ସାହୁ, ପୀତବାସ ସାହୁ, ଟିଟୁନ ସାହୁ, ସିକୁନ ଦେହୁରୀ, ସୌଭାଗ୍ୟ ସାହୁ, ଲିକୁନ ସାହୁ, ବିନୋଦ କୁମାର ସାହୁ, ଗଙ୍ଗାଧର ସାହୁ, ମୋହନ ଚରଣ ସାହୁ, ଭଜମନ ସାହୁ, ଟୁକୁନା ସାହୁ ଏବଂ ସାଥୀ ପରିବାର ତରଫରୁ ସଭାପତି ସିଦ୍ଧାର୍ଥ ପ୍ରଧାନ, ଗୁରୁଦେବ ସାହୁ, ପପୁନ ସାହୁ, ମହାପ୍ରସାଦ ନନ୍ଦ ଏବଂ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପରେ ଏକ ବୈଠକ ଆୟୋଜନ କରାଯାଇ ମାଆ ବାୟାଣୀ ପୀଠକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଏକ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବାକୁ ଉଭୟ ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା।

# କାଳବୈଶାଖୀରେ ଗଛ ପଡ଼ି ଘର ଭାଙ୍ଗିଲା



କଣିହାଁ,୨୯।୩(ସମିସ): କଣିହାଁ ବ୍ଲକ୍ ସମଲବ୍ୟାରେଜର କଲୋନୀରେ କାଳବୈଶାଖୀର ପ୍ରଭାବରେ ଏକ ବଡ଼ କଦମ୍ବ ଗଛ ଭାଙ୍ଗି କ୍ୱାର୍ଟର ଉପରେ ପଡ଼ିବାରୁ କ୍ୱାର୍ଟରଟି ଅଧା ଭାଙ୍ଗି ଯାଇଛି। କିନ୍ତୁ ତା ମଧ୍ୟରେ ଥିବା ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ବ୍ୟାରେଜ କର୍ତ୍ତୃପକ୍ଷଙ୍କ ବେପରୁଆ ନୀତି ଯୋଗୁଁ କଲୋନୀର କ୍ୱାର୍ଟର ଗୁଡ଼ିକ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ ହେଉଛି। ସମଲ ବ୍ୟାରେଜ କର୍ମଚାରୀ ଦୁର୍ଗା ଚରଣ ସୋରେନ ଙ୍କ ଘର ଉପରେ ଏହି ଗଛ ମାଡି ବସିଛି। ପାଖରେ ଥିବା ପାନଦୋକାନ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଛି। କଣିହାଁ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ଲୋକ ମାନଙ୍କୁଉଦ୍ଧାର କରିଥିଲେ।

# ୩୧ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଆଠମଲ୍ଲିକ ଗସ୍ତ

କିଶୋରନଗର,୨୯।୩(ସମିସ): ଆସନ୍ତା ୩୧ ତାରିଖରେ ଆଠମଲ୍ଲିକ ଗସ୍ତରେ ଆସୁଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେଠାରେ ଶ୍ରୀ ପ୍ରଧାନ ୨୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରକଳ୍ପ। ଏ ନେଇ ଗତକାଲି ପୂର୍ତ୍ତ ଡାକବଙ୍ଗଳାଠାରେ ବୋଉ ଜେଫ ତରଫରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ୍ତ ଗଡ଼ନାୟକ, ଆଠମଲ୍ଲିକ

## ଶିଳାନ୍ୟାସ କରିବେ ୨୦୦ କୋଟିର ପ୍ରକଳ୍ପ

ଏନ୍ଏସି ପ୍ରତିନିଧି ସନ୍ତୋଷ ହୋତା, ଆଠମଲ୍ଲିକ ବ୍ଲକ୍ ପ୍ରତିନିଧି ପ୍ରକାଶ ସାହୁ, କିଶୋରନଗର ପ୍ରତିନିଧି ସରୋଜ ସାହୁ, ପରେଶ ଚନ୍ଦ୍ର ଦେଓ, ଓମ୍ ପ୍ରକାଶ ସାହୁ, ମନୋଜ ପ୍ରଧାନ, ପିନା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପୂର୍ବାହ୍ନରେ ଆଠମଲ୍ଲିକକୁ ଆସି ୧୮୩,୮୫ କୋଟିର ୬୨ଟି ପ୍ରକଳ୍ପର ଶିଳାନ୍ୟାସ ଓ ୨୦.୪୭ କୋଟି ଟଙ୍କାର ୨୯ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବେ। ଏଥି ସହିତ କିଶୋରନଗର ବରପଡ଼ିଆରେ ୧୬.୪୧ କୋଟି ଟଙ୍କାରେ ଇନ୍‌ଡୋର ଷ୍ଟାଡିୟମ ଓ ଇନଡୋର ହଲ୍ ଓ ଆଠମଲ୍ଲିକରେ ୯.୨୮ କୋଟିରେ ଷ୍ଟାଡିୟମ ନିର୍ମାଣର ଶିଳାନ୍ୟାସ କରାଯିବା କାର୍ଯ୍ୟକ୍ରମ ରହିଛି। ଏଥିସହ ଶ୍ରୀରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି।

# ନାବାଳିକା ଉଦ୍ଧାର; ଅଭିଯୁକ୍ତ କୋର୍ଟ ଚାଲାଣ

ବଣ୍ଟାଁରପାଳ,୨୯।୩(ସମିସ): ବଣ୍ଟାଁରପାଳ ଥାନା ନୂଆହତା ଗ୍ରାମରେ ରହୁଥିବା ଜଣେ ନାବାଳିକାକୁ ତାଳଚେର ମୁସଲିମ୍ ବସ୍ତିର ଜଣେ ଯୁବକ ଗତ ୫ ଦିନ ହେଲା ଅପହରଣ କରି କଟକରେ ରଖିଥିଲା। ନାବାଳିକାର ପରିବାର ଏ ନେଇ ବଣ୍ଟାଁରପାଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ତାଳଚେରର ଆମଜାଦ ଖାଁଙ୍କ ପୁଅ ଅରମାନ ଖାଁ ତାଙ୍କ ଝିଅକୁ ଅପହରଣ କରି ନେଇଛି। ପୁଲିସ ଅଭିଯୋଗ ପାଇ କଟକରୁ ଉଭୟ ପୁଅ ଓ ଝିଅଙ୍କୁ ଉଦ୍ଧାର କରିଥିଲେ। ଝିଅ ନାବାଳିକା ହୋଇଥିବାରୁ ଛାଡ଼ି ଦିଆଯାଇଥିଲା। ଅରମାନ ଖାଁଙ୍କୁ ଗିରଫ କରାଯାଇ ପୋକ୍ସୋ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି।

# ବଚପନ ପ୍ଲେ' ସ୍କୁଲର ବାର୍ଷିକ ଉତ୍ସବ

ବଣ୍ଟାଁରପାଳ,୨୯।୩(ସମିସ): ବଣ୍ଟାଁରପାଳ ବ୍ଲକ୍ ବୁଢ଼ାପଙ୍କ ପଞ୍ଚାୟତଠାରେ ଥିବା ବଚପନ ପ୍ଲେ' ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ତାଳଚେର ବିଡିଓ ସୁଶାନ୍ତ ବରାଳ ଯୋଗ ଦେଇ ଅନ୍ୟ ସମ୍ମାନିତ ଅତିଥିଙ୍କ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସେ କହିଥିଲେ ଯେ, ବଣ୍ଟାଁରପାଳଠାରେ ବଚପନ ପ୍ଲେ' ସ୍କୁଲ ଭଳି ଏକ ଜାତୀୟସ୍ତରୀୟ ସ୍କୁଲ ଖୋଲାଯାଇଛି। ଏହାଦ୍ୱାରା ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସହ ନାଚ ଖେଳକୁଦ ମାଧ୍ୟମରେ ଶିକ୍ଷାଦାନ କରାଯାଇପାରିବ। ତେଣୁ ସ୍କୁଲ ସ୍ୱତ୍ତ୍ୱାଧିକାରୀ ସାମଲ



ପରିବାର ଓ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ପ୍ରିନ୍ସିପାଲଙ୍କୁ ଧନ୍ୟବାଦ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଟଙ୍କଧର ସାମଲ, ଅଖିଳ କୁମାର ମହାପାତ୍ର ଓ ବୁଢ଼ାପଙ୍କ ପୂର୍ବତନ ସରପଞ୍ଚ ଉଚ୍ଛବ ଦେହୁରୀ ଯୋଗ ଦେଇଥିଲେ। ସ୍କୁଲ ନିର୍ଦ୍ଦେଶକ ସୁଜିତ କୁମାର ସାମଲ, ଅଜିତ କୁମାର ସାମଲ, ସୁବାସିନ ସାମଲ, ସ୍ୱପ୍ନାରାଣୀ ସାମଲ, ସସ୍ମିତା ସାମଲ ଉତ୍ସବରେ ଉପସ୍ଥିତ ଥିଲେ। ସ୍କୁଲ ପ୍ରିନ୍ସିପାଲ ଗୋବିନ୍ଦ ରାଓ ମଞ୍ଚ ପରିଚାଳନା କରିବା ସହ ପରିଚୟ ପ୍ରଦାନ କରିଥିଲେ। କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

# ଅନୁଗୋଳ କଲେଜରେ ରମଣ ପରୀକ୍ଷଣ ପଦ୍ଧତି ଆଲୋଚନାଚକ୍ର

ଅନୁଗୋଳ,୨୯।୩(ସମିସ): ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳର ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଆଜି ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ରମଣ ପରୀକ୍ଷଣ ପଦ୍ଧତି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଏକ ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଆଲୋଚନାଚକ୍ରର ଉପଦେଷ୍ଟା ଏବଂ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର(ଡକ୍ଟର) ବସନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନିମନ୍ତ୍ରିତ ମୁଖ୍ୟ ବକ୍ତା କିଟ୍ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପକ ଡକ୍ଟର ଗୋପାଳକୃଷ୍ଣ ପ୍ରଧାନଙ୍କୁ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଏହି ଅବସରରେ ପଦାର୍ଥ ବିଜ୍ଞାନ ବିଭାଗର ପ୍ରତିଭା ଉନ୍ମେଷି ଛାତ୍ରଛାତ୍ରୀଙ୍କୁ ପଦାର୍ଥ ବିଜ୍ଞାନର ସୁଦୂର ପ୍ରସାରୀ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିବା ସହିତ ମାର୍ଗ ଦର୍ଶନ କରିଥିଲେ। ଆଲୋଚନାଚକ୍ରର ଆବାହକ ସହକାରୀ ପ୍ରାଧ୍ୟାପକ (ଡକ୍ଟର) ସୁଶାନ୍ତ କୁମାର ସାହୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହିତ ନିମନ୍ତ୍ରିତ ମୁଖ୍ୟ ବକ୍ତାଙ୍କ ଉପକ୍ରମ ପରିଚୟ



ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡକ୍ଟର ଗୋପାଳକୃଷ୍ଣ ପ୍ରଧାନ "ଦ୍ୱିବିମୀୟ ପଦାର୍ଥ ରମଣ ପରୀକ୍ଷଣ ପଦ୍ଧତିର ସାମର୍ଥ୍ୟ ଏବଂ ସମ୍ଭାବନା' ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ସମସ୍ତ ପ୍ରାଧ୍ୟାପକ ଓ ଛାତ୍ରଛାତ୍ରୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସହକାରୀ ପ୍ରାଧ୍ୟାପକ (ଡକ୍ଟର) ସତ୍ୟ ନାରାୟଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପିକା (ଡକ୍ଟର) ଶ୍ରୀଦେବୀ ସ୍ୱାଇଁ, ସହକାରୀ ପ୍ରାଧ୍ୟାପକ (ଡକ୍ଟର) ଅନୀଲ କୁମାର ବେହେରା, ଅଧ୍ୟାପିକା ଡକ୍ଟର ବିଜୟିନୀ ମହାପାତ୍ର ଓ ଅଧ୍ୟାପକ ଡକ୍ଟର ରଞ୍ଜନ କୁମାର ଭୂୟାଁ ଆଲୋଚନାଚକ୍ର ପରିଚାଳନା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ବିଦ୍ୟାଭୂଷଣ ଗବେଷକ ସନ୍ତୋଷ କୁମାର ବାରିକ ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ।

# ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

କଣିହାଁ,୨୯।୩(ସମିସ): ଅନୁଗୋଳ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ରେଙ୍ଗାଳି ପ୍ରକଳ୍ପ ହାଇସ୍କୁଲ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ରାଜ୍ୟ ସରକାର ଶ୍ରମିକମାନଙ୍କ ଉନ୍ନତି ପାଇଁ କରିଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ଏହାର ସୁଫଳ କିପରି ଶ୍ରମିକମାନେ ନେଇପାରିବେ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦେଇ ଶ୍ରମିକଙ୍କ ସାମଗ୍ରିକ ବିକାଶ ପାଇଁ ରାଜ୍ୟର ବିଜେପି ସରକାର ମୃତ୍ୟୁକାଳୀନ ସହାୟତାଠାରୁ ଆରମ୍ଭ କରି କନ୍ୟା ବିବାହ, ଗର୍ଭବତୀ, ଶିକ୍ଷା ପ୍ରଭୃତି ବିଭିନ୍ନ ସହାୟତା ଶ୍ରମିକଙ୍କୁ ପ୍ରଦାନ କରାଯାଉଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ତାଳଚେର ଉପ ଜିଲ୍ଲାପାଳ ଗୌରବମୟ ପ୍ରଧାନ, ଜିଲ୍ଲା ଶ୍ରମ କମିଶନର କୁବେର ବେହେରା, ଜିଲ୍ଲା ଶ୍ରମ ଅଧିକାରିଣୀ ଇତିଶ୍ରୀ ଗାଗରାଇ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ୧୫୦୯ ଜଣଙ୍କୁ ୯ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଶ୍ରମିକଙ୍କୁ ପଞ୍ଜୀକରଣ ପତ୍ର ଓ ସହାୟତା ରାଶି ପ୍ରଦାନ କରିଥଲେ। କରୁଣାକର ବାଇ ମଞ୍ଚ ପରିଚାଳନା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

## ପାଲଲହଡ଼ା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ମନମୋହିଲା ଓଡ଼ିଶୀ ଏବଂ ଘୁଡୁକି ନୃତ୍ୟ

ପାଲଲହଡ଼ା,୨୯। ୩(ସମିସ): ପାଲଲହଡ଼ା ଗଡ଼ଜାତର ଐତିହ୍ୟ, ପରମ୍ପରା, ସଂସ୍କୃତି, ଲୋକକଳାର ଉତ୍ସବ ପାଲଲହଡ଼ା ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଅନଗୁଳ ଉଦୟ କୁମାର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ତାଳଚେର ଉପଜିଲ୍ଲାପାଳ ଗୌରବମୟ ପ୍ରଧାନ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା ଏବଂ ପାଲଲହଡ଼ା ବିଡିଓ ନିଶାନ୍ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପାଲଲହଡ଼ା ଉପଜିଲ୍ଲାପାଳ ତଥା ଆବାହକ ରବୀନ୍ଦ୍ର କୁମାର ପଟେଲ ପୌରୋହିତ୍ୟ କରିଥିଲେ। ଡାନ୍ସ ଡ୍ୟାନ୍ସ, ବଲିଉଡ ସୋ ସାଙ୍ଗକୁ କ୍ରିଷ୍ଣାପ୍ରିୟା କଳା ପରିଷଦର ଘୁଡୁକି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ରାତି ବଢ଼ିବା ସହିତ ଓଡ଼ିଆ ଗାୟିକା ସୁଜ୍ଞାନୀ ମହାପାତ୍ରଙ୍କ ସଙ୍ଗୀତର ତାଳେତାଳେ ଦର୍ଶକ ଝୁମିଥିଲେ। ସେହିପରି ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ମୁଖ୍ୟ ବକ୍ତା ଭାବେ ଜଙ୍ଗଲ ପରିବେଶ ଓ ନିଯୁକ୍ତି ବିଭାଗ ମନ୍ତ୍ରୀ ଙ୍ଗ ଗଣେଶ ରାମସିଂ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଦେବଗଡ଼ ଡିଏଫ୍‌ଓ ରଶ୍ମି ଝି, ଅତିରିକ୍ତ ଜିଲ୍ଲାପାଳ ଅନଗୁଳ ପ୍ରତାପ ପ୍ରୀତିମୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପାଲଲହଡା ଡିମିରିଆ ଗ୍ରାମର ଯୁବ କବି ତଥା ଲେଖକ ହୋତାଶ କୁମାର ସାହୁଙ୍କ ଦ୍ୱାରା ଲିଖିତ 'ଗିରିଛାଇ ତଳେ ଗିରିଶ୍ୱର' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସୁନାମ ଧନ୍ୟ ସମ୍ବଲପୁରୀ ଗାୟକ ରୁକୁସୁନା ଏବଂ ତାଙ୍କ ଦଳଙ୍କ ମେଲୋଡି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।



## ଅନୁଗୋଳ ଓକିଲ ସଂଘ ନିର୍ବାଚନ

# ନୂତନ କର୍ମକର୍ତ୍ତାଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା



ଅନୁଗୋଳ,୨୯।୩(ସମିସ): ଅନୁଗୋଳ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ବିଜୟୀ ହୋଇଥିବା ନୂତନ କର୍ମକର୍ତ୍ତାଙ୍କୁ ଆଜି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ (ନିଲୁ) ତାଙ୍କ ବାସଭବନରେ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଓକିଲ ସଂଘର ସାମୂହିକ ବିକାଶ ପାଇଁ ସର୍ବଦା ସହଯୋଗର ହାତ ବଢ଼ାଇବେ ବୋଲି କହିବା ସହିତ ସଂଘର ନବନିର୍ବାଚିତ ନୂତନ କର୍ମକର୍ତ୍ତାମାନେ ଏକ ମନ ନେଇ ସଂଘର ବିଭିନ୍ନ ସମସ୍ୟାକୁ ଦୂରୀଭୂତ କରି ସାମୂହିକ ବିକାଶ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ଏହି ସମ୍ବର୍ଦ୍ଧନା ସଭାରେ ଓକିଲ ସଂଘର ନବନିର୍ବାଚିତ ଉପସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦକ ଜ୍ୟୋତ୍ସ୍ନାମୟୀ ସାହୁ, ବରିଷ୍ଠ ଆଇନଜୀବୀ ସୁବାଷ ଚନ୍ଦ୍ର ମିଶ୍ର, ଓକିଲ ସଂଘର ପୂର୍ବତନ ସଭାପତି ହିମାଂଶୁ ଭୂଷଣ ସାମଲ, ସରକାରୀ ଓକିଲ ପ୍ରଦୀପ କୁମାର ଦେବତା, ସୋମନାଥ ରାଉତ, ଦିଲ୍ଲୀପ କୁମାର ଦାସ, ଅର୍ଜୁନ ମୁଦୁଲି, ସଞ୍ଜୟ ଦେହୁରୀ, ଶିବରାମ ଦେହୁରୀ, ପପିନ ସାହୁ, ଆଇନଜୀବୀ ତପନ ଦେହୁରୀ, ମମତା ପଟ୍ଟନାୟକ, ପାର୍ଥ ସାରଥୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବଣ୍ଟାଁରପାଳରେ ମା' ବାସନ୍ତିକ ଦୁର୍ଗାପୂଜା



ବଣ୍ଟାଁରପାଳ,୨୯।୩ (ସମିସ): ବଣ୍ଟାଁରପାଳ ତହସିଲ କାର୍ଯ୍ୟାଳୟ ସମ୍ମୁଖ ପରିବା ମାର୍କେଟରେ ଚଳିତ ବର୍ଷଠାରୁ ପ୍ରଥମ ଥର ପାଇଁ ମା' ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଗତ ମଙ୍ଗଳବାର ବହୁ ସଂଖ୍ୟକ ପୁରୁଷ ଓ ମହିଳା ଭକ୍ତ ବ୍ରାହ୍ମଣୀ ନଦୀର ଦାସନାଳୀ ଏନ୍‌ଟେକ ଘାଟରୁ ପୂଜାପାଠ ପୂର୍ବକ କଳସରେ ପବିତ୍ର ଜଳ ସଂଗ୍ରହ କରି ଶୋଭାଯାତ୍ରାରେ ଆସି ପୂଜାମଣ୍ଡପରେ ସ୍ଥାପନ କରିବା ପରେ ନୂତନ ମଣ୍ଡପ ପ୍ରତିଷ୍ଠା କରା ଯାଇଥିଲା। ବୁଧବାର ପ୍ରଭାତରୁ ସୂର୍ଯ୍ୟପୂଜା, ମା'ଙ୍କ ଜୀବନ୍ୟାସ, ଚକ୍ଷୁଦାନ ସହ ରୀତିନୀତି ଅନୁଯାୟୀ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରା ଯାଇଥିଲା। ଶୁକ୍ରବାର ହୋମଯଜ୍ଞ ଆଦି କର୍ମ ସହ ପୂର୍ଣ୍ଣାହୁତି ଦିଆ ଯାଇଥିଲା। ୫୫ ଜାତୀୟ ରାଜପଥ ଠାରୁ ପୂଜାମଣ୍ଡପ ପର୍ଯ୍ୟନ୍ତ ତୋରଣ, ରଙ୍ଗୀନ ଆଲୋକମାଳା ସହ ମଣ୍ଡପର ଆଭ୍ୟନ୍ତରୀଣ ଭାଗକୁ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଛି। ଅଞ୍ଚଳରେ ଏହି ପୂଜା ଏକମାତ୍ର ଓ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଥିବାରୁ ସନ୍ଧ୍ୟା ହେଲେ ଶ୍ରଦ୍ଧାଳୁ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳୁଛି। ଆଚାର୍ଯ୍ୟ ମାର୍କଣ୍ଡ ଦାଶ, ମୀନକେତନ ମିଶ୍ର, ରାନୁରାଜ ପାଣି, ଅଶ୍ୱିନୀ ମିଶ୍ର ଓ ସହଯୋଗୀମାନେ ପୂଜାକର୍ମ ସମ୍ପାଦନ କରିଥିଲେ।

ସଭାପତି ସୁବାଷ ଚନ୍ଦ୍ର ବାଘ, ସମ୍ପାଦକ ସିପୁନ ଦାଶଙ୍କ ସମେତ ସାଗର ବିଶ୍ୱାଳ, ପ୍ରଭାତ ରଣା, ମାତୃପ୍ରସାଦ ସେନାପତି, ପ୍ରବୀଣ ବିଶୋଇ, ବିଶ୍ୱଜିତ ବରାହ, ରୋହିତ ବେହେରା, ଦିବ୍ୟରଞ୍ଜନ ଭୁତିଆ, ବିଶ୍ୱଜିତ ଦାଶ, ତ୍ରିଲୋଚନ ଭୁତିଆ, ବିଶ୍ୱମିତ ସେନାପତି ପ୍ରମୁଖ କର୍ମକର୍ତ୍ତା ଓ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ତୁଳସୀପାଳରେ ବାଦୀପାଲା ଉଦ୍‌ଯାପିତ

ବଣ୍ଟାଁରପାଳ,୨୯।୩(ସମିସ): ବଣ୍ଟାଁରପାଳ ବ୍ଲକ୍ ତୁଳସୀପାଳ ଗ୍ରାମ ଗୋଡ଼ିସାହି ପାଲା ମଣ୍ଡପରେ ଶ୍ରୀସତ୍ୟନାରାୟଣ ପୂଜା କମିଟି ପକ୍ଷରୁ ପବିତ୍ର ରାମନବମୀ ଉପଲକ୍ଷେ ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକର ସୁନାମଧନ୍ୟ ପାଲା ଗାୟକ ଗାୟକ ବିଶାରଦ ସଚ୍ଚିଦାନନ୍ଦ ଦାଶ ଓ ଢେଙ୍କାନାଳର ଗାୟକ କୁଳତିଳକ ଅଜୟ କୁମାର ମହାଭୋଇ ବାଦୀପାଲା ପରିବେଷଣ କରିଥିଲେ। ଅନ୍ତିମ ଦିବସରେ ସଞ୍ଚପଡ଼ା, ସନ୍ତ୍ରୀ (ଜାମୁସାହି), ତୁଳସୀପାଳ, ଲଙ୍ଗୁଳିଆବେଡା, କାଙ୍ଗୁଳା ଓ ନୂଆସାହି ଗ୍ରାମର ଓଡ଼ିଶୀ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଓଡ଼ିଶୀ ସମାରୋହ ପାଳନ କରା ଯାଇଥିଲା। ଶିକ୍ଷାବିତ୍ ଦେବହରି ସାହୁ ବିଚାରକ କାର୍ଯ୍ୟ ସମ୍ପାଦନ କରିଥିଲେ। କମିଟି ସଭାପତି ବୈକୁଣ୍ଠ ସାହୁ, ସମ୍ପାଦକ ରତିକାନ୍ତ ସାହୁଙ୍କ ସମେତ ବାଉରୀବନ୍ଧୁ ସାହୁ, ଅଜୟ ସାହୁ, ଧୀରେନ୍ଦ୍ର ଗଡ଼ନାୟକ, ଭଜମନ ମହାନ୍ତି, ଶ୍ରୀକାନ୍ତ ସାହୁ, ଜଳଧର ସାହୁ, ଦୁଷ୍ମନ୍ତ ସାହୁ, ହଳଧର ସାହୁ, ଶ୍ରୀକାନ୍ତ ବାରିକ, ହରିହର ସାହୁ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ତଥା ଉପ ବାଚସ୍ପତି ରଜନୀକାନ୍ତ ସିଂହ, ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ଯୁବ ବିଜେଡି ନେତା ଅରୁଣାଭ ସିଂହ ପ୍ରମୁଖ ଯୋଗ ଦେଇଥିଲେ।

# ଅମଲାପଡ଼ା ମା' ବାସନ୍ତୀ ଦୁର୍ଗାଙ୍କୁ ମେଲାଣି

ଅନୁଗୋଳ,୨୯।୩ (ସମିସ)

ଅନୁଗୋଳ ସହରରେ ଜଗତ ଜନନୀ ଦେବୀ ଦୁର୍ଗତି ନାଶିନୀ ବାସନ୍ତୀଦୁର୍ଗା ଅମଲାପଡ଼ା ମଣ୍ଡପରେ ପୂଜା ପାଉଥିଲେ। ଏଥି ପାଇଁ ଚୈତ୍ର ଷଷ୍ଠୀଠାରୁ ଅନୁଗୋଳ ସହର ଉତ୍ସବମୁଖର ହୋଇଥିଲା। ସଂସ୍କୃତି ଓ ପରମ୍ପରା ଆଧାରରେ ପାଳିତ ଅନେକ ପାର୍ବଣ ମଧ୍ୟରେ ଅନୁଗୋଳ ସହରରେ ବାସନ୍ତୀ ଦୁର୍ଗାପୂଜା ସମାରୋହ ଦିନକୁ ଦିନ ଅଧିକ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହେଉଛି।

୨୦୦୬ ମସିହା ଠାରୁ ଅନୁଗୋଳ ସାର୍ବଜନୀନ ବାସନ୍ତୀ ଦୁର୍ଗାପୂଜା ପାଳିତ ହୋଇଆସୁଛି। ଚୈତ୍ର ଷଷ୍ଠୀ ଠାରୁ ଦଶମୀ ଯାଏଁ ମହା ଆଡମ୍ବରରେ ୪ ଦିନ ପୂଜା



ଆରାଧନାରେ ଅନୁଗୋଳ ସହର ତଥା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଏ ଅବସରରେ ପ୍ରତିଦିନ ସନ୍ଧ୍ୟାରୁ ବିଳମ୍ବିତ ରାତି ଯାଏଁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକେ ଆନନ୍ଦ ନେଉଥିଲେ। ପୂର୍ବଦିନ ରାତିରେ ଅପରାଜିତା ପୂଜା, ହୋମ, ପୂର୍ଣ୍ଣାହୁତି, ଚରୁ ପ୍ରସାଦ ସେବନ ଆଦି ଅନୁଷ୍ଠିତ ହୋଇଥିଲା। ରବିବାର ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣରେ ସୁସଜ୍ଜିତ ଦେବୀଙ୍କ ମେଢ଼ ପାରମ୍ପରିକ ଢୋଲ ବାଦ୍ୟରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଶଙ୍ଖ, ଘଣ୍ଟା, ଘଣ୍ଟ, ସଂକୀର୍ତ୍ତନ, ବାଜା ବାଣ ରୋଷଣି ଏବଂ



ବିଭିନ୍ନ ଲୋକ ବାଦ୍ୟ ଓ ଲୋକ ନୃତ୍ୟର ତାଳେ ତାଳେ ଭକ୍ତମାନେ ଯାଇ ସ୍ଥାନୀୟ ଜଳାଶୟରେ ମୂର୍ତ୍ତି ବିସର୍ଜନ କରିଥିଲେ। ପୂଜା କମିଟି ସଭାପତି ଶକ୍ତି ପଟ୍ଟନାୟକ, ଉପ ସଭାପତି ଯତୀନ ସେଠୀ, ସମ୍ପାଦକ ଅନୁପ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଗୋପାଳ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ରଶ୍ମୀରଞ୍ଜନ ପ୍ରଧାନ ଓ ତାପସ ରଞ୍ଜନ ରାୟ, ଉପଦେଷ୍ଟା ବରିଷ୍ଠ ଆଇନୀଜୀବୀ ପ୍ରଦୀପ ଦେବତାଙ୍କ ସମେତ ଶୁଭେନ୍ଦୁ ପ୍ରଧାନ, ଚିତ୍ତ ପ୍ରଧାନ, ବାପି ଦାସ, ମନୁ ପ୍ରଧାନ, ପ୍ରତାପ ମାଝୀ, ଶଶାଙ୍କ ପ୍ରଧାନ, ରିତେଶ ଦଳବେହେରା, ଗୁରୁଦେବ ସାହୁ, ବିଜୁ ରାଉତ, ଗୁଲୁ ମହାନ୍ତି, ସୌମ୍ୟ ଦାଶ, ଜଗଦୀଶ ସିଂହ, ବାପୁ ଭଞ୍ଜ, ଦୀପକ ତିବ୍ରିୱାଲ, ଶ୍ୟାମସୁନ୍ଦର ସାସମଲ, ଟଙ୍କଧର ମାଝୀ, ଶିବରାଜ ପ୍ରଧାନ, ବୁନା ପଟ୍ଟନାୟକ, ସୁରେଶ ବେହେରା, ତ୍ରିନାଥ ସାହୁ, ଆଶୁତୋଷ ରାଉତ, ଆଦିତ୍ୟ ସିଂହ, ମନିଷ ପ୍ରଧାନ ପ୍ରମୁଖ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।

# ଝଙ୍କଡ଼ରେ ସାରଳା ପଞ୍ଜିକା ଲୋକାର୍ପିତ



ତିର୍ତ୍ତୋଲ,୨୯।୩(ସମିସ): ଭୁବନେଶ୍ୱର ସ୍ଥିତ ସାରଳାଦାସ ସ୍ମୃତି ସଂସଦ ଆନୁକୂଲ୍ୟରେ ପ୍ରକାଶିତ ହୋଇ ଆସୁଥିବା ସାରଳା ପଞ୍ଜିକାର ୨୦୨୬-୨୭ ନୂତନ ବର୍ଷର ପଞ୍ଜିକା ଝଙ୍କଡ଼ ସାରଳା ପୀଠରେ ଆଜି ଲୋକାର୍ପିତ ହୋଇଯାଇଛି। ମା' ସାରଳାଙ୍କ ମୁଖ୍ୟପୂଜକ ରଞ୍ଜନ କୁମାର ପଣ୍ଡା, ନୂତନ ପଞ୍ଜିକାକୁ ପୂଜାକରି ମା'ଙ୍କୁ ସମର୍ପଣ କରିଥିଲେ। ପରେ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ଲୋକାର୍ପିତ କାର୍ଯ୍ୟକ୍ରମରେ ସାରଳା ଦାସ ସ୍ମୃତି ସଂସଦର ସଭାପତି ତଥା ପ୍ରାକ୍ତନ ଉନ୍ନୟନ କମିଶନର ରବିନାରାୟଣ ସେନାପତି, ମୁଖ୍ୟ ଉପଦେଷ୍ଟା ରାମନାରାୟଣ ମିଶ୍ର, ଉପସଭାପତି ବିକାଶ ଚନ୍ଦ୍ର ପରିଜା, ସମ୍ପାଦକ ତଥା ପଞ୍ଜିକା ଗଣନକାର ଜ୍ୟୋତିର୍ବିଦ୍ୟା ବାରିଧି ପ୍ରଦୀପ୍ତ ବିଶ୍ୱାଳ, କୋଷାଧକ୍ଷ ସମୀର ରଞ୍ଜନ ଗୋଚ୍ଛାୟତ, ସହଯୋଗୀ ଗଣନାକାର ଜ୍ୟୋତିଷ୍ୟାଚାର୍ଯ୍ୟ ସଞ୍ଜୟ ମହାରଣା, ସମାଜସେବୀ ଡ. ସୁନାକର ବେହେରା, ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ, ରାମାୟଣୀ ପଣ୍ଡିତ ଅଭୟ ଦାଶ, ମା'ଙ୍କ ପୂର୍ବତନ ପରିଚ୍ଛା ରଘୁନାଥ ପଣ୍ଡା, ବରିଷ୍ଠ ସେବାୟତ ଲକ୍ଷ୍ମୀଧର ମହାପାତ୍ର, ବିଦ୍ୟୁତପ୍ରଭା ପରିଜା, ବାଣୀଶ୍ରୀ ଗଡ଼ନାୟକ, ପ୍ରାକ୍ତନ ଅଧ୍ୟକ୍ଷ କ୍ୟାପଟେନ ଜ୍ଞାନଜ ସାମନ୍ତରାୟ, ସୁଖେନ୍ଦୁ ଦାଶ, ବିପିନ ବରାଳ, ବିଶ୍ୱଭାତୃତ୍ୱ ଆନ୍ତର୍ଜାତୀୟ ପ୍ରଚାରକ ସତ୍ୟଗୋପାଳ ପରିଜା, ଭାଗିରଥି ମହାନ୍ତି, କବି ପ୍ରଭାତ ପରିଜା ଓ ସ୍ୱର୍ଣ୍ଣପ୍ରସାଦ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ନୂତନ ସାରଳା ପଞ୍ଜିକାର ଉପାଦେୟତା ସଂପର୍କରେ ଆଲୋଚନା କରିବା ସହ ଲୋକାର୍ପିତ କରିଥିଲେ।

# ବଦଳିବ ନେହେରୁ ବଙ୍ଗଳାର ରୂପରେଖ

ପାରାଦୀପ,୨୯।୩(ସମିସ)



ମହାନଦୀ ଓ ବଙ୍ଗୋପସାଗରର ମିଳନସ୍ଥଳ ନିକଟରେ ପର୍ଯ୍ୟଟନ ସ୍ଥଳୀର ହେବ ବିକାଶ। ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନେହେରୁ ବଙ୍ଗଳା ପରିଦର୍ଶନ କରିବା ସହିତ ଏହାର ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟକରଣ ନିମନ୍ତେ ଡିଏଫ୍‌ଓ, ଜିଲ୍ଲା ପ୍ରାଶାସନିକ ଅଧିକାରୀ ଏବଂ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଡାକି ଆଲୋଚନା କରିଥିଲେ। ବନ୍ଦରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କିଭଳି ଏହି ପର୍ଯ୍ୟଟନ ସ୍ଥଳୀ ଭିତ୍ତିଭୂମିର ବିକାଶ ହେବ ଏ ନେଇ ବିସ୍ତୃତ ଆଲୋଚନା କରିଛନ୍ତି। ପାରାଦୀପ ବନ୍ଦର ନିର୍ମାଣର ଶିଳାନ୍ୟାସ ହୋଇଥିଲା ନେହେରୁବଙ୍ଗଳା ଠାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଓଡିଶାର ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ନେହେରୁ ବଙ୍ଗଳା ଠାରେ ପାରାଦୀପ ବନ୍ଦରର ଶୁଭ ଦିଆଯାଇଥିଲା। ଯାହାକୁ ନେଇ ନେହେରୁବଙ୍ଗଳା ଠାରେ ରହିଥିବା ପାରାଦୀପ ବନ୍ଦରର ଅତିଥି ଭବନକୁ ଜବାହର ଗେଷ୍ଟ ହାଉସ ଭାବରେ ନାମିତ କରାଯାଇଛି। ଏହା ସହିତ ନେହେରୁବଙ୍ଗଳାରେ ରହିଥିବା ୭ ମହଲା କୋଠା ସେ ସମୟର ଇତିହାସକୁ ମନେ ପକାଉଛି। ଏହି ଐତିହାସିକ ଗୁରୁତ୍ୱକୁ ବଜାୟ ରଖି ନେହେରୁବଙ୍ଗଳା ପରିସରରେ ଶିଶୁ ଉଦ୍ୟାନ ନିର୍ମାଣ ସହିତ ଚତୁଃପାଶ୍ୱର୍ରେ ପର୍ଯ୍ୟଟକ ମାନଙ୍କ ପାଇଁ ବସିବା ସ୍ଥାନ, ଆମୋଦପ୍ରମୋଦର ସୁବିଧା ଏବଂ ପାନୀୟ ଜଳ, ଶୌଚାଳୟ, ଅତ୍ୟାଧୁନିକ ଆଲୋକୀକରଣ ଓ ସୁରକ୍ଷା ଭଳି ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯିବା ସହିତ ପର୍ଯ୍ୟଟକ ମାନଙ୍କୁ କିପରି ନେହେରୁବଙ୍ଗଳା ଆକୃଷ୍ଟ କରିପାରିବ ଏ ନେଇ ମଧ୍ୟ ସମସ୍ତ ବିଷୟରେ ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ଆଲୋଚନା କରାଯାଇଥିଲା। ଯେଉଁଭଳି ଭାବରେ ନେହେରୁ ବଙ୍ଗଳା ପାରାଦୀପ ବନ୍ଦରର ଗୌରବମୟ ଇତିହାସର ମୂକ ସାକ୍ଷୀ ପାଲଟିଛି, ପାରାଦୀପକୁ ଆସୁଥିବା ପର୍ଯ୍ୟଟକ ମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ନେହେରୁବଙ୍ଗଳାର ପଥରବନ୍ଧ, ମହାନଦୀ ବଙ୍ଗୋପସାଗର ମିଳନସ୍ଥଳ, ମାଛଧରା ବନ୍ଦର, ଜବାହର ଗେଷ୍ଟ ହାଉସ। ଏହାକୁ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବରେ ବିକଶିତ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

# ନୋଟିସ୍ ନ ଦେଇ ଲାଇନ୍ କାଟୁଛି ଟାଟାପାୱାର

ପାରାଦୀପ,୨୯।୩(ସମିସ): ଟାଟା ପାୱାର କମ୍ପାନୀର ମନମାନି ଏବେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାହକଙ୍କୁ ବିନା ନୋଟିସ୍‌ରେ ତାଙ୍କର ଲାଇନକୁ କାଟି ଦିଆଯାଉଛି। ଏପରିକି ଗ୍ରାହକ ଘରେ ଅନୁପସ୍ଥିତ ଥିଲେ ମଧ୍ୟ କିଛି ଜଣାଯାଉ ନାହିଁ। ଗ୍ରାହକ ଆସି ଘରେ ପହଞ୍ଚି ଲାଇନ୍ କଟା ଯାଇଥିବା ଦେଖିବାକୁ ମିଳୁଛି। ଅଭିଯୋଗ ଅନୁସାରେ, ପାରାଦୀପ ଗଡ଼ ଗ୍ରାମର ଗ୍ରାହକ ଦୀପକ ବାରିକ ଘରେ ନଥିବା ବେଳେ ତାଙ୍କୁ କୌଣସି ଲାଇନ କଟାଯିବା ସମ୍ପର୍କରେ ଆଗୁଆ ସୂଚନା ନ ଦିଆଯାଇ ତାଙ୍କ ଲାଇନ୍ କାଟି ଦିଆଯାଇଛି। ତେବେ ଏଭଳି ଘଟଣା ପାଇଁ ଗ୍ରାମର ଅନ୍ୟ ଲୋକମାନେ ଟାଟାପାୱାରର କର୍ମଚାରୀଙ୍କୁ ଘେରିବା ସହିତ କଥା କଟାକଟି ପର୍ଯ୍ୟନ୍ତ ଯାଇଥିଲା। ଦୀପକ ବାରିକଙ୍କ କହିବା କଥା ଯଦି ଲାଇନ୍ ବିଲ ବାକି ରହିଛି ତେବେ ଆମକୁ ପୂର୍ବରୁ ସୂଚନା ଦେବା ପରେ ଆମେ ବିଲ୍ ପୈଠ ନ କଲେ ଲାଇନ କଟିଲେ ଆମର ଆପତ୍ତି ନାହିଁ। ଯେହେତୁ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଗଲାଣି, ବିନା ଲାଇନ୍ ରେ ଘରେ ରହିବା ସମ୍ଭବ ହେଉନାହିଁ, ତେଣୁ ଆମକୁ ନ ଜଣାଇ ଲାଇନ୍ କାଟିବା କେତେଦୂର ଯଥାର୍ଥ, ତାକୁ ନେଇ କଥା ଉଠିଥିବା କୁହାଯାଉଛି।

# ଜିଲ୍ଲାପାଳଙ୍କୁ ସମସ୍ୟା ଜଣାଇଲେ ବରିଷ୍ଠ ନାଗରିକ

ଜଗତସିଂହପୁର,୨୮।୩(ସମିସ): ଜଗତସିଂହପୁର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ମାନେ ଆବାହକ ନିର୍ମଳ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳ ଜେ. ସୋନାଲଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ରହୁଥିବା ବରିଷ୍ଠ ନାଗରିକ ମାନେ ସାମାଜିକ ଜୀବନରେ ଭିନ୍ନ ଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏସବୁର କିପରି ସମାଧାନ ହୋଇପାରିବ ସେ ସମ୍ପର୍କରେ ବରିଷ୍ଠ ନାଗରିକମାନେ ବିସ୍ତୃତ ଭାବେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲାପାଳ ମଧ୍ୟ ସାଧ୍ୟମତେ ପ୍ରଶାସନ ପକ୍ଷରୁ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିବାରୁ ମଞ୍ଚ କର୍ମକର୍ତ୍ତା ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ଉପ ସଭାପତି ପ୍ରେମାନନ୍ଦ ପଡ଼ିଆରୀ, ସମ୍ପାଦକ ଅତୁଲ ପ୍ରଧାନ, ଉପଦେଷ୍ଟା ରବୀନ୍ଦ୍ର କୁମାର ସାହୁ, ନାରାୟଣ ପ୍ରସାଦ ନାୟକ ଏବଂ ବିଜୟ କୁମାର ରଥ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ଉତ୍କଳ ସେବାନିବୃତ୍ତ ସେନାନି ସଂଘର ପ୍ରତିଷ୍ଠା ଦିବସ




ଜଗତସିଂହପୁର,୨୯।୩(ସମିସ): ଉତ୍କଳ ସେବାନିବୃତ୍ତ ସେନାନୀ ସଂଘ, ଜଗତସିଂହପୁରର ୫ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସାରଦା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଯୁଗ୍ମ ସମ୍ପାଦକ କେଦାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ମ୍ୟୁନିସିପାଲଟି ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, କର୍ଣ୍ଣେଲ ଦେବରାଜ ମଲ୍ଲିକ୍ (ଅବସରପ୍ରାପ୍ତ) ଏବଂ ମୁଖ୍ୟବକ୍ତା ଭାବେ ଉଷା ଓଡ଼ିଶାର ସଭାପତି କରୁଣାକର ନାଥ ପ୍ରମୁଖ ଯୋଗଦେଇଥିଲେ। ସଂଘର ସମ୍ପାଦକ ସୁଧାଂଶୁ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘର ସଭାପତି ସୋମନାଥ ମହାରଣାଙ୍କ ଆବାହକତ୍ୱରେ ସମସ୍ତ କାର୍ଯ୍ୟ ସମାପନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ସୈନିକ ସଂଗଠନ ଯଥା ଅନୁଗୁଳ, କଟକ, ନିଆଳି, ପୁରୀ, ଅସ୍ତରଙ୍ଗ, ଯାଜପୁର, ସାଲେପୁର ପ୍ରମୁଖ ଉପସ୍ଥିତ ରହି ସଂଘକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲ୍ଲାର ସହିଦମାନଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଏବଂ ବିବିଧ ସାମାଜିକ କାର୍ଯ୍ୟରେ ସାମିଲ ଥିବା ବ୍ୟକ୍ତି ଏବଂ ସଂସ୍ଥାମାନଙ୍କୁ ସମ୍ମାନିତ କରଯାଇଥିଲା। ସେମାନେ ହେଲେ ସୋହମ୍ ଜେନା (ଡାକ୍ତରୀ ଛାତ୍ର), ସଂଘର ସଦସ୍ୟ ବସନ୍ତ କୁମାର ବସ୍ତିଆ, ଜ୍ୟୋତିରଞ୍ଜନ ସାମନ୍ତରାୟ, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ରବି ବଛେଟି, ଆଇଟିଆଇ ତରଡାପଡାର ଅଧ୍ୟକ୍ଷ ରଶ୍ମିରଞ୍ଜନ ମିଶ୍ର, ନିସ୍ୱାର୍ଥ ସେବା ସଂଗଠନ, ଅଳକା ଆଶ୍ରମ, ଜଗନ୍ନାଥପୁରର ପୂର୍ବତନ କର୍ମଚାରୀ ସଂଘ, ଏବଂ ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ। ଶେଷରେ ସଂଘର ଚେୟାରମ୍ୟାନ ପ୍ରଦୀପ୍ତ କୁମାର ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# କାନମାସ୍‌ର ନାଟ୍ୟ ଦିବସ

ପାରାଦୀପ,୨୯।୩(ସମିସ): ପାରାଦୀପର ଅଗ୍ରଣୀ ଅନୁଷ୍ଠାନ କାନ୍‌ମାସ୍ ପରିସରରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନ୍ଦର ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଭୂତି ଭୂଷଣ ଦାସ ଓ ପାରାଦୀପ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇଥିଲେ। ଡ. ଦାସଙ୍କୁ ଜଣେ ଉତ୍କୃଷ୍ଟ କଳାକାର ଭାବରେ କାନମାସ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାନମାସର ସମ୍ପାଦକ ଶ୍ରୀମନ୍ ନାରାୟଣ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଦସ୍ୟ ସୁକାନ୍ତି ମିର୍ଦ୍ଧା କଳାକାର ଉଇଲିଅମ ଡାଫଙ୍କ ବାର୍ତ୍ତାକୁ ପଢ଼ିଥିଲେ। କାନମାସରେ ଶିକ୍ଷା ଗ୍ରହଣ କରିଥିବା କିଛି ଶିଶୁ କଳାକାର ମାନେ ସେମାନଙ୍କର କଳାକୁ ପ୍ରଦର୍ଶନ କରିଥିଲେ। ସଦ୍ୟ ଦିଲ୍ଲୀ ଠାରେ ସମାପ୍ତ ହୋଇଥିବା ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଭାରତ ରଙ୍ଗ ମହୋତ୍ସବରେ ଭାଗ ନେଇଥିବା କାନମାସର କଳାକାରଙ୍କର ପ୍ରମାଣପତ୍ରକୁ ଅତିଥି ମାନେ ସେମାନଙ୍କୁ ପ୍ରଦାନ କରିଥିଲେ। କାନମାସର ଅନ୍ୟତମ ସଦସ୍ୟା ନୀଳିମା ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# କଇଁଛ ଚୋରା ଚାଲାଣ, ଜଣେ ଗିରଫ

କୁଜଙ୍ଗ,୨୯।୩(ସମିସ): ଜଣେ ଚୋରା କଇଁଛ ଚାଲାଣକାରୀକୁ ଗିରଫ କରାଯାଇଛି। ଏଥିସହିତ ସହିତ ତା'ଠାରୁ ୧୯ଟି କଇଁଛ ଓ ବ୍ୟବହୃତ ମୋଟର ସାଇକଲକୁ ଜବତ କରାଯାଇଛି। ପ୍ରକାଶଯେ କୁଜଙ୍ଗ ଥାନା ଅନ୍ତର୍ଗତ ଆରଖିଆ ଗ୍ରାମର ଚଗଲା ଦାସଙ୍କ ପୁଅ ବିଜୟ ଦାସ (୩୨) ଏକ ପ୍ଲାଷ୍ଟିକ ବ୍ୟାଗରେ ଲିସିମିସ ପଙ୍କଟାଟା ପଙ୍କଟାଟା ପ୍ରଜାତିର ୧୯ଟି କଇଁଛ ଭର୍ତ୍ତି କରି ଓଡି୨୧ଏମ୭୮୩୦ ନମ୍ବର ଯୁକ୍ତ ବାଇକ୍ ଯୋଗେ ବାଲିତୁଠରୁ ବାଲିଆ ଗ୍ରାମକୁ ଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ କୁଜଙ୍ଗ ବନଖଣ୍ଡ ଅନ୍ତର୍ଗତ ନୂଆଗାଁ ସେକ୍ସନ ଫରେଷ୍ଟର ପଦ୍ମନାଭ ରାଉତ ଓ ଅନ୍ୟ ବନ କର୍ମଚାରୀ ଚଟୁଆ ଛକରେ ତାଙ୍କୁ ମାଡ଼ି ବସିଥିଲେ। ପରେ କଇଁଛ ସମେତ ଚୋରାଚାଲାଣକାରୀକୁ କୁଜଙ୍ଗ ବନ ଖଣ୍ଡ ଅଧିକାରୀ ସଞ୍ଜୟ ପ୍ରଧାନଙ୍କ ନିକଟରେ ହାଜର କରିଥିଲେ। କେସ ନମ୍ବର ୫୭ କେଜେ୨୫-୨୬ରେ ମକଦ୍ଦମା ରୁଜୁ କରି ଗିରଫ କରିଥିଲେ। ଆଜି ଜଗତସିଂହପୁର ଚିଫ ଜୁଡ଼ିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ତାର ଜାମିନ ନାମଞ୍ଜୁର ହେବାରୁ ସମାଗୋଳ ସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

# ଏକାଠି ହେଲେ ଶିଳ୍ପ କ୍ଷତିଗ୍ରସ୍ତ ଏକତା ମଞ୍ଚ



ପାରାଦୀପ,୨୯।୩(ସମିସ): କମ୍ପାନୀ ବିରୋଧରେ ଆଜି ତ୍ରିଲୋଚନପୁର ଶିଳ୍ପ କ୍ଷତିଗ୍ରସ୍ତ ଏକତା ମଞ୍ଚ ରଣହୁଙ୍କାର ଦେଇଛି। ଗ୍ରାମର ଶହ ଶହ ସଂଖ୍ୟାରେ ମହିଳା ଓ ପୁରୁଷ ଗ୍ରାମର ତ୍ରୈଲୋକେଶ୍ୱର ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସବ୍‌ଷ୍ଟେସନ ଛକ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଏକ ୧୦ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଯଦି କମ୍ପାନୀ ଗ୍ରାମବାସୀଙ୍କ ଦାବି ପୂରଣ ନ କରନ୍ତି ତେବେ ପ୍ରଥମେ ଅସହଯୋଗ ଆନ୍ଦୋଳନ କରାଯିବ। ଯଦି ଏଥିରେ ଦାବି ପୂରଣ ନ ହୁଏ, ତେବେ କମ୍ପାନୀରେ ତାଲା ଝୁଲାଇବାକୁ ପ୍ରତିବାଦ ସଭାରେ ଚେତାବନୀ ଦେଇଛନ୍ତି ଶିଳ୍ପ କ୍ଷତିଗ୍ରସ୍ତ ଏକତା ମଞ୍ଚର ତ୍ରିଲୋଚନପୁର ଗ୍ରାମବାସୀ। ଏହି ପ୍ରତିବାଦ ସଭାରେ ଧୀରେନ୍ଦ୍ର ବେହେରା, ବାବୁଲାଲ ମହାପାତ୍ର, ସୁରେନ୍ଦ୍ର ରାଉତ, ସୁଧୀର ମହାପାତ୍ର, ଧନଞ୍ଜୟ ବେହେରା, ଭଜନାନନ୍ଦ ଦାସ, ମୁରଲୀ ପଲାଇ, ଗଣେଶ୍ୱର ମହାରଣା, ପିତାମ୍ବର ଗୋଛାୟତ, ସୁରେଶ ସାହୁ, ରମେଶ ପ୍ରଧାନ, ପ୍ରମୋଦ ଘଡେଇ, ଦୁଃଖୀ ଲେଙ୍କା, ଅରକ୍ଷିତ ଗୋଛାୟତ, ବିଶ୍ୱ ପ୍ରିୟଦର୍ଶିନୀ ପଣ୍ଡାଙ୍କ ସମେତ ଗ୍ରାମର ଶତାଧିକ ସଂଖ୍ୟାରେ ପୁରୁଷ, ମହିଳା ସାମିଲ ହୋଇଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଏହି ଦାବି ଗୁଡିକୁ ନ ମାନିଲେ କମ୍ପାନୀ ଫାଟକରେ ତାଲା ଝୁଲାଇବା ସହିତ ଧାରଣାରେ ବସି ରହିବେ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

# ପଲ୍ଲୀବନ୍ଧୁ ସମ୍ପାଦକ ଶଶିଭୂଷଣ ଷଡ଼ଙ୍ଗୀଙ୍କ ପରଲୋକ



କୁଜଙ୍ଗ,୨୯।୩(ସମିସ): ଏରସମା ବ୍ଲକ୍ ଚଟୁଆ ପଞ୍ଚାୟତ ଅନ୍ତର୍ଗତ ମାଣପୁର (ପାରପରା) ଗ୍ରାମର ବର୍ଷିୟାନ ସାମ୍ବାଦିକ ତଥା ପଲ୍ଲୀବନ୍ଧୁ ଖବରକାଗଜର ସମ୍ପାଦକ ଶଶିଭୂଷଣ ଷଡ଼ଙ୍ଗୀଙ୍କର ୯୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସ୍ୱର୍ଗତ ଷଡ଼ଙ୍ଗୀ ଏକାଧାରରେ ଜଣେ ସାମ୍ବାଦିକ, ରାଜନେତା ଓ ହୋମିଓପାଥିକ ଚିକିତ୍ସକ ଭାବେ ସୁନାମ ଅର୍ଜନ କରିଥିଲେ। ସେ' ବିଭିନ୍ନ ସମୟରେ ସମାଜ ଓ ପ୍ରଜାତନ୍ତ୍ରର ପ୍ରତିନିଧି ଭାବେ ଭବାନୀପାଟଣାରେ କାର୍ଯ୍ୟ କରୁଥିଲେ। ଭବାନୀପାଟଣାରୁ ନିଜ ସମ୍ପାଦନାରେ ୧୯୬୨ ମସିହାରେ ପାକ୍ଷିକ ପତ୍ରିକା "ପଲ୍ଲୀବନ୍ଧୁ' ଓ ୧୯୮୧ ମସିହାରେ ମାସିକ ପତ୍ରିକା "ଯାଯାବର' ପ୍ରକାଶ ପାଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟକର୍ତ୍ତା ଭୂପେନ ବସୁଙ୍କ ସଂସ୍ପର୍ଶରେ ଆସି ୧୯୬୭ ମସିହାରେ ଜନସଂଘ ଦଳରେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ୧୯୭୪ ମସିହାରେ ଅବିଭକ୍ତ ଏରସମା ନିର୍ବାଚନମଣ୍ଡଳୀରୁ ଜନ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ। ତାଙ୍କ ପରଲୋକ ଖବର ପ୍ରସାରିତ ହେବାପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପାରପରା ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ କରାଯାଇଛି। ଜ୍ୟେଷ୍ଠପୁତ୍ର ସଂଗ୍ରାମ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ। ଶେଷ ଶଯ୍ୟାରେ ପୁତ୍ର ସଞ୍ଜୟ, ସୁଧିର, ଶୁଶିଳ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ କୁଜଙ୍ଗ ପ୍ରେସ୍ କ୍ଲବ ସଭାପତି ଡ. ରଘୁନାଥ ସାହୁ, ସମ୍ପାଦକ ଦୁଷ୍ମନ୍ତ ମାଝୀ ଓ ବରିଷ୍ଠ ସାମ୍ବାଦିକ ଜୀବନାନନ୍ଦ ଅଧିକାରୀ, ପିତାମ୍ବର ତରାଇ ଓ ବହୁ ସାମ୍ବାଦିକ ଶୋକ ପ୍ରକାଶ କରିଛନ୍ତି।

# ୩ ବଖରା ଜଳିଗଲା

ବାଲିକୁଦା,୨୯।୩(ସମିସ): ବାଲିକୁଦା ତହସିଲ ଅନ୍ତର୍ଗତ ଅଳାଭର ପଞ୍ଚାୟତ ରଣପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୀତାଞ୍ଜଳି ମହାନ୍ତିଙ୍କ ୩ ବଖରା ଚାଳ ଛପର ଘରେ ଆଜି ସନ୍ଧ୍ୟା ସମୟରେ ନିଆଁ ଲାଗି ସମସ୍ତ ଆସବାପତ୍ର ସହ ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବା ବେଳେ ସୂଚନା ପାଇ ବାଲିକୁଦା ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ଆସବାବପତ୍ର ଉଦ୍ଧାର କରିବାରେ ସଫଳ ହୋଇ ନଥିଲେ।

# କୃଷକ ଅଧିକାର ପଦଯାତ୍ରାରେ ସାମିଲ ହେବେ ଚାଷୀ

ଜଗତସିଂହପୁର/କୁଜଙ୍ଗ,୨୯।୩(ସମିସ)



ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ କୃଷକ ଅଧିକାର ପଦଯାତ୍ରାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀପ୍ରସାଦ ମହାରଣା, ଜିଲ୍ଲା ସଂଯୋଜକ ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଏଥିରେ ଉପସ୍ଥିତ ରହି କୃଷକ ଅଧିକାର ପଦଯାତ୍ରା ସଂପର୍କରେ ସୂଚନା ପ୍ରଦାନ କରିଥିଲେ।

ଗତ ୨୨ ତାରିଖଠାରୁ କେନ୍ଦୁଝର ଜିଲ୍ଲାର ଘଟଗାଁ ତାରେଣୀ ପୀଠରୁ ନବ ନିର୍ମାଣ କୃଷକ ସଂଗଠନ ଆନୁକୂଲ୍ୟରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି କୃଷକ ଅଧିକାର ପଦଯାତ୍ରା। ଏହି ପଦଯାତ୍ରା ଆସନ୍ତା ୩୧ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବ। ରାଷ୍ଟ୍ରୀୟ ନେତା ରାକେଶ ଟିକାୟତ୍ ୩୦ ଏବଂ ୩୧ ତାରିଖ ଦୁଇ ଦିନ ଧରି ଏହି ପଦଯାତ୍ରାରେ ସାମିଲ୍ ହେବେ। ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ରହିଛି ସରକାର ସମସ୍ତ ଚାଷୀଙ୍କ ଧାନ କିଣନ୍ତୁ। ଏଥିପାଇଁ ଆବଶ୍ୟକ ପଡ଼ିଲେ ମଣ୍ଡି ଶେଷ ତାରିଖ ୩୧ ପରିବର୍ତ୍ତେ ଆଉ ଅଧିକ ଦିନ ଧାର୍ଯ୍ୟ କରନ୍ତୁ। ଯାହା ଫଳରେ ହଜାର ହଜାର ଚାଷୀଙ୍କ ମଧ୍ୟରେ ଧାନବିକ୍ରି ଆଶଙ୍କା ଦୂର ହୋଇପାରନ୍ତା। ଜଗତସିଂହପୁର ଜିଲ୍ଲାସ୍ତରରେ ପ୍ରାୟ ୨୫ ଲକ୍ଷ କ୍ୱିଣ୍ଟାଲ ଧାନ, ସରକାର କିଣିବାର ଆବଶ୍ୟକତା ଥିବା ବେଳେ ମାତ୍ର ୧୭ ଲକ୍ଷ ୯୮ ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ୪୯,୬୦୦ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି। ୩୬୬୨ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଲକ୍ଷାଧିକ କ୍ୱିଣ୍ଟାଲ ଧାନ ଚାଷୀ ମାନଙ୍କ ପାଖରେ ପଡ଼ି ରହିଛି। ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ମଣ୍ଡିରେ ଧାନ କିଣା ନହୋଇ ପାରିଲେ ଜଗତସିଂହପୁର ଜିଲ୍ଲାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ କ୍ୱିଣ୍ଟାଲ ପିଛା ୧୫୦୦ ଟଙ୍କା କ୍ଷତିରେ ବେପାରୀମାନଙ୍କୁ ବିକି ଅଭାବୀ ବିକ୍ରିର ଶିକାର ହେବେ। ତେଣୁ ସମସ୍ତ ଚାଷୀଙ୍କ ଧାନବିକ୍ରି, ଚାଷୀଙ୍କୁ ଉଚିତ୍ ମୂଲ୍ୟ, ଚାଷୀଙ୍କୁ ଭତ୍ତା, ଚାଷୀଙ୍କୁ ସାମ୍ବିଧାନିକ ସମ୍ମାନ, ପ୍ରତି ପରିବାରକୁ ୨୦୦ ୟୁନିଟ୍ ବିଜୁଳି ମାଗଣା ପ୍ରଦାନ କରିବା, ବୟସ୍କ ମାନଙ୍କ ଭତ୍ତା ୩ ହଜାର ଟଙ୍କା ପ୍ରଦାନ କରିବା, ଓଡ଼ିଶାକୁ ଦାଦନ ମୁକ୍ତ, ନିଶା ମୁକ୍ତ କରିବା, ଓଡ଼ିଶାର ପ୍ରାକୃତିକ ସମ୍ବଳ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସୁବିନିଯୋଗ ପୂର୍ବକ ରୋଜଗାର ସୃଷ୍ଟି କରିବା ଭଳି ଗୁରୁତ୍ୱ ପୂର୍ଣ୍ଣ ଦାବି ଗୁଡ଼ିକୁ ନେଇ ଏହି ପଦଯାତ୍ରାର ଆୟୋଜନ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଅନ୍ୟ ପକ୍ଷରେ ଏହି ପଦଯାତ୍ରାରେ ୩୦ ତାରିଖରେ କୁଜଙ୍ଗ ବ୍ଲକ ନବନିର୍ମାଣ ଶାଖା ପକ୍ଷରୁ ଶତାଧିକ ଚାଷୀ ସାମିଲ ହେବେ ବୋଲି ଏକ ବୈଠକରେ ସୂଚନା ଦେଇଛନ୍ତି। ଚାଷୀ ନେତା ତଥା ଉପଦେଷ୍ଟା ବାବୁରାମ ଚୌଧୁରୀଙ୍କ ପୌରୋହିତ୍ୟରେ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ବୈଠକରେ ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା, କୋଷାଧ୍ୟକ୍ଷ ନଟବର ସେଣ, ଦେବୀ ପ୍ରସାଦ ପଟ୍ଟନାୟକ, ସ୍ୱରୂପ ବିଶ୍ୱାଳ, ସୁରେନ୍ଦ୍ର ମହାନ୍ତି, କ୍ଷୀରୋଦ ଦାସ, ରାମ ଚନ୍ଦ୍ର ପ୍ରଧାନ, ଜପହରି ବାରିକ, ସମୀର ରାଉତ, ସାରଦା ମଲ୍ଲ, ସୌଦାମିନୀ ସ୍ୱାଇଁ, ଗୋପୀନାଥ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇ ଚାଷୀଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ ସଂଗ୍ରାମ ଜାରି ରହିବ ବୋଲି କହିଥିଲେ।

**ପିସିଏଲ୍ ଦ୍ୱିତୀୟ ଦିନରେ ୩ଟି ମ୍ୟାଚ୍**

# ଜିଡିସି, ସୁପରକିଙ୍ଗସ୍, ବାବାସାଇ ବିଜୟୀ

ପାରାଦୀପ,୨୯।୩(ସମିସ): ପିସିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ତିନୋଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଜେସିସି ୱାରିଅର ଟିମ୍ ଓ ଜିଡିସି ବ୍ଲାଷ୍ଟର ଟିମ ମଧ୍ୟରେ ଜୋରଦାର ମୁକାବିଲା ଦେଖିବାକୁ ମିଳିଲା। ଜିଡିସି ବ୍ଲାଷ୍ଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୬୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଜେସିସି ୱାରିଅର ଦଳ ନିର୍ଦ୍ଧାରିତ ଓଭରରେ ୧୫୨ରନ କରିପାରିଥିଲା।




ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ମନୋଜ ଦାସଙ୍କୁ ଚୟନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ଜିପିସିଆଇ ହିରୋସ ଟିମ ଓ ପାରାଦୀପ ସୁପର କିଙ୍ଗସ ଦଳ ମଧ୍ୟରେ ଜୋରଦାର ମୁକାବିଲା ହୋଇଥିଲା। ଜିପିସିଆଇ ହିରୋସ ପ୍ରଥମେ ବ୍ୟାଟିଂ କରି ୧୯. ୩ ଓଭରରେ ୧୧୩ ରନ୍ ସଂଗ୍ରହ କରି ସମସ୍ତ ୱିକେଟ ହରାଇଥିଲା। ଜବାବରେ ପାରାଦୀପ ସୁପର କିଙ୍ଗସ ଦଳ ୧୫. ୦୨ଓଭରରେ ୧୧୮ ରନ କରି କୌଣସି ୱିକେଟ ନ ହରାଇ ବିଜୟ ଲାଭ କରିଥିଲା। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଅଭିଜିତ ମହାପାତ୍ରଙ୍କୁ ଚୟନ କରାଯାଇଥିଲା। ତୃତୀୟ ମ୍ୟାଚ ମହାକାଳ ୱାରିଅର ଟିମ ଓ ବାବା ସାଇ ଡାଇମଣ୍ଡିଅନ୍ସ ଟିମ ମଧ୍ୟରେ ମୁକାବିଲା ହୋଇଥିଲା। ବାବା ସାଇ ଡାଇମଣ୍ଡିଅନ୍ସ ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ୧୨୫ ରନ କରି ସମସ୍ତ ୱିକେଟ ହରାଇଥିଲା। ଜବାବରେ ମହାକାଳ ୱାରିଅର ଦଳ ନିର୍ଦ୍ଧାରିତ ଓଭରରେ ୧୧୫ ରନ କରି ତାର ସମସ୍ତ ୱିକେଟ ହରାଇଥିଲା। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ବୁଟା ସିଂଙ୍କୁ ଚୟନ କରାଯାଇଥିଲା। ଆଜି ଅତିଥି ଭାବେ କାଉନସିଲର ପ୍ରତାପ ଚନ୍ଦ୍ର ନାୟକ, ସମାଜସେବୀ ନରେଶ ଭଟ୍ଟ, ବିଧାନ ପରିଡା ଓ ପ୍ରଦୀପ୍ତ କିଶୋର ଜେନା ପ୍ରମୁଖ ଉପସ୍ଥିତ ରହି ବିଜୟୀ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ।

# ଗ୍ୟାସ୍ ଟାଙ୍କି ପାଇଁ ଅଗ୍ନି ପରୀକ୍ଷା

ସୁକିନ୍ଦା, ୨୯।୩(ସମିସ): ସୁକିନ୍ଦାରେ ଜାଳେଣି ଗ୍ୟାସର ଅଚଳାବସ୍ଥା। ଗ୍ୟାସ ପାଇଁ ଦେବାକୁ ପଡୁଛି ଅଗ୍ନି ପରୀକ୍ଷା। ସୁକିନ୍ଦାରେ (ଇଣ୍ଡେନ) ଗ୍ୟାସ୍ ବିତରକ ପ୍ରମୋଦ କୁମାର ମହାପାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗତ କିଛି ମାସ ଧରି ଠିକ୍ ନଥିବାରୁ ତାଙ୍କ ଅନୁପସ୍ଥିତିରେ ଗ୍ୟାସ ବିତରଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହି ବିତରଣ କେନ୍ଦ୍ର ଉପରେ ସମଗ୍ର ସୁକିନ୍ଦା ଅଞ୍ଚଳର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ନିର୍ଭର କରୁଥିବା ବେଳେ ବିତରଣ ଠପ୍ ହୋଇଯିବା ଘଟଣା ସମଗ୍ର ସୁକିନ୍ଦା ଅଞ୍ଚଳର ଆଲୋଡ଼ନ ସୃଷ୍ଟି କରିଛି। ଏହା ଏକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହୋଇଥିବା ବେଳେ ଗ୍ୟାସ ନ ପାଇ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଥିବା ବେଳେ ହୋଟେଲ, ଜଳଖିଆ ଭଳି ବିଭିନ୍ନ ଦୋକାନ ବନ୍ଦ ହୋଇଥିବା ଦେଖାଦେଇଛି। ଗ୍ରାହକ ମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ କାମାକ୍ଷାନଗର ଅଞ୍ଚଳର ଜଣେ ବିତରକଙ୍କୁ କିଛିଦିନ ପାଇଁ ସୁକିନ୍ଦା ବଣ୍ଟନ ଦାୟିତ୍ୱ ଅର୍ପଣ କରାଯାଇଛି। ତେବେ ସେ ଦୈନିକ ବଣ୍ଟନ କରୁ ନଥିବା କାରଣରୁ ବଣ୍ଟନ ଦିନ ଲୋକଙ୍କୁ ଅଗ୍ନିପରୀକ୍ଷା ଦେବାକୁ ପଡୁଛି। ରବିବାର ଗ୍ୟାସ ନେବା ପାଇଁ ହଜାର ହଜାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ସକାଳ ୬ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଖରାରେ ଠିଆହୋଇ ଅଗ୍ନି ପରୀକ୍ଷା ଦେବାକୁ ପଡୁଥିବା ଦେଖିବାକୁ ମିଳିଛି। ଅନେକ ମହିଳା ମଧ୍ୟ ଏହି ଧାଡ଼ିରେ ଠିଆ ହୋଇ ଗ୍ୟାସ୍ ପାଇବା ପାଇଁ କାକୁତି ମିନତି ହେଉଥିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖାଉଟିଙ୍କ ଠାରୁ ବଣ୍ଟନ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଅବିଶ୍ୱାସୀ ହେଉଥିବା ଦେଖିବାକୁ ମିଳିଛି। ଏଭଳି ସାମ୍ପ୍ରତିକ ପରିସ୍ଥିତିରେ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ଉପଭୋକ୍ତା ମାନେ ଦାବି କରିଛନ୍ତି।



### ଗ୍ୟାସ୍ ସଙ୍କଟ ନେଇ ଆତଙ୍କିତ ଗ୍ରାହକ

# ଗୋଦାମରେ ଲମ୍ବା ଲାଇନ୍

ଯଖପୁରା, ୨୯।୩(ସମିସ)

ରାଜ୍ୟରେ ଘରୋଇ ରନ୍ଧନ ଗ୍ୟାସର କୌଣସି ଅଭାବ ନାହିଁ ଏବଂ ଏଥିପ୍ରତି ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ଯୋଗାଣ ମନ୍ତ୍ରୀ କହୁଥିବା ବେଳେ ଯାଜପୁର ଜିଲ୍ଲାରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ପାଇଁ ଲୋକଙ୍କ ଲମ୍ବା ଲାଇନ୍ ମନ୍ତ୍ରୀଙ୍କର ଏ କଥାକୁ ମିଛ ପ୍ରମାଣିତ କରିଛି। ଜିଲ୍ଲାର ଦାନଗଦି ବ୍ଲକରେ ରହିଥିବା ଏକ ଭାରତ ଗ୍ୟାସ ଏଜେନ୍ସିର ଗୋଦାମ ଗୃହ ନିକଟରେ ଲୋକଙ୍କ ଲମ୍ବା ଲାଇନ୍ ଗ୍ୟାସ୍ ସଙ୍କଟ ରହିଥିବା ସ୍ପଷ୍ଟ ପ୍ରମାଣିତ କରିଛି। ଦାନଗଦି ବ୍ଲକରେ ଭାରତ ଗ୍ୟାସର ଗ୍ରାହକ ମାନେ ବାଲୁଙ୍ଗାବନ୍ଧୀ ନିକଟରେ ଥିବା ଗୋଦାମରେ ପ୍ରାୟ ୧୨ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରି ଗ୍ୟାସ ସିଲିଣ୍ଡର ନେଉଥିବା ଜଣାପଡ଼ିଛି। ଦାନଗଦିରେ ଥିବା ଏହି ଏଜେନ୍ସିର କେବଳ ଦାନଗଦି ନୁହେଁ ସୁକିନ୍ଦା, ଧର୍ମଶାଳା, କୋରେଇ ଆଦି ବ୍ଲକର ଶହ ଶହ ଗ୍ରାହକ ରହିଛନ୍ତି। ଗ୍ୟାସ୍ ଯୋଗାଣରେ ବିଳମ୍ବ ରୋଷେଇ ଗ୍ୟାସ ସରିଯିବାର ଭୟ, ବିଶେଷକରି ଏକକ ସିଲିଣ୍ଡର ପରିବାର ପାଇଁ, ଅତ୍ୟନ୍ତ ଚାପ ଏବଂ ଅସୁବିଧା ସୃଷ୍ଟି କରିଛି। ଭାରତ ଗ୍ୟାସ ଏଜେନ୍ସିର ଏହି ଗୋଦାମ ନିକଟରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଗ୍ରାହକ ରାତି ୪ ଟାରୁ ଧାଡ଼ିରେ ଠିଆ ହୋଇଥିବା ଜଣାପଡ଼ିଛି। ଏହି ଧାଡିରେ କେବଳ ପୁରୁଷ ନୁହଁନ୍ତି ମହିଳା ଗୃହିଣୀ ମଧ୍ୟ ଲାଇନ୍‌ରେ ଦୀର୍ଘ ସମୟ ଧରି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ଏହା ଦ୍ୱାରା ମହିଳାମାନେ ଶାରୀରିକ କଷ୍ଟ ଅନୁଭବ କରିବା ସହିତ ବିରକ୍ତି ମଧ୍ୟ ପ୍ରକାଶ କରିଥିଲେ। କେବଳ ମହିଳା ନୁହଁନ୍ତି ବରିଷ୍ଠ ନାଗରିକ ମଧ୍ୟ ସମାନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଖରାରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ରହି ଗ୍ୟାସ୍ ସିଲିଣ୍ଡର ନେବା ପାଇଁ ଜଗି ବସିଥିଲେ। ଗୋଟିଏ ରିଫିଲ୍ ପାଇବା ପାଇଁ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଠିଆ ହେବାକୁ ବାଧ ହେଉଛନ୍ତି। ମୁଣ୍ଡରେ ଗାମୁଛା, ରୁମାଲ ପକାଇ ଟାଣ ଖରାରେ ଦିନ ସାରା ଠିଆ ହୋଇ ରହିବା ଯମ ଯନ୍ତ୍ରଣା ଠାରୁ କମ୍ ନୁହେଁ। କେହି କେହି ଖରାରୁ ରକ୍ଷା ପାଇବା ପାଇଁ ଛତା ଧରି ଧାଡ଼ିରେ ଠିଆ ହୋଇ ରହିଥିଲେ। ଘରୋଇ ଯୋଗାଣ ବିଳମ୍ବ କାରଣରୁ ଲୋକ ମାନେ ଗ୍ୟାସର ଆବଶ୍ୟକତା ଏବଂ ସଙ୍କଟ ଆଶଙ୍କା କରି ଗୋଦାମ ନିକଟରେ ଧାଡ଼ି ବାନ୍ଧୁଥିବା ଜଣାପଡ଼ିଛି।



## ପୁଲିସ ଓ ପରିବହନ ବିଭାଗର ଚଢ଼ଉ

ପାଣିକୋଇଲି, ୨୯।୩(ସମିସ): ଯାଜପୁର ପରିବହନ ବିଭାଗ ଓ ପାଣିକୋଇଲି ପୁଲିସ ପକ୍ଷରୁ ମିଳିତ ଭାବେ ମଦ୍ୟପ ଚାଳକଙ୍କ ଉପରେ ଚଢ଼ଉ କରାଯାଇଛି। ପାଣିକୋଇଲି ଓଭରବ୍ରିଜ ଆରମ୍ଭ ସର୍ଭିସ ରୋଡ୍‌ରେ ଯାଞ୍ଚ କରାଯାଇଥିଲା। ନିୟମିତ ଯାଞ୍ଚ ସମୟରେ ବହୁ ମଦ୍ୟପ ଚାଳକ ଧରାପଡୁଥିବା ବେଳେ ରାତ୍ରି ଯାଞ୍ଚ ସମୟରେ ଦୁଇ ବାଇକ୍ ଓ ଗୋଟିଏ କାର୍ ଚାଳକ ମଦ୍ୟପ ଥିବାରୁ ସେମାନଙ୍କୁ ଧରି ଥାନାକୁ ଆଣିଥିଲେ। ଏନେଇ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରହିଛି। ଏଏସଆଇ ସେମାନାଥ ରାଉତ, ପରିବହନ ଅଧିକାରୀ ରାଜେଶ ମଙ୍ଗରାଜ ସଦଳବଳେ ଏହି ଚଢ଼ଉ କରିଥିଲେ। ଏନେଇ ତିନୋଟି ମାମଲା ୯୯/୨୬, ୧୦୦/୨୬ ଓ ୧୦୧/୨୬ ରୁଜୁ କରାଯାଇଛି।

## ଦେଶୀ ମହୁଲି ମଦ ଜବତ, ବେପାରୀ ଗିରଫ

ପାଣିକୋଇଲି, ୨୯।୩(ସମିସ): ପାଣିକୋଇଲି ଥାନା ଥାନା ଶଙ୍ଖଚିଲା ଫାଣ୍ଡି ପକ୍ଷରୁ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ଦେଶୀ ମହୁଲି ମଦ ଜବତ କରାଯାଇଛି। ସନ୍ଧ୍ୟା ପାଟୋଲିଂ ସମୟରେ ଜଣେ ବ୍ୟକ୍ତିଙ୍କ ଉପରେ ସନ୍ଦେହ ହେବାରୁ ତାକୁ ଯାଞ୍ଚ କରାଯାଇଥିଲା। ତା’ ନିକଟରୁ ୨ଟି ଜରି ପ୍ୟାକେଟରେ ଦେଶୀ ମହୁଲି ମଦ ୯.୫ ଲିଟର ଜବତ କରାଯାଇଥିଲା। ଏହି ଘଟଣାରେ ଏକ ମାମଲା ୧୦୨/୨୬ ରୁଜୁ କରାଯାଇ ଏହି ଫାଣ୍ଡି ଅନ୍ତର୍ଗତ ତଣ୍ଡରା ଗ୍ରାମର ଉତ୍ତମ ଦାସ (୫୨)କୁ ଗିରଫ କରାଯାଇଛି।

## ଧର୍ମଶାଳା ବାର୍ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ

ଧର୍ମଶାଳା, ୨୯।୩(ସମିସ): ଧର୍ମଶାଳା ବାର୍ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନ ଅଧିକାରୀ ଭାବେ ଆଡ୍‌ଭୋକେଟ ରମେଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ବର୍ଷ ପାଇଁ ସଭାପତି ଭାବେ କୈଳାସ ଚନ୍ଦ୍ର ପରିଡ଼ା ଓ ସମ୍ପାଦକ ଭାବେ ଅର୍ଜୁନ ନାୟକ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଅଜୟ କୁମାର ଦାସ, ସହ ସମ୍ପାଦକ ଭାବେ ସୋମନାଥ ସାହୁ, ପାଠାଗାର ସମ୍ପାଦକ ଭାବେ ଉତ୍ତମ କୁମାର ମହାନ୍ତି, କୋଷାଧ୍ୟକ୍ଷ ଭାବେ ଗୁରୁ ଚରଣ ସେଠୀ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ ସଂସ୍ଥା ସମିତି ସଦସ୍ୟ ଭାବେ ନିଶିକାନ୍ତ ଶତପଥୀ, ସନ୍ତୋଷ କୁମାର ଦାସ, ଭାରତ କୁମାର ମହାନ୍ତିଙ୍କୁ ଚୟନ କରାଯାଇଛି। ନବ ନିର୍ବାଚିତ ପ୍ରତିନିଧିମାନଙ୍କ ଚିଠା ରାଜ୍ୟ ବାର ଆସୋସିଏସନକୁ ପଠାଇ ଦିଆଯାଇଥିବା ନିର୍ବାଚନ ଅଧିକାରୀ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଆଇନଜୀବୀ କ୍ଷୀରୋଦ ମୁଦୁଲି, କେଦାରେଶ୍ୱର ଦାଶ, ଅଜିତ ରାଉତ, ଅଜୟ ଦାସ ପ୍ରମୁଖ ନିର୍ବାଚନ ପରିଚାଳନାରେ ସହାୟତା କରିଥିଲେ।

## ବରୁଆଁ ଛକ ସତ୍ୟନାରାୟଣ ବଜାର କମିଟି ଗଠିତ

ଯାଜପୁର, ୨୯।୩(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ଛକ ସତ୍ୟନାରାୟଣ ବଜାର କମିଟି ଗଠନ କରାଯାଇଛି। ବରୁଆଁ ଛକ ସ୍ଥିତ ଡାକବଙ୍ଗଳା ପରିସରରେ ବଜାରର ସମସ୍ତ ବ୍ୟବସାୟୀମାନଙ୍କ ଉପସ୍ଥିତିରେ କର୍ମକର୍ତ୍ତା ଚୟନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ସୁଶାନ୍ତ କୁମାର ସ୍ୱାଇଁ, ଉପସଭାପତି ଭାବେ ଉପେନ୍ଦ୍ର ଦାସ ଓ ବାବନ ଆଇଚ, ସମ୍ପାଦକ ରାଧାମୋହନ ଭଞ୍ଜ, ସହ ସମ୍ପାଦକ ସୌମ୍ୟରଞ୍ଜନ ସାହୁ ଓ ଇଫ୍‌ତେଖାର ଆଲମ୍ (ଇଖୋ), କୋଷାଧ୍ୟକ୍ଷ ଭାବେ ଅଭୟ କୁମାର ସାହୁ ଓ ଉପଦେଷ୍ଟା ଭାବେ ଗଦାଧର ଦାସ, ବିଷ୍ଣୁ ଚରଣ ମହାପାତ୍ର, ବରଜୁ ସାହୁ, ପ୍ରବାଳ ନାୟକ, ଅଶୋକ ସ୍ୱାଇଁ, ଦଶରଥ ମହାନ୍ତି, ସୁରେନ୍ଦ୍ର କବି, ବିଦ୍ୟାଧର ରାଉତ୍, ଚିତ୍ତରଞ୍ଜନ ସାହୁ, ଭାଗୀରଥି ଦାସ, ବିଜୟ ପାଢ଼ୀ, ଦୁଷ୍ମନ୍ତ ସାମଲ, ଅଭିମନ୍ୟୁ ସାହୁ, ମନୋଜ କୁମାର ଭଞ୍ଜ ପ୍ରମୁଖ ଚୟନ କମିଟି ପକ୍ଷରୁ ମନୋନୀତ ହୋଇଥିବା ସଭାପତି ଶ୍ରୀ ସ୍ୱାଇଁଙ୍କ ଠାରୁ ଜଣାପଡ଼ିଛି।

## ସମ୍ଭବ ସାହିତ୍ୟ ପତ୍ରିକାର ବାର୍ଷିକ ସମାରୋହ

ଧର୍ମଶାଳା, ୨୯।୩(ସମିସ): ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ସୃଷ୍ଟି ଓ ସମୀକ୍ଷାର ସ୍ୱତନ୍ତ୍ର ସ୍ମାରକୀ ‘ସମ୍ଭବ’ର ୨୨ତମ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ସମାରୋହରେ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ନିବନ୍ଧକାର ଡ. କୃଷ୍ଣଚନ୍ଦ୍ର ବଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ କୃଷକ ନେତା ଶେଷଦେବ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମ୍ଭବ ପତ୍ରିକାର ବିଷୁବ ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ଡ. ବୈଷ୍ଣବ ଚରଣ ସାମଲଙ୍କୁ ସମ୍ଭବ ପ୍ରବନ୍ଧ ସମ୍ମାନ, ଡ. ଗୌତମ ଜେନାଙ୍କୁ ସମ୍ଭବ କବିତା ସମ୍ମାନ, ଡ. ମନୋରଞ୍ଜନ ବେହୁରାଙ୍କୁ ସମ୍ଭବ ଗଳ୍ପ ସମ୍ମାନ ପ୍ରଦାନ କରାଯାଇଥିଲା। କେନ୍ଦ୍ର ବାଲ୍ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝା ଓ ଡ. ରାଜକିଶୋର ପାଢ଼ୀଙ୍କୁ ସମ୍ଭବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ବିଜୟ କୁମାର ଶତପଥୀ, କବି ଡ. ଗୋପବନ୍ଧୁ ଦାଶ, ସମାଜସେବୀ ମିନତୀ ସାହୁ, ଗୋକର୍ଣ୍ଣିକା ସମ୍ପାଦକ ଡ. ରମାକାନ୍ତ ଜେନା, ସମାଜସେବୀ କାହ୍ନୁଚରଣ ଦାଶ, ଇନର ହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ, ଅଧ୍ୟାପିକା ସସ୍ମିତା ପଣ୍ଡା, ଇନର ହୁଇଲ କ୍ଲବ ସଭାନେତ୍ରୀ ଲୋପାମୁଦ୍ରା ଷେଣ୍ଠ, ଅର୍ଚ୍ଚନା ସ୍ୱାଇଁ, ଡ. ରବୀନ୍ଦ୍ର ବିହାରୀ, ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ, ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ଅଧ୍ୟାପକ ସୁନାକର ଦାସ, ଦୀପକ ମହାପାତ୍ର, ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର, କବି କଳ୍ପନା ପଣ୍ଡା, ଶିକ୍ଷାବିତ ପ୍ରଫୁଲ କୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ସମ୍ଭବ ସମ୍ପାଦକ ଅଖିଳ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ ବିଜୟ କୁମାର ଦେବତା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବିଜୟ କୁମାର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଜୟ କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।



## ଛାତ୍ରଛାତ୍ରୀଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ

ମଙ୍ଗଳପୁର, ୨୯।୩(ସମିସ): ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତ ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟ ୧୯୯୧ ମାଟ୍ରିକ୍ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପୁରାତନ ଛାତ୍ରୀ ସୀମାରାଣୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପୁରାତନ ଶିକ୍ଷକ ଗୋପବନ୍ଧୁ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ନଗେନ ରାଉତ, ଅନନ୍ତ କିଶୋର ଶତପଥୀ, ପ୍ରଫୁଲ ତ୍ରିପାଠୀ, ବୈକୁଣ୍ଠ ନାୟକ, ପରୀକ୍ଷିତ ଷଡ଼ଙ୍ଗୀ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶରତ ଚନ୍ଦ୍ର ତ୍ରିପାଠୀ, ଦୁଦୁରାଅନ୍ତା ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ଶିଶିର ରାଉତଙ୍କ ସମେତ ବର୍ତ୍ତମାନ ବିଦ୍ୟାଳୟରେ ଶିକ୍ଷା ଦାନ କରୁଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅତିଥି ରୂପେ ଯୋଗ ଦେଇଥିଲେ। ଦିବଂଗତ ଶିକ୍ଷକ ନିରଞ୍ଜନ ବଳ, ସୁରେଶ ଚନ୍ଦ୍ର ପାତ୍ର, ଘନଶ୍ୟାମ ତ୍ରିପାଠୀ, ଚତୁର୍ଥ ଶ୍ରେଣୀ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ନାୟକ, ମହନୀ ଦାସ, ଦିବଂଗତ ଛାତ୍ର ଶ୍ୟାମସୁନ୍ଦର ମଲ୍ଲିକ, ସୁବ୍ରତ ମେକାପଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତେ ଗୋଟିଏ ମିନିଟ ନିରବ ପ୍ରାର୍ଥନା କରିଥିଲେ। ପୁରାତନ ଛାତ୍ର ନିରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ର ଆଲୋକ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଦୀର୍ଘ ୩୫ ବର୍ଷ ପରେ ସହପାଠୀ ମାନେ ପରସ୍ପରଙ୍କୁ ନିକଟରେ ପାଇ ବେଶ ଭାବ ବିହ୍ୱଳ ହୋଇପଡ଼ିଥିଲେ। ସେହିପରି ଶିକ୍ଷକ ମାନେ ୩୫ ବର୍ଷ ପରେ ନିଜ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କ ପରିବାର ବର୍ଗଙ୍କୁ ଦେଖି ବେଶ ଆନନ୍ଦ ପ୍ରକାଶ କରିଛନ୍ତି।



## ବିଶ୍ୱକଲ୍ୟାଣ ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା

ବିଞ୍ଝାରପୁର, ୨୯।୩(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ସାମ୍ପ୍ରତିକ ସମୟରେ ସମଗ୍ର ବିଶ୍ୱ ଅଭାବନୀୟ ପରିସ୍ଥିତିର ସମ୍ମୁଖିନ ହୋଇଛି। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଗୁମ୍ଫାଛକସ୍ଥିତ ମା’ ବାସନ୍ତୀ ଦୁର୍ଗାଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି। ମା’ଙ୍କର ଏହି ସ୍ୱତନ୍ତ୍ର ପୂଜାକୁ ସାମାଜିକ କର୍ମୀ ପୁପୁନ ଦାସ ସଙ୍କଳ୍ପ କରିଥିଲା ବେଳେ ପୀଠର ମୁଖ୍ୟ ପୂଜକ ପଣ୍ଡିତ ଚନ୍ଦନ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଜାନନ ପତି, ପର୍ଶୁରାମ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଏହି ପୂଜାରେ ମା’ଙ୍କ ନିକଟରେ ବିଭିନ୍ନ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ପୂଜା କରାଯାଇଥିଲା ପରେ ହୋମ, ଯାଗଯଜ୍ଞ ନୈବେଦ୍ୟ ଅର୍ପଣ କରାଯାଇ ପରେ ପୂର୍ଣ୍ଣାହୁତି କରାଯାଇଥିଲା। ଏହି ପୂଜା ସମୟରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା’ଙ୍କର ଆର୍ଶିବାଦ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ମୈତ୍ରୀକେତନ ବାରିକ, ସୌଭାଗ୍ୟ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## କଳିଙ୍ଗନଗର ମଜଦୂର ୟୁନିୟନର ବୈଠକ



ଦାନଗଦି, ୨୯।୩(ସମିସ): କଳିଙ୍ଗନଗର ମଜଦୂର ୟୁନିୟନର ସାଧାରଣ ପରିଷଦ ବୈଠକ ସଭାପତି ଇଂ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଅଧ୍ୟକ୍ଷତାରେ ଦାନଗଦିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଟାଟା, ନୀଳାଚଳ, ରୋହିତ, ମୈଥାନ, ମିଶ୍ରିଲାଲ, ଭିସାଷ୍ଟିଲ, ବିଆର୍‌ପିଏଲ ଆଦି କାରଖାନାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବିଭିନ୍ନ କାରଖାନାରେ ଦେଖା ଦେଇଥିବା ଶ୍ରମିକମାନଙ୍କ ସମସ୍ୟା, କାରଖାନା କର୍ତ୍ତୃପକ୍ଷଙ୍କ ମନମାନି ଶାସନ, ବିସ୍ଥାପନ ସମସ୍ୟା ଏବଂ ଶିଳ୍ପାଞ୍ଚଳରେ ବୃଦ୍ଧି ପାଉଥିବା ପ୍ରଦୁ୍ୟଷଣ ଇତ୍ୟାଦି ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କଳିଙ୍ଗନଗର ମଜଦୂର ୟୁନିୟନ ପ୍ରତିଷ୍ଠାତା ତଥା ମୁଖ୍ୟ ପରାମର୍ଶଦାତା ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଏହି ଆଲୋଚନାରେ ଭାଗ ନେଇଥିଲେ। ସମୂହ ଶ୍ରମିକ ସଂଗଠନ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ଏକାଠି କରି ଶ୍ରମିକ ଶକ୍ତିକୁ ଦୁର୍ବାର କରିବା ପାଇଁ ଶ୍ରୀ ଘଡ଼ାଇ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ୟୁନିୟନ ସାଧାରଣ ସମ୍ପାଦକ ଆଜାର ଅହମ୍ମଦ ଖାଁନ, କାର୍ଯ୍ୟକାରୀ ସଭାପତି ଅମୀୟ କୁମାର ନାୟକ, ପ୍ରିୟବ୍ରତ ମହାନ୍ତ, ବିଷ୍ଣୁ ବିଶ୍ୱାଳ, ଅଭିରାମ ଦାସ, ରଞ୍ଜନ ମଲ୍ଲିକ, ଜାଫର ଅଲ୍ଲୀ ଖାଁ, ସୁଧାକର ପୃଷ୍ଟି, କୁଲୁ ଘଡ଼ାଇ, ଓମ ପ୍ରକାଶ ବ୍ରହ୍ମ, ନିଶାକର ବେହେରା, ବିଜୟ ପାଲ, ଅମର ପାତ୍ର ପ୍ରମୁଖ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ।

## ସହିଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତିସଭା



ପାଣିକୋଇଲି, ୨୯।୩(ସମିସ): ସ୍ୱାଧୀନତା ଆନ୍ଦୋଳନର ମହାନ ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ଗ୍ରାମ ପଞ୍ଚାୟତ ଓଡିନ୍ଦା ଗ୍ରାମ ଛକରେ ଥିବା ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତୀରେ ସକାଳୁ ମାଲ୍ୟାର୍ପଣ କରାଯାଇଥିଲା। ଡାକ୍ତର ନିର୍ମଳ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ ଯୋଗଦେଇ ଆଦିବାସୀ ଭୂୟାଁ ମାନଙ୍କୁ ଏକତ୍ରୀତ କରିବାରେ ଲକ୍ଷ୍ମଣ ନାୟକଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ମନ୍ମଥ ଗିରି, ଜଗତମୋହନ ଦାସ, ତାରିଣୀ ପଟ୍ଟନାୟକ, ପ୍ରଦୀପ ମାଝୀ, ତୁଷାର ବେଉରା, ଅଚ୍ୟୁତଶନନ୍ଦ ସାହୁ, ପ୍ରକାଶ ସାହୁ, ନୃସିଂହ ସେନାପତିଙ୍କ ସମତେ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଞ୍ଝାରପୁରରେ ରକ୍ତଦାନ ଶିବିର

ବିଞ୍ଝାରପୁର, ୨୯।୩(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଲାରପୁରଠାରେ ହେଲ୍ପ ଫର୍ ପିପୁଲ ଗିରିଧାରୀଜୀଉ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ସରପଞ୍ଚ କଳିକା ଦାସ ଓ ପୂର୍ବତନ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଯୋଗଦେଇଥିଲେ। ମୁଖ୍ୟଅତିଥି ମାନେ ରକ୍ତଦାନ ମହାନତା ସମ୍ପର୍କରେ ମତ ରଖି ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉଲ୍ଲେଖ୍ୟ ଯେ, ଏହି ଅନୁଷ୍ଠାନଟି ୨୦୨୫ ମସିହାରେ ଅନନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଲୋକମାନଙ୍କୁ ସେବା ଯୋଗାଇବା ପାଇଁ ଆରମ୍ଭ ହୋଇଥିଲା। ସେଥିଠାରୁ ସଂଗଠନ ପକ୍ଷରୁ ବିଞ୍ଝାରପୁର ସହିତ ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଆଦି ଜିଲ୍ଲାରେ ଅସହାୟ ଓ ଆବଶ୍ୟକତାମନ୍ଦିଙ୍କୁ ବିଭିନ୍ନ ସେବା ଯୋଗାଇ ଆସୁଛନ୍ତି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।



# ଗଣପତି ମଧୁବୈଶ୍ୟ ସମିତିର ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର, ୨୯।୩(ସମିସ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ସ୍ଥିତ ମାହାଙ୍ଗା-ବଡ଼ଚଣା ଗଣପତି ମଧୁବୈଶ୍ୟ ସମିତିର ପଞ୍ଚମ ବାର୍ଷିକ ଉତ୍ସବ ନିକଟସ୍ଥ ସୋରଳ ଗ୍ରାମ ସ୍ଥିତ ଶରଧା କ୍ଷେତ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସମିତି ସଭାପତି ଦୁଃଶାସନ ସାହୁଙ୍କ ଅଧ୍ୟକ୍ଷତାରେ ତଥା କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କ ସଞ୍ଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସମିତିର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ଡ. ଭୁବନାନନ୍ଦ ସାହୁ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ତଥା ସାହିତ୍ୟିକ କୁଳମଣି ସାହୁ ଓ ଅଧ୍ୟାପକ ରଞ୍ଜନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶରତ କୁମାର ସାହୁ ଓ ଦାମୋଦର ସାହୁ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ କବି ପୁରୁଷୋତ୍ତମ ପୃଷ୍ଟିଙ୍କ କବିତା ସଙ୍କଳନ ‘ଆଦର୍ଶ ଭକ୍ତ’କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। କବି ଶରତ କୁମାର ସାହୁ ଓ କବି ପୁରୁଷୋତ୍ତମ ପୃଷ୍ଟି ଜାତି ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତି ପକ୍ଷରୁ ମୁଖ୍ୟଅତିଥି ସହଦେବ ସାହୁଙ୍କୁ ‘ମଧୁବୈଶ୍ୟ ରତ୍ନ ସମ୍ମାନ’, କବି କୁଳମଣି ସାହୁଙ୍କୁ ମଧୁବୈଶ୍ୟ ଗୌରବ ସମ୍ମାନ, କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ମଧୁବୈଶ୍ୟ କୁଶଳୀ କାରିଗର ସାମ୍ମାନ, ଶିକ୍ଷୟିତ୍ରୀ ସାନିଭଦ୍ରା ସାହୁଙ୍କୁ ମଧୁବୈଶ୍ୟ ଶିକ୍ଷା ସେବା ସାମ୍ମାନ ଓ ଡାକ୍ତରୀ ଛାତ୍ରୀ ଶ୍ରୀମା ଶୁଭଶ୍ରୀ ସାହୁଙ୍କୁ ମଧୁବୈଶ୍ୟ ମେଧା ସମ୍ମାନରେ ଆଭୂଷିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ଖଗେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧନ୍ୟବାଦ ଦେଇଥିଲେ ବରିଷ୍ଠ ସଦସ୍ୟ ଶିକ୍ଷକ ପର୍ଶୁରାମ ସାହୁ। ଏଥିରେ ବିଜୟ କୁମାର ସାହୁ, ନୃସିଂହ ଚରଣ ସାହୁ, ରାଜ କିଶୋର ସାହୁ, ନିରଞ୍ଜନ ପୃଷ୍ଟି, ରାଇ ଚରଣ ସାହୁ, ମାନ ଭଞ୍ଜନ ସାହୁ, ଈଶ୍ୱର ଚନ୍ଦ୍ର ସାହୁ ଓ ପ୍ରମୋଦ କୁମାର ସାହୁଙ୍କ ସମେତ ସମିତିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଧର୍ମଶାଳା ମଧୁବୈଶ୍ୟ ସମାଜର ବାର୍ଷିକ ଉତ୍ସବ

ଧର୍ମଶାଳା, ୨୯।୩(ସମିସ): ଧର୍ମଶାଳା ମଧୁବୈଶ୍ୟ (ଗୁଡିଆ) ସମାଜର ଚତୁର୍ଥ ବାର୍ଷିକ ସମ୍ମିଳନୀ ଜାରକାସ୍ଥିତ ଷ୍ଟାଡିୟମ ହଲ୍ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ସଭାପତି ରଘୁନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ରାଜ୍ୟ ସଭାପତି ଦେବେନ୍ଦ୍ର କୁମାର ସାହୁ ଓ ସମାଜସେବୀ ମିନତୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ ଅବନିକାନ୍ତ ସାହୁ, ଜିଲ୍ଲା ସମ୍ପାଦକ ଧିରେନ୍ଦ୍ର କୁମାର ସାହୁ, ଭଦ୍ରକ ଜିଲ୍ଲା ସଭାପତି ରଘୁନାଥ ସାହୁ ଅତିଥି ଭାରେ ଯୋଗଦେଇଥିଲେ। କାହ୍ନୁଚରଣ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାମଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅଲେଖ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ ପ୍ରଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଡା. ଗୋବିନ୍ଦ ଚନ୍ଦ୍ର ସାହୁ, ଡା. ଲକ୍ଷ୍ମୀପ୍ରିୟା ସାହୁ, ଅଧ୍ୟାପିକା ରୁନୁରଣା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ରଘୁନାଥ ସାହୁ, ଦଧିବାମନ ସାହୁ, ସୁନିଲ କୁମାର ସାହୁ, ସାବିତ୍ରୀ ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମେଧାବୀ ଛାତ୍ର ରୁପମ ସାହୁ ଓ ଛାତ୍ରୀ ପ୍ରତିକ୍ଷା ସାହୁଙ୍କୁ ଶିଶୁ ସାହିତ୍ୟିକ ସ୍ୱର୍ଗତ ମାୟାଧର ସାହ ସ୍ମୃତି ସମ୍ମାନରେ ସମାନିତ କରାଯାଇଥିଲା। ଏହି ଉତ୍ସବକୁ ସୁନାକର ସାହୁ, ସୁନନ୍ଦ କୁମାର ସାହୁ, ଜୟଗୁରୁ ପାତ୍ର, ହରିହର ସାହୁ, ଅଶୋକ କୁମାର ସାହୁ, ନୃସିଂହ ଚରଣ ସାହୁ, ମହେଶ୍ୱର ସାହୁ, ପ୍ରଣବ କୁମାର ସାହୁ, ବୈଦେହୀ ସାହୁ, ସୁଜାତା ସାହୁ, ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



# ଅଗ୍ନିକାଣ୍ଡରେ ଦୁଇବଖରା ଜଳିଗଲା

ମଙ୍ଗଳପୁର/ କୟାଁଗୋଲା,୨୯।୩(ସମିସ): ଦଶରଥପୁର ବ୍ଲକ କମାରଡ଼ିହି ପଞ୍ଚାୟତସ୍ଥ କମାରଡ଼ିହି ଗ୍ରାମର ଶାନ୍ତନୁ ଯେନାଙ୍କ ଘରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗୁଆଳ ଘର ଓ ଅନ୍ୟ ଗୋଟିଏ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନି କାଣ୍ଡ ସମ୍ପର୍କରେ ଦଶରଥପୁର ଦମକଳ ବାହିନୀକୁ ଖବର ଦିଆଯାଇଥିଲେ ମଧ୍ୟ ୨ ଘଣ୍ଟା ବିଳମ୍ବରେ ଦମକଳ ପହଞ୍ଚିଥିବା ବେଳେ ସେତେବେଳକୁ ଘର ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଘର ଭିତରେ ଥିବା ସମସ୍ତ ଆସବାସପତ୍ର ସମ୍ପୂର୍ଣ୍ଣ ଜଳିପୋଡି ପାଉଁସ ହୋଇଯାଇ ଥିବା ବେଳେ ଗୁଆଳ ଘରେ ଥିବା ୩ଟି ଗାଈ ଅଧା ପୋଡା ହୋଇ ପଦାକୁ ବାହାରି ଯାଇଥିବା ବେଳେ ଗୋଟିଏ ଗାଈ ଗୁଆଲୁ ବାହାରି ନପାରି ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଥିଲା। ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇ ଥିଲା। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଜଣା ପଡ଼ିନଥିଲେ ମଧ୍ୟ ବିଦ୍ୟୁତ ସଟସର୍କିଟରୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଅଗ୍ନିକାଣ୍ଡର ଖବର ପାଇ କମାରଡ଼ିହି ପଞ୍ଚାୟତର ଯୁବନେତା ଟୁନା ବିଶ୍ୱାଳ, ଗଙ୍ଗାଧର ଯେନା, ଶ୍ରୀନାଥ ଯେନା, ନିମାଇଁ ଯେନା, ସରୋଜ କୁମାର ପଣ୍ଡା, ରଞ୍ଜିତ କୁମାର ପଣ୍ଡା, ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀ ଦୀପକ କୁମାର ବାରିକ, ପ୍ରତାପ କୁମାର ନାୟକ ପ୍ରମୁଖ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ସମବେଦନା ଜଣେଇବା ସହ ତୁରନ୍ତ ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗେଇ ଦେବାକୁ ଦାବି କରିଛନ୍ତି।

● ଅଗ୍ନିକାଣ୍ଡରେ ପୋଡ଼ିଗଲା ଗୁହାଳ

# ଗାଈବାଛୁରି ଓ ୧୭ଟି ଛେଳି ଜୀବନ୍ତ ଦଗ୍ଧ

ଦଶରଥପୁର,୨୯।୩(ସମିସ): ଦଶରଥପୁର ତହସିଲ ଅଧୀନ ଚମ୍ପେଇପାଳ ପଞ୍ଚାୟତ ଓଡ଼େଇ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୁହାଳ ପୋଡିଯାଇଛି। ଗ୍ରାମର ଅର୍ଜୁନ ମଲ୍ଲିକଙ୍କ ଗୁହାଳ ଘର ପୋଡିଯିବାରୁ ଗୋଟିଏ ଗାଈ ଓ ଗୋଟିଏ ବାଛୁରି ସମେତ ୧୭ଟି ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ଜଣାଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ବେଳେ ଗୁହାଳରେ ମଶା ପାଇଁ ଦିଆଯାଇଥିବା ଧୂଆଁ ପାଉଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଶନିବାର ରାତିରେ ଅର୍ଜୁନଙ୍କ ପରିବାର ଶୋଇଥିବା ବେଳେ ରାତି ପ୍ରାୟ ସାଢ଼େ ୨ଟାରେ ଗୁହାଳ ଘର ହୁହୁହୁ ହୋଇ ଜଳୁଥିବା ଦେଖି ଜଣେ ପଡ଼ୋଶୀ ଡାକ ପକାଇଥିଲେ। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ପଡ଼ୋଶୀଙ୍କ ଡାକ ଶୁଣି ପରିବାର ଲୋକ ଦଉଡ଼ି ଆସିଥିଲେ ମଧ୍ୟ ଗୁହାଳରୁ ଗାଈ, ବାଛୁରି ଓ ଛେଳିଙ୍କୁ ବାହାରକୁ ଆଣିପାରିନଥିଲେ। ଗୁହାଳ ଭିତରେ ଥିବା ସବୁ ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଦଶରଥପୁର ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସବୁ ପୋଡି ପାଉଁଶ ହୋଇଯାଇଥିଲା। ଆଜି ସକାଳୁ ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ଜିଲ୍ଲାପରିଷଦ ସଭ୍ୟା ମନସ୍ୱିନୀ ଦାସ, ସମାଜସେବୀ ସଞ୍ଜୟ ନାୟକ, ଲକ୍ଷ୍ମଣ ମଲ୍ଲିକ, ବଜୁଆ ମଲ୍ଲିକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିବିପନ୍ନ ଅର୍ଜୁନଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଗାଈ, ଛେଳି ପାଳନ କରି ପରିବାର ପ୍ରତିପୋଷଣ କରୁଥିବା ଅର୍ଜୁନଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ଦିଗରେ ତହସିଲ, ପ୍ରାଣୀ ଚିକିତ୍ସା ଓ ବ୍ଲକ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ୭ ଦୋକାନ ପୋଡ଼ିଗଲା

ବ୍ରହ୍ମବରଦା,୨୯।୩(ସମିସ): ବ୍ରହ୍ମବରଦା ଥାନା ଅନ୍ତର୍ଗତ ତାରିଣୀ ଛକ ମାର୍କେଟରେ ଗତ ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ପାଖାପାଖି ୭ ଦୋକାନରେ ନିଆଁ ଲାଗି ଯିବା ଫଳରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ମିଳିଥିବା ସୂଚନା ଅନୁସାରେ, ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ଏହି ନିଆଁ ଲାଗି ଯାଇଥିଲା। ତେବେ କେମିତି ଲାଗିଲା ନିଆଁ ତାହା ସ୍ପଷ୍ଟ ହୋଇ ପାରିନାହିଁ। ଏହି ମାର୍କେଟରେ ଥିବା ଲସି ଦୋକାନ, ମିଠା ଦୋକାନ, ସାଇକଲ ମରାମତି ଦୋକାନ, ଚା' ଦୋକାନ, ଛୋଟ ଭେରାଇଟି ଷ୍ଟୋର, ଚପଲ ଦୋକାନ, ଗଦି ଓ ସୋଫା ଦୋକାନରେ ନିଆଁ ଲାଗି ଯାଇଥିଲା। ଲସି ଦୋକାନରେ ତିନି ଜଣ ଶୋଇଥିବା ବେଳେ ଏହି ନିଆଁ ଲାଗିଯାଇଥିଲା। ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ବରୁହାଁ ଏବଂ କୁଆଖିଆ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀ ସ୍ଥାନୀୟ ବ୍ରହ୍ମବରଦା ଗ୍ରାମର ରମେଶ ବାରିକ, ପ୍ରତାପ ବେହେରା, ଦେବେନ୍ଦ୍ର ବେହେରା, ହେମନ୍ତ ବେହେରା, ସେକ୍ ସଫିଉର ରହେମାନ, ଇମତିଆଜ ଆଲାମ୍ ଖାଁ, ନିଆଜୁଦ୍ଦିନ ଖାଁ ଏନେଇ ବ୍ରହ୍ମବରଦା ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ବ୍ରହ୍ମବରଦା ରାଜସ୍ୱ ନିରୀକ୍ଷକ ଚିନ୍ମୟୀ ଦାସ ପହଞ୍ଚି କ୍ଷତିଗ୍ରସ୍ତ ଦୋକାନୀମାନଙ୍କୁ ପାଲ ଖଣ୍ଡେ ଖଣ୍ଡେ ଯୋଗାଇଦେଇଥିବା ଜଣାପଡ଼ିଛି।

# ଦୁର୍ଘଟଣାରେ ବାଇକ୍ ଆରୋହି ଗୁରୁତର

ସୁକିନ୍ଦା,୨୯।୩(ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଛକ ନିକଟରେ ଏକ ପିକଅପ ସହ ବାଇକ୍ ଦୁର୍ଘଟଣାରେ ବାଇକ୍ ଆରୋହୀ ମଳୟ ଦେହୁରୀ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ମଳୟ ବାଇକ୍ ନେଇ ସୁକିନ୍ଦା ଯାଉଥିବା ସମୟରେ ଏକ ତରଭୂଜ ବୋଝେଇ ପିକଅପ୍ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ମଳୟ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ ସହାୟତାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମଳୟ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିର ଡ୍ରାଇଭର ଘଟଣା ସ୍ଥଳରୁ ଗାଡି ଛାଡ଼ି ପାର ହୋଇଯାଇଛି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଜବତ୍ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ସୁକିନ୍ଦାରେ କାଳବୈଶାଖୀର ତାଣ୍ଡବ

ସୁକିନ୍ଦା,୨୯।୩(ସମିସ): ସୁକିନ୍ଦାର ଦୁଲାବାହାଳି ଗ୍ରାମରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଆକସ୍ମିକ ଘୂର୍ଣ୍ଣିଝଡ଼ ପ୍ରଭାବରେ ଦୁଃଖବନ୍ଧୁ ମହାନ୍ତଙ୍କ ଘର ସଂପୂର୍ଣ୍ଣ ଭାଙ୍ଗି ଛାରଖାର ହୋଇଯାଇଛି। ଗତ ଶୁକ୍ରବାର ରାତିରେ ପ୍ରଚଣ୍ଡ ବେଗରେ ପବନ ସହ



ବର୍ଷା ହୋଇଥିଲା। ଏହି ଘୂର୍ଣ୍ଣିଝଡ଼ ପ୍ରଭାବରେ ଦୁଃଖବନ୍ଧୁଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି। ଘରର ଦସ୍ତା ଛପର ଉଡ଼ିଯାଇଥିବା ବେଳେ କାନ୍ଥ ଭାଙ୍ଗିପଡ଼ିଛି। ଘର ଭିତରର ଆସବାବପତ୍ର ଓ ଦୈନିକ ବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ପୀଡ଼ିତ ପରିବାର ଅସହାୟ ଅବସ୍ଥାରେ ରହିଥିବାବେଳେ ବର୍ତ୍ତମାନ ସେମାନେ ମୁଣ୍ଡ ଗୁଞ୍ଜିବା ପାଇଁ ଚିନ୍ତାରେ ପଡିଛନ୍ତି। ଏହି ପରିସ୍ଥିତିରେ ସଂପୃକ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ଅଯୋଗ୍ୟଙ୍କ ହାତରେ ରୋଗୀଙ୍କ ଭାଗ୍ୟ

ବିଞ୍ଝାରପୁର,୨୯।୩(ସମିସ)

ଯାଜପୁର ଜିଲ୍ଲାର ବିଞ୍ଝାରପୁର ଅଞ୍ଚଳରେ ଏବେ ଅଯୋଗ୍ୟଙ୍କ ହାତରେ ପଡ଼ିଛି ରୋଗୀଙ୍କ ଭାଗ୍ୟ। ଏହି ଅଞ୍ଚଳରେ ବହୁ ଅଳ୍ପଶିକ୍ଷିତ ତଥା ଡାକ୍ତରୀ ଜ୍ଞାନ ନ ଥିବା ଲୋକଙ୍କ ହାତରେ ଚାଲୁଛି ଚିକିତ୍ସା ସେବା। ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଲୁଥିବା ମେଡ଼ିସିନ ଦୋକାନମାନଙ୍କର ଅନିୟମିତ କାର୍ଯ୍ୟକଳାପ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସିଂହପୁରରୁ ଆରମ୍ଭ କରି ବିଞ୍ଝାରପୁର, ବାଳମୁକୁଳି, ପ୍ରୀତିପୁର, ମଇଁଦା, ଚିକଣା ଓ ସୟଦପୁର , ଅଳକୁଣ୍ଡ , ପର୍ଯ୍ୟନ୍ତ ବହୁ ଗ୍ରାମରେ ମେଡିସିନ ଷ୍ଟୋରମାନ ଖୋଲାଯାଇଛି। ଔଷଧ ଦୋକାନୀମାନେ ଖୁଲମଖୋଲା ନିୟମକୁ ଅବହେଳା କରୁଥିବା ଅଭିଯୋଗ ହେଇଆସୁଛି। ସ୍ଥାନୀୟମାନଙ୍କ କହିବା ଅନୁସାରେ, ଅନେକ ଦୋକାନରେ ବିନା ଡାକ୍ତରଙ୍କ ପ୍ରେସ୍କ୍ରିପସନରେ ସାଧାରଣ ଲୋକଙ୍କୁ ଔଷଧ ବିକ୍ରୟ କରାଯାଉଛି। ଏହା ସହିତ କିଛି ପ୍ରଶିକ୍ଷିତ ନେଇ ନଥିବା ବ୍ୟକ୍ତି ରୋଗୀଙ୍କୁ ଇଞ୍ଜେକ୍ସନ ଦେବା ସହ ଅନାବଶ୍ୟକ ଭାବେ ସାଲାଇନ ଲଗାଇ ଠକୁଥିବା ଅଭିଯୋଗ ମଧ୍ୟ ଆସିଛି। ଏପରି କାର୍ଯ୍ୟକଳାପ ରୋଗୀଙ୍କ ଜୀବନ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ଚିନ୍ତା ବ୍ୟକ୍ତ କରାଯାଉଛି। ଏହାଛଡ଼ା କିଛି ଦୋକାନୀ ଡାକ୍ତରୀ ସାର୍ଟିଫିକେଟ ବିନା ପ୍ରେସ୍କ୍ରିପସନ ଲେଖୁଥିବା ଓ ଏକ୍ସପାୟାରୀ ଔଷଧ ବିକ୍ରୟ କରୁଥିବା ଅଭିଯୋଗ ମଧ୍ୟ ଗୁରୁତ୍ୱର ସହ ଉଠିଛି। ଚମତ୍କାର କଥା ହେଲା, କିଛି ହୋମିଓପାଥିକ ଚିକିତ୍ସକ ଦନ୍ତ ଚିକିତ୍ସକ ଭାବେ କାମ କରି ଦାନ୍ତ ଉପାଡ଼ିବା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ମଧ୍ୟ ଦେଖାଯାଉଛି। ଏ ପରିକି ସିଂହପୁର ବଜାରରେ ଔଷଧ ଦୋକାନି ପାଲଟିଛନ୍ତି ଚର୍ମ ରୋଗର ବଡ଼ ଡାକ୍ତର। କଣ୍ଟିପୁର ଉପସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଥିବା ଔଷଧ ଦୋକାନରେ ବ୍ୟାପକ ପରିମାଣରେ ନିମ୍ନମାନର ଔଷଧ ବିକ୍ରି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକୃତ ଔଷଧ ଦୋକାନୀ ଔଷଧ ଦୋକାନରେ ରହୁନାହାନ୍ତି। ବହୁ ଲାଇସେନ୍ସପ୍ରାପ୍ତ ଅଧିକାରୀ ଦୁବାଇରେ ଚାକିରି କରିଛନ୍ତି। ଆଉ ସେ ଦୋକାନ ଜଣେ ଅଣସ୍ୱୀକୃତି ପ୍ରାପ୍ତ ବ୍ୟକ୍ତି ଚଳାଉଛନ୍ତି। ଏପରି ଅନିୟମିତତା ସମ୍ପର୍କରେ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ସମୟ ଅନୁସାରେ ଯାଞ୍ଚ କରୁନଥିବାରୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସାଧାରଣ ଲୋକମାନଙ୍କ ଦାବି ଅନୁସାରେ, ଏହି ଅନିୟମିତ କାର୍ଯ୍ୟକଳାପ ଉପରେ ଶୀଘ୍ର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

# ଏସ୍‌ଏସ୍‌ବି ଅଧ୍ୟାପକ, ଅଧ୍ୟାପିକାଙ୍କ ପଦୋନ୍ନତି ଓ ବେତନରେ ପାତରଅନ୍ତର

ନୀଳଗିରି, ୨୯।୩ (ସମିସ): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷାବିଭାଗ ଅଧୀନ ଅନୁଦାନପ୍ରାପ୍ତ ୪୮୮ବର୍ଗ ଅଧ୍ୟାପକ/ ଅଧ୍ୟାପିକା ମାନଙ୍କ ପ୍ରତି ରାଜ୍ୟସରକାର ଅହେତୁକ ବୈମାତୃକ ମନୋଭାବ ପ୍ରତିବାଦରେ ଆଜି ନୀଳଗିରି ଏନଏସି କଲ୍ୟାଣମଣ୍ଡପ ପରିସରରେ ରାଜ୍ୟ ସିଲେକ୍ସନ୍ ବୋର୍ଡ ଲେକ୍‌ଚରର୍ସ ଆସୋସିଏସନ୍ (ଓଏସଏଲ୍‌ଏ) ର ଏକ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ ପାଇଥିବା ବେଳେ ତୁରନ୍ତ ସେମାନଙ୍କୁ ନ୍ୟାୟପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ମୁଖ୍ୟଶାସନ ସଚିବ ଏବଂ ବିଭାଗୀୟ ସଚିବ ଧ୍ୟାନଦେବାକୁ ନିବେଦନ କରିଛନ୍ତି। ରାଜ୍ୟ ସରକାରଙ୍କ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ନିଯୁକ୍ତି ନିୟମାବଳୀ ୨୦୨୪ଅନୁଯାୟୀ ଏସଏସବି ଚୟନ ପ୍ରକ୍ରିୟାରେ ସମସ୍ତ ମାନଦଣ୍ଡ ପୂରଣକରି ୨୦୧୬ ମସିହାରେ ନିଯୁକ୍ତି ପାଇଥିବା ୪୮୮ବର୍ଗର ସମସ୍ତ ଅଧ୍ୟାପକ/ଅଧ୍ୟାପିକା ମାନଙ୍କୁ ୮ବର୍ଷ ପୂରଣହେଲେ ପଦୋନ୍ନତି (ଗ୍ରୁପ୍ - ଏ)ସହିତ ଗ୍ରେଡପେ ୪୭୦୦ରୁ ବୃଦ୍ଧିପାଇ ୫୪୦୦ ହେବାର ପ୍ରାବଧାନ ରହିଛି। ତଦନୁଯାୟୀ ୨୦୧୬ରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଅକ୍ଟୋବର ୨୦୨୪ସୁଦ୍ଧା ୮ବର୍ଷ ପୂରଣ କରିଥିବାରୁ ପଦୋନ୍ନତି ପାଇ ସହକାରୀ ପ୍ରାଧ୍ୟାପକ ପଦରେ ପରିଗଣିତ ହେବାକଥା। ମାତ୍ର ଇତିମଧ୍ୟରେ ଦୁଇବର୍ଷ ପାଖାପାଖି ସମୟ ଅତିବାହିତ ହୋଇଥିଲେ ମଧ୍ୟ ସେମାନଙ୍କୁ ସ୍ୱୀକୃତିପ୍ରଦାନ କରିବା ପରିବର୍ତ୍ତେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ସମସାମୟିକ ନିଯୁକ୍ତିପ୍ରାପ୍ତ ସରକାରୀ ଏବଂ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକ/ ଅଧ୍ୟାପିକା ମାନେ ଏସବୁ ମାନ୍ୟତା ପାଇପାରିଛନ୍ତି। ଏ ନେଇ ବାରମ୍ବାର ସଂଘ ଉଚ୍ଚଶିକ୍ଷା ମନ୍ତ୍ରୀ, ସଚିବ ଏବଂ ଅନ୍ୟବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଇନଥିବା ଆଜିର ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ସଂଘର ନେତୃବୃନ୍ଦ କ୍ଷୋଭର ସହିତ ଉଦବେଗପ୍ରକାଶ କରିଛନ୍ତି। ତେଣୁ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତିପୂର୍ବକ କଲେଜରେ ସ୍ୱତନ୍ତ୍ରପ୍ରକାର କାର୍ଯ୍ୟକୁ ସୁଚାରୁରୂପେ ତୁଲାଇଥିବା ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଗ୍ରେଡପେ ୫୪୦୦କୁ ବୃଦ୍ଧିକରିବା ସହ ନିୟମାନୁଯାୟୀ ସହକାରୀ ପ୍ରାଧ୍ୟାପକ ପଦବୀକୁ ପଦୋନ୍ନତି କରିବାକୁ ଦାବି କରିଛନ୍ତି। ଏହାସହିତ ସମାନତା ନ୍ୟାୟରେ ସମସ୍ତ ସୁବିଧା ଯୋଗାଇଦେବାକୁ ସଂଘ ଦାବିକରି ମାନ୍ୟବର ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଂଘର ସଭାପତି ଏବଂ ସମ୍ପାଦକଙ୍କ ଅନୁମୋଦନ କ୍ରମେ ରାଜ୍ୟସଂଘ କୋଷାଧ୍ୟକ୍ଷ ଡ. ଗୟାଧର ମଲ୍ଲିକ, ଡ. ସଂଗ୍ରାମ ରାଉତ, ଉତ୍ତମ କବି, କ୍ଷମାସାଗର ବେହେରା, ଗୋପୀନାଥ ଦାସ, ଶମ୍ଭୁ ରାଉତ, କିରଣବାଳା ସେଠୀ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତରହି ସେମାନଙ୍କର ଉଦବେଗ ପ୍ରକାଶକରିବା ସହ ରାଜ୍ୟସରକାରଙ୍କ ଠାରେ ଦାବୀ ରଖିଥିଲେ।

# ଔପଦା ଆଞ୍ଚଳିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ଔପଦା, ୨୯।୩ (ସମିସ) : ଔପଦା ଆଞ୍ଚଳିକ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଔପଦା ଡିଗ୍ରୀ କଲେଜ ଅଧ୍ୟକ୍ଷ ମୋହନ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ମହୋତ୍ସବ କମିଟି ଉପଦେଷ୍ଟା କିଶୋର ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ମହୋତ୍ସବର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଙ୍ଗଠନିକ ସମ୍ପାଦକ ଡ. ସଂଗ୍ରାମ କୁମାର ରାଉତ, ପ୍ରୋଗ୍ରାମ କୋଡିନେଟର ଆଇନଜୀବୀ ଜୟଶ୍ରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ନିରଞ୍ଜନ ପ୍ରସାଦ ବାରିକ ମଞ୍ଚ ଆହ୍ୱାନ କରିଥିଲେ। ସର୍ବଶେଷରେ ସହ ସମ୍ପାଦକ ଶିକ୍ଷକ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଲୋକ ନାଥ ସାହୁ ଓ କୃଷି ଯନ୍ତ୍ରପାତିରେ ଅଗ୍ରଣୀ ଭୂମିକା ଯୋଗୁଁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ସିନେ ତାରକା ଓ ଓଡିଶାର ବହୁ ନାମୀ ଦାମୀ କଣ୍ଠଶିଳ୍ପୀ ଦର୍ଶକଙ୍କୁ ବିମୋହିତ କରିଥିଲେ।

# ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୯।୩ (ସମିସ): ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଗାନ୍ଧୀ ସ୍ମୃତି ଭବନରେ ପାଳିତ ହୋଇଛି। ସମାରୋହରେ ସମ୍ମାନିତ ଅତିଥି ରୂପେ ଡ. ହେମନ୍ତ କୁମାର ଘଡ଼ାଇ, ନିର୍ଦ୍ଦେଶକ, ଆଞ୍ଚଳିକ ଶିକ୍ଷା ପରିଷଦ, ବାଲେଶ୍ୱର ଏବଂ ସତ୍ୟଜିତ୍ ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍ ତଥା ଆଇନଜୀବୀ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନର ଗୁରୁଛାତ୍ର ଓ ଛାତ୍ରୀମାନଙ୍କୁ ଭବିଷ୍ୟତରେ ଏକ ସୁନାମଧନ୍ୟ ନାଗରିକ ତଥା ଉତ୍ତମ ଶିକ୍ଷକ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଇତିଶ୍ରୀ ବାହାଲିଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଛାତ୍ର ପରିଷଦ ସଭାପତି ଅଙ୍କିତା ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଛାତ୍ର ପରିଷଦ ଉପଦେଷ୍ଟା ଡ. ପ୍ରକାଶ କୁମାର ପ୍ରଧାନ ମହାପାତ୍ର ଅନୁଷ୍ଠାନ ଛାତ୍ରଛାତ୍ରୀଙ୍କୁ ନିଷ୍ଠାବାନ ହୋଇ ନିଜ କର୍ତ୍ତବ୍ୟ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଛାତ୍ର ପରିଷଦ ସାଧାରଣ ସଚିବ ଅତୁଶ୍ କୁମାର ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ। ଦୁଇ ବର୍ଷିଆ ବି.ଏଡ. ପାଠ୍ୟକ୍ରମର ବିଗତ ଶିକ୍ଷାବର୍ଷରେ ଅନୁଷ୍ଠାନରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ସୁଶ୍ରୀ ଭାନୁପ୍ରିୟା ଗଙ୍ଗାଇଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'କସ୍ତୁରୀ' ଉନ୍ମୋଚନ ହୋଇଥିଲା। ବର୍ଷା ବର୍ଣ୍ଣାଳୀ ପାତ୍ର ବାର୍ଷିକ ପତ୍ରିକାର ସମ୍ପାଦକୀୟ ପଠନ କରିଥିଲେ।

# ଦୁର୍ଘଟଣାରେ ବିଜେଡି ସଂପାଦକ ଗୁରୁତର

ମଙ୍ଗଳପୁର,୨୯।୩(ସମିସ): ଯାଜପୁର ଜିଲ୍ଲା ବିଜେଡି ସମ୍ପାଦକ ମନୋଜ ରାଉତ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ଶନିବାର ରାତିରେ ସେ ଏକ ସ୍କୁଟି ଯୋଗେ ଯାଜପୁର ଟାଉନ ଯିବା ସମୟରେ ଦଶରଥପୁର ବ୍ଲକ ନିକଟରେ ଏକ ଗାଇ ତାଙ୍କ ଗାଡ଼ି ସାମ୍ନାରେ ଅତିକ୍ରାନ୍ତ କରିଥିଲା। ହଠାତ ଗାଇଟି ଆସିଯିବାରୁ ବ୍ୟତିବ୍ୟସ୍ତ ହୋଇ ସେ ଗାଡି ସାଇଡ କରିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଗାଡ଼ିରୁ ପଡିଯିବା ପରେ ତାଙ୍କ ମୁଣ୍ଡ ଓ ମୁହଁରେ ଗୁରୁତର ଆଘାତ ଲାଗିଥିବା ବେଳେ ହାତ ଓ ଗୋଡ଼ରେ ମଧ୍ୟ ଆଘାତ ଲାଗିଛି। ଦୁର୍ଘଟଣା ପରେ ତାଙ୍କୁ ଦଶରଥପୁର ମେଡିକାଲରେ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ଖବର ପାଇ ଯାଜପୁରର ପୂର୍ବତନ



ବିଧାୟକ ପ୍ରଣବ ପ୍ରକାଶ ଦାସ, ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ଯାଜପୁର ଜିଲ୍ଲା ବିଜେଡି ସମ୍ପାଦକ ଶରତ ଚନ୍ଦ୍ର ତ୍ରିପାଠୀ, ମଲ୍ଲିକାପୁର ପଞ୍ଚାୟତ ବିଜେପି ଯୁବନେତା ରାମଚନ୍ଦ୍ର ମଲ୍ଲିକ, ବିଜେପି ନେତା ଲକ୍ଷ୍ମୀଧର ସାହୁ, ବିଜେପି ନେତା ସଞ୍ଜୟ ନାୟକ, ଦୁଦୁରାଅଣ୍ଟା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରଶ୍ମିରଂଜନ ସେଠୀ, ପ୍ରଭାତ ନାୟକ, ଜୟନ୍ତ ମହାନ୍ତି, ଦଶରଥପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ, ଦୁଦୁରାଅଣ୍ଟା ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ଶିଶିର କୁମାର ରାଉତ ପ୍ରମୁଖ ବହୁ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ତାଙ୍କ ଆଶୁଆରୋଗ୍ୟ କାମନା କରିଥିଲେ।

# ଶ୍ରୀରାମ ବିଜୟାଦଶମୀ ଉପଲକ୍ଷେ ଭକ୍ତିମୟ ପରିବେଶ

ସହିଦନଗର,୨୯।୩(ସମିସ): ଶ୍ରୀରାମ ବିଜୟାଦଶମୀ ଅବସରକୁ ଅଧିକ ଆନନ୍ଦମୟ କରିବା ପାଇଁ ଅସୁରାଳୀ ମଣ୍ଡଳ ରାମ ସେନା ପକ୍ଷରୁ ସ୍ଥାନୀୟ ହତିଆପଡ଼ା ପଡ଼ିଆରେ ଚାରିଦିନିଆ ଭବ୍ୟ ଆଧାତ୍ମିକ ଓ ସାଂସ୍କୃତିକ ଉତ୍ସବ ଆୟୋଜିତ ହୋଇଛି। ଗତ ୨୭ରୁ ୩୦ ତାରିଖ



ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଅସୁରାଳୀ ମଣ୍ଡଳ କମିଟି ସୁଚାରୁ ଭାବେ ପରିଚାଳନା କରୁଛି। ପ୍ରତିଦିନ ସନ୍ଧ୍ୟାରେ ପବିତ୍ର ପ୍ରବଚନ ଓ ଭକ୍ତିମୟ ସଙ୍ଗୀତରେ ପରିବେଶ ମନୋମୋହନୀ ହୋଇଉଠୁଛି। ବିଶେଷକରି ତ୍ରିଦଣ୍ଡି ସ୍ୱାମୀ ଭକ୍ତିବଲ୍ଲଭ ଆଚାର୍ଯ୍ୟ ମହାରାଜଙ୍କ ଆଧାତ୍ମିକ ବାଣୀ ଶ୍ରୋତାମାନଙ୍କୁ ଆକର୍ଷିତ କରୁଥିବା ସହ ଧାର୍ମିକ ଚେତନାକୁ ଜାଗୃତ କରୁଛି। ଏହା ସହ ନାନା ପ୍ରକାର ସାଂସ୍କୃତିକ ପ୍ରସ୍ତୁତି ଦର୍ଶକମାନଙ୍କ ମନକୁ ମୁଗ୍ଧ କରୁଛି। ଉକ୍ତ କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ମହାନ୍ତି, ରଜତ ଲେଙ୍କା, ପ୍ରତାପ ପରିଡ଼ା, ସୂରଜ ସାହୁ, ରାଜେନ୍ଦ୍ର ସାହୁ, କ୍ଷୀରୋଦ ସ୍ୱାଇଁ, ସାମ୍ବାଦିକ କାଳନ୍ଦି ବେହେରା, ସନ୍ତୋଷ ସାହୁ, ଲକ୍ଷ୍ମୀଧର ରାଉଳ ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେଇ କାର୍ଯ୍ୟକ୍ରମକୁ ଅଧିକ ଗୌରବାନ୍ୱିତ କରିଥିଲେ। ଏହି ପବିତ୍ର ଉତ୍ସବରେ ଅସୁରାଳି ସହ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ଭଗବାନ ଶ୍ରୀରାମଙ୍କ ଆଶୀର୍ବାଦ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି।

# ରାଢୋରେ ୪୭ ବର୍ଷର ରାମରଜା ପୂଜା

ଭଣ୍ଡାରିପୋଖରୀ,୨୯।୩(ସମିସ): ଏହି ବ୍ଲକ୍‌ର ରହଣିଆ ପଞ୍ଚାୟତ ଅନ୍ତର୍ଗତ ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତ ରାସ୍ତାର ରାଢୋ ଛକରେ ୪୭ତମ ରାମରଜା ପୂଜା ଉତ୍ସବ ଶୁକ୍ରବାର ରାତିରୁ ଆରମ୍ଭ ହୋଇଛି। କାଶୀନାଥ ପରିଡ଼ାଙ୍କ ଦ୍ୱାରା ନିର୍ମିତ ରାମ, ଲକ୍ଷ୍ମଣ ଓ ସୀତାଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜକ ଶଙ୍କର୍ଷଣ ତ୍ରିପାଠୀ ପୂଜାର୍ଚ୍ଚନା କରୁଛନ୍ତି। ଗଦାଧର ସାମଲ କର୍ତ୍ତା ଭାବେ ସଙ୍କଳ୍ପ କରିଥିବାବେଳେ ଗ୍ରାମବାସୀମାନେ ସହଯୋଗ କରୁଛନ୍ତି। ପ୍ରତ୍ୟହ ଶ୍ରୀରାମ ଚରିତ ପାଠନ କରାଯାଉଛି। ଗ୍ରାମ୍ୟ ସାଂସ୍କୃତିକ ଜୀବନରେ ଏହି ପୂଜା ଅଞ୍ଚଳବାସୀଙ୍କୁ ଆଧାତ୍ମିକ ଚେତନା ଜାଗ୍ରତ କରିବାରେ ବେଶ୍ ସହାୟକ ହୋଇଛି। ସେହିପରି ଏହି ରାସ୍ତାର ପଚାପୋଲ ଛକ, ୧୬ ନଂ ଜାତୀୟ ରାଜପଥର ଛତାବର ଛକରେ ରାମରଜା ପୂଜା ପାରମ୍ପରିକ ଭାବେ ଉତ୍ସାହ ସହକାରେ ଅନୁଷ୍ଠିତ ହୋଇଛି।

# ଓରିପ୍ଲାଷ୍ଟ ଫ୍ୟାକ୍ଟ୍ରିରେ କଞ୍ଚାମାଲ ବସ୍ତା ପଡ଼ି ଶ୍ରମିକ ମୃତ

ବାଲେଶ୍ୱର, ୨୯।୩(ସମିସ) : ବାଲେଶ୍ୱର ଜିଲ୍ଲା ସଦର ଥାନା ଆଇଟିଆଇ ଛକ ନିକଟ ଓଟି ରୋଡ଼ ନିକଟରେ ଗଢ଼ି ଉଠିଥିବା ଓରି ପ୍ଲାଷ୍ଟ ଲିମିଟେଡ଼ ନାମକ ପ୍ଲାଷ୍ଟିକ ପାଇପ ସାମଗ୍ରୀ କମ୍ପାନୀର କାରଖାନାରେ ସୁରକ୍ଷା ବ୍ୟବସ୍ଥାର ଗୁରୁତର ତ୍ରୁଟି ପାଇଁ ଜଣେ ଶ୍ରମିକଙ୍କ ଅକାଳରେ ଜୀବନ ଯାଇଥିବାର ଥାନାରେ ଅଭିଯୋଗ ହୋଇଛି। ବସ୍ତା ଥାନା ଅଧୀନ କୁଶଡ଼ିହା ଗ୍ରାମର ବ୍ରହ୍ମଣ ମଣ୍ଡଳଙ୍କ ପୁଅ ପ୍ରଦ୍ୟୁମ୍ନ



ମଣ୍ଡଳ (୩୬) କିଛି ବର୍ଷ ଧରି ଓରି ପ୍ଲାଷ୍ଟ ଲିମିଟେଡ଼ ନାମକ ଏହି ପ୍ଲାଷ୍ଟିକ କମ୍ପାନୀ ସାଧାରଣ ବିଭାଗରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଅପରାହ୍ନରେ ସେ କାର୍ଯ୍ୟ କରୁଥିବା ସମୟରେ ଥାକ ଥାକ ଥିବା କଞ୍ଚାମାଲ ବସ୍ତା ଗୁଡ଼ିକ ତାଙ୍କ ଉପରେ ପଡ଼ି ଯାଇଥିଲା। ସେଠାରେ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। କାରଖାନାରେ କାର୍ଯ୍ୟ କରୁଥିବା ଅନ୍ୟ ଶ୍ରମିକ ମାନେ ଦୀର୍ଘ ସମୟ ପରେ ତାଙ୍କୁ ଚାପି ହୋଇ ଥିବା ବସ୍ତା ତଳୁ ଉଦ୍ଧାର ଉଦ୍ଧାର କରିଥିଲେ। ପରେ କମ୍ପାନୀ ପକ୍ଷରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତ ପ୍ରଦ୍ୟୁମ୍ନଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ମଣ୍ଡଳ ସଦର ଥାନାରେ ପହଁଞ୍ଚି ଓରି ପ୍ଲାଷ୍ଟ ଲିମିଟେଡ଼ କମ୍ପାନୀ ମ୍ୟାନେଜମେଣ୍ଟର ଅବହେଳା, ସେଫଟି ରୁଲକୁ ପାଳନ କରିନଥିବାରୁ ତାଙ୍କ ଭାଇଙ୍କର ମୃତ୍ୟୁ ଘଟିଥିବା ଓରିପ୍ଲାଷ୍ଟ ଫ୍ୟାକ୍ଟରୀ ମାଲିକ ଓ ମ୍ୟାନେଜମେଣ୍ଟ ନାମରେ ଲିଖିତ ଅଭିଯୋଗ କରିଥିଲେ। ସଦର ଥାନା ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି।

**ଜଳକର ଦେଇ ବି ପାଣି ପାଉନାହାନ୍ତି ଚାଷୀ**

# ଶୁଖିଲା ପଡ଼ିଛି କେନାଲ୍

ଅସୁରାଳି,୨୯।୩(ସମିସ)



ଧାମନଗର ବ୍ଲକ୍‌ରେ ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରଙ୍କୁ ନିୟମିତ ଭାବେ ଜଳକର ଦେଉଥିଲେ ମଧ୍ୟ ଚାଷୀଙ୍କ ବିଲକୁ ବୁନ୍ଦାଏ ପାଣି ଆସୁନାହିଁ। ଫଳରେ ଚାଷ ପାଇଁ ଏବେ କେବଳ ମୌସୁମୀ ବର୍ଷା ହିଁ ଚାଷୀଙ୍କ ଶେଷ ଭରସା ପାଲଟିଛି। ସମସ୍ୟାର ମୁଖ୍ୟ କାରଣ ହେଉଛି କେନାଲର ଶୋଚନୀୟ ଅବସ୍ଥା। ବ୍ଲକ୍‌ର ୫-୬ଟି ପଞ୍ଚାୟତ ଦେଇ ପ୍ରବାହିତ ପ୍ରାୟ ୧୬.୩ କିଲୋମିଟର ଲମ୍ବର ୫ ନମ୍ବର କେନାଲ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। କେନାଲ ସଫେଇ ହୋଇ ନ ଥିବାରୁ ଏବଂ କାଡ଼ି ନାଳର ସୁବିଧା ନ ଥିବାରୁ ପାଣି ବିଲ ପର୍ଯ୍ୟନ୍ତ ପହଞ୍ଚିପାରୁ ନାହିଁ। ପ୍ରବଳ ଖରା ଯୋଗୁଁ ନଦୀ, ନାଳ ଶୁଖିଗଲାଣି। ଗୋବିନ୍ଦପୁର, କଲ୍ୟାଣୀ, କାକୁଡ଼ିଗଡ଼ିଆ, ଭଞ୍ଜପଦା ଭଳି ଅନେକ ଅଞ୍ଚଳରେ ଏବେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷ କରି ଗୋବିନ୍ଦପୁର ମୌଜାର ପ୍ରାୟ ୩୫୦ ଏକର ଜମିକୁ ଆଦୌ କେନାଲ ପାଣି ପାଉନାହିଁ। ଏହା ଉପରେ ନିର୍ଭର କରୁଥିବା ପ୍ରାୟ ୧୮ ହଜାର ଚାଷୀ ଏବେ ହତାଶ ହୋଇପଡ଼ିଛନ୍ତି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି ଶୁଣୁନାହାନ୍ତି। ଏହି ସମସ୍ୟାର ସମାଧାନ ନ ହେଲେ ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେଣୁ ତୁରନ୍ତ ୫ ନମ୍ବର କେନାଲରେ ଜଳ ଛାଡ଼ିବା ସହ ଜଳସେଚନ ବ୍ୟବସ୍ଥାର ସଂସ୍କାର ପାଇଁ ଚାଷୀ ବିଦ୍ୟାଧର ଦାସ, ଭାଗୀରଥି ଦାସ ଓ ଅନିଲ ଜେନାଙ୍କ ସମେତ ବହୁ ଚାଷୀ ଦାବି କରିଛନ୍ତି।

# ଶ୍ରୀରାମ ଦଶମୀ ଶୋଭାଯାତ୍ରା ଓ ପ୍ରସାଦ ବଣ୍ଟନ

ତିହିଡ଼ି,୨୯।୩(ସମିସ): ତିହିଡ଼ିରେ ଶ୍ରୀରାମ ଦଶମୀ ମହୋତ୍ସବର ଶୋଭାଯାତ୍ରା ଶନିବାର ରାତିସାରା ଚାଲିଥିଲା। ରବିବାର ସକାଳେ ହିଁ ଶେଷ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ବିମାନଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇଥିବାବେଳେ ଏହାକୁ ଦେଖିବା ପାଇଁ ତିହିଡ଼ି ବଜାରରେ



ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଡିଜେ, ଘୋଡ଼ା ନାଚ ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ଶୋଭାଯାତ୍ରା ତିହିଡ଼ି ଗ୍ରାମରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲା। ତିହିଡ଼ି ବଜାର ଗେରୁଆମୟ ହୋଇଉଠିଥିବା ବେଳେ 'ଜୟ ଶ୍ରୀରାମ' ଧ୍ୱନୀରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଏହି ଉତ୍ସବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବହୁ ରାଜନେତା, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ଓ ପାନୀୟ ଆଦି ଦେବା ପାଇଁ ବହୁ ସଂଗଠନ ବିଭିନ୍ନ ସ୍ଥାନରେ କାଉଣ୍ଟର ପ୍ରତିଷ୍ଠା କରିଥିଲେ। ସଂଗଠନର ଉପଦେଷ୍ଟା ସୁମନ୍ତ ମହାନ୍ତି, ସଭ୍ୟ ଉପହର୍ଷ ମିଶ୍ର, କୈଳାସ ହୋତା, ମଦନ ମୋହନ ବେହେରା, କିରଣ ମହାନ୍ତି, ରଞ୍ଜିତ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି ଅନ୍ୟତମ ଅଗ୍ରଣୀ ସଂଗଠନ ତିହିଡ଼ି ଯୁବମଞ୍ଚ ତରଫରୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ତ୍ୟାଗଭୂମି ମହୋତ୍ସବ ସଭାପତି ଅଜୟ ନାୟକ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଡ. ଲକ୍ଷ୍ମୀଧର ତ୍ରିପାଠୀ, ସୋମନାଥ ପାଢ଼ୀ, ସ୍ତମ୍ଭକାର ବିଭୂତିଭୂଷଣ ସେନାପତି, ସଭାପତି କୈଳାଶ ବେହେରା, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସମ୍ପାଦକ ନିରଞ୍ଜନ ବାରିକଙ୍କ ସମେତ ସଂଗଠନର ସମସ୍ତ କର୍ମକର୍ତ୍ତା ରାତିସାରା ପ୍ରସାଦ ବଣ୍ଟନ କରିଥିଲେ। ଅପରପକ୍ଷରେ ଦୋଳସାହି ଗୋପବନ୍ଧୁ ସେବା ସଂଗଠନ ତରଫରୁ ପାନୀୟ ଜଳ ଓ ତରଭୁଜ ବଣ୍ଟନ କରାଯାଇଥିଲା। ସଭାପତି ସୋମନାଥ ମହାପାତ୍ର, ଦୀପକ ପରିଡ଼ା, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ବହୁ ସଂଗଠନ ମଧ୍ୟ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ, ପାନୀୟ ବଣ୍ଟନ କରିଥିଲେ।





ସିଟି କଟକ

## ସାଇବର ଅପରାଧର ବାସ୍ତବ ଚିତ୍ର

# 'ଟ୍ରେଡିଂ' ଜାଲରେ ରୌପ୍ୟନଗରୀ

**କଟକ, ୨୯ ।୩(ସମିସ)**

ଅନଲାଇନ୍ ଟ୍ରେଡିଂ ମାୟାରେ ପଡ଼ି ସର୍ବସ୍ୱ ହରାଉଛନ୍ତି ସହରବାସୀ। ରାତାରାତି କୋଟିପତି ହେବାର ନିଶା ସେମାନଙ୍କୁ କରୁଛି ସର୍ବସ୍ୱାନ୍ତ। ପ୍ରଚୁର ଲାଭର ଲୋଭରେ କୋଟି କୋଟି ଟଙ୍କା ହରାଇବା ପରେ ସାଇବର ଥାନାର ଦ୍ୱାରସ୍ଥ ହେଉଛନ୍ତି ଅଭିଯୋଗକାରୀ, ହେଲେ ସେତେବେଳକୁ ପୁଲିସ ଟଙ୍କା ଜବତ କରିବା ସମ୍ଭବ ହେଉନାହିଁ। ଏଭଳି ସ୍ଥିତିରେ ସରକାରୀ ବୈଧତା ଥିବା ଟ୍ରେଡିଂ ପ୍ଲାଟ୍‌ଫର୍ମ ଏବଂ ଜାତୀୟକରଣ ବ୍ୟାଙ୍କ୍ ସହିତ କାରବାର କରୁଥିବା ସଂସ୍ଥା ସହିତ ଟ୍ରେଡିଂ ବ୍ୟବସାୟ କରିବାକୁ ପୁଲିସ ନିବେଦନ କରିଛି। ମୁଖ୍ୟତଃ ସାଇବର ଅପରାଧିମାନେ ବିଭିନ୍ନ ଅନ୍‌ଲାଇନ୍ ପ୍ଲାଟଫର୍ମରେ ସେମାନଙ୍କ ନକଲି କମ୍ପାନୀର ବିଜ୍ଞାପନ କରୁଛନ୍ତି। ପ୍ଲେ-ଷ୍ଟୋର୍‌ରେ ନକଲି ଆପ୍ ଗୁଡ଼ିକ ସହଜରେ ଉପଲବ୍ଧ ହେଉଛି। ନକଲି ୱେବସାଇଟ୍ ଖୋଲି ସାଧାରଣ ବିନିଯୋଗକାରୀଙ୍କ ଟଙ୍କା ହଡ଼ପ କରି ନେଉଥିବା ଅଭିଯୋଗ ହେଉଛି। କଟକ ସାଇବର ଥାନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଟକ ସହରରେ ହେଉଥିବା ୧୦୦ପ୍ରତିଶତ ସାଇବର ଅପରାଧ ମାମଲା ମଧ୍ୟରୁ କେବଳ ୭୦ପ୍ରତିଶତ ମାମଲା ହେଉଛି ଅନଲାଇନ୍ ଟ୍ରେଡିଂ ଠକେଇ ସମ୍ପର୍କିତ। ଏଣୁ ଏଭଳି ସ୍ଥିତିରେ ଅନଲାଇନ୍ ଟ୍ରେଡିଂ କରୁଥିବା ସମସ୍ତ ନିବେଶକାରୀମାନେ ସେଚେତନ ହେବାକୁ କମିଶନରେଟ୍ ପୁଲିସ ନିବେଦନ କରିଛି। ଏ ସମ୍ପର୍କରେ ସାଇବର ଥାନା ଆଇଆଇସି ରଶ୍ମିତା ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଟ୍ରେଡିଂ ନିମନ୍ତେ ଉପଯୁକ୍ତ ଶିକ୍ଷା ଗ୍ରହଣ କରି ଟ୍ରେଡିଂ କରନ୍ତୁ। ଯଦି କୌଣସି ଟ୍ରେନିଂ ତଥା ଶିକ୍ଷା ନନେଇ ଟ୍ରେଡିଂରେ ଅର୍ଥ ନିବେଶ କରନ୍ତି, ତେବେ ଠକେଇ ହେବାର ଶତପ୍ରତିଶତ ସମ୍ଭାବନା ରହୁଛି। ଏବେ ସାଇବର ଥାନାରେ ପ୍ରତି ସପ୍ତାହରେ ୪ରୁ ଅଧିକ ଟ୍ରେଡିଂ ଠକେଇ ମାମଲା ଆସୁଛି। ଏହାଉପରେ ସଚେତନତା ସୃଷ୍ଟି କରାଯାଉଛି ବୋଲି ସେ କହିଛନ୍ତି।

ପୁଲିସ ସୂଚନା ଅନୁସାରେ, ଟ୍ରେଡିଂ କରୁଥିବା ସଂସ୍ଥା ବିଷୟରେ ଭଲ ଭାବେ ଅବଗତ ହେବା, ସମ୍ପୃକ୍ତ ସଂସ୍ଥା କେଉଁ ବ୍ୟାଙ୍କ ସହିତ ଅନୁବନ୍ଧିତ ରହିଛି, ସେ ବିଷୟରେ ଜାଣିବା, ସମ୍ପୃକ୍ତ ୱେବସାଇଟ୍‌କୁ ନକଲି କି ଅସଲି ତାହା ଉପରେ ଗୁରୁତ୍ୱ ଦେବା, ବ୍ରୋକେନ୍ ଲିଙ୍କ୍ ଏବଂ ଭୁଲ୍ ସ୍ପେଲିଂ ଇତ୍ୟାଦି ବିଷୟରେ ଅର୍ଥ ନିବେଶକାରୀ ଭଲ ଭାବେ ଯାଞ୍ଚ କରିବା ପରେ ଆର୍ଥିକ କାରବାର କରିବା ଜରୁରୀ। ଯେଉଁ ନକଲି ସଂସ୍ଥା ଗୁଡ଼ିକର ଆଦୌ କଲ୍-ସେଣ୍ଟର ନଥିବ ଏବଂ ସମ୍ପୃକ୍ତ ସଂସ୍ଥାର ସ୍ଥାୟୀ ଯୋଗାଯୋଗ ଠିକଣା କିମ୍ବା ଫୋନ୍ ନମ୍ବର ଦିଆଯାଇନଥିବ, ସେହି ସଂସ୍ଥାଗୁଡ଼ିକ ବିଷରେ ନିବେଶକାରୀ ଜାଣିବା ଆବଶ୍ୟକ। ଅନ୍‌ଲାଇନ୍ ଟ୍ରେଡିଂ ନିମନ୍ତେ ସ୍ୱତନ୍ତ୍ର ପାଠ୍ୟକ୍ରମ ରହିଛି। ଉପଯୁକ୍ତ ଶିକ୍ଷା ହାସଲ କରି ଟ୍ରେଡିଂ କଲେ ଠକେଇ ସମ୍ଭାବନା ନାହିଁ ବୋଲି ପୁଲିସ କହିଛି। ଅନ୍ୟପଟେ କଟକ ସାଇବର ଥାନାକୁ ବାଦ ଦେଲେ ସାଇବର କ୍ରାଇମ୍ ସେଲ୍‌ଫ, ସାଇବର କ୍ରାଇମ୍ ୟୁନିଟ୍, ସାଇବର ହେଲ୍ପ ଡେସ୍କ, ସୋସିଆଲ୍ ମିଡିଆ ୟୁନିଟ୍, ଚିଲ୍ଡ୍ରେନ୍ ଆଣ୍ଡ ଓମେନ୍ ଅନଲାଇନ୍ ଆବ୍ୟୁଜ୍ ମନିଟରିଂ ୟୁନିଟ୍, ସାଇବର ଇନ୍‌ଭେଷ୍ଟିଗେସନ୍ ୟୁନିଟ୍, ସାଇବର ଇନ୍‌ଭେଷ୍ଟିଗେସନ୍ ସପୋର୍ଟ ୟୁନିଟ୍, ସାଇବର ମନିଟରିଂ ଆଣ୍ଡ କୋ-ଅର୍ଡିନେସନ୍ ୟୁନିଟ୍, ସାଇବର ଟ୍ରେନିଂ ୟୁନିଟ୍ ଓ ସାଇରବ ସେଫ୍ଟି ୟୁନିଟ୍ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ୟୁନିଟ୍‌କୁ କମିସନରେଟ୍ ପୁଲିସ କାର୍ଯ୍ୟକ୍ଷମ କରାଉଛି। ଏହାର ଉଦ୍ଦେଶ୍ୟ ହେଉଛି, ଜନସାଧାରଣଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା। ସାଇବର ଲୁଟ୍ ତଥା ଟ୍ରେଡିଂ ଠକେଇର ଶିକାର ହେଉଥିବା ଜନସାଧାରଣଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିବା। ଏ ବିଷୟରେ ଜନସାଧାରଣ ତଥା ଅର୍ଥ ନିବେଶକାରୀ ଭଲ ଅବଗତ ହେବା ଜରୁରୀ। ଠକେଇର ଶିକାର ହେଲେ ତୁରନ୍ତ ସାଇବର ୟୁନିଟ୍ ତଥା ସାଇବର ଥାନା ସହିତ ଯୋଗଯୋଗ କରିବାକୁ କୁହାଯାଇଛି। ସାଇବର ଥାନାର ସୂଚନା ଅନୁସାରେ, ଗତ ୮ ମାସରେ ୧୨କୋଟିରୁ ଅଧିକ ଟଙ୍କା ଅନଲାଇନ୍ ଟ୍ରେଡିଂରେ ଫସି ରହିଥିବା ବେଳେ ଗିରଫଦାରୀ ସଂଖ୍ୟା ୧୮ ରହିଛି। ଅନେକ ଅନଲାଇନ୍ ଟ୍ରେଡିଂ ମାମଲାରେ ଠକମାନେ ଏପର୍ଯ୍ୟନ୍ତ ଅଦୃଶ୍ୟ ରହିଥିବା ଜଣାପଡ଼ିଛି।

> ୮ ମାସରେ ୧୨ କୋଟିରୁ ଅଧିକ ଠକେଇ
> ଗିରଫଦାରୀ ସଂଖ୍ୟା ୧୮ : ଅନେକ ମାମଲାରେ ଅଦୃଶ୍ୟ ଅପରାଧୀ

## ତାଳ ତରଙ୍ଗିଣୀ ଉଦ୍‌ଯାପିତ




**କଟକ, ୨୯ ।୩(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେଉଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟିକ ଓ ସାଂସ୍କୃତିକ ମହୋତ୍ସବ ଅବସରରେ ତାଳ ତରଙ୍ଗିଣୀ ପ୍ରତିଯୋଗିତା ଆଜି ବିଶ୍ୱବିଦ୍ୟାଳୟର ହେରିଟେଜ୍ ହଲରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ପ୍ରାୟ ୧୭ ଟି ବିଶ୍ୱବିଦ୍ୟାଳୟରୁ ଆସିଥିବା ପ୍ରତିଯୋଗୀମାନେ ଓଡିଶୀ, କଥକ, ଭାରତନାଟ୍ୟମ ଆଦି ଶାସ୍ତ୍ରୀୟ ନୃତ୍ୟ ଶୈଳୀର ଅତ୍ୟନ୍ତ ଆକର୍ଷଣୀୟ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ପ୍ରତିଯୋଗିତାରେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରୁ ଗୋଟିଏ ପ୍ରବେଶ ଗ୍ରହଣ କରାଯାଇ ୧୨-୧୫ ମିନିଟ ସମୟ ସୀମାରେ ତାଳ, ରାଗ, ଅଭିନୟ, ପୋଷାକ ଓ ସାମଗ୍ରିକ ପ୍ରଭାବ ଆଧାରରେ ମୂଲ୍ୟାୟନ କରାଯାଇଥିଲା। ଏହି ଅବସରରେ ବିଚାରକ ଭାବେ ମୀରା ଦାସ, ଜ୍ୟୋସ୍ନା ସାହୁ ଓ ଦୀପ୍ତି ରାଉତରାୟ ଯୋଗ ଦେଇଥିଲେ। ଡକ୍ଟର ସରୋଜ କୁମାର ସିଂହ (ପରିସଂଖ୍ୟାନ ବିଭାଗ ) ବିଦ୍ୟା ବିଶ୍ୱଜୀତା (ଶିକ୍ଷା ବିଭାଗ ), ଚିନ୍ମୟ ମଲ୍ଲିକ (ଭୂଗୋଳ ବିଭାଗ), ସଂଯୁକ୍ତା ନନ୍ଦ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଶା ଡ୍ରାଇଭର ମହାସଂଘର ରକ୍ତଦାନ ଶିବିର



**କଟକ, ୨୯।୩(ସମିସ):** ଓଡ଼ିଶା ଡ୍ରାଇଭର ମହାସଂଘ ମହାପରିବାର ପକ୍ଷରୁ ରବିବାର କଟକ ରେଡକ୍ରସ୍ ରକ୍ତଭଣ୍ଡାରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ମେୟର ତଥା ନିଖିଳ ଉତ୍କଳ ଅଟୋ ଚାଳକ ମହାସଂଘର ସଭାପତି ସୁବାସ ସିଂହ ମୁଖ୍ୟଅତିଥି ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଖରାଦିନେ ରକ୍ତ ଭଣ୍ଡାରରେ ଦେଖାଦେଉଥିବା ରକ୍ତ ଅଭାବକୁ ଦୂର କରିବା ଏବଂ ଥାଲାସେମିଆ ପୀଡ଼ିତ ଶିଶୁମାନଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ଏହି ମହତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସୂଚନା ଅନୁଯାୟୀ, ଏହି ଶିବିରରେ ମୋଟ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ଅବସରରେ ମେୟର ଶ୍ରୀ ସିଂହଙ୍କ ସମେତ କଟକ ଅଟୋ ମହାସଂଘ ସାଧାରଣ ସମ୍ପାଦକ ଶୈଳେନ ଧଳ, ଉପସଭାପତି ଦେବେନ୍ଦ୍ର ପାଣିଗ୍ରାହୀ ଏବଂ ଓଡ଼ିଶା ଡ୍ରାଇଭର ମହାସଂଘ ମହାପରିବାର ସଭାପତି ସୁମନ ଅଲ୍ଲିଆ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ଅଟୋ ଚାଳକ ଏହି ଶିବିରରେ ସାମିଲ ହୋଇ ରକ୍ତଦାନ କରିବା ସହ ସାମାଜିକ ସେବାରେ ନିଜର ସହଭାଗିତା ପ୍ରଦର୍ଶନ କରିଥିଲେ। ସମାଜର କଲ୍ୟାଣ ପାଇଁ ଡ୍ରାଇଭର ସଂଘର ଏହି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## କବିତା ଦାସଙ୍କ ପରଲୋକ

**କଟକ, ୨୯।୩(ସମିସ):** ପୂର୍ବତନ ପ୍ରଶାସନିକ ଅଧିକାରୀ ସ୍ୱର୍ଗତ ଶରତଚନ୍ଦ୍ର ଦାସଙ୍କ ପତ୍ନୀ କବିତା ଦାସଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଜ୍ୟେଷ୍ଠ ପୁତ୍ର ଓ ପୁତ୍ରବଧୂ ଉପସ୍ଥିତ ଥିଲେ। ସ୍ୱର୍ଗତ ଦାସ ଜଣେ ଅମାୟିକ, ପରୋପକାରୀ ଓ ମେଳାପୀ ସ୍ୱଭାବର ବ୍ୟକ୍ତିତ୍ୱ ଥିଲେ। ସେ କଟକ ଇନରହ୍ୱିଲ୍ ଓ ରୋଟାରୀ କ୍ଲବର ସକ୍ରିୟ ସଦସ୍ୟା ଭାବେ ସ୍ୱାସ୍ଥ୍ୟ ଶିବିର, ଚକ୍ଷୁ ଚିକିତ୍ସା ଏବଂ ପଶୁ କଲ୍ୟାଣ ଭଳି ଅନେକ ସାମାଜିକ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁବେଳକୁ ସେ ଦୁଇ ପୁତ୍ର ଅଂଶୁମାନ ଓ ଦୀପ୍ତିମାନ ଏବଂ ଦୁଇ କନ୍ୟା ନନ୍ଦିତା ଓ ବିନତାଙ୍କ ସମେତ ବହୁ ନାତିନାତୁଣୀଙ୍କୁ ଛାଡ଼ି ଯାଇଛନ୍ତି।



## କଳା ବିକାଶ କେନ୍ଦ୍ରରେ ନାଟକ ଗୋପପୁର ମଞ୍ଚସ୍ଥ

**କଟକ, ୨୯ ।୩(ସମିସ):** ବିଶ୍ୱ ନାଟ୍ୟ ଦିବସ ଅବସରରେ କଟକର କଳାବିକାଶ କେନ୍ଦ୍ର ପରିସରରେ ଉତ୍କଳ କଳା ପରିଷଦ ଓ କଳାବିକାଶ କେନ୍ଦ୍ରର ମିଳିତ ସହଯୋଗରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଗୋପପୁର'। ଶ୍ରୀ ରାମଚନ୍ଦ୍ର ବେହେରା ଙ୍କ ରଚିତ ଗଳ୍ପ ଗୋପପୁରର ନାଟ୍ୟରୂପ ଓ ନିର୍ଦ୍ଦେଶନା ଦେଇଥିଲେ ପ୍ରଫେସର ଡଃ ସୁକାନ୍ତ ରାଉତ। ଏହାକୁ ପରିବେଷଣ କରିଥିଲେ ସିମିଳି ଯାଜପୁରର କଳାକାର ବୃନ୍ଦ। ଏହି ଉତ୍ସବକୁ କଳାବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କବି, ଲେଖକ ତଥା ଜଗନ୍ନାଥ ପ୍ରଚାରକ ପର୍ଶୁରାମ ଦାଶ, ସମାଜ ସେବକ ସଞ୍ଜୟ ଜେନା ନାଟକ ସମ୍ପର୍କରେ ଅବଗତ କରିଥିଲେ। କଳାବିକାଶ କେନ୍ଦ୍ରର ସଭାପତି ଡଃ ବିଜୟାନନ୍ଦ ସିଂହ ଓ ସମ୍ପାଦକ ବିକାଶ ଚନ୍ଦ୍ର ଦାଶ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଉତ୍କଳ କଳା ପରିଷଦର ସଭାପତି ଡଃ ସ୍ନେହଲତା ମିଶ୍ର। ଉତ୍କଳ କଳା ସମ୍ମାନରେ ସମ୍ମାନିତ ହୋଇଥିଲେ ଅଧ୍ୟାପକ, ନାଟ୍ୟକାର ଡଃ ରାଜେନ୍ଦ୍ର କୁମାର। ତାଙ୍କ ଉଦ୍ଦେଶ୍ୟରେ ମାନପତ୍ର ପାଠ କରିଥିଲେ ଅଧ୍ୟାପକ ଡ଼ଃ ହେମନ୍ତ କୁମାର ପରିଡ଼ା। ଡ଼ଃ ରାଜେନ୍ଦ୍ର କୁମାରଙ୍କ ରଚିତ ଉପନ୍ୟାସ ଅବନ୍ତିକା ଉନ୍ମୋଚନ କରାଯାଇଥିଲା। କଳା ବିକାଶ କେନ୍ଦ୍ରର ଉପସଭାପତି ରାଧା ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବର ପ୍ରାରମ୍ଭରେ ଲଳିତ ଶତପଥୀ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କୁ ବିଶିଷ୍ଟ ଗୀତିକାର ଅରୁଣ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।



## ଶ୍ରୀହରି ଫାଉଣ୍ଡେସନ ପକ୍ଷରୁ ଜଳଛତ୍ର




**କଟକ, ୨୯।୩(ସମିସ):** ପବିତ୍ର ରାମ ନବମୀ ଅବସରରେ ଶ୍ରୀ ହରି ଫାଉଣ୍ଡେସନ ପକ୍ଷରୁ ଚହଟା ଶିବ ମନ୍ଦିର ନିକଟରେ ଏକ ଭବ୍ୟ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ପ୍ରଖର ଗ୍ରୀଷ୍ମ ପ୍ରବାହରୁ ପଥିକଙ୍କୁ ଆଶ୍ୱସ୍ତି ଦେବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସିଏମସି ମେୟର ସୁବାସ ସିଂହ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୌଶ ଏବଂ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଅତିଥିଭାବେ ଉଦ୍‌ଘାଟନ କରିଥିଲେ। ଏସିପି ଅନନ୍ୟା ଅବସ୍ଥି, ବିଡ଼ାନାସୀ ଆଇଆଇସି ଅସିତ ବଳବନ୍ତରାୟ, ସମାଜସେବୀ ଅଭିମନ୍ୟୁ ଦାସ ଏବଂ ମୋନାଲିସା ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସଂଗଠନର ସଭାପତି ମମତା ମହାନ୍ତି ସୂଚନା ଦେଇଛନ୍ତି ଯେ ଏହି ସେବା କାର୍ଯ୍ୟ ରାମ ନବମୀଠାରୁ ଆଗାମୀ ୩ ମାସ ପର୍ଯ୍ୟନ୍ତ ଜାରି ରହିବ। କାର୍ଯ୍ୟକ୍ରମରେ ଅସୀମ ଅମିତାଭ ଦାସ, ଦେବେନ୍ଦ୍ର ସାହୁ, କ୍ଷୀରୋଦ ସାହୁ, ନମିତା ବେହେରା, ଅଜୟ ସେନାପତି ଏବଂ ସଂଗଠନର ସମସ୍ତ ସଦସ୍ୟା ଓ ଉପଦେଷ୍ଟାମଣ୍ଡଳୀ ସହଯୋଗ କରିଥିଲେ।

## ରୋଜିସ୍ ମେକ୍‌ଓଭର ଦ୍ୱିତୀୟ ବାର୍ଷିକ ଉତ୍ସବ

### ବସନ୍ତ ଉତ୍ସବରେ ମନମୋହିଲା ରାମ୍ପ ଶୋ'

**କଟକ, ୨୯।୩(ସମିସ):** ମହିଳାଙ୍କ ସୌନ୍ଦର୍ଯ୍ୟକୁ ସର୍ବଦା ନୂତନତ୍ୱ ଦେଇ ଆସୁଥିବା ମହାନଦୀବିହାରର ରୋଜିସ ମେକଓଭରର ଦ୍ୱିତୀୟ ବାର୍ଷିକ ଉତ୍ସବ ପ୍ରତିଷ୍ଠାତା, ବିୟୁଟିସିୟାନ ତଥା ମିଷ୍ଟ୍ରେସ ଇଣ୍ଡିଆ ଆଖ୍ୟା ଅର୍ଜନ କରିଥିବା କୃଷ୍ଣପ୍ରିୟା ତ୍ରିପାଠୀଙ୍କ ନେତୃତ୍ୱରେ ଆଜି ମହାନଦୀ ଭବନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ଓଡ଼ିଶା ସିନେ ତାରକା ସଂଘର ସାଧାରଣ ସମ୍ପାଦକ ଶ୍ରୀତମ ଦାସ ଏବଂ ସାଇକୋଲୋଜିଷ୍ଟ ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀ, ସମ୍ମାନିତ ଅତିଥି ଭାବେ ଓରମାସ ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, କସ୍ତୁରବା ଟ୍ରଷ୍ଟର ମୁଖ୍ୟ ଗାୟତ୍ରୀ ଦାସଙ୍କ ସମେତ ସ୍ଥାନୀୟ କର୍ପୋରେଟର ସୁବ୍ରତ ଘଡେଇ, ଏମଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବଟିକୁ ଉଦଘାଟନ କରିଥିଲେ। ଏହି ଅବସରରେ ବସନ୍ତ ଋତୁ ଆଗମନରେ ଏକ ବିଶେଷ କାର୍ଯ୍ୟକ୍ରମ ବସନ୍ତ ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଏମଡିଏ ସଭାପତି, ସମ୍ପାଦକଙ୍କ ସମେତ ୧୦ଜଣ ସପତ୍ନିକ ର୍‌ୟାମ୍ପ ସୋରେ ବିଭିନ୍ନ ଢ଼ଙ୍ଗିରେ ଚାଲିଥିଲେ। ଏଥିସହିତ ବରିଷ୍ଠ ମହିଳାମାନେ ମଧ୍ୟ ମନଛୁଆଁ ଗୀତାର ତାଳେ ତାଳେ ନୃତ୍ୟ ପରିବେଷଣ କରିଥିବା ବେଳେ କଣ୍ଠଶିଳ୍ପୀ ସ୍ୱୟଂ ପ୍ରଭାସ ପାଢ଼ୀ ଏବଂ ଅସୀମା ପତିଙ୍କ ସୃତିମଧୁର ସଙ୍ଗୀତରେ ଉପସ୍ଥିତ ଦର୍ଶକ ମନୋରଞ୍ଜନ କରିଥିଲେ। ଏହି ଉତ୍ସବରେ ମହାନଦୀବିହାର ରାଜେନ୍ଦ୍ର ନାଥ ତ୍ରିପାଠୀ, ସୁଶୀଲ ସାମଲ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରଭାକର ରଣା, ସୁଶାନ୍ତ ଘୋଷ, ସରୋଜ ପ୍ରସାଦ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ନମିତା ଦାସ, ମଧୁସ୍ମିତା ଷଡ଼ଙ୍ଗୀ, ଇନ୍ଦୁ ଦାସ, ନିମାଇଁ ଚରଣ ଦାସ, ସାଇ ସୌରଭ ଜେନା, ସୌମିତ୍ର ମିଶ୍ରଙ୍କ ସମେତ ଅଞ୍ଚଳର ବହୁ ମୁରବୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।




# ବାସନ୍ତୀ ଦୁର୍ଗାଙ୍କ ଭସାଣି ଶେଷ





**କଟକ, ୨୯ ।୩(ସମିସ):** ବାସନ୍ତୀ ଦୁର୍ଗାଙ୍କ ପ୍ରତିମା ଭସାଣ ଉତ୍ସବ ଆଜି ରାତିରେ ଶେଷ ହୋଇଛି। ଶେଷ ପର୍ଯ୍ୟାୟରେ ମୋଟ ୧୩ଟି ମେଢ଼ ଭସାଣ ଶୋଭାଯାତ୍ରାରେ ଯାଇଥିଲେ। ବିଡ଼ାନାସୀ ବାସନ୍ତୀ ଦୁର୍ଗାପୂଜା କମିଟି, ଚାନ୍ଦିନୀଚୌକ, ଶିବପ୍ରସାଦ ଭଗତ ଟ୍ରଷ୍ଟ, ବିନୋଦବିହାରୀ ବାଲୁବଜାର, ଚୌଧୁରୀବଜାର ବାସନ୍ତୀ ଦୁର୍ଗା, ଉପର ତେଲେଙ୍ଗାବଜାର, ଦରଘାବଜାର, ମଙ୍ଗଳାବାଗ, ରାଣୀହାଟ, ରାଣୀହାଟ ବଜାର, ଷ୍ଟେସନବଜାର ପୂଜାକମିଟି, ଶିଖରପୁର-ଗଣ୍ଡରପୁର-ମହାନଦୀବିହାର, ଶ୍ରୀ ଶ୍ରୀ ଜୟଦୁର୍ଗା ସମିତି ସୂତାହାଟ, ରାଜାବଗିଚା ସର୍ବୋଦୟପୁର ଆଦି ପ୍ରତିମା ଆଜି ବିଳମ୍ବିତ ରାତିରେ ଦେବୀଗଡ଼ାରେ ବିସର୍ଜିତ ହୋଇଥିଲେ।

ଗତ ୨୪ରୁ ସହରର ୧୮ଟି ମଣ୍ଡପରେ ବାସନ୍ତୀ ଦୁର୍ଗାଙ୍କ ପ୍ରତିମା ପୂଜା ପାଉଥିଲେ। ୨ଟି ପର୍ଯ୍ୟାୟରେ ଭସାଣ ଉତ୍ସବ କରାଯିବାକୁ ପୂର୍ବରୁ ସ୍ଥିର ହୋଇଥିବା ବେଳେ ଗତକାଲି ବଙ୍ଗାଳୀସାହି, ମର୍କତନଗର ଭାରତ ମାତା ପୂଜନ ସମିତି, ଶିଖରପୁର, ବୈଷ୍ଣବ ପରିବାର ଫିରିଙ୍ଗ ବଜାର ଓ ମାଛୁଆ ବଜାର ସର୍ପାଦୁର୍ଗା ପ୍ରତିମା ଦେବୀଗଡ଼ାରେ ବିସର୍ଜନ ହୋଇଥିଲେ। ଏହି ପ୍ରତିମାଗୁଡିକ ପ୍ରଥମେ ନିଜ ନିଜ ସାହି ପରିକ୍ରମା କରିବା ପରେ ଅପରାହ୍ଣରେ ୪ଟାରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରଥମ ପର୍ଯ୍ୟାୟ ଭସାଣ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସମ୍ପନ୍ନ କରାଯିବା ନିମନ୍ତେ କମିଶନରେଟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହାଛଡ଼ା ପ୍ରତିମା ଯାଉଥିବା ରୁଟ୍‌ରେ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା ପାଇଁ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ସମୁଦାୟ ୧୫ପ୍ଲାଟୁନ୍ ପୁଲିସ ଫୋର୍ସ ସୁରକ୍ଷା ଦାୟିତ୍ୱରେ ରହିଥିଲେ।








# ରାସ୍ତାକଡ଼ରୁ ହଟିଲା ନମ୍ବରବିହୀନ ସନ୍ଦିଗ୍ଧ କାର୍

- ମାଲିକ କିଏ ଏବଂ କୁଆଡ଼େ ନିଆଗଲା ଅସ୍ପଷ୍ଟ
- ଘଟଣା ପଛରେ ଆଇପିଏଲ୍ ବେଟିଂ କିମ୍ବା ସୁଧ କାରବାର ସନ୍ଦେହ
- ଜଣେ ପୁଲିସ ବାବୁଙ୍କ ଇସାରାରେ ତଦନ୍ତ କରାଯାଉନଥିବା ଅଭିଯୋଗ



**‘ସକାଳ’ ପ୍ରଭାବ**

ବ୍ରହ୍ମପୁର, ୨୯ ।୩(ସମିସ)

ଦୈନିକ ‘ସକାଳ’ ଖବର କାଗଜରେ ଖବର ପ୍ରକାଶ ପରେ ତରବରିଆ ଭାବେ ରାସ୍ତାକଡ଼ରୁ ହଟିଛି ନମ୍ବରବିହୀନ ସନ୍ଦିଗ୍ଧ ତଥା କାର୍। ତେବେ ଦୀର୍ଘ ୩ମାସ ଧରି ରାସ୍ତା କଡ଼ରେ କାର୍ ପଡ଼ିରହିଥିବାବେଳେ ଖବର ପାଇବା ସତ୍ତ୍ୱେ ପୁଲିସ ଘଟଣାକୁ ହାଲୁକା ଭାବେ ନେବା ଓ ତଦନ୍ତ ନକରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା। ଏହା ପଛରେ ଜଣେ ପୂର୍ବତନ ପୁଲିସ ଅଧିକାରୀଙ୍କ ପରିବାର ସହିତ ବର୍ତ୍ତମାନର ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ ହାତ ଥିବା ଶୁଣିବାକୁ ମିଳୁଛି। ଯାହାକୁ ନେଇ ପୁଲିସ ଘଟଣାର ତଦନ୍ତ ନକରି ଅବହେଳା କରୁଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ’ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତିନଗର ୯ମ ଲାଇନ ସ୍ଥିତ ସ୍ଥାନୀୟ କର୍ପୋରେଟର ସମୀର ମିଶ୍ରଙ୍କ ଘର ସମ୍ମୁଖରେ ୩ମାସ ଧରି ଏକ କାର୍ ଘୋଡ଼ାଇ ରଖାଯାଇଥିଲା। ଅଞ୍ଚଳ ସଫେଇବେଳେ ଏହା ଉପରେ କର୍ପୋରେଟରଙ୍କ ନଜର ପଡ଼ିଥିଲା। ଗାଡ଼ି ଉପରେ ପଡ଼ିଥିବା ଜରିପାଲ ଉଠାଇବା ପରେ ରେଜିଷ୍ଟ୍ରେସନ ନମ୍ବର ନଥିବା ଦେଖିବାକୁ ମିଳିଥିଲା। ଏନେଇ ତୁରନ୍ତ ଗତ ଫେବୃଆରୀ ୨୩ରେ କର୍ପୋରେଟର ନିଜେ ବୈଦ୍ୟନାଥପୁର ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ଗାଡ଼ିକୁ ତନଖି କରିଥିଲେ ମଧ୍ୟ ତଦନ୍ତ କରାଯିବା ତ ଦୂରର କଥା ଉକ୍ତ କାରକୁ ସେଠାରୁ ସ୍ଥାନାନ୍ତର ମଧ୍ୟ କରିନଥିଲା। ଏନେଇ ‘ସକାଳ’ ଖବରକାଗଜର ରବିବାର ସଂସ୍କରଣରେ ଖବର ପ୍ରକାଶ ପରେ ସକାଳେ ଜନୈକ ବ୍ୟକ୍ତି ଅନ୍ୟଏକ କାରରେ ଆସି ଉକ୍ତ ଗାଡ଼ିକୁ ସ୍ଥାନାନ୍ତର କରିଥିଲେ।

ଘଟଣାର ଅନୁସନ୍ଧାନ ବେଳେ ଏହା ପଛରେ ଆଇପିଏଲ ବେଟିଂ ଅଥବା ବେନିୟମ ସୁଧ କାରବାର କାରଣ ରହିଥିବା ଅନୁମାନ କରାଯାଇଛି। ତେବେ ପୁଲିସ ଟ୍ରାଫିକ ନିୟମ ଖିଲାପିଙ୍କ ଫଟୋ ଉଠାଇ ଫାଇନ ଆଦାୟ କରୁଥିବା ବେଳେ ସହରରେ ବିନା ରେଜିଷ୍ଟ୍ରେସନ ନମ୍ବରରେ ଗାଡ଼ିଟି କିଭଳି ଚଳାଚଳ କରୁଛି ତାକୁ ନେଇ ଉଠିଛି ପ୍ରଶ୍ନ। ନୂତନ କାରଟିକୁ ଶୋରୁମରୁ ଦେଢ଼ ଲକ୍ଷ ଟଙ୍କା ଅଗ୍ରୀମ ପୈଠ କରି ଇଏମ୍ଆଇ ବା କିସ୍ତିରେ କ୍ରୟ କରାଯାଇଥିବା ବେଳେ ପରବର୍ତ୍ତି ସମୟରେ ଜଣଙ୍କ ଠାରୁ କୁଆଡ଼େ ୨ଲକ୍ଷ ଟଙ୍କା ସୁଧ ଆକାରରେ ସମ୍ପୃକ୍ତ ବ୍ୟକ୍ତି ଆଣିଥିଲେ। ତେବେ ଆଇପିଏଲ ବେଟିଂରେ କ୍ଷତି ସହି ଅଥବା ଅନ୍ୟ କୌଣସି କାରଣରୁ ମହାଜନଙ୍କୁ ଉକ୍ତ ଟଙ୍କା ଫେରସ୍ତ କରିପାରିନଥିଲେ। ଫଳରେ ମହାଜନ ଉକ୍ତ କାରଟିକୁ ନିଜ ଅକ୍ତିଆରକୁ ନେଇ କାଳେ କିଛି ସମସ୍ୟାର ସମ୍ମୁଖୀନ ହେବ ସେଥିପାଇଁ କାର୍‌ଟିକୁ ସେଠାରେ ରଖି ନିୟମିତ ସ୍ଥିତି ଅନୁଧ୍ୟାନ କରିବାକୁ କୁଆଡ଼େ ଯାଉଥିଲେ। ଏହି ଘଟଣାରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କର ହାତ ଥିବା ବେଳେ ତାଙ୍କ କହିବା ପ୍ରକାରେ କୁଆଡ଼େ ବୈଦ୍ୟନାଥପୁର ଥାନା ପୁଲିସ ସୂଚନା ପାଇ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଶୁଣିବାକୁ ମିଳିଛି। ଏଭଳି ପରିସ୍ଥିତିରେ କାର୍‌ଟି ଆଜି ହଠାତ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ତେବେ ଗାଡ଼ିର ମାଲିକ କିଏ ଏବଂ ତାକୁ କିଏ ଆଣି ଏଠାରେ ରଖିଥିଲା ଏବଂ ଉକ୍ତ ନମ୍ବର ବିହୀନ କାର୍‌କୁ ପୁଣି କେଉଁ ଗୁପ୍ତ ସ୍ଥାନରେ ରଖିଛନ୍ତି ତାହାର ତଦନ୍ତ ଜରୁରୀ। ଗାଡ଼ିକୁ ଜବତ କରି ନିରପେକ୍ଷ ତଦନ୍ତ କରାଗଲେ ସବୁକିଛି ସ୍ପଷ୍ଟ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ସ୍କୁଟି-ବାଇକ୍ ମୁହାଁମୁହିଁ; ଜଣେ ମୃତ

- ୪ ଗୁରୁତର ଏମ୍‌କେସିଜିରେ ଭର୍ତ୍ତି
- ଆମ୍ବୁଲାନ୍ସ ବିଳମ୍ବରେ ଆସିବାରୁ ଉତ୍ତେଜନା



ବ୍ରହ୍ମପୁର, ୨୯ ।୩(ସମିସ): ଚିକିଟି ବ୍ଲକ ଓଳପୁର ନିକଟରେ ସ୍କୁଟି-ବାଇକ ମୁହାଁମୁହିଁ ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁବର୍ଣ୍ଣପୁରର ପୂଜା ସାହୁ (୧୮)। ଅନ୍ୟ ୪ ଗୁରୁତରଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି।

ସୂଚନା ପ୍ରକାରେ ଓଳପୁର ନିକଟରେ ରବିବାର ସନ୍ଧ୍ୟାରେ ସ୍କୁଟି ଓ ଏକ ପଲସର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲେ। ଏଥିରେ ଓଳପୁରର ପବିତ୍ର ବେହେରା, ତୁଳସୀ ବେହେରା ଏବଂ ଶିଶୁ ବିଶାଳ ବେହେରା ଓ ସୁବର୍ଣ୍ଣପୁର ଗ୍ରାମର ପୂଜା ସାହୁ ଏବଂ ସସ୍ମିତା ସାହୁ ଗୁରୁତର ହୋଇଥିଲେ। ଏମାନଙ୍କୁ ପ୍ରଥମେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ ନଥିବାରୁ ୪୫ମିନିଟ ବିଳମ୍ବରେ ରୋଗୀ ସ୍ଥାନାନ୍ତର ହେବାକୁ ନେଇ ଚିକିଟି ମେଡିକାଲରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ପ୍ରଶାସନ ଚିକିଟି ମେଡିକାଲରେ ପହଞ୍ଚି ବୁଝାସୁଝା କରିଥିଲେ। ମହାପ୍ରୟାଣ ଏବଂ ଜନନୀ ସୁରକ୍ଷା ଗାଡ଼ିରେ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଅଣାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ପୂଜାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଶିଶୁ ବିଶାଳକୁ ଶିଶୁ ବିଭାଗକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଅନ୍ୟ ଗୁରୁତରଙ୍କ ଏମ୍‌କେସିଜି କାଜୁଆଲିଟିରେ ଚିକିତ୍ସା ଜାରି ରହିଥିଲା।

ପ୍ରକାଶ ଯେ, ଓଳପୁରର ପବିତ୍ର, ବିଶାଳ ଏବଂ ତୁଳସୀ କୌଣସି କାମରେ ଚିକିଟି ଯାଇ ଓଳପୁର ଫେରୁଥିଲେ। ବିପରୀତ ଦିଗ ସୁବର୍ଣ୍ଣପୁରରୁ ପୂଜା ତାଙ୍କ ସ୍କୁଟିରେ ମା’ ସସ୍ମିତା ସାହୁଙ୍କୁ ବସାଇ ଚିକିଟି ଯିବାବେଳେ ଓଳପୁର ନିକଟରେ ସ୍କୁଟି ଏବଂ ପଲସର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସମସ୍ତେ ଆହତ ହୋଇଥିଲେ। ଦୁର୍ଘଟଣା ଖବର ପାଇ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ସାଂସଦ ପ୍ରତିନିଧି ମିନା ଦ୍ୟାନ ସାମନ୍ତରା ଚିକିଟି ମେଡ଼ିକାଲରେ ପହଞ୍ଚି ଆହତଙ୍କୁ ଭେଟିଥିଲେ। ସେହିଭଳି ତହସିଲଦାର ପହଞ୍ଚି ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୩୦ହଜାର ଟଙ୍କା ପ୍ରଦାନ କରିଥିବା ସୂଚନା ମିଳିଛି। ଅପରପକ୍ଷେ ଦୁର୍ଘଟଣା ଗ୍ରସ୍ତ ବାଇକ ଓ ସ୍କୁଟିକୁ ପୁଲିସ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

## ବ୍ରହ୍ମପୁର ମହାନଗର ଶୌଣ୍ଡିକ ସମାଜର ବୈଠକ



ବ୍ରହ୍ମପୁର, ୨୯ ।୩(ସମିସ): ଲାଞ୍ଜିପଲ୍ଲି କାଞ୍ଜିଆମା ମନ୍ଦିର ପରିସରରେ ବ୍ରହ୍ମପୁର ମହାନଗର ଶୌଣ୍ଡିକ ସମାଜ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ଉପସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତିଙ୍କ ଅକାଳ ବିୟୋଗକୁ ନେଇ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ କର୍ମକର୍ତ୍ତା ଓ ସଦସ୍ୟଙ୍କ ସହମତିରେ ସମାଜର ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ସାହୁ ଚୟନ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋମନାଥ ସାହୁ, ସାଧାରଣ ସମ୍ପାଦକ ଯତୀନ୍ଦ୍ର ନାଥ ସାହୁ, ଉପଦେଷ୍ଟା ଭିଷ୍ମାଚାର୍ଯ୍ୟ ଚୌଧୁରୁ, ଲିଙ୍ଗରାଜ ସାହୁ, ସମ୍ପାଦକ କୁନା ସାହୁ, ଯୁବ ସଭାପତି ସୁଶାନ୍ତ କୁମାର ସାହୁ, ଦମୟନ୍ତୀ ସାହୁ, ହରପ୍ରିୟା ସାହୁ, ଧନଲକ୍ଷ୍ମୀ ସାହୁ ଓ ସଙ୍ଗୀତା ଚୌଧୁରୀ ଉପସ୍ଥିତ ଥିଲେ।

## ଛିଦ୍ରମୟ ଅସ୍ଥି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବ୍ରହ୍ମପୁର, ୨୯ ।୩(ସମିସ): ସ୍ଥାନୀୟ ଲିଙ୍ଗରାଜ ନଗର ସ୍ଥିତ ପଦ୍ମଶ୍ରୀ ଡା. କୃଷ୍ଣ ମୋହନ ପାଠୀଙ୍କ ବାସଭବନରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ଓ ଭାରତ ବିକାଶ ପରିଷଦର ସଭାପତି ସୀମାଞ୍ଚଳ ଦାଶ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ ଏବଂ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶିବିରରେ ଛିଦ୍ରମୟ ଅସ୍ଥି ସ୍ୱାସ୍ଥ୍ୟ(ଓଷ୍ଟିଓପୋରୋସିସ) ପରୀକ୍ଷା ତଥା ଇଉରିକ୍ ଏସିଡ୍, ସ୍ନାୟୁ ଦୌର୍ବଲ୍ୟତା ଇତ୍ୟାଦି ପରୀକ୍ଷା କରାଯିବା ସହିତ ଉପଯୁକ୍ତ ଡାକ୍ତରୀ ପରାମର୍ଶ ଉପଲବ୍ଧ କରାଯାଇଥିଲା। ପଦ୍ମଶ୍ରୀ ଡା. କୃଷ୍ଣ ମୋହନ ପାଠୀଙ୍କ ପୁତ୍ର ସମାଜସେବୀ ଇଂ. ବିଭୂପ୍ରସାଦ ପାଠୀ ଶିବିର ପରିଚାଳନା କରିଥିଲେ। ବହୁ ବ୍ୟକ୍ତି ସେମାନଙ୍କ ପରିବାରର ସଦସ୍ୟଙ୍କ ସହ ଏହି ଶିବିରରେ ଯୋଗଦାନ କରି ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ଓ ଡାଇଗ୍ନୋଷ୍ଟିକ ସମେତ ସ୍ୱାସ୍ଥ୍ୟ ସମ୍ପର୍କୀତ ପରୀକ୍ଷାର ନିମନ୍ତେ ଡ. ପାଠୀଙ୍କ ଠାରୁ ଡାକ୍ତରୀ ପରାମର୍ଶ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. କମଳାକାନ୍ତ ପାଣିଗ୍ରାହୀ, ଭାରତ ବିକାଶ ପରିଷଦର ଅନେକ ସଦସ୍ୟ ବୃନ୍ଦ, ଲାୟନ୍ସ କ୍ଲବ ଟେକ୍ନୋ, ବ୍ରହ୍ମପୁରର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ସ୍ୱାସ୍ଥ୍ୟ ଶିବିରରେ ଯୋଗଦାନ କରିଥିଲେ। ଆଇନଜୀବୀ ଇଂ. ବିଜୟ ଚନ୍ଦ୍ର ମିଶ୍ର, ଆଇନଜୀବୀ ରମେଶ ଚନ୍ଦ୍ର ପାଣିଗ୍ରାହୀ, ମନୋଜ କୁମାର ପାଣିଗ୍ରାହୀ, ଏ. ରାଜା ରାଓ, କୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏପ୍ରିଲ୍ ୬ରୁ ସିଲ୍‌କ ସିଟି ମହୋତ୍ସବ



ବ୍ରହ୍ମପୁର, ୨୯ ।୩(ସମିସ): ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହରେ ସିଲ୍‌କ ସିଟି ମହୋତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମେୟର ସଂଘମିତ୍ରା ଦଳାଇ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ଏ. ସସ୍ୟ ରେଡ୍ଡୀ, ଗଞ୍ଜାମ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଏପ୍ରିଲ ୬ରୁ ୧୨ ଯାଏ ସିଲ୍‌କ ସିଟି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ମହୋତ୍ସବକୁ କିପରି ସରସ ଓ ସୁନ୍ଦର କରାଯାଇପାରିବ ସେନେଇ ସମସ୍ତ କାର୍ଯ୍ୟକୁ ସଠିକ ଭାବେ କରିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି। ବୈଠକରେ ପଲ୍ଲିଶ୍ରୀ ମେଳା, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଦର୍ଶନୀ, ଫୁଡ୍ କୋର୍ଟ, କୃଷି ଯନ୍ତ୍ରପାତି ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ କ୍ରୀଡା ଓ ଫନ୍ ଗେମ୍, ସ୍ୱଦେଶୀ ଖାଦ୍ୟ ପ୍ରତିଯୋଗିତା, ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ, ପରିମଳ, ଅଗ୍ନିନିର୍ବାପକ ବ୍ୟବସ୍ଥା, ପାନୀୟ ଜଳ, ଅର୍ଥ, ପ୍ରଚାର ପ୍ରସାର, ପଲିଥିନ ବ୍ୟବହାର ନିଷେଧ, ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କାର ପ୍ରଦାନ ଭଳି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ମହୋତ୍ସବ ନିମନ୍ତେ ଅନ୍ତର୍ବିଭାଗୀୟ ସମନ୍ୱୟ ଓ ସହଭାଗିତା ଉପରେ ଗୁରୁତ୍ୱାରୋପ କରିବା ସହ ସମସ୍ତ ପ୍ରାକ୍ ପ୍ରସ୍ତୁତିକୁ ୩ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ପରାମର୍ଶ ଦେଇଛନ୍ତି।

## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ନିମନ୍ତେ ନିମନ୍ତ୍ରଣ ପତ୍ର ପ୍ରଦାନ



ବ୍ରହ୍ମପୁର, ୨୯ ।୩(ସମିସ): ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସମସ୍ତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଗତ ଶିକ୍ଷାବର୍ଷ ଠାରୁ ଶିଶୁ ବାଟିକା ଆରମ୍ଭ କରିଛନ୍ତି। ସେହିକ୍ରମରେ ବଡ଼ଗୁମୁଳା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପାଳନ ନିମନ୍ତେ ଅଞ୍ଚଳରେ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ୨ ତାରିଖରେ ହେବାକୁ ଥିବା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଯୋଗଦେବାକୁ ବିଦ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ସିଏମ୍‌ଆର ସପିଂ ମଲ୍ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା




ବ୍ରହ୍ମପୁର, ୨୯ ।୩(ସମିସ): ସ୍ଥାନୀୟ ସିଏମ୍‌ଆର୍ ସପିଂ ମଲ୍ ପରିସରରେ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଗୁରୁକୁଳ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଅଧ୍ୟକ୍ଷା ମଧୁଛନ୍ଦା ମିଶ୍ର ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଥମରୁ ପଞ୍ଚମ ଶ୍ରେଣୀର ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ପ୍ରିୟାଂଶୁ ଚୌଧୁରୀ ପ୍ରଥମ, ପ୍ରଜ୍ଞା ମଲ୍ଲିକ ଦ୍ୱିତୀୟ ଏବଂ ଗୁରୁକୁଳ ଇଣ୍ଟର୍‌ନ୍ୟାସନାଲ ସ୍କୁଲ୍‌ର ଶୁଭଲକ୍ଷ୍ମୀ ତ୍ରିପାଠୀ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଏମ୍‌ଆର୍ ଷ୍ଟୋର୍ ମ୍ୟାନେଜର୍ ସୀମାଞ୍ଚଳ ମହାରଣା ଓ ସତୀଶ କୁମାର ଗିରି, ଲୋକସମ୍ପର୍କ ଅଧିକାରୀ ଧୀରେନ୍ଦ୍ର କୁମାର ପରିଛା ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ନାମ ସଂକୀର୍ତ୍ତନ ଉଦ୍‌ଯାପିତ

ବ୍ରହ୍ମପୁର, ୨୯ ।୩(ସମିସ): ବ୍ରହ୍ମପୁର ସହର ଉପକଣ୍ଠ ସ୍ଥିତ ଲୋଚାପଡ଼ା ବଡ଼ସାହି ଭାଗବତ ଟୁଙ୍ଗି ପରିସରରେ ପବିତ୍ର ରାମ ନବମୀ ଅବସରରେ ରଘୁନାଥ ସଂକୀର୍ତ୍ତନ ମଣ୍ଡଳି ଦ୍ୱାରା ଅନୁଷ୍ଠିତ ନାମ ସଂକୀର୍ତ୍ତନ ଉଦ୍‌ଯାପିତ ହୋଇଯାଇଛି। ସଂକୀର୍ତ୍ତନ ମଣ୍ଡଳି ପରିଚାଳକ ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାସଂଘ କାର୍ଯ୍ୟକାରୀ ସଭାପତି ଡ. ବିଜୟ ଚନ୍ଦ୍ର ମହାରଣା, ବରିଷ୍ଠ କଳାକାର ଅଶୋକ କୁମାର ପାଣି ଓ ମହାସଂଘ କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ ମଞ୍ଚାସୀନ ଥିଲେ। ଶେଷରେ ନବୀନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ମହେଶ୍ୱର ପାଣି, ରୋହିତ କୁମାର ପାଢ଼ୀ, ଦଣ୍ଡପାଣି ଦାଶ, ଡ଼ି. ସନ୍ତୋଷ କୁମାର ପାତ୍ର, ଡ଼ି. ତ୍ରିନାଥ ପାତ୍ର, ବାବୁଲା ଜେନା, ଏଲ. କୋଦଣ୍ଡ ଆଚାରୀ, ବି. ତ୍ରିନାଥ ଦାସ, ଡ଼ି. ଚୈତନ୍ୟ ପାତ୍ର ଓ ବିଦ୍ୟାଶ୍ରୀ ସାହୁ ଉପସ୍ଥିତ ଥିଲା।



## ରାମ ନବମୀ ଶୋଭାଯାତ୍ରାରେ ଖଣ୍ଡା ପ୍ରଦର୍ଶନକୁ ନିନ୍ଦା

ବ୍ରହ୍ମପୁର, ୨୯ ।୩(ସମିସ): ପବିତ୍ର ରାମ ନବମୀ ଅବସରରେ ବ୍ରହ୍ମପୁର ସହରରେ ବିଭିନ୍ନ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ପକ୍ଷରୁ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରାରେ ସହରର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ, ଉତ୍ସାହୀ ଯୁବକଙ୍କ ସମେତ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାମାନେ ଯୋଗ ଦେଇଥିଲେ। ବିଶେଷ କରି ଭାରତୀୟ ଜନତା ପାର୍ଟିର ବହୁ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ସମୟରେ କିଛି ନେତାଙ୍କ ଦ୍ୱାରା ଖଣ୍ଡା ପ୍ରଦର୍ଶନ କରାଯାଇଥିଲା। ଯାହାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ସାମାଜିକ ସମ୍ମିଳନ ଓ ଶାନ୍ତିର ପର୍ବରେ ଏପରି ଅସ୍ତ୍ର ପ୍ରଦର୍ଶନ ଅନୁଚିତ ବୋଲି ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଏହିକ୍ରମରେ ଟିଟିଲାଗଡ଼ ବିଧାୟକଙ୍କ ଦ୍ୱାରା ପିସ୍ତଲରେ ଫାଙ୍କା ଗୁଳିଚାଳନା ଘଟଣା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ର ହୋଇଥିବା ବେଳେ, ବ୍ରହ୍ମପୁରର ଏହି ଘଟଣା ନେଇ ଆହୁରି ତୀବ୍ର ଚର୍ଚ୍ଚା ହେଉଛି। ସାଧାରଣ ଲୋକଙ୍କ ମତାମତ ଅନୁଯାୟୀ, ଧାର୍ମିକ ଅବସର ଗୁଡ଼ିକୁ ଶାନ୍ତି, ସହଯୋଗ ଓ ଏକତାର ବାର୍ତ୍ତା ପ୍ରସାର କରିବାର ମଞ୍ଚ ଭାବେ ବ୍ୟବହାର କରିବା ଆବଶ୍ୟକ। ଏହି ଘଟଣାକୁ ନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନଥିବା ବେଳେ, ଆଗାମୀ ଦିନରେ ଏପରି ଘଟଣା ରୋକିବା ପାଇଁ କଡ଼ା ପଦକ୍ଷେପ ନେବାକୁ ଦାବି ଜୋରଦାର ହୋଇଛି।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ









ବ୍ରହ୍ମପୁର, ୨୯ ।୩(ସମିସ)

ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୀର ସହିଦ ଲକ୍ଷ୍ମଣ ନାୟକଙ୍କ ୮୪ତମ ଶହିଦ ଦିବସ ପାଳିତ ହୋଇଯାଇଛି। ଦି ପିପୁଲସ ଟ୍ରଷ୍ଟ ପକ୍ଷରୁ ଉକ୍ତ ଦିବସ ପାଳନ କରାଯିବା ସହ ସହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ପରିସରରେ ଥିବା ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଟ୍ରଷ୍ଟ ଚେୟାରମ୍ୟାନ ଯୁଧିଷ୍ଠିର ବେହେରାଙ୍କ ସମେତ ବିଭିନ୍ନ ସଂଗଠନ ଓ ଅନୁଷ୍ଠାନର ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସହୀଦ ଲକ୍ଷ୍ମଣ ନାୟକଙ୍କୁ ସ୍ମରଣ କରି ତାଙ୍କ ତ୍ୟାଗ, ନିଷ୍ଠା ଓ ସ୍ୱପ୍ନର ଭାରତ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ କର୍ପୋରେଟର ସୁରେନ୍ଦ୍ର ମହାରଣା, ଓଷ୍ଟାର ପୂର୍ବତନ ସମ୍ପାଦକ ବିଜୟ ବେହେରା, ନାଟ୍ୟକାର ମଦନ ମୋହନ ମିଶ୍ର, କର୍ମଚାରୀ ନେତା ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଗୋପାଳ ପାଣିଗ୍ରାହୀ, ମଧୁସୂଦନ ବେହେରା, ସୁବୋଧ ସାହୁ, ପ୍ରଶାନ୍ତ ଶତପଥୀ, ଆଇନଜୀବୀ ଗୋକୁଳ ତ୍ରିପାଠୀ, ଶ୍ରୀନିବାସ ଦାସ ଓ ନୀଳମାଧବ ରଥ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ବୀର ଶହୀଦ ଲକ୍ଷ୍ମଣ ନାୟକଙ୍କ ୮୪ ତମ ଶହୀଦ ଦିବସ ପାଳିତ ହୋଇଯାଇଛି।

ସେହିଭଳି ସ୍ଥାନୀୟ ମଣ୍ଡଳ କାରାଗାର ବାହାରେ ଥିବା ପ୍ରତିମୂର୍ତ୍ତି ଓ ପଟ୍ଟଚିତ୍ରରେ ମାଲ୍ୟାର୍ପଣ ଓ ସ୍ମୃତିଚାରଣ ପୂର୍ବକ ପାଳନ କରାଯାଇଛି। ସହୀଦ ଲକ୍ଷ୍ମଣ ନାୟକ ସ୍ୱାଧିନତୋର ଦେଶମାତୃକା ପାଇଁ ଯେଉଁ ସବୁ ସ୍ୱପ୍ନ ଦେଖିଯାଇଛନ୍ତି। ସେଗୁଡିକୁ ପୁରଣ କରିବା ଆମମାନଙ୍କର ଉତ୍ତରଦାୟିତ୍ୱ ବୋଲି ଗଞ୍ଜାମ ଜିଲ୍ଲପାଳ ଭି. କୀର୍ତ୍ତି ଭାସନ ଓ ଅନ୍ୟ ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, କାରାପାଳ ଲକ୍ଷ୍ମୀକାନ୍ତ ଧାଙ୍ଗଡା ମାଝୀ ଉପସ୍ଥିତ ଥିଲେ।

ସେହିପରି ମାନବ ଅଧିକାର ସୁରକ୍ଷା ମଞ୍ଚର ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ଓ ‘ବିକାଶ’ ସାମାଜିକ ଅନୁଷ୍ଠାନ ପକ୍ଷରୁ ବୀର ସହିଦ ଲକ୍ଷ୍ମଣ ନାୟକଙ୍କ ସହିଦ ଦିବସ ପାଳନ କରାଯାଇଛି। ସ୍ଥାନୀୟ ଲକ୍ଷ୍ମଣ ନାୟକ ସ୍ମୃତି ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ସଂଯୋଜନାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସହୀଦ ଲକ୍ଷ୍ମଣ ନାୟକ ଅନ୍ଧ ବିଶ୍ୱାସ, କୁସଂସ୍କାର ବିରୋଧରେ ଜନ ସଚେତନତା ସୃଷ୍ଟି କରୁଥିଲେ ବୋଲି ଏଠାରେ କୁହାଯାଇଛି। କାର୍ଯ୍ୟକ୍ରମରେ ସମିତି ସଭାନେତ୍ରୀ କୁନି କୁମାରୀ ଦେବୀ, ବିକାଶର ଉପ ସଭାପତି ଜ୍ୟୋତିକୃଷ୍ଣ ବେହେରା, ସଭାରେ ବିକାଶର ସାଧାରଣ ସମ୍ପାଦକ ରବି ନାରାୟଣ ବେହେରା, ସମାଜସେବୀ ଗୁଣନିଧି ବେହେରା, ମଣ୍ଡଳ ଶଶୀ, ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ ସୁରେନ୍ଦ୍ରନାଥ ପଣ୍ଡା, ହରିକୃଷ୍ଣ ବେହେରା, ମେଘନାଦ ବେହେରା, ସତ୍ୟବାନ ବେହେରା, ଏମଏସ ମଲ୍ଲିକ, ବିରେନ୍ କୁମାର ବେହେରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଅବକ୍ଷୟମୁଖୀ ଜଙ୍ଗଲ; ଅସୁରକ୍ଷିତ ବନ୍ୟପ୍ରାଣୀ



ଖୋର୍ଦ୍ଧା,୨୯।୩ (ସମିସ): ବୃକ୍ଷ ହେଉଛି ଅମୂଲ୍ୟ ସମ୍ପଦ। ବୃକ୍ଷ ବିନା ମଣିଷ ସମାଜ ବଂଚିବା ଅସମ୍ଭବ। ଗୋଟିଏ ଗୋଟିଏ ବୃକ୍ଷକୁ ନେଇ ସୃଷ୍ଟି ହୁଏ ବିଶାଳ ଜଙ୍ଗଲ। ମାତ୍ର ବେଳକୁ ବେଳ ଜଙ୍ଗଲ ଅବକ୍ଷୟ ଏବେ ଚିନ୍ତାର ବିଷୟ ପାଲଟିଛି। ଦ୍ରୁତ ଜଙ୍ଗଲ ଅବକ୍ଷୟ ଯୋଗୁ ବନ୍ୟପ୍ରାଣୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସେମାନଙ୍କ ପାଇଁ ବନବିଭାଗ ସେଭଳି ଦାୟିତ୍ୱବାନ ଥିବା ଭଳି ମନେ ହେଉନାହିଁ। ଅନ୍ୟପକ୍ଷରେ ଯେଉଁମାନେ ଜଙ୍ଗଲର ସୁରକ୍ଷା ଆବଶ୍ୟକ ବୋଲି ଜାଣନ୍ତି, ସେମାନେ ଏଥିପ୍ରତି ଦାୟିତ୍ୱବାନ ନଥିବା ଅଭିଯୋଗ ହେଉଛି। ନିଜର ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିବାଲାଗି ବହୁ ମୂଲ୍ୟବାନ ଏବଂ ବିରାଟକାୟ ଗଛମାନ କାଟିନେଉଛନ୍ତି। ଅସାଧୁ ବନ କର୍ମଚାରୀ ଓ ଜଙ୍ଗଲ ମାଫିଆଙ୍କ ସଲାସୁତରାରେ ଅନେକ ସମୟରେ ଜଙ୍ଗଲରୁ ଗଛ କଟାଯାଇ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏଥିସହିତ କୋଠା ନିର୍ମାଣ, ଶିଳ୍ପାନୁଷ୍ଠାନ, ରାସ୍ତା ସମ୍ପ୍ରସାରଣ ନାଁ ରେ ଗଛ କଟାଯାଉଛି। ଯାହାକି ଭବିଷ୍ୟତ ଲାଗି ବିପଦକୁ ଡାକି ଆଣୁଛି। ବନ ବିଭାଗ ସଚେତନତା କରୁଥିବା କହୁଥିଲେ ସୁଦ୍ଧା ତାହା ପର୍ଯ୍ୟାପ୍ତ ହେଉନଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ୧୦ବର୍ଷ ମଧ୍ୟରେ ବ୍ୟାପକ ଜଙ୍ଗଲ ଅବକ୍ଷୟ ହେବା ସାଙ୍ଗକୁ ବନ୍ୟଜନ୍ତୁଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିବା ବିଶେଷ ସୂତ୍ରରୁ ଜଣାଯାଇଛି। ସୂଚନା ମୁତାବକ, ୧୮୯୧ ମସିହାରେ ପୁରୀ ବନଖଣ୍ଡ ନାମରେ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାଠାରେ ଏହା କାର୍ଯ୍ୟକାରୀ କରୁଥିଲା। ପରବର୍ତ୍ତି ସମୟରେ ଅର୍ଥାତ୍ ୨୦୦୩ ମସିହାରେ ମୂଳବନଖଣ୍ଡ ପୁରୀକୁ ଭାଗଭାଗ କରାଯାଇ ବର୍ତ୍ତମାନର ଚନ୍ଦକା(ବନ୍ୟପ୍ରାଣୀ), ପୁରୀ(ବନ୍ୟପ୍ରାଣୀ), ଚିଲିକା(ବନ୍ୟପ୍ରାଣୀ), ଭୁବନେଶ୍ୱର ସିଟି ବନଖଣ୍ଡ ଏବଂ ଅବଶିଷ୍ଟ ୫୭୭୩୦.୩୭ ହେକ୍ଟର ବଳକା ଜଙ୍ଗଲ ଜମିର ସୁରକ୍ଷା ଓ ରକ୍ଷଣାବେକ୍ଷଣା ପାଇଁ ସରକାରଙ୍କ ତରଫରୁ ଖୋର୍ଦ୍ଧା ସଦର ମହକୁମା ଠାରେ ନୂତନ ନାମରେ ଖୋର୍ଦ୍ଧା ବନଖଣ୍ଡ କାର୍ଯ୍ୟକରି ଆସୁଛି। ଖୋର୍ଦ୍ଧା ବନଖଣ୍ଡ ଅଧିନରେ ଖୋର୍ଦ୍ଧା, ରଣପୁର, ବାଲୁଗାଁ, ଟାଙ୍ଗି, ଡ଼େଲାଙ୍ଗ, ବାଲିପାଟଣା ପ୍ରମୁଖ ୬ଗୋଟି ବନାଂଚଳ ରହିଛି। ମାତ୍ର କର୍ମଚାରୀ ଅଭାବରୁ ଏଠାରେ ଏବେ କାଠ ଓ ଖଣିମାଫିଆଙ୍କ ଉପଦ୍ରବ ଦେଖାଯାଇଛି। ଫଳରେ ବେଳକୁ ବେଳ ବିଟ୍ରିସ ଅମଳ ଜଙ୍ଗଲଭାବେ ପରିଚିତ ଏହି ବନଖଣ୍ଡରେ ଗଛ ଓ ଜୀବଜନ୍ତୁଙ୍କ ସଂଖ୍ୟା ଧିରେଧିରେ ଲୋପ ପାଇବାରେ ଲାଗିଛି। ବନ କର୍ମଚାରୀଙ୍କ ଦୂରଦୃଷ୍ଟି ଅଭାବରୁ ବନ୍ୟଜନ୍ତୁ ଶିକାର ଏବଂ କାଠ ଚୋରି ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଓଡ଼ିଶାର ପ୍ରଥମ କୃତ୍ରିମ ସାଗୁଆନ ଜଙ୍ଗଲ ଭାବେ ପରିଚିତ ବରବରା ଜଙ୍ଗଲରେ ବର୍ତ୍ତମାନ ପରିସ୍ଥିତିରେ ଶାଗୁଆନ ବଗିଚା ଦେଖିବା ବିରଳ ହୋଇଥିବା କୁହାଯାଉଛି।

ସେହିପରି ଚନ୍ଦକା ଜଙ୍ଗଲ ହାତୀ ଏବେ ଖୋର୍ଦ୍ଧାବନଖଣ୍ଡରେ ଉପଦ୍ରବ ଜାରି ରଖିଥିବାବେଳେ ଖୋର୍ଦ୍ଧାବନଖଣ୍ଡରେ ଦେଖାଯାଉଥିବା କଲରାପତରିଆ ବାଘ, ଗୟଳ, ସମ୍ବର, ବେଲରା ମୂଷା, କୃଷ୍ଣସାର ମୃଗ ଏବଂ ବ୍ରଜକାପ୍ତା ଭଳି ବିରଳ ଜୀବଜନ୍ତୁ ସଂଖ୍ୟା ମଧ୍ୟ ଲୋପ ପାଇବାକୁ ବସିଲାଣି। ଏଥିସହିତ ବରବରା ଜଙ୍ଗଲରୁ କେନ୍ଦ୍ରୀୟ ସୁରକ୍ଷା ବଳକୁ କେନ୍ଦ୍ର ସରକାର ଗତ କିଛିବର୍ଷ ତଳେ ପ୍ରତ୍ୟାହାର କରିନେବା ଫଳରେ ଏହି ଜଙ୍ଗଲ ଏବେ କାଠ ମାଫିଆଙ୍କ ଲୋଲୁପଦୃଷ୍ଟିରୁ ବର୍ତ୍ତିପାରିନାହିଁ। ନିୟମିତ ଭାବେ କେତକ ଅସାଧୁ କର୍ମଚାରୀଙ୍କୁ ହାତ କରି କାଠମାଫିଆ ବହୁ ମୂଲ୍ୟବାନ କାଠ ଚୋରି କରୁଥିବାବେଳେ କର୍ମଚାରୀ ଅଭାବ କାଠ ମାଫିଆଙ୍କୁ କଙ୍କଡ଼ାକୁ ଗୋଳି ପାଣି ଭଳି ସୁହାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବନଖଣ୍ଡ ଅଧୀନର ଅଧିକାଂଶ ଜଙ୍ଗଲ ମଧ୍ୟରେ ଲଘୁଜ ଖଣିଜ ଦ୍ରବ୍ୟ ମହଜୁଦ ହୋଇଥିବାବେଳେ ସେଗୁଡ଼ିକୁ ବନକର୍ମଚାରୀ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ତେଣୁ ପ୍ରତିଦିନ ବିଭିନ୍ନ ଜଙ୍ଗଲ ଜମିରୁ ଖଣି ମାଫିଆମାନେ ମାଙ୍କଡ଼ା ଓ ମୋରମ ଭଳି ମୂଲ୍ୟବାନ ଜିନିଷ ଜିଲ୍ଲା ତଥା ଜିଲ୍ଲା ବାହାରେ ବିକ୍ରୀ କରୁଥିବାବେଳେ କର୍ମଚାରୀ ଅଭାବ ଆଳରେ ବନବିଭାଗ ସବୁ ଜାଣି ଅଜଣା ଅଭିନୟ କରୁଛି। ଯଦି ଏବେ ଠାରୁ ବନ୍ୟଜନ୍ତୁ ଓ ପରିବେଶ ସୁରକ୍ଷା ଦିଗରେ ତଥା ଜଙ୍ଗଲ ରକ୍ଷା କରିବା କ୍ଷେତ୍ରରେ ପଦକ୍ଷେପ ନିଆ ନଯିବ ତେବେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଏଥିରେ ସନ୍ଦେହ ନାହିଁ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

## ଖୋର୍ଦ୍ଧା ପାଇକ ବିଦ୍ରୋହ ଦିବସ ପାଳିତ



ଖୋର୍ଦ୍ଧା,୨୯।୩ (ସମିସ): ପାଇକ ବିଦ୍ରୋହର ପ୍ରଥମ ଦିନ ଅର୍ଥାତ୍ ମାର୍ଚ୍ଚ ୨୯ ତାରିଖକୁ ମନେ ପକାଇବା ପାଇଁ ଖୋର୍ଦ୍ଧା ଦଳବେହେରା ଗଡ଼ାଧୀଶ ସଂଘ ପକ୍ଷରୁ ଆଜି ଖୋର୍ଦ୍ଧା ପାଇକ ବିଦ୍ରୋହ ଦିବସ ପାଳିତ ହୋଇଛି। ସଂଘ ପକ୍ଷରୁ ଆଜି ସ୍ଥାନୀୟ ବିଜେବି ହାଇସ୍କୁଲଠାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତି .ରଣ କରାଯାଇଥିଲା। ରାମଚଣ୍ଡୀ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟଙ୍କ ଅଧ୍ୟକ୍ଷତାରେ ବାଲିହୁଙ୍କା ଦଳବେହେରା ଅଜୟ କୁମାର ମାନଧାତା, ବଡ଼ପାରି ଦଳବେହେରା ସୋ÷କତ ରଞ୍ଜନ ମାଳବିହାର, ଜୟମଙ୍ଗଳ ଦଳବେହେରାଙ୍କ ଦାୟାଦ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଡ଼ିହପୁର ଦଳବେହେରାଙ୍କ ଦାୟାଦ ସୁବାସ ଚନ୍ଦ୍ର ସାମନ୍ତରାୟ, କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ରାଜେନ୍ଦ୍ର ନରେନ୍ଦ୍ର, ବିନାୟକ ପାଇକରାୟ, ବେଲେଶ୍ୱର ଯୁଝାରସିଂ, ବୈଦ୍ୟନାଥ ବରାଳ, ବିଦ୍ୟାଧର ଲେଙ୍କା, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇ ଖୋର୍ଦ୍ଧା ପାଇକ ବିଦ୍ରୋହ ୧୮୧୭ ମସିହା ମାର୍ଚ୍ଚ ମାସ ୨୯ ତାରିଖ ଦିନ ବାଣପୁର ରୁ ପ୍ରଥମେ ବକ୍ସି ଜଗବନ୍ଧୁ ଓ ଦେୱାନ କୃଷ୍ଣଚନ୍ଦ୍ରଙ୍କ ନେତୃତ୍ୱରେ ଆରମ୍ଭ ହୋଇ ସମଗ୍ର ଖୋର୍ଦ୍ଧା ତଥା କୁଜଙ୍ଗ ହରିଶପୁର ଆଦି ଅଂଚଳକୁ ବ୍ୟାପି ଯାଇଥିଲା ବୋଲି କହିବା ସହ ପାଇକ ବିଦ୍ରୋହ ଗାଥା ର ସ୍ମୃତି .ରଣ କରିଥିଲେ। ଏହାପରେ ଫଂଚପାଇକ ପୀଠରେ ମାଲ୍ୟାର୍ପଣ କରାଯାଇଥିଲା।

## ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ ଉଦ୍‌ଯାପିତ

ବେଗୁନିଆ,୨୯।୩ (ସମିସ): ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ସାନତୁଳସୀପୁର ଗ୍ରାମର ତଳସାହିସ୍ଥିତ ମା' ବାୟାଣୀ ଦେବୀଙ୍କ ପୀଠରେ ଚାରି ଦିନ ଧରି ଚାଲିଥିବା ଉନବିଂଶତମ ବାର୍ଷିକ ଓଡ଼ିଶୀ ସଙ୍କୀର୍ତ୍ତନ ଉତ୍ସବ ରବିବାର ଉଦଯାପିତ ହୋଇଛି। ପ୍ରାରମ୍ଭରେ ଯଜ୍ଞାଚାର୍ଯ୍ୟ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ତତ୍ୱାବଧାନରେ ପ୍ରଦୀପ କୁମାର ଦାଶଙ୍କ ନେତୃତ୍ୱରେ ବସନ୍ତ କୁମାର ପରିଡ଼ା ଓ ପତ୍ନୀ ସୁକାନ୍ତି କର୍ତ୍ତା ଭାବେ ଉପବେସନ କରି ଶୁଦ୍ଧପୁତ ଭାବରେ ନର ପୋଖରୀରୁ ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରା କରି ମା' ଙ୍କ ପୀଠରେ ସ୍ଥାପନ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲ୍ଲା ତୁଳସୀପୁରର ଓଡ଼ିଶୀ ସଂକୀର୍ତ୍ତନ ଗାୟକ ଶଙ୍କର ବେହେରା, ଭୋଗଡା ଗ୍ରାମର ଗାୟକ ଗଣେଶ ନିଶଙ୍କ, ନୟାଗଡ଼ ଜିଲ୍ଲା ଫତେଗଡଗ୍ରାମର ଗାୟକ ଶ୍ରୀନିବାସ ପଲେଇ, କଟକ ଜିଲ୍ଲା ଢ଼ଁସର୍ ଗ୍ରାମର ଗାୟକ ବିଜୟ ଜେନା ଓ ପୁରୀ ଜିଲ୍ଲା ବ୍ରହ୍ମଗିରି ଗାୟକ ମନୋରମା ବେହେରା ପ୍ରମୁଖ ଉପସ୍ଥିତ ରହି ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରିଥିଲେ।

## ବୀଣାପାଣି ସଂଗୀତ ଏକାଡେମୀର ବାର୍ଷିକ ଉତ୍ସବ



ଖୋର୍ଦ୍ଧା,୨୯।୩(ସମିସ): ଖୋର୍ଦ୍ଧା ଶକ୍ତି ନଗରସ୍ଥିତ ବୀଣାପାଣି ସଙ୍ଗୀତ ଏକାଡ଼େମୀ ପକ୍ଷରୁ ଗୀତା ଭବନ ପରିସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜାରାମ ବେହେରାଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ସଙ୍ଗୀତ ମହାବିଦ୍ୟାଳୟର ପ୍ରଫେସର ଡ. ନିମାକାନ୍ତ ରାଉତରାୟ ଉଦ୍ଘାଟକ, ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟଅତିଥି ଏବଂ ଡ. ମୃତ୍ୟୁଞ୍ଜୟ ରଥ ସ୍ୱତନ୍ତ୍ର ଅତିଥିରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଓଡ଼ିଶୀ ନୃତ୍ୟ ବିଶାରଦ ଡ଼. ସର୍ବେଶ୍ୱର ଜେନା, ମହାନଦୀ ବିହାର ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ.ଲକ୍ଷ୍ମଣ ସାହୁ, ଦୟାନିଧି ରାଉତରାୟ, ଡ. ନିରଞ୍ଜନ ମହାନ୍ତି, ନାଟ୍ୟକାର ଅଲେଖ ଚନ୍ଦ୍ର ଦଣ୍ଡପାଟ ପ୍ରମୁଖ ଯୋଗଦେଇଥିଲେ। ଗୋଟିପୁଅ ନୃତ୍ୟଗୁରୁ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମ ସଂଚାଳନ ସହ ଅତିଥି ପରିଚୟ ଦେଇଥିଲେ। ସର୍ବଶ୍ରୀ ଲକ୍ଷ୍ମୀଧର ସାମନ୍ତରା, ତ୍ରିଲୋଚନ ମହାରଣା, ଦିଲ୍ଲୀପ ସାମନ୍ତରାୟ ନୃତ୍ୟ, ବାଦ୍ୟ କାମରେ ସହଯୋଗ ପ୍ରଦାନ କରିଥିଲେ। ନୃତ୍ୟରେ ୧୬ଜଣ ଓ ସଙ୍ଗୀତରେ ୨୪ଜଣ ଅଂଶ ଗ୍ରହଣ କରିଥିଲେ। ପଲ୍ଲାହାଟ ଶ୍ରୀହରି ନୃତ୍ୟ ମନ୍ଦିରର କଳାକାରମାନେ ସହଯୋଗ ପ୍ରଦାନ କରିଥିବାବେଳେ ଖୋର୍ଦ୍ଧା ସହର ଓ ଗ୍ରାମାଂଚଳରୁ ଦର୍ଶକମାନେ ନୃତ୍ୟଗୀତ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

## ମର୍ଣ୍ଣିଂୱାକ୍ ଟିମ୍ ପକ୍ଷରୁ ସମ୍ବର୍ଦ୍ଧନା

ଟାଙ୍ଗୀ,୨୯।୩ (ସମିସ): ଟାଙ୍ଗୀ ଲୟର୍ସ ବାର ଆସୋସିଏସନର ନବ ନିର୍ବାଚିତ ସଭାପତି ବରିଷ୍ଠ ଆଡଭୋକେଟ ସୁରେନ୍ଦ୍ର କୁମାର ବେହେରା, ଯୁଗ୍ମ ସଂପାଦକ ତପନ କୁମାର ମହାନ୍ତି ଓ ସହ ସଂପାଦକ ମନୋଜ କୁମାର ପଟ୍ଟନାୟକଙ୍କୁ "ମର୍ଣିଙ୍ଗ ୱାକ ଟିମ୍' ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଟିମ୍‌ର ଲିଡର ତଥା ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ଦ୍ୱାରା ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ଆଡଭୋକେଟ ହମିଦ ମିରା, ବିରଞ୍ଚି ନାରାୟଣ ପୃଷ୍ଟି, କମଲ ରାୟ, ହେମନ୍ତ ଦାସ, ଦେବାଶିଷ ସାହୁ, ସୁଶାନ୍ତ କୁମାର ସେଠୀ, ସୁବ୍ରତ ନାୟକ, ଅଶୋକ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ନିରାକାରପୁର, ୨୯।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୧୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଅଧ୍ୟକ୍ଷ ସନ୍ତୋଷ କୁମାର କର ଅଧ୍ୟକ୍ଷତା କରିବା ସହ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଭାବେ ନାଚୁଣୀ କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ରାଜକିଶୋର ସାହୁ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଉମାକାନ୍ତ ହରିଚନ୍ଦନ ଓ ସ୍କୁଲ ନିର୍ଦ୍ଦେଶକ ଛବିରାମ ପରିଡ଼ା ମଧ୍ୟ ମଞ୍ଚାସୀନ ଥିଲେ। ଏହି ସମାରୋହକୁ ସୁଜାତା ମହାପାତ୍ର ଓ ସମୀକ୍ଷା ଦାସ ସଞ୍ଚାଳନ କରିଥିଲେ। ଶିକ୍ଷୟତ୍ରୀ ସୁଜାତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁମନ୍ତ ସାମନ୍ତରାୟ, ଲିପକ୍ ବେହେରା, ଅଭିଜିତ୍ ମାଝୀ, ମନୋରଞ୍ଜନ ସୁବୁଦ୍ଧି, ଅମିତ୍ ପଟ୍ଟନାୟକ, ଶିକ୍ଷୟତ୍ରୀ ବୈଶାଖୀ ପାଇକରାୟ, ଜିକୁନା ଜେନା, ରିପଲ୍ ପ୍ରଧାନ, ଶୁଭଶ୍ରୀ ଯୁଝାର ସିଂହ, ଜ୍ୟୋତିକା ସାହୁ, ରୀନା ପରିଡ଼ା, ଜ୍ୟୋତିର୍ମୟୀ ନାଥ ଶର୍ମା, ଭାରତୀ ରାଉତ ଓ ହିରଣ୍ମୟୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ଶ୍ରୀରାମ ଜନ୍ମ ମହୋତ୍ସବ

ବାଲୁଗାଁ,୨୯।୩(ସମିସ); ବାଲୁଗାଁ ସହରର ଉତ୍ତର ଦିଗର ପ୍ରବେଶ ପଥ ପାଶ୍ୱର୍ ସ୍ଥିତ ଐତିହାସିକ ମାମୁଁ-ଭଣଜା ପାହାଡ଼ ପାଦ ଦେଶରେ ଅବସ୍ଥିତ କାରୁକାର୍ଯ୍ୟ ପୂର୍ଣ୍ଣ ମା' ବିନ୍ଧ୍ୟ ବାସିନୀ ଦେବୀ ଦୁର୍ଗାଙ୍କ ମନ୍ଦିର ସହ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ଏବଂ ପାହାଡ ଶୀର୍ଷରେ ସୀତା ମା' ଙ୍କ ମନ୍ଦିର ସହ ଏକ ଗୁମ୍ଫା ରହିଥିବା ସ୍ଥଳେ ମର୍ଯ୍ୟାଦା ପୁରୁଷ ଶ୍ରୀ ରାମଚନ୍ଦ୍ର ପାହାଡର ପାଦ ଦେଶରେ ପୂଜା ପାଉଛନ୍ତି। ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର ରାମ ନବମୀ ଅବସରରେ ଏଠାରେ ଆଡମ୍ବରରେ ଶ୍ରୀରାମ ଜନ୍ମମହୋତ୍ସବ ପାଳିତ ହେଉଛି। ସିଙ୍ଗେଶ୍ୱର ଗ୍ରାମବାସୀଙ୍କ ସମେତ ମନ୍ଦିର କମିଟି ସଦସ୍ୟ ଉପସ୍ଥିତ ରହି ଉତ୍ସବର ସୁପରିଚାଳନା କରିଥିଲେ। ସେହିପରି ଏହି ମାମୁଁ-ଭଣଜା ପାହାଡ଼ ପାଦ ଦେଶ ସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ଶ୍ରୀରାମ ନବମୀ ମହୋତ୍ସବ ପାଳନ ହୋଇଯାଇଛି। ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକଙ୍କ ସମେତ ସଂସ୍ଥାନର ସଦସ୍ୟ ବୃନ୍ଦ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ବାଲୁଗାଁ ବଜାରସ୍ଥିତ ପରିବା ବ୍ୟବସାୟ ସଂଘ ତରଫରୁ ରାମ ଜନ୍ମମହୋତ୍ସବ ପାଳନ ଅବସରରେ ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ପୀଠରେ ଦିନ ତମାମ ବିଭିନ୍ନ ନୀତିକାନ୍ତି ଓ ପୂଜା ଅନୁଷ୍ଠିତ ହୋଇଯାଇଛି। ସେହିପରି ବାଲୁଗାଁ ସାମନ୍ତରାପୁର, ରାମପୁର, ଖାରିବନ୍ଧ, ବଡ଼କୂଳ ପାନ୍ଥନିବାସ ରୋଡ଼, ଗଡ଼ଦ୍ୱାର, ଛତ୍ରଗଡ ଓ ବାଣପୁର ଆଦି ବିଭିନ୍ନ ଗ୍ରାମରେ ମଧ୍ୟ ସମାରୋହରେ ଶ୍ରୀରାମନବମୀ ଉତ୍ସବ ପାଳିତ ହେଉଛି।

## ଚିଲିକାରେ ଶ୍ରୀରାମ ନବମୀ ପାଳିତ

ଚିଲିକା,୨୯।୩(ସମିସ): ଚିଲିକା ନିର୍ବାଚନ ମଣ୍ଡଳୀରେ ବିଶ୍ୱହିନ୍ଦୁ ପରିଷଦ ବାଣପୁର ପ୍ରଖଣ୍ଡ ତରଫରୁ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପୁଣ୍ୟ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ସ୍ଥାନୀୟ ଯୁବକଙ୍କୁ ନେଇ ଆୟୋଜନ କରାଯାଇଥିଲା। ଶୋଭାଯାତ୍ରାରେ ରାମଲାଲାଙ୍କ ବିଗ୍ରହ ଶୋଭିତ ଏକ ରଥ ପରିକ୍ରମା କରିଥିଲା। ସ୍ଥାନୀୟ ସଲପଡ଼ିହି ସ୍ଥିତ ବିଜେ ମା' ପାଣ୍ଡବାଶୁଣୀଙ୍କ ମନ୍ଦିର ପ୍ରାଙ୍ଗଣରୁ ୨୦୦ରୁ ଉର୍ଦ୍ଧ ମୋଟରସାଇକଲରେ ପ୍ରାୟ ୩୦୦ ରାମଭକ୍ତ ପାଣ୍ଡବଶୁଣୀ ମନ୍ଦିରରୁ ବାହାରି ସଲପଡ଼ି, ଲୋକିପୁର, ନାଚୁଣୀ , ସୁନାଖଳା, ଜୀବଦେଇପୁର, କୁଲେଇ, ଭାଟପଡା, ଗମ୍ଭାରୀମୁଣ୍ଡା ଓ ଆୟତପୁର ଦେଇ ଦେଓଗାଁସ୍ଥ ପଥରା ରାଧାକାନ୍ତଦେବ ମନ୍ଦିରଠାରେ ଶୋଭାଯାତ୍ରାର ସମାପନ ହୋଇଥିଲ। ଶୋଭାଯାତ୍ରାକୁ ବିଶ୍ୱହିନ୍ଦୁ ପରିଷଦ ଚିଲିକା- ବାଣପୁର ପ୍ରଖଣ୍ଡ ସମ୍ପାଦକ ନିଶିରଞ୍ଜନ ବଳବନ୍ତରାୟ, ବଜରଙ୍ଗ ଦଳ ବାଣପୁର ପ୍ରଖଣ୍ଡ ସହ-ସଂଯୋଜକ ସାଇ ଅମିତ ମହାପାତ୍ର, ବଜରଙ୍ଗ ଦଳ ଚିଲିକା ପ୍ରଖଣ୍ଡ ସହ ସଂଯୋଜକ ଜିତେନ୍ଦ୍ର ବିଶ୍ୱାଳ, ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ହରିପୁର ମଣ୍ଡଳ ପ୍ରମୁଖ ଦୀପକ ରଣା, ଭାରତୀୟ ଜନତା ଯୁବ ମୋର୍ଚ୍ଚା ପ୍ରତାପେଶ୍ୱର ମଣ୍ଡଳ ସଭାପତି ଗଣେଶ ପ୍ରସାଦ ଜେନା, ସାଇ ସୋମନାଥ ଦଳାଇ, ମାନସ ସାହୁ, ବୁବୁ ବରାଳ, ଦୀପୁ ପ୍ରଧାନ, ବ୍ରହ୍ମାନନ୍ଦ ସାମନ୍ତସିଂହାର, ଆଲୋକ ପାଇକରାୟ, ସୋମନାଥ ସାମନ୍ତରାୟ, ଅମିତ ବେହେରା, ରାଜା ପ୍ରଧାନ ଓ ରାକେଶ ଛାଟୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଚୈତ୍ର ନବରାତ୍ରୀ ପୂଜା

ବାଲୁଗାଁ,୨୯।୩(ସମିସ): ବାଲୁଗାଁ ବାଣପୁର ତଥା ସମଗ୍ର ଚିଲିକା ଅଞ୍ଚଳର ବିଭିନ୍ନ ଦେବୀଙ୍କ ପୀଠ ସମେତ ବହୁ ଘରେ ଘରେ ଚୈତ୍ର ମାସରେ ମା' ଦୁର୍ଗାଙ୍କ ନବରାତ୍ର ପୂଜା ଏକାଦଶୀ ତିଥି ଠାରୁ କଳସ ସ୍ଥାପନ କରି ଆରମ୍ଭ କରାଯାଇଥିବା ବେଳେ ୯ ଦିନ ଧରି ଚାଲିବା ପରେ ଶ୍ରୀରାମ ନବମୀରେ ଉଦଯାପିତ ହୋଇଯାଇଛି। ୯ ଦିନରେ ମା'ଙ୍କ ନଅଟି ରୂପରେ ପୂଜାର୍ଚ୍ଚନା କରାଯାଇଥିଲା। ନବମ ତଥା ଅନ୍ତିମ ଦିବସ ରାମନବମୀରେ ହୋମ ଯଜ୍ଞ କରାଯାଇ ଏହି ଚୈତ୍ର ନବରାତ୍ର ବ୍ରତ ପୂଜା ଉଦଯାପନୀ ପରେ କଳସ ସମେତ ସମସ୍ତ ପୂଜା ସାମଗ୍ରୀ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା।

## ବୋଲଗଡ଼ ବ୍ଲକ୍‌ସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ



ବୋଲଗଡ଼,୨୯।୩ (ସମିସ): ବୋଲଗଡ଼ ମା'ଭୂଇଁଆଣୀଙ୍କ ପୀଠରେ ରବିବାର ସ୍ଥାନୀୟ ବ୍ଲକସ୍ତରୀୟ କଂଗ୍ରେସ ଦଳର ଏକ ସାଂଗଠନିକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ବୋଲଗଡ଼ ବ୍ଲକ କଂଗ୍ରେସର ନବ ନିଯୁକ୍ତ ସଭାପତି ରମାକାନ୍ତ ପଟ୍ଟନାୟକ ସଭାପତିତ୍ୱ କରିଥିଲା ବେଳେ ତାଙ୍କୁ ନୂତନ ବ୍ଲକ ସଭାପତି ଭାବେ ସ୍ୱାଗତ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ରାଜ୍ୟ ମହିଳା କଂଗ୍ରେସର ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଯୋଗଦେଇ ଦଳର ସଂଗଠନ ବଢ଼ାଇବା ପାଇଁ ନିଷ୍ଠାପର ଉଦ୍ୟମ କରିବାକୁ କହିଥିଲେ । ବରିଷ୍ଠ କଂଗ୍ରେସ କର୍ମୀ ତଥା ପୂର୍ବତନ ସରପଞ୍ଚ ମାଧବ ଚନ୍ଦ୍ର ବିଶ୍ୱାଳ, ରାଧେଶ୍ୟାମ ରାୟଗୁରୁ ମହାପାତ୍ର, ଜିଲ୍ଲା କଂଗ୍ରେସ ଉପସଭାପତି ନଟବର ପାଣ୍ଡେ, ପୂର୍ବତନ ସରପଞ୍ଚ ରଘୁନାଥ ସାହୁ, ଖୋର୍ଦ୍ଧା ଜିଲ୍ଲା ଉପସଭାପତି ସୁଧାଂଶୁ ସୁବୁଦ୍ଧି, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସଂଜୟ ସୁବୁଦ୍ଧି ଓ ଗଦାଧର ଚମ୍ପତି, ଇଂ ରାମଚନ୍ଦ୍ର ସାମନ୍ତରାୟ ଏବଂ ନିରଞ୍ଜନ ସାମନ୍ତରାୟ ପ୍ରମୁଖଙ୍କ ସମେତ ଅନ୍ୟମାନେ କଂଗ୍ରେସ ଦଳର ସାଙ୍ଗଠନିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମଲ୍ଲିପଦର ଆମ ଗାଁ ମହୋତ୍ସବ ଉଦ୍‌ଯାପିତ

ବେଗୁନିଆ,୨୯।୩ (ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର(ବାସୁଦେବପୁର) ଗ୍ରାମରେ ପାଞ୍ଚ ଦିନ ଧରି ଚାଲିଥିବା ଅଷ୍ଟମ ବାର୍ଷିକ ଉତ୍ସବ ଆମ ଗାଁ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଛି। ଏଥିରେ ମହୋତ୍ସବ କମିଟି ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି, ମନୋଜ କୁମାର ପ୍ରଧାନ ମୁଖ୍ୟବକ୍ତା, ପୂର୍ବତନ ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି, ବିଜେଡ଼ି ଦଳର ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେହେରା, ଆମ ଗାଁ ମହୋତ୍ସବ ଉପସଭାପତି କୁଞ୍ଜ ବିହାରୀ ମହାପାତ୍ର, କୋଷାଧ୍ୟକ୍ଷ ଅମୀୟ ଭୂଷଣ ପଣ୍ଡା ଓ ସିନେ ଅଭିନେତ୍ରୀ ଡ. ଅନୁରାଧା ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଓଡ଼ିଶା ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ଏକାଗ୍ରତା ଓଡ଼ିଶୀ ନୃତ୍ୟ ଓ କଳାହାଣ୍ଡି ଶ୍ରୀ ହରି କଳା ନିକେତନ ସମ୍ବଲପୁରୀ ନୃତ୍ୟ, ସ୍ଥାନୀୟ ଅଞ୍ଚଳ ସମେତ ଭୁବନେଶ୍ୱର ଅର୍କେଷ୍ଟା ଡାର୍କ ବ୍ଲୁର କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବାଣପୁରରେ ବିଶ୍ୱ ରଙ୍ଗମଞ୍ଚ ଦିବସ



ବାଣପୁର,୨୯।୩ (ସମିସ) : ବାଣପୁର ଶୁଭମ୍ କଲ୍ୟାଣ ମଣ୍ଡପ ପରିସରରେ ନାଟ୍ୟ ନିର୍ଦ୍ଦେଶକ ଜିତେନ୍ଦ୍ର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବିଶ୍ୱ ନାଟକ ଦିବସ ତଥା ରଙ୍ଗମଞ୍ଚ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ ଭାଗୀରଥି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ନାଟ୍ୟ ନିର୍ଦ୍ଦେଶକ ଭିକାରୀ ଚରଣ ପ୍ରଧାନ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ଗୋଲକ ବିହାରୀ ପରିଡ଼ା, ମା ଭଗବତୀ କଳା ନିକେତନ ସମ୍ପାଦିକା ବିଷ୍ଣୁପ୍ରିୟା ବାରିକ ଯୋଗଦେଇ ଓଡ଼ିଆ ନାଟକ ଓ ରଙ୍ଗମଞ୍ଚର ଇତିହାସ ଏବଂ ଓଡ଼ିଆ ନାଟକରେ ସାମାଜିକ ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବାଣପୁର ଅଞ୍ଚଳର ନାଟ୍ୟ ନିର୍ଦ୍ଦେଶକ ପ୍ରମୋଦ କୁମାର ସ୍ୱାଇଁ, ନାଟ୍ୟକାର ଅଶୋକ କୁମାର ପ୍ରଧାନ, ଶିଶୁ ମଞ୍ଚ ଅଭିନେତ୍ରୀ ଅନିତା ପ୍ରଧାନ ଓ ପରୀ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମା ଭଗବତୀ କଳା ନିକେତନର ଛାତ୍ରୀ ଓ ଅଭିଭାବିକା ମାନଙ୍କ ଦ୍ୱାରା ଡ. ପ୍ରଦୀପ ଭୌମିକଙ୍କ ରଚିତ ଓ ଉଷାରାଣୀ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ନାଟକ "ଖାଣ୍ଟିସୁନା' ପରିବେଷଣ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପନ୍ଦା କୂଳିଆ କବି ଦିଗମ୍ବର ବିଶ୍ୱାଳ, ଶିକ୍ଷାବିତ୍ ଲକ୍ଷ୍ମୀଚରଣ ପ୍ରଧାନ, କବି ପ୍ରହ୍ଲାଦ ବେହେରା, ଆଇନଜୀବୀ ରବିନ୍ଦ୍ର କୁମାର ମାନସିଂହ, ନାଟ୍ୟକାର ତ୍ରିବିକ୍ରମ ପଣ୍ଡା, ରାମକୃଷ୍ଣ ମହାରଣା ପ୍ରମୁଖଙ୍କ ସମେତ ବାଣପୁର ଅଞ୍ଚଳର ବହୁ ଶିକ୍ଷାବିତ, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ସାମ୍ବାଦିକ ଓ ଛାତ୍ର ଛାତ୍ରୀ ସାମିଲ ହୋଇଥିଲେ।

## ରଘୁନାଥ ଦେବଙ୍କ ପୀଠରେ ରାମଲୀଳା ନାଟକ

ବେଗୁନିଆ,୨୯।୩ (ସମିସ): ବେଗୁନିଆ ବ୍ଲକ ବାଘମାରୀ ଗ୍ରାମସ୍ଥିତ ତଳସାହିର ରଘୁନାଥ ଦେବଙ୍କ ପୀଠରେ ନାଟ୍ୟ ସଂସଦ ପକ୍ଷରୁ ଗତ ୨୭ତାରିଖ ପବିତ୍ର ରାମ୍ ନବମୀଠାରୁ ରାମଲୀଳା ନାଟକ ଅପ୍ରେଲ ମାସ ୪ ତାରିଖ ପର୍ଯ୍ୟନ୍ତ ପରିବେଷଣ ହେଉଛି। ଏଥିରେ ଶ୍ରୀରାମ ନବମୀ ଉତ୍ସବ ଓ ରାମ ଜନ୍ମ,ସୀତା ବିବାହ, ରାମ ବନବାସ, ସୀତା ଚୋରୀ,ବାଳିବଧ, ଲଙ୍କାପୋଡ଼ି, କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତ ବଧ, ମହିରାବଣ ବଧ ଗ୍ରାମ୍ୟ କଳାକାର ମାନେ ପରିବେଷଣ କରୁଛନ୍ତି। ତେବେ ଅନ୍ତିମ ଦିବସ ଅର୍ଥାତ୍ ଅପ୍ରେଲ ୪ ରିଖ ରବିବାର ଦିନ ରାବଣ ପୋଡ଼ି ଉତ୍ସବ ଓ ଶ୍ରୀରାମଙ୍କ ରାଜ୍ୟାଭିଷେକ୍ କରାଯିବ ବୋଲି ଆୟୋଜକମାନେ କହିଛନ୍ତି।

## ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ନିରାକାରପୁର,୨୯।୩ (ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ତିନି ଦିନିଆ ଜାତୀୟ ସେବା ଯୋଜନାର ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇ ଯାଇଛି। ଏହି ଉଦ୍ଦେଶ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁଙ୍କ ପୌରୋହିତରେ ଆୟୋଜିତ ସଭାରେ ଖୋର୍ଦ୍ଧାର ପ୍ରାକ୍ତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି ଓ ରିନା ରାଉତରାୟ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ସମାଜସେବାରେ ନିଜକୁ ସଂଶ୍ଳିଷ୍ଟ କରିପାରିଲେ ଯୁବକ ସମୟ ସାର୍ଥକ ହେବ ବୋଲି ଦର୍ଶାଇ ଥିଲେ। ଇତିହାସ ବିଭାଗର ମୁଖ୍ୟ ଡ. ଜନ୍ମେଜୟ ଚୌଧୁରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିବା ବେଳେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଅନୁପମା ଚମ୍ପତିରାୟ ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟର ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମାନସ କୁମାର ଜୟସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଯଶସ୍ୱିନୀ ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସୁଜ୍ଞାନୀ ଭଞ୍ଜସାମନ୍ତ, ଅନୀତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ୧୪ ବର୍ଷ ହେଲା ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟ ଅସମ୍ପୂର୍ଣ୍ଣ



ବେଗୁନିଆ,୨୯।୩ (ସମିସ): ବେଗୁନିଆ ବ୍ଲକ ବୋଡଳମା ପଞ୍ଚାୟତ ଅନ୍ତର୍ଗତ ପାଟଣା ହନୁମାନ ମନ୍ଦିର ନିକଟରେ ତଥା ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ନିର୍ମାଣ ହେଉଥିବା ପ୍ରାଣୀଧନ ନୀରିକ୍ଷକଙ୍କ କାର୍ଯ୍ୟାଳୟ ଗୃହ ଅର୍ଥ ଅଭାବରୁ ୧୪ବର୍ଷ ହେଲା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ୨୦୧୨/୧୩ ମସିହାରେ ବିଲଡିଂ ନିର୍ମାଣ ହେଉଥିବାବେଳେ ଅନୁଦାନ ଅର୍ଥ ଶେଷ ହୋଇଯିବାରୁ ବିଲଡିଂର ଘରଟି ଦୀର୍ଘ ବର୍ଷ ହେବ ବ୍ୟବହାର ନହୋଇ ଅବ୍ୟବହୃତ ଅବସ୍ଥାରେ ପଡିଥିବା ଯୋଗୁଁ କାନ୍ଥ ଫାଟି ଆଁ କରିବା ସହ ମାଟିରେ ମିଶିବାକୁ ବସିଲାଣି । ସେହିପରି ବଡବେରେଣା, ସାରୁଅ ଓ ପଙ୍ଗାରସିଂହରେ ୩ଟି ପ୍ରାଣିଧନ ନୀରିକ୍ଷକ ବିଲଡିଂ ନିର୍ମାଣ ହୋଇ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଥିବା ବେଳେ ହସ୍ତାନ୍ତର କରାଯାଉନାହିଁ । ବିଲଡିଂ ଗୁଡିକ ରାସ୍ତା କଡରେ ଅବସ୍ଥିତ ହୋଇଥିବାବେଳେ ଭିତରକୁ ରାସ୍ତା ନାହିଁ କି ପାଣି ବିଜୁଳି ନଥିବା ବେଳେ ଶୌଚ ହେବା ପାଇଁ କୌଣସି ସୁବିଧା ସୁଯୋଗ ନ ଥିବାରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ବିଲଡିଂ ଗୁଡିକ ରକ୍ଷଣା ବେକ୍ଷଣ ଅଭାବରୁ ମାଟିରେ ମିଶିବାକୁ ବସିଲାଣି । ଏଥିରେ ବ୍ଲକ ପ୍ରାଣୀଧନ ଅଧିକାରୀ ଡାକ୍ତର ପ୍ରିତୀଶ ରଥ ପଚାରିବାରୁ ପୂର୍ବତନ ବିଡ଼ିଓଙ୍କୁ ଘର ଗୁଡିକ ସମ୍ପୂର୍ଣ୍ଣ କରି ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରିବା ପାଇଁ ବାରମ୍ବାର ଜଣାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଏଥିରେ ସ୍ଥାନୀୟ ଜନ ସାଧାରଣଙ୍କ ସମେତ ଲୋକ ପ୍ରତିନିଧି ପ୍ରଶାସନକୁ ଅବଗତ କରିବାରେ ଲୋକଙ୍କ ସରକାର ତୁରନ୍ତ ଅର୍ଥ ରାଶି ମଞ୍ଜୁର କରାଗଲେ ସମାଧାନ ହୋଇ ପାରିବ ବୋଲି ଚାତକ ଭଳି ଭଳି ଚାହିଁ ବସିଛନ୍ତି।

୨୯/୩/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୪୬,୨୮୪/- ସୁନା:୦୦.୦୨୦ ଗ୍ରାମ୍ ରୁପା: ୧୧.୭୦୦ ଗ୍ରାମ୍





ଶ୍ରୀକ୍ଷେତ୍ରରେ ସାହିଯାତ

# ପର୍ଶୁରାମଙ୍କ କଳାହରଣ; ଆଜି ବନବାସ

ପୁରୀ,୨୯।୩(ସମିସ)



ରାଜର୍ଷି ଜନକ କନ୍ୟା ସୀତାଙ୍କ ସ୍ୱୟମ୍ବର ପାଇଁ ଆୟୋଜନ କରିଥା'ନ୍ତି। ପଣ ଥିଲା ଶିବ ଧନୁ ଯିଏ ଭାଙ୍ଗିବ ସିଏ ହିଁ ସୀତାଙ୍କୁ ବିବାହ କରିବେ। ସ୍ୱୟମ୍ବରରେ ସମଗ୍ର ଦେଶର ରାଜା ମହାରାଜାମାନେ ଭାଗ ନେଇଥିଲେ। ଧନୁ ଭାଙ୍ଗିବା ତ ଦୂରର କଥା କେହି ଶିବ ଧନୁ ଉଠାଇପାରି ନ ଥିଲେ। ମହର୍ଷି ବିଶ୍ୱାମିତ୍ରଙ୍କ ସହିତ ରାମ-ଲକ୍ଷ୍ମଣ ଦୁଇଭାଇ ସ୍ୱୟମ୍ବରରେ ପହଞ୍ଚିଥିଲେ। ଗୁରୁଦେବଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀରାମ ଅନାୟସରେ ଶିବ ଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିଛନ୍ତି। ଶ୍ରୀରାମ ସୀତାଙ୍କୁ ନେଇ ଅଯୋଧ୍ୟା ବାହାରିବା ବେଳେ ପର୍ଶୁରାମଙ୍କ ସହିତ ଭେଟ ହୋଇଛି। ଏହାପରେ ପର୍ଶୁରାମ ଲୀଳା ଆରମ୍ଭ ହୋଇଛି। ସାହିଯାତର ତୃତୀୟ ଦିନରେ ରବିବାର ବିଗ୍ରହମାନଙ୍କ ନିକଟରେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ପର୍ଶୁରାମ କଳାହରଣ ନୀତି ସମ୍ପନ୍ନ ହୋଇଛି।

ଆଠସାହି ପକ୍ଷରୁ ସାହିଯାତ ମାଧ୍ୟମରେ ପାଳିତ ହେଉଛି ରାମଲୀଳା। ଚୈତ୍ର ଶୁକ୍ଳ ଏକାଦଶୀ ଅବସରରେ ସମ୍ପନ୍ନ ହୋଇଛି ରାମଲୀଳାର ସୀତା ବିବାହ ଓ ପର୍ଶୁରାମଙ୍କ କଳାହରଣ ନୀତି। ହରଚଣ୍ଡୀ ସାହି ପକ୍ଷରୁ ସାହିଯାତ ମାଧ୍ୟମରେ ପର୍ଶୁରାମ ପ୍ରସ୍ତାବ ନୀତି ସମ୍ପନ୍ନ କରାଯାଇଛି। ପୂର୍ବାହ୍ଣରେ ହରଚଣ୍ଡୀ ସାହି ଜାଗାରୁ ପର୍ଶୁରାମଙ୍କୁ ନେଇ ବିଶାଳ ପଟୁଆର ବାହାରିଥିଲା। ଏହି ପଟୁଆର ବିଭିନ୍ନ ଜାଗା ଓ ସାହି ପରିକ୍ରମା କରିଥିଲା। ସନ୍ଧ୍ୟାରେ ରାମ, ଲକ୍ଷ୍ମଣ, ବିଶ୍ୱାମିତ୍ର ଏବଂ ପର୍ଶୁରାମଙ୍କୁ ନେଇ ପଟୁଆର ହରଚଣ୍ଡୀ ସାହିରୁ ବାହାରିଥିଲା। ବିଶାଳ ପଟୁଆରରେ ସେମାନେ ସାହି ପରିକ୍ରମା କରିବା ସହ ବାଦିସାହି ତଥା ମିତ୍ରସାହି, ବାଲିସାହିରେ ପହଞ୍ଚିଥିଲେ। ପଟୁଆର ବାଲିସାହି ପରିକ୍ରମା କରି ସେଠାରୁ ସିଂହଦ୍ୱାର ଦେଇ ଶ୍ରୀଜଗନ୍ନାଥ ବଲ୍ଲଭରେ ପହଞ୍ଚିଥିଲା। ଏପଟେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଏବଂ ଦକ୍ଷିଣୀ ଘର ଭୋଗ ନୀତି ବଢ଼ିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମ-ଲକ୍ଷ୍ମଣଙ୍କୁ ନେଇ ରତ୍ନସିଂହାସନ ଉପରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ମହାଜନ ସେବକ ରାମ-ଲକ୍ଷ୍ମଣଙ୍କୁ ବଟ ବୃକ୍ଷ ମୂଳେ ଥିବା ପାଲିଙ୍କିକୁ ବିଜେ କରାଇଥିଲେ। ବିମାନ ବଡୁମାନେ ପାଲିଙ୍କିକୁ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଝୁଲଣ ଘର ଖଟ ଉପରେ ବିଜେ କରାଯାଇଥିଲା। ଏହାପରେ ମଠର ଆରାଧ୍ୟ ସୁଗ୍ରୀବ ମହାରାଜଙ୍କଠାରୁ ଆଜ୍ଞାମାଳ ବିଜେ ହୋଇଥିଲା। ଠାକୁରଙ୍କ ନିକଟରେ ଶୀତଳ ଭୋଗ ପନ୍ତି ହୋଇଥିଲା। ହରଚଣ୍ଡୀ ସାହି ଆଖଡ଼ା ପଟୁଆରରେ ଆସି ପହଞ୍ଚିଥିବା ରାମ, ଲକ୍ଷ୍ମଣ, ବିଶ୍ୱାମିତ୍ର ଏବଂ ପର୍ଶୁରାମ ନୀତିରେ ସାମିଲ୍ ହୋଇଥିଲେ। ପର୍ଶୁରାମ ଏବଂ ରାମ ବଚନିକା ହୋଇଥିଲା। ବୈଷ୍ଣବ ଧନୁରେ ଗୁଣ ଚଢ଼ାଇ ଶ୍ରୀରାମ ପର୍ଶୁରାମଙ୍କ କଳାହରଣ କରିଥିଲେ। ପର୍ଶୁରାମ ତପସ୍ୟା ନିମନ୍ତେ ମହେନ୍ଦ୍ର ପର୍ବତକୁ ଚାଲି ଯାଇଥିଲେ। ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଏହି ନୀତି ଦେଖିବାକୁ ଭିଡ଼ ଜମିଥିଲା।

## ଶ୍ରୀକ୍ଷେତ୍ରରେ ମହା ସତ୍‌ସଙ୍ଗ ଲୀଳା



ପୁରୀ,୨୯।୩(ସମିସ): ଶ୍ରୀଗୁରୁ ପ୍ରଦ୍ୟୁମ୍ନ କିଶୋର ଦେବ (ଶ୍ରୀଗୁରୁ ପରମହଂସ ସ୍ୱାମୀ ଶ୍ରୀରାଧା ମୋହନ ଦେବ)ଙ୍କ ଦ୍ୱାରା ବଡ଼ଦାଣ୍ଡସ୍ଥିତ ମଣିରାମ ମଠରେ ପରମ ପ୍ରେମମୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମହା ସତ୍‌ସଙ୍ଗ ଲୀଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣିରାମ ମଠ ମହନ୍ତ ସନ୍ଥ ଅଭିରାମ ଦାସଜୀ ମହାରାଜ, ବିଶିଷ୍ଟ କଥାବାଚକ ବାବା ଦିବାକର ଦାସ ମହାରାଜ, ପ୍ରେମସାଗର ବାବା ଅରକ୍ଷିତ ଦାସ ମହାରାଜ, ବାବା ଅନନ୍ତ ଦାସ ମହାରାଜ, ସର୍ଜନ ପ୍ରଭୁ, ପରମାନନ୍ଦ ପ୍ରଭୁ ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଉପରେ ପ୍ରବଚନ ପ୍ରଦାନ କରିଥିଲେ। ବେତାର କଣ୍ଠଶିଳ୍ପୀ ଦୀପ୍ତି ଦାଶ, କରୁଣାକର ନାୟକ, ଅପର୍ଣ୍ଣା ଦେବୀ, ପ୍ରଫୁଲ୍ଲ ନାୟକ, ସୁଶୀଲ ଦାସ, ଶିବପ୍ରସାଦ ବାବୁ, ସୁପର୍ଣ୍ଣା ଦେବୀ, ଅଶୋକ ମହାପାତ୍ରଙ୍କ ସହିତ ଶ୍ରୀଗୁରୁ ସଂକୀର୍ତ୍ତନ ମଣ୍ଡଳୀ କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତିଙ୍କୁ ଶ୍ରୀଗୁରୁଦେବ ସମ୍ବର୍ଦ୍ଧିତ କରିଥିଲେ। ବିଶ୍ୱର ଶାନ୍ତି, ମୈତ୍ରୀ, ପ୍ରେମ ପାଇଁ ସତ୍‌ସଙ୍ଗର ଭୂମିକା ସାଧୁସନ୍ଥ, ଋଷି ପରମ୍ପରାର ଆବଶ୍ୟକତା ଓ ମହତ୍ତ୍ୱ ସମ୍ପର୍କରେ ଗୁରୁଦେବ ବୁଝାଇଥିଲେ।

ସାରା ବିଶ୍ୱର ମଙ୍ଗଳ ପାଇଁ ବଡ଼ଦାଣ୍ଡରେ ପ୍ରାର୍ଥନା କରାଯାଇଥିଲା। ସବୁରି କଣ୍ଠରେ ଭଜ ଜଗନ୍ନାଥ ସ୍ୱାମୀ ସତ୍ୟ ସନାତନ ଜପ ହରେ ରାମ କୃଷ୍ଣ ଶ୍ରୀରାଧାମୋହନ ଏହି ମନ୍ତ୍ର ସହିତ ଜୟ ଜଗନ୍ନାଥ ଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏଥିରେ ବହୁ ସାଧୁସନ୍ଥ ଯୋଗଦେଇ ଆନନ୍ଦରେ ହରି କଥା କହିଥିଲେ। ଏହାକୁ ମହା ସତ୍‌ସଙ୍ଗର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ ଅସିତ୍ ରଞ୍ଜନ ପ୍ରଧାନ ସମସ୍ତ ଭକ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

ମକର ମହୋତ୍ସବ ଉଦ୍‌ଘାଟିତ

## ନୃତ୍ୟ ସଙ୍ଗୀତରେ ଝୁମିଲେ ଦର୍ଶକ

ପୁରୀ,୨୯।୩(ସମିସ): ତାଳବଣିଆ ଉନ୍ନୟନ ପରିଷଦ ପକ୍ଷରୁ ତାଳବଣିଆ ପଡ଼ିଆରେ ଶନିବାର ଉଦ୍‌ଘାଟିତ ହୋଇଛି ଦ୍ୱିତୀୟ ମକର ମହୋତ୍ସବ। ଏହି ତିନିଦିନିଆ ମହୋତ୍ସବକୁ ସାଂସଦ ଡ. ସମ୍ବିତ୍ ପାତ୍ର ଉଦ୍‌ଘାଟନ କରିଥିଲେ। ଓଡ଼ିଶାର କଳା ସଂସ୍କୃତିର ପ୍ରଚାର ସହ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଆୟୋଜିତ ଏହି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତ୍ରୀ ପିଙ୍କି ପ୍ରଧାନ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ମଧୁସୂଦନ ସିଂହାରୀ, ପୁରୀ ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ଉମାକାନ୍ତ ନାୟକ, ଆଇନଜୀବୀ ଦିଗ୍‌ଦର୍ଶନ ପଟ୍ଟନାୟକ, ସଭାପତି ରାଜେଶ କୁମାର ନନ୍ଦ, ସମ୍ପାଦକ ସୁଜିତ୍ ପଟ୍ଟନାୟକ, ଆବାହକ ଶିବ ପ୍ରସାଦ ମହାନ୍ତି ଓ ତାଳବଣିଆ ଉନ୍ନୟନ ପରିଷଦର ସଦସ୍ୟ ସଦସ୍ୟା ମଞ୍ଚାସୀନ ଥିଲେ। ଏହି ଅବସରରେ ବରେଣ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ପୂର୍ବରୁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଚିତ୍ରାଙ୍କନ, ବକ୍ତୃତା ଓ ଝୋଟି ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଓଡ଼ିଶାର ସୁନାମଧନ୍ୟା କଣ୍ଠଶିଳ୍ପୀ ଡ. ଅନୁରାଧା ପାଣିଗ୍ରାହୀ ଓ ତାଙ୍କ ଅର୍କେଷ୍ଟ୍ରା ଦ୍ୱାରା ପରିବେଷିତ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହୋଇଥିବାବେଳେ ଦର୍ଶକ ଝୁମିଥିଲେ। ଏଥିସହ ମହୋତ୍ସବରେ ୪୦ଟି ଷ୍ଟଲ୍‌ରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ, ହସ୍ତଶିଳ୍ପ ପ୍ରଦର୍ଶନ କରାଯାଉଛି।

ବାର୍ଷିକ ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

## 'କଠିନ ପରିଶ୍ରମ କରି ସ୍ୱପ୍ନକୁ ସାର୍ଥକ କର'

ପୁରୀ,୨୯।୩(ସମିସ): ଉଚ୍ଚଶିକ୍ଷା ସହ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ଓ ସୃଜନଶୀଳତାର ବିକାଶରେ ବିଦ୍ୟା ଓ ବିଦ୍ୟାର୍ଥୀ ଗୌରବମୟ ହୁଅନ୍ତୁ ବୋଲି କହିଛନ୍ତି ସାକ୍ଷୀଗୋପାଳର ବିଇଓ କୈଳାଶ ଚନ୍ଦ୍ର ପାଢ଼ୀ। ବିଶିଷ୍ଟ ଶିକ୍ଷାବିତ୍ ଡ. ସୁବାସ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ସତ୍ୟବାଦୀର ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପାଢ଼ୀ କେବଳ ସ୍ୱପ୍ନ ଦେଖିବା ନୁହେଁ, କଠିନ ପରିଶ୍ରମ କରି ସ୍ୱପ୍ନକୁ ସାର୍ଥକ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜସେବୀ ବଦ୍ରି ମିଶ୍ର କହିଥିଲେ ଯେ, କେବଳ ଭଲ ପାଠପଢ଼ି ନୁହେଁ, ସଂସ୍କୃତି, ସଂସ୍କାର ସହ ବିନମ୍ରତାକୁ ସାଥିରେ ଧରି ପିଲାଏ ଏକ ସମୃଦ୍ଧ ଓ ବିକଶିତ ଭାରତବର୍ଷ ଗଢ଼ନ୍ତୁ। ଅନୁଷ୍ଠାନର ସମ୍ପାଦକ ଶିକ୍ଷାବିତ୍ ପ୍ରଭାତ କୁମାର ମିଶ୍ର, ଶିକ୍ଷାବିତ୍ ସତ୍ୟବାଦୀ ଦାଶ, ଅଧ୍ୟକ୍ଷା ଦୀପିକା ରଥ ଓ ଯୁଗ୍ମ ସମ୍ପାଦକ ଦେବଦତ୍ତ ସାମନ୍ତରାୟଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ କୃତୀ ବିଦ୍ୟାର୍ଥୀ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ସଦାଶିବ ପରିସରର ବାର୍ଷିକୋତ୍ସବ ଓ ଛାତ୍ରାବାସ ଦିବସ

## ଶିକ୍ଷା ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶର ଏକ ମାଧ୍ୟମ



ପୁରୀ,୨୯।୩(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ବାର୍ଷିକୋତ୍ସବ ଏବଂ ସୁଭଦ୍ରା ମହିଳା ଛାତ୍ରାବାସ ଓ ମହର୍ଷି ବାଲ୍ମିକୀ ପୁରୁଷ ଛାତ୍ରାବାସର ଯୁଗ୍ମ ଛାତ୍ରାବାସ ଦିବସ ପରିସରସ୍ଥ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ସାରସ୍ୱତ ସମାରୋହରେ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଅଧ୍ୟକ୍ଷତା କରି କହିଥିଲେ ଯେ "ଶିକ୍ଷା କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ଏହା ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶର ଏକ ମାଧ୍ୟମ। ଆମର ଏହି ପରିସର ସଂସ୍କୃତ ଶିକ୍ଷା ସହିତ ସଂସ୍କାର ଓ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ସଦାସର୍ବଦା ଚେଷ୍ଟିତ। କାର୍ଯ୍ୟକ୍ରମରେ ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଓ ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ "ଜଗନ୍ନାଥ ସଂସ୍କୃତି ହେଉଛି ବିଶ୍ୱଜନୀନ ଭ୍ରାତୃଭାବର ପ୍ରତୀକ ଏବଂ ସଂସ୍କୃତ ହେଉଛି ସେହି ମହାନ ଜ୍ଞାନର ବାହକ। ଛାତ୍ରଛାତ୍ରୀମାନେ ନିଜ ଜୀବନରେ ଏହି ଆଧ୍ୟାତ୍ମିକ ଓ ଶାସ୍ତ୍ରୀୟ ମୂଲ୍ୟବୋଧକୁ ଗ୍ରହଣ କରିବା ଉଚିତ୍। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜିଏସ୍‌ଭି ଦତ୍ତାତ୍ରେୟ ମୂର୍ତ୍ତି ସାରସ୍ୱତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆଧୁନିକ ଜ୍ଞାନକୌଶଳ ସହ ପ୍ରାଚୀନ ଶାସ୍ତ୍ରର ସମନ୍ୱୟ ରକ୍ଷା କରିପାରିଲେ ହିଁ ସମାଜର ପ୍ରକୃତ ପ୍ରଗତି ସମ୍ଭବ ହେବ।

ପ୍ରାରମ୍ଭରେ ଡ. ବେଣୁଧର ଦାଶ ବେଦପାଠ କରିଥିବାବେଳେ ଡ. ସୁଶାନ୍ତ ରାୟ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ଗଣପତି ଶୁକ୍ଳ ଥିବାବେଳେ ସହ ସଂଯୋଜକ ଅଧ୍ୟାପିକା ଡ. ବିଜୟଲକ୍ଷ୍ମୀ ମହାପାତ୍ର କାର୍ଯ୍ୟନିର୍ବାହ କରିଥିଲେ। ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ୍ କଛୱା ମଞ୍ଚରେ ଉପସ୍ଥିତ ରହି ଅଧ୍ୟାୟୀମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଡ. ଆଶିଷ ଯୋଶୀଙ୍କ ସଂଯୋଜନାରେ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ସୁବ୍ରତ ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ଶେଷରେ ଡ. ଜ୍ୟୋତିପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ଜଗନ୍ନାଥ ସଂସ୍କୃତି ହେଉଛି ବିଶ୍ୱଜନୀନ ଭ୍ରାତୃଭାବର ପ୍ରତୀକ**

● ସମୁଦ୍ର ସ୍ନାନ ବେଳେ ଅଘଟଣ

## ବୁଡ଼ି ଯାଉଥିବା ୪ ପର୍ଯ୍ୟଟକ ଉଦ୍ଧାର

ପୁରୀ,୨୯।୩(ସମିସ): ପୁରୀ ସମୁଦ୍ରରେ ପୁଣି ଅଘଟଣ। ଶୁକ୍ରବାର ଗାଧୋଉଥିବା ବେଳେ ବୁଡ଼ିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଏମିତି ବି ପ୍ରତିଦିନ ଅନେକ ପର୍ଯ୍ୟଟକ ଲହଡ଼ି ମାଡ଼ରେ ଆହତ ହେଉଛନ୍ତି। ଏପରିକି ବୁଡ଼ିଯାଉଥିବା ବେଳେ ଅନେକଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରୁଛନ୍ତି। ରବିବାର ମଧ୍ୟ ସମୁଦ୍ରରେ ଗାଧୋଉଥିବା ବେଳେ ବୁଡ଼ିଯାଉଥିବା ୪ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ସକାଳୁ ଅପରାହ୍ଣ ମଧ୍ୟରେ ବେଳାଭୂମିର ବିଭିନ୍ନ ସେକ୍ଟରରେ ବୁଡ଼ିଯାଉଥିବା ୪ ଜଣଙ୍କୁ ଉଦ୍ଧାର କରିଛନ୍ତି ଲାଇଫ୍‌ଗାର୍ଡ। ଉଦ୍ଧାର ଯୁବକ ହେଉଛନ୍ତି ବଲାଙ୍ଗିରର ଚିନ୍ମୟ ସାହୁ(୨୦), ପଶ୍ଚିମବଙ୍ଗ ହୁଗୁଳିର ରେତି ଚୌଧୁରୀ(୧୯), ଶ୍ରୀୟଂଶ ସା ଏବଂ ଭୁବନେଶ୍ୱର ସହିଦ ନଗର ଅଞ୍ଚଳର କାହ୍ନା ବିଶ୍ୱାଳ(୧୬)। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଦ୍ୱିତୀୟ ଉଦ୍ଧାର ସେକ୍ଟର ୧୪ରେ ବୁଡ଼ିଯାଇଥିଲେ। ଅଧିକ କରେଣ୍ଟ ଯୋଗୁଁ ଲାଇଫ୍‌ଗାର୍ଡ ବେଶ୍ ସତର୍କତାର ସହ କରେଣ୍ଟକୁ କାଟି କାଟି ଆସିଥିଲେ ଆଉ ୧୨ନଂ. ସେକ୍ଟରରେ ଉଦ୍ଧାର କରି ଉଠିଥିଲେ। ଚିନ୍ମୟଙ୍କୁ ବେଳାଭୂମିର ୮ ନମ୍ବର ସେକ୍ଟରରୁ, ରେତି ଚୌଧୁରୀ ଓ ଶ୍ରୀୟଂଶ ସାଙ୍କୁ ୧୪ ନମ୍ବର ସେକ୍ଟର, କାହ୍ନାଙ୍କୁ ୧୨ ନମ୍ବର ସେକ୍ଟରରୁ ଲାଇଫ୍‌ଗାର୍ଡ ଜମ୍ବେଶ୍ୱର ପ୍ରଧାନ, ପ୍ରଭାତ ବେହେରା, ବି. ଈଶ୍ୱର ରାଓ, ଜି. ଜଗଦୀଶ, ଆର୍. ଶିବ, ଆପଲା ରାଜୁ ଓ ବି. ସତିଶ ଉଦ୍ଧାର କରିଥିଲେ।

## ନିଖୋଜ ମାମଲା; ୧୫ ମାସରେ ୮୭୪ ଉଦ୍ଧାର

ପୁରୀ,୨୯।୩(ସମିସ): ପୁରୀ ସଦର ଥାନା ଅନ୍ତର୍ଗତ ନୀଳଚକ୍ର ନଗରରେ ଜଣେ ନାବାଳିକାକୁ ଜଣେ ଅଣ ହିନ୍ଦୁ ଯୁବକ ୧୦ ଦିନ କେଉଁଆଡ଼େ ନେଇଯାଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତା ନାବାଳିକାକୁ ଉଦ୍ଧାର କରିବା ପାଇଁ ପୁଲିସ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରୁଛି। ତେବେ ପୁରୀ ପୁଲିସ ଗତ ୧୫ ମାସରେ ନିଖୋଜ ୮୭୪ ଜଣଙ୍କୁ ଉଦ୍ଧାର କରିଥିବା ଏସ୍‌ପି ପ୍ରତୀକ୍ ସିଂହ କହିଛନ୍ତି।

ରବିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଜିଲ୍ଲାରେ ନିରାପତ୍ତା, ସମାଜ ସୁରକ୍ଷା ଏବଂ ନିଖୋଜ ବ୍ୟକ୍ତିଙ୍କ ଖୋଜ୍‌ଖବର ସମ୍ବନ୍ଧରେ ପୁଲିସ ସଦା ସଚେତନ ଓ ସକ୍ରିୟ ଭାବେ କାର୍ଯ୍ୟରତ ଅଛି। ବିଶେଷକରି ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ଅଭିଯାନ ଓ ସମନ୍ୱୟ ମାଧ୍ୟମରେ ସଫଳତା ମିଳୁଛି। ୨୦୨୫ରେ ନିଖୋଜ ଅଭିଯୋଗ ମଧ୍ୟରୁ ମୋଟ୍ ୭୯୦ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରେ ୧୭୫ ପୁରୁଷ, ୩୫୯ ମହିଳା, ୩୬ ନାବାଳକ ଏବଂ ୨୨୦ ଜଣ ନାବାଳିକା ରହିଥିଲେ। ସେହିପରି ୨୦୨୬ରେ ଏପର୍ଯ୍ୟନ୍ତ ମୋଟ୍ ୮୪ ଜଣଙ୍କୁ ଉଦ୍ଧାର କରାଯାଇଛି, ଯେଉଁଥିରେ ୧୭ ପୁରୁଷ, ୩୮ ମହିଳା, ୨ ନାବାଳକ ଏବଂ ୨୭ ଜଣ ନାବାଳିକା ଅଛନ୍ତି। ଏହି ୧୫ ମାସର ତଥ୍ୟ ଅନୁସାରେ ମୋଟ୍ ୮୭୪ ଜଣ ବ୍ୟକ୍ତିଙ୍କୁ ପୁରୀ ପୁଲିସ ଦ୍ୱାରା ଉଦ୍ଧାର କରାଯାଇଛି। ନିଖୋଜ ମାମଲା ନେଇ ଟେକ୍ନୋଲୋଜିର ବ୍ୟବହାର, ଅନ୍ୟ ଜିଲ୍ଲା ଓ ରାଜ୍ୟ ସହ ସମନ୍ୱୟ, ସୋସିଆଲ ମିଡିଆର ସଠିକ୍ ବ୍ୟବହାର ଏବଂ ସାଧାରଣ ଲୋକଙ୍କ ସହଯୋଗ ଦ୍ୱାରା ଉଦ୍ଧାର କାର୍ଯ୍ୟକୁ ଆହୁରି ଦୃଢ଼ କରାଯାଇଛି। ପୁଲିସ ନିରନ୍ତର ପ୍ରୟାସ କରି ନିଖୋଜ ବ୍ୟକ୍ତିମାନଙ୍କୁ ତାଙ୍କ ପରିବାର ସହ ପୁନଃମିଳନ କରାଇବାକୁ ଉଦ୍ୟମ କରୁଛି। ବିଶେଷକରି ଶିଶୁ ଓ ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ପୁଲିସ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ସ୍କୁଲ ଓ କଲେଜରେ ଜାଗୃକତା ଅଭିଯାନ ଏବଂ ସମାଜର ବିଭିନ୍ନ ଅଂଶ ସହ ମିଳିତ ଉଦ୍ୟମ ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ଏପ୍ରିଲ ୧ରେ 'ବୀର କଳିଙ୍ଗ ପୁତ୍ର' ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

### ଅଂଶଗ୍ରହଣ କରିବେ ୨୦୦ ପ୍ରତିଯୋଗୀ, ୫୦ ଅଫିସିଆଲ

ପୁରୀ,୨୯।୩(ସମିସ): ଆସନ୍ତା ଏପ୍ରିଲ ୧ ତାରିଖରେ ଅନୁଷ୍ଠିତ ହେବ 'ବୀର କଳିଙ୍ଗ ପୁତ୍ର' ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା। ପୁରୀ ଜିଲ୍ଲା ଆମେଚର ବଡି ବିଲ୍‌ଡର୍ସ ଆସୋସିଏସନ ପକ୍ଷରୁ ଟାଉନ



ହଲ୍‌ରେ ଏହି ରାଜ୍ୟସ୍ତରୀୟ ଚତୁର୍ଥ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏ ନେଇ ରବିବାର ବ୍ୟାୟାମ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ଆୟୋଜକମାନେ ସୂଚନା ଦେଇଥିଲେ। ସଂଘର ମୁଖ୍ୟ ପରାମର୍ଶଦାତା ମନୋଜ ରଥ ଏବଂ ସାଧାରଣ ସମ୍ପାଦକ ଡ. ଭାରତୀ କୃଷ୍ଣ ବ୍ରହ୍ମା କହିଥିଲେ ଯେ, ଏହି ପ୍ରତିଯୋଗିତାର ବିଜେତାମାନେ ଯେଉଁ ପୁରସ୍କାର ରାଶି ପାଇବେ ତାହା ଯେପରି ପ୍ରତିଯୋଗୀଙ୍କ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଛୋଟିଆ ସହଭାଗିତା ରଖିପାରିବ ତାହାକୁ ନଜରରେ ରଖି ପ୍ରତିବର୍ଷ ପୁରସ୍କାର ଅର୍ଥରାଶି ବୃଦ୍ଧି କରାଯାଉଛି। ଚଳିତ ବର୍ଷ ଚାମ୍ପିଅନଙ୍କୁ ୧ଲକ୍ଷ ଟଙ୍କା ଏବଂ ରନର୍ସଅପ୍‌ଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି ପୁରସ୍କୃତ କରାଯିବ। ସେହିପରି ୫୫ କେଜିରୁ ୧୦୦ କେଜି ମଧ୍ୟରେ ୧୦ଟି ଓଜନ ବର୍ଗରେ ପ୍ରତିଯୋଗିତା ଆୟୋଜନ ହେବ। ପ୍ରତ୍ୟେକ ବର୍ଗରେ ୩୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ମେନ୍ସ ଫିଜିକ୍‌ର ଦୁଇଟି ବର୍ଗର ବିଜେତାଙ୍କୁ ମଧ୍ୟ ୩୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ସହ ପୁରସ୍କୃତ କରାଯିବ। ପ୍ରତିଯୋଗୀଙ୍କ ପାଇଁ ମୋଟ୍ ୫ଲକ୍ଷ ୧୦ ହଜାର ଟଙ୍କାର ପୁରସ୍କାର ରାଶି ରହିଛି। ଏହି ପ୍ରତିଯୋଗିତାରେ ପ୍ରାୟ ୨୦୦ ପ୍ରତିଯୋଗୀ ଏବଂ ୫୦ ଜଣ ଅଫିସିଆଲ ସାମିଲ୍ ହେବେ ବୋଲି ମୁଖ୍ୟ ପରାମର୍ଶଦାତା ଶ୍ରୀ ରଥ ଏବଂ ସାଧାରଣ ସମ୍ପାଦକ ଡ. ବ୍ରହ୍ମା ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି ସତ୍ୟନାରାୟଣ ମହାନ୍ତି, ଉପସଭାପତି ବାସୁଦେବ ପ୍ରତିହାରୀ, ଲକ୍ଷ୍ମୀନାରାୟଣ ପ୍ରତିହାରୀ ଓ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସାହୁଙ୍କ ସମେତ ପଙ୍କଜ ଲୋଚନ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

ଧୋବାଖାଲ ତାରିଣୀବସ୍ତି ହତ୍ୟାକାଣ୍ଡ

# ସାଙ୍ଗ ସାଜିଲା ଶତ୍ରୁ; ମଦ ପାଇଁ ହତ୍ୟା

ପୁରୀ,୨୯।୩(ସମିସ)



ମଦ ପାଇଁ ରାତି ଅଧରେ ମହାଭାରତ। ସାଙ୍ଗ ସାଜିଲା ଶତ୍ରୁ। କଥା ଦେଇଥିବା ସାଙ୍ଗ ମଦ ନ ଦେବାରୁ ପ୍ରଥମେ ଯୁକ୍ତିତର୍କ ହେଲା। ପରବର୍ତ୍ତୀ ସମୟରେ ହାତାହାତି, ଶେଷରେ ଖଣ୍ଡା ଓ ଇଟାରେ ଆକ୍ରମଣ। ଏଥିରେ ଜଣଙ୍କର ଜୀବନ ଚାଲିଯାଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସମୁଦ୍ରକୂଳ ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତ ଧୋବାଖାଲ ତାରିଣୀ ବସ୍ତିରେ ରହୁଥିବା ଜଗତସିଂହପୁର ଜିଲ୍ଲା ଏରସମା ଥାନା ବାଲିତୁଠ ଖୁରାଣ୍ଟର ଗୋବିନ୍ଦ ପାଇକରାୟ ଓରଫ କାଲୁକୁ ଗିରଫ କରିଛି ବୋଲି ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ।

ଏହି ହତ୍ୟାକାଣ୍ଡ ସମ୍ପର୍କରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଗତ ଶୁକ୍ରବାର ସନ୍ଧ୍ୟାରେ ଅଭିଯୁକ୍ତ ଗୋବିନ୍ଦ, ମୃତକ ସମୀର ବାରିକ୍ ଓରଫ ତପୁ, ବାବୁଲା ବେହେରା, କୁନା ପ୍ରଧାନ ଏବଂ କୁନା ଦାସ ଏମାନେ ବଡ଼ଶଙ୍ଖରେ ଏକାଠି ମଦ୍ୟପାନ କରିଥିଲେ। ସେହି ସମୟରେ ଅଭିଯୁକ୍ତ ଗୋବିନ୍ଦ କହିଥିଲେ ରାତିରେ ସେ ମଦ ବ୍ୟବସ୍ଥା କରିବେ। ତେଣୁ ସମସ୍ତେ ରାତି ପ୍ରାୟ ୧୨ଟାରେ ଧୋବାଖାଲ ତାରିଣୀ ବସ୍ତି ନିକଟ ଏକ ପଡ଼ିଆରେ ଏକାଠି ହୋଇଥିଲେ। କିନ୍ତୁ ପୂର୍ବ ପ୍ରତିଶ୍ରୁତି ମୁତାବକ ଗୋବିନ୍ଦ ମଦ ଦେଇପାରି ନ ଥିଲା। ରାତି ଅଧିକ ହେବାରୁ କେଉଁଠି ମଦ ମିଳୁ ନ ଥିବା ସେ କହିଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଅନ୍ୟମାନେ ଗୋବିନ୍ଦଙ୍କୁ ଗାଳିମନ୍ଦ କରିଥିଲେ। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। କଥା କଟାକଟି ଏପରି କି ହାତାହାତି ହୋଇଥିଲା। ସେମାନେ ଗୋବିନ୍ଦର ମୋବାଇଲ ନେଇଯାଇଥିଲେ। ଏମିତି ବି ସମସ୍ତେ ନିଶାରେ ଥିଲେ। ଗୋବିନ୍ଦ ହଠାତ୍ ଏକ ଖଣ୍ଡା ଆଣି ସମୀର ଓରଫ ତପୁ ଏବଂ ବାବୁଲା ବେହେରାଙ୍କୁ ଆକ୍ରମଣ କରିଥିଲା। ସମୀର ତଳେ ପଡ଼ିଯିବା ପରେ ଗୋବିନ୍ଦ ଏକ ଇଟା ଆଣି ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ଫଳରେ ପ୍ରବଳ ରକ୍ତସ୍ରାବ ହେବା ସହିତ ଘଟଣାସ୍ଥଳରେ ହିଁ ସମୀରଙ୍କର ମୃତ୍ୟୁ ଘଟିଥିଲା। ବାବୁଲାଙ୍କ ବେକରେ ଖଣ୍ଡା ଚୋଟ ବାଜିଥିବାରୁ ସେ ମଧ୍ୟ ଗୁରୁତର ହୋଇଥିଲେ। ସମୀରଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ସମସ୍ତେ ସେଠାରୁ ପଳାଇ ଯାଇଥିଲେ।

**ମୁଖ୍ୟ ଅଭିଯୁକ୍ତ ଗିରଫ; ଖଣ୍ଡା ଓ ରକ୍ତ ଲଗା ଇଟା ଜବତ**

ସକାଳେ ସମୀରଙ୍କ ବାପା କୁମ୍ଭାରପଡ଼ା ଥାନା ବଡ଼ଶଙ୍ଖ ସୁଦର୍ଶନ ନଗରର ଭାସ୍କର ବାରିକ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ପୁଅର ରକ୍ତ ଜୁଡୁବୁଡୁ ମୃତଦେହ ଚିହ୍ନଟ କରିଥିଲେ। ତାଙ୍କ ପୁଅକୁ ତାରିଣୀବସ୍ତିର ଗୋବିନ୍ଦ ପାଇକରାୟ ଓରଫ କାଲୁ ହତ୍ୟା କରିଥିବା ନେଇ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଛାନ୍‌ଭିନ୍ ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦକୁ ଶନିବାର ସମୁଦ୍ରକୂଳ ଥାନା ପୁଲିସ ଗିରଫ କରିଥିଲା। ତାକୁ ଘଟଣାସ୍ଥଳକୁ ନେଇ ଲୁଚାଇ ରଖିଥିବା ଧାରୁଆ ଅସ୍ତ୍ର ଜବତ କରାଯାଇଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ୍ ଏବଂ ପୁଲିସ ଘଟଣାସ୍ଥଳରୁ ରକ୍ତଲଗା ଇଟା, ଭାଙ୍ଗି ଯାଇଥିବା ଖଣ୍ଡାର କାଠ ହ୍ୟାଣ୍ଡେଲ୍, ରକ୍ତ ଲାଗିଥିବା ଅଭିଯୁକ୍ତର ସାର୍ଟ ଓ ସ୍ୟାଣ୍ଡାଲ ସହ ଦୁଇଟି ମୋବାଇଲ୍ ଫୋନ୍ ଜବତ କରିଛନ୍ତି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

● ରାଷ୍ଟ୍ରୀୟ ବ୍ରାହ୍ମଣ ମହାସମ୍ମିଳନୀ ଓ କର୍ମକର୍ତ୍ତା ଚୟନ

# ଶାନ୍ତନୁ ଯୁଗ୍ମ ସମ୍ପାଦକ ଓ ମଦନ ମିଡିଆ ସେଲ୍ ସମ୍ପାଦକ





ଆନନ୍ଦପୁର, ୨୯।୩(ସମିସ): ଓଡ଼ିଶା ବ୍ରାହ୍ମଣ ମହାସଂଘର ରାଷ୍ଟ୍ରୀୟ ବ୍ରାହ୍ମଣ ମହାସମ୍ମିଳନୀ ଓ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ସଂଘର କାର୍ଯ୍ୟକାରୀ ସଭାପତି ଶାନ୍ତନୁ କୁମାର ମିଶ୍ର ରାଜ୍ୟ ଯୁଗ୍ମ ସମ୍ପାଦକ ଓ ଆନନ୍ଦପୁର ସଂଘର ଆବାହକ ମଦନ ପାଣି ରାଜ୍ୟ ମିଡ଼ିଆ ସେଲ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ମହାସଂଘର ସଭାପତି ସଦାନନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ କର୍ଣାଟକ ଉଡୁପି ଶ୍ରୀକୃଷ୍ଣ ମନ୍ଦିରର ସ୍ୱାମୀ ସୁଗୁଣେନ୍ଦ୍ର ତୀର୍ଥ ଯୋଗଦେଇ ରାଷ୍ଟ୍ର ଜ୍ଞାନ ଓ ବିଜ୍ଞାନ କ୍ଷେତ୍ରରେ ବ୍ରାହ୍ମଣମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂଘର ଅଧ୍ୟକ୍ଷ ଗୋବିନ୍ଦ କୁଲକର୍ଣ୍ଣୀ, ବିଶିଷ୍ଟ ଅତିଥି ଡା. ଅଶୋକ ମହାପାତ୍ର, ଅଖିଳ ଭାରତ ବ୍ରାହ୍ମଣ ସଂଗଠନର ଅଧ୍ୟକ୍ଷ ବିପିନ ବିହାରୀ ମିଶ୍ର, ମଣିନ୍ଦ୍ର ତିୱାରୀ, ସଚ୍ଚିଦାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ବ୍ରାହ୍ମଣ କଲ୍ୟାଣ ବୋର୍ଡ ଗଠନ, ବ୍ରାହ୍ମଣମାନଙ୍କ ବିରୋଧରେ ହେଉଥିବା ବିଭିନ୍ନ ଅତ୍ୟାଚାର ପାଇଁ ନ୍ୟାୟ ପ୍ରଦାନ, କର୍ମକାଣ୍ଡକୁ ଧନ୍ଦାମୂଳ ଶିକ୍ଷା ଭାବରେ ଗ୍ରହଣ ଆଦି ବିଷୟରେ ଆଲୋଚନା କରିଥିଲେ।

● ଚମ୍ପୁଆ ଓକିଲ ସଂଘ ନିର୍ବାଚନ

# ଡ ହରେକୃଷ୍ଣ ସଭାପତି, ପ୍ରିୟନାଥ ସମ୍ପାଦକ





ଚମ୍ପୁଆ, ୨୯।୩(ସମିସ): ଚମ୍ପୁଆ ଓକିଲ ସଂଘର ୨୦୨୬-୨୭ ବର୍ଷ ପାଇଁ ନିର୍ବାଚନ ଶେଷ ହୋଇଯାଇଛି। ଚଳିତ ନିର୍ବାଚନରେ ସମସ୍ତ ପଦ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ପଦ ପାଇଁ ଦୁଇଜଣ ପଦ୍ମିନୀ ମିଶ୍ର ଓ ଦାଶରଥୀ ଗିରି ମନୋନୟନପତ୍ର ଦାଖଲ କରିଥିଲେ ହେଁ ଶେଷ ମୁହୂର୍ତ୍ତରେ ଦାଶରଥୀ ଗିରି ମନୋନୟନପତ୍ର ପ୍ରତ୍ୟାହାର କରି ନେଇଥିଲେ। ଫଳାଫଳ ଶେଷରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଡକ୍ଟର ହରେକୃଷ୍ଣ ମିଶ୍ର, ଉପସଭାପତି ପଦ୍ମିନୀ ମିଶ୍ର, ସମ୍ପାଦକ ଭାବେ ପ୍ରିୟନାଥ ପତି, ସହସମ୍ପାଦକ ସଞ୍ଜୟ କୁମାର ମହାନ୍ତ ଏବଂ କୋଷାଧ୍ୟକ୍ଷ ଭାବେ ଶରତ ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ ତାପସ କୁମାର ମିଶ୍ର ସୂଚନା ଦେଇଛନ୍ତି।

ଜଳ ନାଁରେ ପିଉଛନ୍ତି ଜହର

# ବର୍ଷା ଦିନରେ ବିଲ ପାଣି, ଗ୍ରୀଷ୍ମ ଋତୁରେ ଚୁଆ ପାଣି





ଆନନ୍ଦପୁର, ୨୯।୩ (ସମିସ):

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଗୟଳମୁଣ୍ଡା ଗ୍ରାମପଞ୍ଚାୟତ ଅଧୀନ ଉଲିବାସା ରାଜସ୍ୱ ଗ୍ରାମର "ଦାଡିଆସାହି' ବାସିନ୍ଦା ପିଉଛନ୍ତି ଦୂଷିତ ଚୁଆ ପାଣି। ଗ୍ରାମବାସୀଙ୍କ ଜୀବନ ଏଠି ଯାତନାମୟ। ଗ୍ରାମରେ ଏକ ନଳକୂପ ଖୋଳିଛନ୍ତି, ଉକ୍ତ ଚୁଆରେ ୫ଟି ସାପ ଏବଂ ବେଙ୍ଗ ରହିଥିବା ଦେଖାଯାଉଛି। ଏହି ଗ୍ରାମରେ ବାସ କରନ୍ତି ୨୦ରୁ ଊର୍ଦ୍ଧ୍ୱ ଜନଜାତି ପରିବାର। ଏମାନେ ସରକାରଙ୍କ ବହୁ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି। ଏମାନେ ଆଜି ବି ଶିକ୍ଷା ଏବଂ ସଭ୍ୟତାଠାରୁ ବହୁ ଦୂରରେ ରହିଛନ୍ତି। ଗ୍ରାମବାସୀ କହିଛନ୍ତି, ତାଙ୍କ ଗ୍ରାମରେ ୮ ବର୍ଷ ପୂର୍ବରୁ ଏକ ନଳକୂପ ଖୋଳା ଯାଇଥିଲା। ଖୋଳା ହେବାର ୬ ମାସ ମଧ୍ୟରେ ହିଁ ତାହା ଅଚଳ ହୋଇ ପଡ଼ିଲା। ଅଚଳାବସ୍ଥାରେ ପଡ଼ି ରହିଥିବା ନଳକୂପ ସଜାଡୁ ନାହିଁ ପ୍ରଶାସନ। ଗ୍ରାମରେ ପାନୀୟଜଳର ଉତ୍କଟ ସମସ୍ୟା ଏତେ ମାତ୍ରାରେ ଉପୁଜିଛି ଯେ ଗ୍ରାମବାସୀ ସାପ ଓ ବେଙ୍ଗ ରହୁଥିବା ଚୁଆର ଦୂଷିତ ପାଣି ପିଇବା ପାଇଁ ବାଧ ହେଉଛନ୍ତି। ଦୂଷିତ ପାଣି ପିଇବା ଦ୍ୱାରା ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏମାନେ ବର୍ଷା ଦିନରେ ବିଲର ପାଣି ବ୍ୟବହାର କରୁଥିବା ବେଳେ ଗ୍ରୀଷ୍ମ ଋତୁରେ ଚୁଆ ପାଣି ଏମାନଙ୍କ ଶୋଷ ମେଣ୍ଟାଏ। ପାଣି ପଞ୍ଚାୟତ ନାମରେ ସରକାର ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଗୟଳମୁଣ୍ଡା ଗ୍ରାମ ପଞ୍ଚାୟତର ଏହି ଗ୍ରାମର ବାସିନ୍ଦାଙ୍କୁ ଏଥିରୁ ବଞ୍ଚିତ କରାଯିବା ଦୁର୍ଭାଗ୍ୟଜନକ। ସମସ୍ୟା ସମାଧାନ କରିବା ଦିଗରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ଗ୍ରାମରେ ନୂତନ ନଳକୂପ ଖୋଳିବା ପାଇଁ ଗ୍ରାମର ରାନ୍ଧାଏ ତିରିଆ, ପ୍ରଫୁଲ୍ଲ ତିରିଆ, ଦେବେନ୍ଦ୍ର ପିଙ୍ଗୁଆ, ସୁନାରାମ ପୂର୍ତ୍ତି, ଜଗେନ୍ଦ୍ର ତିରିଆ, ବିକ୍ରମ ପିଙ୍ଗୁଆ ପ୍ରମୁଖ ଆକୁଳ ନିବେଦନ କରିଛନ୍ତି। ଗ୍ରାମରେ ୧୫ ଦିନ ମଧ୍ୟରେ ପାନୀୟଜଳର ସମସ୍ୟା ନ ସମାଧାନ ହୋଇପାରିଲେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଏବଂ ଆନନ୍ଦପୁର ବ୍ଲକ ପ୍ରଶାସନ ବିରୋଧରେ ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାୟର କରାଯିବ ବୋଲି ସଂଗ୍ରାମୀ ଆଦିବାସୀ ନେତା ଗାମାଏ ରାମିଲ ସିଂ ଗୋଇପାଇ ଚେତାବନୀ ଦେଇଛନ୍ତି।

> ଦାଢ଼ିଆସାହି ବାସିନ୍ଦାଙ୍କୁ ମିଳୁନି ମୌଳିକ ସେବା
> ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବେ ଗ୍ରାମବାସୀ

● ଛାର୍‌ଖାର କରିଦେଲା ଝଡ଼ତୋଫାନ

# ଦୁଇ ପରିବାର ବାସହରା

କେନ୍ଦୁଝର, ୨୯।୩(ସମିସ): ଗତକାଲି ବିଳମ୍ବିତ ରାତି କାଳବୈଶାଖୀ ପ୍ରଭାବରେ ଝଡତୋଫାନ ଘରଦ୍ୱାର ଛାରଖାର କରି ଦେଇଛି। ଏହା ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଅଧିକ ପବନ ପହିବାରୁ ଗଛ ଭାଙ୍ଗିବା ସହ ପନିପରିବା ନଷ୍ଟ ହୋଇଛି।



କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତ ତଳକମ୍ପଡିହି ଗ୍ରାମର ବୀର ସୋରେନ ଓ ସୋମନାଥ ମୁଣ୍ଡାଙ୍କ ଘର ଉପରୁ ଆଜବେଷ୍ଟସ ଉଡି ଯାଇଛି। ଏବେ ଦୁଇ ପରିବାର ବାସହରା ହୋଇ ଯାଇଛନ୍ତି। ବର୍ଷାରେ ଆବାସ ପତ୍ର ସମେତ ଧାନ, ଚାଉଳ ପାଣିରେ ଓଦା ହୋଇ ନଷ୍ଟ ହୋଇ ଯାଇଛି। ଖୋଲା ଆକାଶ ତଳେ ଖଟିଖିଆ ଆଦିବାସୀ ପରିବାର ମୁଣ୍ଡ ଗୁଞ୍ଜିବା ପାଇଁ ହଇରାଣ ହେଉଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ଦୁଇ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ଭୀମ୍ ଆର୍ମି ଭାରତ ଏକତା ମିଶନର ବୈଠକ



ଆନନ୍ଦପୁର, ୨୯।୩ (ସମିସ): ଆନନ୍ଦପୁର ବ୍ଲକ ବେଲବାହାଲି ମହାବିଦ୍ୟାଳୟ ପ୍ରାଙ୍ଗଣରେ ଭୀମ୍ ଆର୍ମି ଭାରତ ଏକତା ମିଶନର ଜିଲ୍ଲା ସଭାପତି ସତ୍ୟବ୍ରତ ଜେନାଙ୍କ ଅଧ୍ୟକ୍ଷତାରେ ଭାରତୀୟ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକର ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଆମ୍ବେଦକର ଜୟନ୍ତୀ ମହାଆଡମ୍ବର ସହ ପାଳନ କରିବା ନିମନ୍ତେ ବିଶାଳ ବାଇକ ଶୋଭାଯାତ୍ରା ଦ୍ୱାରା ସମ୍ବିଧାନ ସଚେତନତା ଯାତ୍ରା ସହ ଉପଖଣ୍ଡ ସ୍ତରରେ ଆନନ୍ଦପୁର ଉପଖଣ୍ଡଠାରେ ଏକ ବିଶାଳ ଜନ ସମ୍ମିଳନୀ ଆୟୋଜନ କରିବା ପାଇଁ ସମସ୍ତ କାର୍ଯ୍ୟକର୍ତ୍ତା ମତ ପ୍ରକାଶ କରିଥିଲେ। ଏଥିପାଇଁ ଜୋରଦାର ପ୍ରସ୍ତୁତି କରୁଛନ୍ତି ବୋଲି ବୈଠକ ମତାମତ ଦେଇଛନ୍ତି। ଶୋଭାଯାତ୍ରାରେ ପରିବେଶ ସୁରକ୍ଷା ଏବଂ ରୋଗୀଙ୍କ ସୁରକ୍ଷା ନିମନ୍ତେ ଡ଼ି.ଜେ ସାଉଣ୍ଡ ବ୍ୟବହାର କରିବା ପରବର୍ତ୍ତେ ଦେଶୀ ସିଂଘ ବାଜା ଏବଂ ଅଳ୍ପ ସାଉଣ୍ଡ ବ୍ୟବହୃତ କରାଯିବା ନେଇ ନିଷ୍ପତ୍ତି ନେଇଛନ୍ତି। ତିନୋଟି ବ୍ଲକ ହାଟଡିହି, ଆନନ୍ଦପୁର ଏବଂ ଘସିପୁରାରୁ ଶୋଭାଯାତ୍ରା ବାହାରି ଆନନ୍ଦପୁର ଉପଖଣ୍ଡର ନଗର ପରିକ୍ରମା କରି ଶାଳପଡା ବାଇପାସ ସୁଡୁସୁଡ଼ିଆ ଆମ୍ବେଦକର ଛକଠାରେ ଥିବା ବାବା ସାହେବ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପାଖରେ ଶ୍ରଦ୍ଧାଞ୍ଜଳି ଏବଂ ସମ୍ମାନ ଜଣାଇ ଜନସମ୍ମିଳନୀକୁ ଉଦବୋଧନ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଏହି ବୈଠକରେ ସ୍ଥିର ହୋଇଛି। ରଶ୍ମିରଞ୍ଜନ ଜେନା, ଦୀପକ ମୁଖୀ, ବୁଧନ ସିଂ ହେମ୍ବ୍ରମ, ବାଇଧର ଜେନା, ଶ୍ରୀକାନ୍ତ ମଲ୍ଲିକ, ପପୁନ ହେମ୍ବ୍ରମ, ଲୋକନାଥ ଜେନା, ତାପସ ଜେନା, ନରହରି ଜେନା, ପ୍ରକାଶ ଜେନା, ଶନି ନାହାକ,ଜଗନ୍ନାଥ ଜେନା, ସେକ ମୁଜାରୁଦ୍ଦିନ, ଚନ୍ଦ୍ରକାନ୍ତ ଜେନା, ସୁବ୍ରତ କୁମାର ଜେନା, ନଣ୍ଡା ଜେନା, ଅନାଦି ଜେନା, ଲିପୁନ ଜେନାଙ୍କ ସହ ଭୀମ ଆର୍ମିର ବିଶିଷ୍ଟ ସଦସ୍ୟ ଉପସ୍ଥିତ ଥିଲେ। ଘସିପୁରା ବ୍ଲକ ସଭାପତି ରଶ୍ମିରଂଜନ ଧନ୍ୟବାଦ ପ୍ରଦାନ କରିଥିଲେ।

# ପୂର୍ତ୍ତ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା



ତେଲକୋଇ, ୨୯।୩(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ମୁଖ୍ୟାଳୟ ଦେଇ ଯାଇଥିବା କାଞ୍ଜିପାଣି କୁନ୍ତଳା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତିକରଣ ଚାଲିଥିବା ବେଳେ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଫଳରେ ସ୍ଥାନୀୟ ଲୋକେ ନିର୍ମାଣ କାର୍ଯ୍ୟକୁ ବିରୋଧ କରି ବନ୍ଦ କରିଥିବା ଜଣାପଡିଛି। ସୂଚନା ଥାଉକି, ତେଲକୋଇ ବଜାର ମଧ ଦେଇ ଯାଇଥିବା ପୂର୍ତ୍ତ ରାସ୍ତା ଶନିବାର ରାତିରେ ଠିକାସଂସ୍ଥା ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୁରୁଣା ପିଚୁ ରାସ୍ତାକୁ ଖୋଳାଯାଇ ଉକ୍ତ ସ୍ଥାନରେ କଂକ୍ରିଟ ରାସ୍ତା ନିର୍ମାଣ ହେବାକୁ ଥିବା ବେଳେ ଠିକା ସଂସ୍ଥା ପକ୍ଷରୁ ଖୋଳା ଯାଇଥିବା ପିଚୁ ଓ ମେଟାଲକୁ ଅନ୍ୟତ୍ର ସ୍ଥାନାନ୍ତର ନ କରି ଖୋଳା ଯାଇଥିବା ପିଚୁକୁ ପୁନର୍ବାର ରୋଲିଙ୍ଗ କରି ତାହାରି ଉପରେ କଂକ୍ରିଟ ପକାଇ ରାସ୍ତା ନିର୍ମାଣ କରୁଥିବା ଦେଖା ଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ଏହି ଅନିୟମିତତା କାର୍ଯ୍ୟକୁ ବିରୋଧ କରିଥିଲେ। ଏହାପରେ ଠିକା ସଂସ୍ଥା କାର୍ଯ୍ୟ ବନ୍ଦ କରି ଦେଇଥିଲା। ନିର୍ମାଣକାରୀ ଠିକାସଂସ୍ଥା ବଜାର ମଧ୍ୟରେ ନିର୍ମାଣ କାର୍ଯ୍ୟରେ ଏଭଳି ଅନିୟମିତତା କରୁଥିବା ବେଳେ ଅନ୍ୟ ସ୍ଥାନରେ କିଭଳି ମାନ ବଜାୟ ରଖୁଥିବ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ତ୍ତ ବିଭାଗକୁ ଯେତେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଅଭିଯୋଗ ହୋଇଛି।

> ପୁରୁଣା ପିଚୁ ଉପରେ ନୂତନ କଂକ୍ରିଟ୍
> କାର୍ଯ୍ୟ ବନ୍ଦକଲେ ଗ୍ରାମବାସୀ; ତୀବ୍ର ଅସନ୍ତୋଷ

# ଦିଲ୍ଲୀ ଅଧିବେଶନରେ ଆନନ୍ଦପୁର ଲୋକତନ୍ତ୍ର ସେନାନୀ



ଆନନ୍ଦପୁର, ୨୯।୩(ସମିସ): ଦିଲ୍ଲୀ ଠାରେ ରାଷ୍ଟ୍ରୀୟ ଲୋକତନ୍ତ୍ର ସେନାନୀ ସଂଘର ସର୍ବଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଜରୁରୀ ପରିସ୍ଥିତି ୧୯୭୫-୭୭ରେ ସମ୍ବିଧାନକୁ ବଞ୍ଚାଇବା ପାଇଁ ଯେଉଁ ମହା ସତ୍ୟାଗ୍ରହରେ ସତ୍ୟାଗ୍ରହୀଙ୍କୁ ଜେଲରେ ନିର୍ଯାତନା ଦିଆଯାଉଥିଲା, ତାହାର ପଚାଶ ବର୍ଷ ପୂର୍ତ୍ତି ଅବସରରେ ରାଜଧାନୀ ଦିଲ୍ଲୀଠାରେ ବିଶାଳ ଅଧିବେଶନ ରାଷ୍ଟ୍ରୀୟ ସଭାପତି କୈଳାଶ ସୋନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାରା ଭାରତରୁ ପାଖାପାଖି ଏକ ହଜାର ରାଜବନ୍ଦୀ ସତ୍ୟାଗ୍ରହୀ ଯୋଗ ଦେଇଥିଲେ। ଓଡିଶା ରାଜ୍ୟରୁ ରାଷ୍ଟ୍ରୀୟ ସହସମ୍ପାଦକ ଶ୍ରୀଧର ଦାଶଙ୍କ ସହ ଭୁବନାନନ୍ଦ ତ୍ରିପାଠୀ, ଓ ହରିହର ସାହୁ, ଆନନ୍ଦପୁରରୁ ରାଜବନ୍ଦୀ ଗଦାଧର ମିଶ୍ରଙ୍କ ସମେତ ଅନେକ ସତ୍ୟାଗ୍ରହୀ ଏହି ବିଶାଳ ଅଧିବେଶନରେ ଯୋଗ ଦେଇ ସଭାପତି ଶ୍ରୀ ସୋନୀଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ପାଇଁ ଦୃଢ଼ ମତ ପୋଷଣ କରିଥିଲେ। ସଭାପତି ଶ୍ରୀ ସୋନୀଙ୍କ ଅନୁରୋଧକ୍ରମେ ଆସନ୍ତା ୨୦୨୭ରେ ଓଡିଶାରେ ଏକ ସର୍ବଭାରତୀୟ ବିଶାଳ ଅଧିବେଶନ ହେବାପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିବାରୁ ରାଷ୍ଟ୍ରୀୟ ଲୋକତନ୍ତ୍ର ସେନାନୀ ସଙ୍ଘର ସଭାପତି କୈଳାଶ ସୋନୀ କୃତଜ୍ଞତା ପ୍ରକାଶ କରିଥିଲେ।

# ଚମ୍ପୁଆ ଥାନାରେ ମେଗା ରକ୍ତଦାନ ଶିବିର





୮୩ ୟୁନିଟ୍ ରକ୍ତ ସଂଗ୍ରହ

ଚମ୍ପୁଆ,୨୯।୩(ସମିସ): ଚମ୍ପୁଆ ଉପଖଣ୍ଡ ପୁଲିସ ସୌଜନ୍ୟରୁ ତଥା ଚମ୍ପୁଆ ଥାନାଧିକାରୀ ସ୍ୱରୂପ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଜି ଚମ୍ପୁଆ ଥାନା ପରିସରରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରୋକ୍ଷୀ ଅଧୀକ୍ଷକ ସ୍ନେହାଶିଷ ସାହୁ, ଡିଆଇଭି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେ ଭୋକ୍ରା, ଉପଖଣ୍ଡ ଚିକିତ୍ସାଧିକାରୀ ଉମାକାନ୍ତ ସାହୁ, ଏସଡିପିଓ ରଶ୍ମିରଂଜନ ସାହୁ, ବଡବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଏସଡିପିଓ ଜୟଦିପ ମହାନ୍ତି, ବଡବିଲ ତହସିଲଦାର ଆର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପୁଲିସ ପ୍ରଶାସନ ସହିତ ସ୍ଥାନୀୟ ଲୋକ ଏବଂ ବିଭିନ୍ନ ସଂଗଠନର ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଏହି ଶିବିରରେ ରକ୍ତଦାନ କରିଥିଲେ। ସକାଳ ୧୦ଟାରେ ଅନୁଷ୍ଠାନିକ ଭାବେ ଶିବିର ଉଦଘାଟନ ପରେ ପ୍ରଥମେ ଚମ୍ପୁଆ ଏସଡିପିଓ ରଶ୍ମିରଂଜନ ସାହୁ ଓ ଗଣମାଧ୍ୟମ ପ୍ରତିନିଧି ସଂଜୀବ କୁମାର ରାଜ ରକ୍ତଦାନ କରିଥିଲେ। ଏଥିରେ ମୋଟ ୮୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଚମ୍ପୁଆ ରକ୍ତ କେନ୍ଦ୍ର ଅଧିକାରୀ ଜ୍ୟୋତିରଂଜନ ମଲ୍ଲିକ ଓ କର୍ମଚାରୀ ରକ୍ତିମା ପ୍ରଧାନ, ଭଗବତୀ ନାଏକ, ତ୍ରିବେଣୀ ନାଏକ, ଓମକାର ପ୍ରମୁଖ ରକ୍ତଦାନରେ ସହାୟତା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ରକ୍ତହିନତା ରୋଗୀ, ଗର୍ଭବତୀ ମାଆ, ଥାଲା ସେମିଆ ଆଦି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏମାନଙ୍କ କ୍ଷେତ୍ରରେ ରକ୍ତର ଚାହିଦା ମେଣ୍ଟାଇବାକୁ ଏଭଳି ଶିବିର ଆୟୋଜନ କରାଯାଇଥିଲା ବୋଲି ଏସଡିପିଓ ଶ୍ରୀ ସାହୁ ଓ ଥାନାଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ୩୩ତମ ବାର୍ଷିକ ଉତ୍ସବ

ଚମ୍ପୁଆ,୨୯।୩(ସମିସ): ଚମ୍ପୁଆ ସଦରମହକୁମାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସଭାପତି ଶାନ୍ତନୁ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ଚମ୍ପୁଆ ପୁଲିସ ଉପଖଣ୍ଡ ଅଧିକାରୀ ରଶ୍ମିରଂଜନ ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ଅକ୍ଷୟ ଛତ୍ରିୟା ଏବଂ ଜଙ୍ଘିରା ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ନାଏକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ସୁଶାନ୍ତ ସାହୁଙ୍କ ଦ୍ୱାରା ଅତିଥି ପରିଚୟ ପରେ ଅଧ୍ୟକ୍ଷ ଶାନ୍ତନୁ କୁମାର ଗିରି ବାର୍ଷିକ ବୀବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷାର ଭାବପ୍ରବଣତା ଉଦ୍ରେକ କରିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ କର୍ତ୍ତବ୍ୟପରାୟଣତା ସହିତ ଉତ୍ତମ ଶିକ୍ଷା ଗ୍ରହଣ କରି ଛାତ୍ରଛାତ୍ରୀମାନେ ପ୍ରଗତିଶୀଳ ରାଷ୍ଟ୍ରର ନିଜକୁ ଜଣେ ଅଙ୍ଗ ଭାବେ ପରିଣତ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏତାସହ ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ଅଭିଭାବକ ଓ ଅଭିଭାବିକାଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ବ୍ୟକ୍ତ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଟାଟା ଷ୍ଟିଲ ଲୌହ ଓ ମାଙ୍ଗାନିଜ ଖଣି ସମୂହକୁ ୧୪ଟି ପୁରସ୍କାର

## ଖଣି, ପରିବେଶ ଓ ଖଣିଜ ସଂରକ୍ଷଣ ପାଇଁ ଆଇବିଏମ୍ ଦ୍ୱାରା ପୁରସ୍କୃତ





କେନ୍ଦୁଝର, ୨୯।୩(ସମିସ): ଓଡିଶାରେ ଟାଟା ଷ୍ଟିଲର ଥିବା ଲୌହ ଓ ମାଙ୍ଗାନିଜ ଖଣିଗୁଡିକୁ ଭୁବନେଶ୍ୱରଠାରେ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ) ତତ୍ତ୍ୱାବଧାନରେ ଶନିବାର ଆୟୋଜିତ ୨୭ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମଇଏମସି) ସପ୍ତାହ ୨୦୨୫-୨୬ ପୁରସ୍କାର ବିତରଣ ଉତ୍ସବରେ ୧୪ଟି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଟାଟା ଷ୍ଟିଲର ଯୋଡା ପୂର୍ବ ଲୌହ ଖଣିକୁ ବିଭାଗ-ଇ ଅନ୍ତର୍ଗତ ଖଣିଜ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନଃଉଦ୍ଧାର ପାଇଁ ପୃଥକ ପୃଥକ ଭାବେ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏହାବ୍ୟତୀତ ଏହି ଖଣିକୁ ବିଭାଗ-ଇ ଅନ୍ତର୍ଗତ ସାମଗ୍ରିକ ପ୍ରଦର୍ଶନ ପାଇଁ ମଧ୍ୟ ଦ୍ୱିତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ବିଭାଗରେ ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣିକୁ ଖଣିଜ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନଃ ଉଦ୍ଧାର ପାଇଁ ପୃଥକ ଭାବେ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଅନୁରୂପ ଭାବେ କଓଟାମାଟି ଲୌହ ଖଣିକୁ ବ୍ୟବସ୍ଥିତ ବୈଜ୍ଞାନିକ ପଦ୍ଧତି ପାଇଁ ପ୍ରଥମ ଏବଂ ଖଣିଜ ସଂରକ୍ଷଣ ପାଇଁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ବିଭାଗ-ଇ ଅନ୍ତର୍ଗତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ନୀଳାଚଳ ଖଣିକୁ ଖଣିଜ ପୁନଃଉଦ୍ଧାର ପାଇଁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ବିଭିନ୍ନ ଖଣିର ଅଧିକାରୀମାନେ ଯୋଗ ଦେଇଥିବା ଆଇବିଏମ୍ କଣ୍ଟ୍ରୋଲର ଜେନେରାଲ ଅଫ ମାଇନ୍ସ ପଙ୍କଜ କୁଲଶ୍ରେଷ୍ଠଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

ଅନୁରୂପ ଭାବେ, ପଶ୍ଚିମ ଯୋଡା ଲୌହ ଖଣିକୁ ବନୀକରଣ, ବ୍ୟବସ୍ଥିତ ବୈଜ୍ଞାନିକ ପଦ୍ଧତି ଏବଂ ସମୂହ ପାରଦର୍ଶିତା ପାଇଁ ପୃଥକ ଭାବେ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି, ବାମେବାରି ଖଣିକୁ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନଃ ଉଦ୍ଧାର ଓ ସ୍ଥାୟୀ ବିକାଶ ପଦ୍ଧତି ପାଇଁ ଯଥାକ୍ରମେ ପ୍ରଥମ ଓ ତୃତୀୟ ସ୍ଥାନ ମିଳିଛି। ଏହି ଉତ୍ସବରେ କମ୍ପାନୀର ତିରିଙ୍ଗପାହାଡ଼ ଖଣି ବନୀକରଣ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି କାର୍ଯ୍ୟକ୍ରମରେ ଆଇବିଏମ୍ ଚିଫ୍ କଣ୍ଟ୍ରୋଲର ଅଫ୍ ମାଇନ୍ସ ଜି କାଲେ, କଣ୍ଟ୍ରୋଲର ଅଫ୍ ମାଇନ୍ସ (ଇଷ୍ଟ ଜୋନ୍) ପୁଖରାଜ ନେନିଭଓଲ, ଟାଟା ଷ୍ଟିଲ ଯୋଡା ଚିଫ ରାଜେଶ କୁମାର, ଏଫ୍ଏଏମ୍‌ଡି ଚିଫ ଶମ୍ଭୁନାଥ ଝା, ନୀଳାଚଳ ଇସ୍ପାତ ଖଣି ଚିଫ ରାହୁଲ କିଶୋର, ଖଣ୍ଡବନ୍ଧ ଖଣି ଚିଫ ଜିଭି ସତ୍ୟନାରାୟଣ, ସମସ୍ତ ଖଣିର ଅପରେସନ୍ସ ବିଭାଗ ହେଡ, କର୍ମଚାରୀ ସଂଘର କର୍ମକର୍ତ୍ତା ଏବଂ ରାଜ୍ୟର ବିଭିନ୍ନ ଖଣିର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଟାଟା ଷ୍ଟିଲ ସମଗ୍ର ବିଶ୍ୱରେ ଏହାର କାର୍ଯ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟୀ ଖନନ ପାଇଁ ପ୍ରତିବଦ୍ଧ ରହିଛି। ଏହାସହିତ କମ୍ପାନୀ ଉଚ୍ଚମାନର ଅନ୍ତର୍ଜାତୀୟ ମାନକ ବଜାୟ ରଖିବା ସହିତ ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ରମ୍ୟାଟେରିଆଲର ଗୁଣବତ୍ତା ଓ ସଂରକ୍ଷଣକୁ ସୁନିଶ୍ଚିତ କରୁଛି।

# କଣ୍ଟିପାଳରେ ବନ୍ୟପ୍ରାଣୀ ସଂରକ୍ଷଣ ସଚେତନତା



ଆନନ୍ଦପୁର, ୨୯।୩ (ସମିସ): କଣ୍ଟିପାଳସ୍ଥିତ ମହାପାତ୍ର ସାହି ନିକଟରେ ଥିବା ବିଭିନ୍ନ ଜନବସତିକୁ ନେଇ ବନ୍ୟପ୍ରାଣୀ ସଂରକ୍ଷଣ, ହାତୀ ମଣିଷ ବିବାଦ ଓ ଜଙ୍ଗଲ ନିଆଁ ଦମନ ସଂକ୍ରାନ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ତଥା ପ୍ରକୃତି ବନ୍ଧୁ ତ୍ରିଲୋଚନ ସାହୁ ଜଙ୍ଗଲ ନିକଟବର୍ତ୍ତୀ ଲୋକମାନଙ୍କୁ ନେଇ ଏ ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଜଙ୍ଗଲ ନିଆଁ ଦମନ କରିବା ପାଇଁ ଅନୁରୋଧ କରିଥିଲେ। ଏଥିରେ କଣ୍ଟିପାଳର ଆଦର୍ଶ ଶିକ୍ଷକ ଦିଲ୍ଲୀପ୍ କୁମାର୍ ଦାସ, ମାହାପାତ୍ରସାହିର ସମାଜସେବୀ ବଳଭଦ୍ର ନାୟକ, ବୁଦ୍ଧଦେବ ନାୟକ, ଅଭିମନ୍ୟୁ ନାୟକ, ପୂର୍ଣ୍ଣିମା ନାୟକ, ହେମଲତା ନାୟକ ଏବଂ ସ୍ୱେଚ୍ଛାସେବୀ ରାଜକିଶୋର ବାରିକ, ମନୋଜ କୁମାର ସାହୁ, ରଞ୍ଜିତ୍ ନାୟକ, ପ୍ରସନ୍ନ ନାହାକ ଓ ନାରାୟଣ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁ ଦମନ କରିବା ଦିଗରେ ବିଭିନ୍ନ ସଚେତନତା ଶିବିର ଆୟୋଜନ କରିବେ ବୋଲି ପ୍ରକୃତିବନ୍ଧୁ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ପ୍ରଶାସନ ପକ୍ଷରୁ ଚଢ଼ଉ ଜାରି
# ପୁଣି ବେତନଟୀରୁ ୧୪ଟି ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ

ବାରିପଦା/ବେତନଟୀ, ୨୯ ।୩(ସମିସ)

ପାଶ୍ଚାତ ରାଷ୍ଟ୍ରରେ ଯୁଦ୍ଧଜନିତ ରନ୍ଧନ ଗ୍ୟାସ ସିଲିଣ୍ଡର ଯୋଗାଣ କଟକଣା ପରେ ଏହାର କଳାବଜାର ରୋକିବା ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଶନିବାର ବେତନଟୀ ସହରରେ ଅବୈଧ ଭାବେ ଏଲପିଜି ସିଲିଣ୍ଡର ମହଜୁଦ୍ ଓ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବା ଅଭିଯୋଗକୁ ଆଧାର କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆକସ୍ମିକ ଚଢ଼ଉ କରାଯାଇଥିଲା । ବେତନଟୀର ଗ୍ୟାସ ଚୁଲା ମରାମତି ଦୋକାନୀ ଶ୍ରୀକାନ୍ତ ଜେନା ପାଖରୁ ୧୩ଟି ଘରୋଇ ଓ ଗୋଟିଏ ବାଣିଜ୍ୟିକ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ ହୋଇଛି ।

ସୂଚନା ମୁତାବକ, କିଛି ବ୍ୟକ୍ତି ଘରୋଇ ଗ୍ୟାସ ସିଲିଣ୍ଡରକୁ ଅନଧିକୃତ ଭାବେ ସଂଗ୍ରହ କରି ତାହାକୁ ବ୍ୟବସାୟିକ କାମରେ ବ୍ୟବହାର କରୁଥିବା ନେଇ ପ୍ରଶାସନଙ୍କୁ ଗୋପନ ସୂତ୍ରରୁ ସୂଚନା ମିଳିଥିଲା । ଏହି ସୂଚନାକୁ ଗୁରୁତ୍ୱ ଦେଇ ତହସିଲଦାର-କମ୍-ଏକଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ ସପନ କୁମାର ସାହୁଙ୍କ ନେତୃତ୍ୱରେ ଏକ ସଂଯୁକ୍ତ ଟିମ୍ ଗଠନ କରାଯାଇ ତୁରନ୍ତ ଚଢ଼ଉ କରାଯାଇଥିଲା । ଏହି ଅଭିଯାନରେ ଅତିରିକ୍ତ ମୁଖ୍ୟ ଯୋଗାଣ ଅଧିକାରୀ ଶିବାଶିଷ ଜେନା, ଅତିରିକ୍ତ ମୁଖ୍ୟ ଯୋଗାଣ ଅଧିକାରୀ (ବାରିପଦା ପୌରପାଳିକା) ପ୍ରଭାସ ରଞ୍ଜନ ଶତପଥୀ, ବାରିପଦା ପୌରପାଳିକାର ଯୋଗାଣ ନିରୀକ୍ଷକ ଶ୍ୱେତଲିନା ପରିଡ଼ା, ବାରିପଦା ବ୍ଲକ ଯୋଗାଣ ନିରୀକ୍ଷକ ଭାଗ୍ୟଶ୍ରୀ ପତି, ବେତନଟୀ ବ୍ଲକ ଯୋଗାଣ ନିରୀକ୍ଷକ ଅଶୋକ ବେହେରା, କୁଳିଅଣା ବ୍ଲକ ଯୋଗାଣ ନିରୀକ୍ଷକ ଉତ୍କଳିକା ନାଏକ, ଶୁଳିଆପଦା ବ୍ଲକ ଯୋଗାଣ ନିରୀକ୍ଷକ ଅନମୋଲ ସାହୁ ପ୍ରମୁଖ ସକ୍ରିୟ ଭାବେ ଭାଗ ନେଇଥିଲେ । ଟିମ୍ ଦ୍ୱାରା ବିଭିନ୍ନ ଘର ଓ ସନ୍ଦେହଜନକ ସ୍ଥାନରେ ତଲାସି କରାଯାଇ ଏହି ସିଲିଣ୍ଡରଗୁଡ଼ିକ ଜବତ କରାଯାଇଥିଲା । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଜବତ ହୋଇଥିବା ସିଲିଣ୍ଡର ଘରୋଇ ବ୍ୟବହାର ପାଇଁ ଆବଣ୍ଟିତ ଥିଲେ ହେଁ ସେଗୁଡ଼ିକ ଅନଧିକୃତ ଭାବେ ସଂଗ୍ରହ କରି ବ୍ୟବସାୟିକ କାର୍ଯ୍ୟରେ ଲାଗୁଥିବା ଜଣାପଡୁଛି । ଏପରି କାର୍ଯ୍ୟକଳାପ ସରକାରୀ ନିୟମ ଉଲ୍ଲଂଘନ ସହ ଖାଉଟି ସୁରକ୍ଷାକୁ ମଧ୍ୟ ପ୍ରଭାବିତ କରୁଛି । ଏହି ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି । ଯେଉଁମାନେ ଏଥିରେ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଆଇନନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ସୂଚନା ଦେଇଛି । ଆବଶ୍ୟକ ହେଲେ ଏହି ଅଭିଯାନକୁ ଆହୁରି ବ୍ୟାପକ କରାଯିବ ବୋଲି ମଧ୍ୟ କୁହାଯାଇଛି ।

**ଅବୈଧ କାରବାର ସମ୍ପର୍କରେ ସୂଚନା ଦେବାକୁ ଅନୁରୋଧ**

ଜିଲ୍ଲା ପ୍ରଶାସନ ସମସ୍ତ ଗ୍ରାହକ ଓ ବ୍ୟବସାୟୀଙ୍କୁ ସଚେତନ କରି କହିଛି ଯେ, ଘରୋଇ ଏଲପିଜି ସିଲିଣ୍ଡରକୁ କୌଣସି ପରିସ୍ଥିତିରେ ବ୍ୟବସାୟିକ କାମରେ ବ୍ୟବହାର କରିବା ଆଇନସମ୍ମତ ନୁହେଁ । ଏପରି କାର୍ଯ୍ୟ କରି ଧରାପଡ଼ିଲେ ଜରିମାନା ସହ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାସହ ପ୍ରଶାସନ ସାଧାରଣ ଲୋକଙ୍କୁ ଅନୁରୋଧ କରିଛି ଯେ, ଯଦି କୌଣସି ସ୍ଥାନରେ ଏପରି ଅବୈଧ ଭାବେ ଗ୍ୟାସ ସିଲିଣ୍ଡର ମହଜୁଦ କିମ୍ବା ଦୁରୁପଯୋଗ ହେଉଥିବା ଦେଖିବେ, ତେବେ ତୁରନ୍ତ ପ୍ରଶାସନକୁ ସୂଚିତ କରନ୍ତୁ । ଫଳରେ ସମୟୋଚିତ ପଦକ୍ଷେପ ନିଆଯାଇପାରିବ । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏପରି ଅବୈଧ କାର୍ଯ୍ୟକଳାପକୁ ଦମନ କରିବାରେ ସଂକଳ୍ପବଦ୍ଧ ଓ ଆଗାମୀ ଦିନରେ ଏଭଳି ଚଢ଼ଉ ଅବ୍ୟାହତ ରହିବ ବୋଲି ବାରିପଦା ତହସିଲଦାର ଶ୍ରୀ ସାହୁ ନିଜ କହିଛନ୍ତି । ଶନିବାର ପୂର୍ବାହ୍ନରେ ବାରିପଦାର ମୁର୍ଗାବାଡ଼ିରୁ ମନୋଜ କୁମାର ପଣ୍ଡା ପାଖରୁ ୬ଟି ଓ ତକତପୁରର ନକୁଳ ଚନ୍ଦ୍ର ମଣ୍ଡୀଙ୍କ ପାଖରୁ ୫ଟି ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ସମୁଦାୟ ୨୪ଟି ସିଲିଣ୍ଡର ଜବତ ହୋଇଛି । ସମସ୍ତେ ଗ୍ୟାସ ଚୁଲା ସମ୍ପର୍କିତ ରିପ୍ୟାରିଂ ଦୋକାନ କରି ବେଆଇନ ମହଜୁଦ ରଖିଥିଲେ । ଆଗକୁ ଏଭଳି ଚଢ଼ଉ ଜାରି ରହିବ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ



**ବାରିପଦା, ୨୯ ।୩(ସମିସ):** ବାରିପଦା ପୌରପାଳିକା ଅଞ୍ଚଳରେ ବାସହୀନଙ୍କୁ ପକ୍କାଘର ଯୋଗାଇଦେବା ଲକ୍ଷ୍ୟରେ ଏକ ବଡ଼ ପଦକ୍ଷେପ ନିଆଯାଇଛି । ବାରିପଦା ପୌରପାଳିକା ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ୨.୦ ଅନ୍ତର୍ଗତ କାର୍ଯ୍ୟାଦେଶ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିବା ସହିତ ବାସହୀନ ତଥା କଚାଘରେ ବାସ କରୁଥିବା ଲୋକଙ୍କୁ ପକ୍କାଘର ଯୋଗାଇ ଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି । ସହରର ଗରିବ ଓ ଯୋଗ୍ୟ ପରିବାରଙ୍କୁ ନିଜସ୍ୱ ପକ୍କାଘର ସ୍ୱପ୍ନ ସାକାର କରିବା ଦିଗରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ଉପନଗରପାଳ ସୀମା ଦାସ, ସହକାରୀ ଅଗ୍ନିଶମ ଅଧିକାରୀ ନିଗମାନନ୍ଦ ପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ପୌରପାଳିକାର ବରିଷ୍ଠ ଅଧିକାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ବାରିପଦା ପୌରପରିଷଦ କାର୍ଯ୍ୟାଳୟରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ



**ବାରିପଦା ୨୯ ।୩(ସମିସ):** ବାରିପଦା ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ଜନଗହଳିପୂର୍ଣ୍ଣ କୋଠାକୁ ଅଗ୍ନିକାଣ୍ଡ ଭଳି ବିପଦରୁ ସୁରକ୍ଷିତ ରଖିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଓ ମକଡ୍ରିଲ କାର୍ଯ୍ୟକ୍ରମ ବାରିପଦା ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ପ୍ରତିଟି ଜୀବନ ମୂଲ୍ୟବାନ । ଏଣୁ ସହରର ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟ, ସପିଂ ମଲ ଓ ମଣ୍ଡପ, ଘରୋଇ ହସ୍ପିଟାଲ ଓ ନର୍ସିଂହୋମ, ସୁଉଚ୍ଚ କୋଠାଘର, ଘରୋଇ କଲେଜ ଓ ସ୍କୁଲ, ସିନେମା ହଲ ଆଦି ଜନଗହଳି କୋଠାରେ ଅଗ୍ନି ନିରାପତ୍ତା ସୁନିଶ୍ଚିତ କରିବା ଜରୁରୀ । ନଚେତ ନିୟମ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଉପନଗରପାଳ ସୀମା ଦାସ, ସହକାରୀ ଫାୟାର ଅଫିସର ନିଗମାନନ୍ଦ ପାତ୍ର, ବାରିପଦା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ସହରର ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟ, ସପିଂ ମଲ ଓ ମଣ୍ଡପ, ଘରୋଇ ହସ୍ପିଟାଲ ଓ ନର୍ସିଂହୋମ, ସୁଉଚ୍ଚ କୋଠାଘର, ଘରୋଇ କଲେଜ ଓ ସ୍କୁଲର ମାଲିକ, କର୍ମଚାରୀ ଉପସ୍ଥିତ ଥିଲେ । ସାମ୍ପ୍ରତିକ ସମୟରେ ବିଭିନ୍ନ ସ୍ଥାନରେ ଘଟୁଥିବା ଭୟାବହ ଅଗ୍ନିକାଣ୍ଡ ଯୋଗୁଁ ଧନଜୀବନ ହାନି ସହ ବ୍ୟବସାୟିକ ଅନୁଷ୍ଠାନ କ୍ଷତି ସହୁଛନ୍ତି । ଏଭଳି ପରିସ୍ଥିତିରେ ପ୍ରାଥମିକ ମୁକାବିଲା କିପରି କରାଯିବ, ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା କିପରି ପାଳନ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା । ପରେ ଅଗ୍ନିଶମ ବିଭାଗ ପକ୍ଷରୁ ସୁରକ୍ଷା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ମକଡ୍ରିଲ ପ୍ରଦର୍ଶନ କରାଯାଇଥିଲା ।

## ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟକୁ ପୁସ୍ତକ ଦାନ

**ବାରିପଦା, ୨୯ ।୩(ସମିସ):** ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପାଠାଗାରକୁ ନିଜ ଲିଖିତ ୫୦ଟି ଶିଶୁ କବିତା ପୁସ୍ତକ 'କଅଁଳ କଢ଼ି' ଦାନ କରିଛନ୍ତି କବି, ଗାଳ୍ପିକା ସୁଚରିତା ମହାନ୍ତି । ଏହି ପୁସ୍ତକ ପ୍ରଦାନ କରି ତାଙ୍କର ଛାତ୍ରଛାତ୍ରୀଙ୍କୁ ବହି ପଢ଼ିବା ପାଇଁ ଉତ୍ସାହିତ କରିଛନ୍ତି । ଛୋଟ ଛୋଟ ପିଲା କଅଁଳ କଢ଼ି ସଦୃଶ୍ୟ ଓ ସେମାନେ କିପରି ପାଠପଢ଼ାରେ ମନଦେଇ ଭବିଷ୍ୟତରେ ସମସ୍ତଙ୍କ ପାଇଁ ଆଦର୍ଶ ପାଲଟିବେ, ସେ ବିଷୟରେ ଶ୍ରୀମତୀ ମହାନ୍ତି ପିଲାଙ୍କୁ ବୁଝାଇଥିଲେ । ଅତି ଅଳ୍ପ ବୟସରୁ ପିଲାମାନେ ମୋବାଇଲ ସହିତ ଏତେମାତ୍ରାରେ ଜଡିତ ହୋଇଯାଇଛନ୍ତି ଯେ ସେମାନେ ବହି ପଢ଼ିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ତେଣୁ ପିଲାମାନଙ୍କୁ ମୋବାଇଲଠାରୁ ଦୂରେଇ ରଖିବା ସହ କବିତା ଓ ଗଳ୍ପ ବହି ପଢ଼ିବା ପାଇଁ ଉତ୍ସାହିତ କରିବାକୁ ସେ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଅନୁରୋଧ କରିଥିଲେ । ବହିର ବିକଳ୍ପ କେବେ ମୋବାଇଲ ହୋଇପାରିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ ।



ପୂର୍ବ ବର୍ଷମାନଙ୍କରେ ସେ ନିଜ ଉଦ୍ୟମରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଫଳ ଓ ଫୁଲ ଗଛ ଲଗାଇ ଛାତ୍ରଛାତ୍ରୀଙ୍କୁ ସେଗୁଡିକର ଯତ୍ନ ନେବା ପାଇଁ ମଧ୍ୟ ଉତ୍ସାହିତ କରିଥିଲେ । ହଷ୍ଟେଲରେ ରହି ପଢୁଥିବା ଗରିବ ମେଧାବୀ ଛାତ୍ର ମାନସ ନାୟକ ଜାତୀୟ ସ୍ତରୀୟ ଖେଳରେ ଅଂଶଗ୍ରହଣ କରି ଫେରିବା ପରେ ତାଙ୍କୁ ସେ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ । ବିଦ୍ୟାଳୟ ପାଇଁ ତାଙ୍କର ଏହି ଦାନକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଓ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରଶଂସା କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ବିଳମ୍ବିତ ରାତିରେ ୨ ସ୍କୁଲ ଛାତ୍ର ଉଦ୍ଧାର

**କରଞ୍ଜିଆ, ୨୯।୩(ସମିସ):** ଗଡ଼ସାହି ଅଞ୍ଚଳରେ ଥିବା ବେସରକାରୀ ସ୍କୁଲ (ଡିଏଭି ପବ୍ଲିକ ସ୍କୁଲ)ର ଦୁଇଜଣ ଛାତ୍ରଙ୍କୁ କରଞ୍ଜିଆ ପୁଲିସ ଶୁକ୍ରବାର ରାତି ପ୍ରାୟ ୨ ଘଟିକା ସମୟରେ ଉଦ୍ଧାର କରିଛି । କରଞ୍ଜିଆ ଥାନା କର୍ମଚାରୀ ସୁଧାଂଶୁ ସେଠୀ ଓ ତାଙ୍କ ଟିମ ପାଟ୍ରୋଲିଂ କରୁଥିବା ସମୟରେ ୨ ନାବାଳକଙ୍କୁ ଦେଖି ସେଠାରୁ ଉଦ୍ଧାର କରି ଥାନାକୁ ଆଣିଥିଲେ । ଏହି ଘଟଣାରେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବାରୁ ଶନିବାର ସନ୍ଧ୍ୟାରେ ଉକ୍ତ ୨ ନାବାଳକଙ୍କୁ ତାଙ୍କ ବାପା ମାଆଙ୍କୁ ଡାକି ହସ୍ତାନ୍ତର କରାଯାଇଛି । ସ୍କୁଲ ହଷ୍ଟେଲରେ ରହୁଥିବା ଛାତ୍ର ଶୁକ୍ରବାର ରାତି ୧୧ଟା ପରେ ହଷ୍ଟେଲରୁ ଲୁଚି ଚାଲିଯାଇଥିଲେ ବୋଲି ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଏହି ସ୍କୁଲରୁ ଏଭଳି ପୂର୍ବରୁ ମଧ୍ୟ ପିଲା ଲୁଚି ଚାଲିଯାଇଥା'ନ୍ତି ଓ ଖୋଜି ତାଙ୍କୁ ଫେରାଇ ଅଣାଯାଏ ବୋଲି ସ୍କୁଲ ଅଧ୍ୟକ୍ଷା ପ୍ରକାଶ କରିଛନ୍ତି । ବାରମ୍ବାର ହଷ୍ଟେଲରୁ ଛୋଟ ପିଲା ବାରମ୍ବାର ହଷ୍ଟେଲରୁ ଲୁଚି ଚାଲିଯାଉଥିବା ଓ ଶୁକ୍ରବାର ରାତିରେ ୨ ଜଣ ଛାତ୍ର ଲୁଚି ଚାଲିଯାଇଥିଲେ । ସବୁଠୁ ଆଶ୍ଚର୍ଯ୍ୟର ଘଟଣା ହେଲା ଶୁକ୍ରବାର କରଞ୍ଜିଆ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ରଚିଥିବାବେଳେ ସ୍କୁଲ କର୍ତ୍ତୃପକ୍ଷ ପୁଲିସକୁ କୌଣସି ସୂଚନା ଦେଇ ନ ଥିଲେ । ଯାହାକୁ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଶୈଳୀକୁ ନେଇ କରଞ୍ଜିଆ ଥାନା ଆଇଆଇସି ସ୍କୁଲ ଅଧ୍ୟକ୍ଷାଙ୍କୁ ତାଗିଦ କରିଥିଲେ ।

ଏଭଳି ଘଟଣା ବାରମ୍ବାର ଘଟି ଚାଲିଥିଲେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ନ ହେବା ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ସୂଚାଉଛି ବୋଲି ଅଭିଭାବକ ଅଭିଯୋଗ କରିଛନ୍ତି । ଯଦି ଏହି ନାବାଳକ ଛାତ୍ରଙ୍କ କୌଣସି ପ୍ରକାର କ୍ଷତି ହୋଇଥିଲେ କିଏ ଦାୟୀ ରହିଥା'ନ୍ତା । ସ୍କୁଲ ଓ ହଷ୍ଟେଲରେ କୁନି କୁନି ଛୁଆଙ୍କୁ କେଉଁ ଅସୁବିଧା ବା ନିର୍ଯାତନା ଦିଆଯାଉଛି ଯଦ୍ୱାରା ବାରମ୍ବାର ଛାତ୍ରମାନେ ସ୍କୁଲ ହଷ୍ଟେଲରୁ ଲୁଚି ଚାଲିଯାଉଛନ୍ତି । ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ଅଭିଭାବକ ଦାବି କରିଛନ୍ତି । ଘଟଣାର ସମ୍ବେଦନଶୀଳତା ଉପଲବ୍ଧି କରି ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲ ଦାବି କରିଛନ୍ତି ।

## ଅଷ୍ଟପ୍ରହର ନାମଯଜ୍ଞ

**କୁଆମରା, ୨୯ ।୩(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ଫାଣ୍ଡିରେ ଆଜି ଅଷ୍ଟପ୍ରହର ନାମଯଜ୍ଞ ଓ ତୁଳସୀ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଛି । ମୁଖ୍ୟ ପୁରୋହିତ ରଶ୍ମିରଞ୍ଜନ ହୋତା ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏ ଅବସରରେ ହୋମ ଯଜ୍ଞ, ନାମ ସଂକୀର୍ତ୍ତନ ଓ ଚଣ୍ଡୀପାଠ କାର୍ଯ୍ୟ କରାଯାଇଥିଲା । କର୍ତ୍ତା ଭାବେ ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ଓ ଧର୍ମ ପତ୍ନୀ କାର୍ଯ୍ୟ ତୁଲାଇଥିଲେ । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ପ୍ରସାଦ ସେବନ କରିଥିଲେ ।

## ମୃତ ଛାତ୍ରାବାସ ଅନ୍ତେବାସୀଙ୍କ ପରିବାରକୁ ସହାୟତା

**ମାଣଡ୍ରୀ, ୨୯ ।୩(ସମିସ):** ଗତ ୧୩ ତାରିଖରେ ବଡ଼ସାହି ଥାନା ଅନ୍ତର୍ଗତ ବେଗୁନିଆବଣି ଗ୍ରାମସ୍ଥ ମୟୂରଭଞ୍ଜ ଆଦିବାସୀ ବନ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ର ଆଶିଷ ସିଂ ଜ୍ୱରରେ ଆକ୍ରାନ୍ତ ହୋଇ ମାଣଡ୍ରୀ ହସ୍ପିଟାଲରୁ ବାରିପଦା ହସ୍ପିଟାଲ ସ୍ଥାନାନ୍ତରିତ ହେଲା ପରେ ସେଠାରେ ମୃତ୍ୟୁ ହୋଇଯାଇଥିଲା । ବ୍ୟବଚ୍ଛେଦ ପରେ ନିଜ ଗ୍ରାମର ନଦୀ ପଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଏକାଦଶାହ କାର୍ଯ୍ୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଉପସ୍ଥିତ ରହି ସମସ୍ତ ସାହାଯ୍ୟ ସହଯୋଗ କରିଥିଲେ । ଏହା ଏକ ବେସରକାରୀ ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟ ହୋଇଥିଲେ ବି ମୃତ ଛାତ୍ରଙ୍କ ସ୍ମୃତି ପାଇଁ ପରିବାରବର୍ଗ ଚାହିଁଥିବା ସମସ୍ତ ଅନୁକମ୍ପାମୂଳକ ସାହାଯ୍ୟ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଦାନ କରିଥିଲେ । ଏହି ଆକୁଣ୍ଠ ସାହାଯ୍ୟ ପାଇଁ ପରିବାରବର୍ଗ ସନ୍ତୋଷ ପ୍ରକାଶ କରିଛନ୍ତି । ଆତ୍ମାର ସଦଗତି ନିମିତ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, କର୍ମଚାରୀ, କମିଟି ସଭ୍ୟ ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ ।

## କୁଡୁମି ଜାତିର ବିକାଶ ପାଇଁ ଗ୍ରାମ୍ୟସ୍ତରୀୟ ସଚେତନତା



**ମହୁଲଡିହା, ୨୯।୩(ସମିସ):** ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତର କିରିକିଚିପାଳ ଗ୍ରାମରେ କୁଡୁମି ଜାତିର ଗ୍ରାମ୍ୟସ୍ତରୀୟ ସଚେତନମୂଳକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିମଳା ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ରାଧାଶ୍ୟାମ ମହାନ୍ତ କୁଡୁମି ସଂଗଠନ ଗଠନ ହେବାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ଚାନ୍ଦରାୟ ମହାନ୍ତ ଜାତିର ଏକତା, ଗଣେଶ୍ୱର ମହାନ୍ତ ପୁରୁଣାପାଣି ପରମ୍ପରା ଉପରେ ବକ୍ତବ୍ୟ ଦେଇଥିଲେ । ବୀରେନ୍ଦ୍ର ନାଥ ମହାନ୍ତ ଜାତିର ଅଧିକାର ଉପରେ, ଲକ୍ଷ୍ମୀଧର ମହାନ୍ତ ଜାତିର ବିକାଶ, କଳା ସଂସ୍କୃତିର ବିକାଶ ଦିଗରେ ଚୁମ୍ବକରେ ଧାରଣା ଦେଇଥିଲେ । ସେହିପରି ଭକ୍ତବନ୍ଧୁ ମହାନ୍ତ ଶିକ୍ଷାର ବିକାଶ, ଭଦ୍ରା ମହାନ୍ତ ପୂର୍ବରୁ ହରାଇଥିବା କଳା ସଂସ୍କୃତିର ପୁନର୍ବାର ଉଦ୍ଧାର, ଗଣେଶ୍ୱର ମହାନ୍ତ କରମ କହନି ମାଧ୍ୟମରେ ଜାତିର ବିକାଶମୂଳକ କାର୍ଯ୍ୟର ଆଲୋଚନା, ପର୍ଯ୍ୟାଲୋଚନା ଓ ଭାଗୀରଥି ମହାନ୍ତ ଭାଷା, କଳା ସଂସ୍କୃତି, ନେଗୀଚାରି ଉପରେ ଆଲୋଚନା କରିଥିଲେ । ଗ୍ରାମ୍ୟ କମିଟିରେ ପୂର୍ବରୁ ଥିବା ଦେହୁରୀ ଜେଠୁ ମହାନ୍ତ ରହିଥିବାବେଳେ ପ୍ରଧାନ ଭାବେ ଶରତ ମହାନ୍ତ, ଡାକୁଆ ଭାବେ ଚାନ୍ଦରାୟ ମହାନ୍ତ, ସଭ୍ୟ ଭାବେ କରୁଣା ମହାନ୍ତ, ମଦନ ମହାନ୍ତ ଓ ମହିଳାଙ୍କ ତରଫରୁ ବିମଳା ମହାନ୍ତ, ଜନନୀ ମହାନ୍ତଙ୍କୁ ଚୟନ କରାଯାଇଥିଲା । ସୁରେଶ ମହାନ୍ତ ବୈଠକ ପରିଚାଳନା କରିଥିଲେ । ଏହାର ପରବର୍ତ୍ତୀ ବୈଠକ ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ସାନବାଲିପୋଷି ଗଣ୍ଡପାଳ ଗ୍ରାମରେ ଆସନ୍ତା ଏପ୍ରିଲ ୪ ତାରିଖ ଶୁକ୍ରବାର ଦିନ ୧୧ଟା ସମୟରେ ହେବାକୁ ସ୍ଥିର କରାଯାଇଛି ।

## ଯୁବ ଭାରତ ବିକାଶ ଅଭିଯାନ କାର୍ଯ୍ୟକ୍ରମ



**କୁଳିଅଣା, ୨୯।୩(ସମିସ):** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନରେ ମେରା ଯୁବା ଭାରତ, ମୟୂରଭଞ୍ଜ ଓ ସଂକଳ୍ପ କୁଳିଅଣାର ମିଳିତ ଆନୁକୂଲ୍ୟରେ କୁଳିଅଣା ବ୍ଲକ ଅଧୀନ ସାନପଳାସିଆ ପ୍ରାଥମିକ ବିଦ୍ୟାଳୟରେ କୁଳିଅଣା ଓ ଶାମାଖୁଣ୍ଟା ବ୍ଲକର କ୍ଲବ୍ କର୍ମକର୍ତ୍ତାଙ୍କୁ ନେଇ ଯୁବ ଭାରତ ବିକାଶ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂକଳ୍ପର ସମ୍ପାଦକ ପ୍ରଦୀପ ଦାସମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ସହକାରୀ ଶିକ୍ଷକ ଦୁଃଶାସନ କର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବାରକୁଲିର ଅଭିମନ୍ୟୁ ଗିରି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ କ୍ଲବ୍ ସମ୍ପାଦକ ଓ ସଭାପତି ସହଯୋଗ କରିଥିଲେ । ଜୟ ବଡାମ କ୍ଲବ ବାରକୁଲି, ରୟାଲ ଯୁବା କ୍ଲବ, ଟାଙ୍ଗୀନ ପରୱା ଯୁଆନ ସେମଲେଡ଼ ଶ୍ରୀଚନ୍ଦନପୁର, ମା ସରସ୍ୱତୀ କ୍ଲବ୍ ସାନସାରସପୋଷି, ମା ବନଦୁର୍ଗା କ୍ଲବ୍ ଜାମସଳ, ମହାବୀର କ୍ଲବ୍‌ମାଟିଆଳି, ମା ବିଦ୍ୟାଦାତ୍ରୀ ୟୁଥ କ୍ଲବ ଭାତୁଆବେଡା, ରାଣୀ ଲକ୍ଷ୍ମୀବାଇ କ୍ଲବ, ସିବିଟି ୟୁଥ କ୍ଲବ୍ ସାନବଡ଼ତଳିଆର କର୍ମକର୍ତ୍ତା ଯୋଗଦେଇ ନିଜର ମତ ପ୍ରକାଶ କେଇଥିଲେ । କ୍ଲବ୍‌ର ଉନ୍ନତି ଓ ଗ୍ରାମର ବିକାଶ ଲାଗି ପଥ ପ୍ରଦର୍ଶନ କରିବା ପାଇଁ ଯୁବକ ଯୁବତୀଙ୍କୁ ସମାଜର ମୁଖ୍ୟ ଧାରାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ସଂକଳ୍ପର ସ୍ୱେଚ୍ଛାସେବୀ ଫାଲଗୁନୀ ଦାସମହାପାତ୍ର, ସୌମ୍ୟରଞ୍ଜନ ବାରିକ, ରାକେଶ ବାରିକ, ଅସିତ ବାରିକ, ଶୁଭମ ଶେଜପଡ଼ା ପ୍ରମୁଖ ସହଯୋଗ କରିଥିଲେ ।

## ରାମଲାଲା ଓ ବାବା କଖାରୁଆ ବୈଦ୍ୟନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରାସଗୋବିନ୍ଦପୁର, ୨୯।୩(ସମିସ):** ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ରାଘବପୁର ପଞ୍ଚାୟତ ଅଧୀନ ଭୈରଙ୍ଗୀ ଗ୍ରାମରେ ମର୍ଯ୍ୟାଦା ପୁରୁଷୋତ୍ତମ ମହାପ୍ରଭୁ ଶ୍ରୀରାମଚନ୍ଦ୍ର, ମାତା ସୀତା, ପ୍ରଭୁ ଲକ୍ଷ୍ମଣ ଓ ସଙ୍କଟମୋଚନ ମହାବୀର ହନୁମାନଜୀଙ୍କ ବିଗ୍ରହ ଓ ନୂତନ ମନ୍ଦିର ପ୍ରତିଷ୍ଠା ଓ ଆବିର୍ଭୁତ ଦେବାଧି ଦେବ ମହାଦେବ ବାବା କଖାରୁଆ ବୈଦ୍ୟନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଯାଇଛି । ୨୪ ତାରିଖରେ ମଣ୍ଡପ ସଂସ୍କାର ଓ ଅଙ୍କୁରାରୋପଣ ସମ୍ପନ୍ନ ହୋଇ ୨୫ ତାରିଖରେ କଳସ ଯାତ୍ରା ଓ ଦେବତା କୁଣ୍ଡ ମଣ୍ଡଳାଦି ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ୨୬ ତାରିଖରେ ସୂର୍ଯ୍ୟପୂଜା, ଗୋ ପୂଜନ, ଦେବତା ପୂଜନ ଓ ହବନ, ସ୍ନାନ, ମନ୍ଦିର ପ୍ରତିଷ୍ଠା, ରୁଦ୍ରାଭିଷେକ ଓ ହରିନାମ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ୨୭ ତାରିଖରେ ପ୍ରାତଃ ବେଦପାଠ, ସୂର୍ଯ୍ୟ ପୂଜା, ଦେବତା ପ୍ରତିଷ୍ଠା ଓ ଘୃତ ଯଜ୍ଞ ସମାପନ ସହିତ ସମୂହ ହନୁମାନ ଚାଳିଶା ପଠନ କରାଯିବା ପରେ ପୂର୍ଣ୍ଣାହୁତି, ହରିନାମ ମହାଯଜ୍ଞ କାର୍ଯ୍ୟ ସମାପନ, ୧୦୮ ଦୀପ ଦାନ କରାଯାଇଥିଲା । ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ, ବାଲେଶ୍ୱର ଓ ବିଷ୍ଣୁପୁରର ଭଜନ ମଣ୍ଡଳୀ ଦ୍ୱାରା ଭଜନ ପରିବେଷଣ, ଓଡ଼ିଶୀ ନୃତ୍ୟ ସହିତ ଗଞ୍ଜାମର ପଶୁ ମୁଖା ନୃତ୍ୟ ଓ ବାରିପଦାର ଝୁମର ସଙ୍ଗୀତ ନୃତ୍ୟ ଅନ୍ୟଏକ ଆକର୍ଷଣ ଥିଲା । ମନ୍ଦିର ପରିଚାଳନା ଓ ପ୍ରତିଷ୍ଠା କମିଟି, ଶ୍ରୀରାମ ଲାଲା ମନ୍ଦିର ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ, ଭୈରଙ୍ଗୀ ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ସହଯୋଗରେ ଏହି ପବିତ୍ର କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି ।



## ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଜିଲ୍ଲାସ୍ତରୀୟ ସମ୍ମିଳନୀ
# 'ଶିକ୍ଷକଙ୍କ ସେବା, ନିଷ୍ଠା ଓ ତ୍ୟାଗପୂତ କର୍ମଶୈଳୀ ପ୍ରଶଂସନୀୟ'

ବାରିପଦା, ୨୯ ।୩(ସମିସ)

ଶିକ୍ଷକଙ୍କ ସେବା, ନିଷ୍ଠା ଓ ତ୍ୟାଗପୂତ କର୍ମଶୈଳୀ ପ୍ରଶଂସନୀୟ ବୋଲି ରବିବାର ସ୍ଥାନୀୟ ସହିଦ ସ୍ମୃତି ଭବନରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, ମୟୂରଭଞ୍ଜ ଶାଖାର ଜିଲ୍ଲାସ୍ତରୀୟ ବାର୍ଷିକ ସମ୍ମିଳନୀ, ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସାଧାରଣ ନିର୍ବାଚନରେ ଯୋଗଦେଇ ଅତିଥିମାନେ ମତ ରଖିଛନ୍ତି ।





ସଂଘ ସଭାପତି ଚିତ୍ତରଞ୍ଜନ ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରର ସ୍ୱପ୍ନେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ଏନୟୁକେଏସଓଏସଏନଏସ ରାଜ୍ୟ ସଂଘ ସମ୍ପାଦକ ବିଜୟ କୁମାର ରଥ, ମୟୂରଭଞ୍ଜ ଜୋନାଲ ସମ୍ପାଦକ ପ୍ରଶାନ୍ତ ମଲ୍ଲିକ ଯୋଗ ଦେଇଥିଲେ । ଏ ଅବସରରେ ୩୦ ଜଣ ଅବସରପ୍ରାପ୍ତ ବିଭାଗୀୟ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ଅନ୍ୟ ମଞ୍ଚାସୀନ ଅତିଥି ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କର ଅବସରକାଳୀନ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଅତିଥିମାନେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗୀୟ ଶିକ୍ଷକଙ୍କ ସେବା, ନିଷ୍ଠା ଓ ତ୍ୟାଗପୂତ କର୍ମଶୈଳୀର ପ୍ରଶଂସା କରିବା ସହିତ ଜନଜାତି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ । ଏତଦ୍‌ବ୍ୟତୀତ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିଶ୍ଚିତ କରାଯିବ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ । ଜିଲ୍ଲା ସଂଘ ସମ୍ପାଦକ ଧ୍ରୁବଚରଣ ମୁର୍ମୁ ବାର୍ଷିକ ବିବରଣୀ ପାଠ ପୂର୍ବକ ଗ୍ରେଡେସନ୍ ଲିଷ୍ଟ ପ୍ରକାଶନ, ଠିକ୍ ସମୟରେ ପଦୋନ୍ନତି, ଶିକ୍ଷକଙ୍କ ବଦଳି ପ୍ରକ୍ରିୟାରେ ସ୍ୱଚ୍ଛତା, ଆଶ୍ରମ ବିଦ୍ୟାଳୟରେ ଟିଜିଟି ପ୍ରଧାନଶିକ୍ଷକ ନିଯୁକ୍ତି ଆଦି ଦାବି ଉପସ୍ଥାପନ କରିଥିଲେ । ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଦୀପକ କୁମାର ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ ।

ଦ୍ୱିତୀୟ ଅଧିବେଶନରେ ସଂଘୀୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନ ପରିଚାଳନା ପାଇଁ ରାଜ୍ୟ ସଂଘ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ନିକୁଞ୍ଜ ବିହାରୀ ରଣା ଦାୟିତ୍ୱ ତୁଲାଇଥିଲେ । ସଂଘର ବିଭିନ୍ନ ପଦପଦବୀ ପାଇଁ ମୋଟ ୧୬ ଜଣ ପ୍ରତିଦ୍ୱନ୍ଦ୍ୱୀ ନିର୍ବାଚନ ମଇଦାନରେ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ୩୦୬ ଶିକ୍ଷକ ଶିକ୍ଷୟିତ୍ରୀ ଭୋଟଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପଦ୍ମଲୋଚନ ଆଚାର୍ଯ୍ୟ, ଉମା ଦେ, ରଶ୍ମିତା ଜେନା, ବିଜୟ ନାଏକ, ପ୍ରଦୀପ କୁମାର ଭୂୟାଁ, ସୁପ୍ରଭା ବେରା, ତେଜସ୍ୱିନୀ ନାୟକ, ରଜତ ଦାଶ ଓ ମୌସୁମୀ ଜେନା ପ୍ରମୁଖ ସଭା କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ ।

### ଡିମ୍ପଲ ସଭାପତି, ଦୀପକ ସାଧାରଣ ସମ୍ପାଦକ

ସଂଘର ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଭାବେ ଡିମ୍ପଲ ଦାସ ବିଜୟୀ ହୋଇଥିବାବେଳେ ଉପସଭାପତି ଭାବେ ସୂର୍ଯ୍ୟନାରାୟଣ ଦେବପାତ୍ର, ସାଧାରଣ ସମ୍ପାଦକ ଭାବେ ଦୀପକ କୁମାର ସେଠୀ, ଯୁଗ୍ମ ସମ୍ପାଦକ ଭାବେ ଅଶ୍ୱିନୀ କୁମାର ବେହେରା, କୋଷାଧ୍ୟକ୍ଷ ଭାବେ ମାନସ କୁମାର ତ୍ରିପାଠୀ, ଅଡିଟର ଭାବେ ରାକେଶ ଜେନା, ମହିଳା ପ୍ରତିନିଧି ଭାବେ ତେଜସ୍ୱିନୀ ନାୟକ ଓ ସଂଗଠନ ସମ୍ପାଦକ ଭାବେ ରଞ୍ଜନ କୁମାର ପ୍ରଧାନ ବିଜୟୀ ହୋଇଛନ୍ତି । ପୂର୍ବତନ ସଭାପତି ଚିତ୍ତରଞ୍ଜନ ପ୍ରତିହାରୀ ସମସ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ ।



# ଭୁବନେଶ୍ୱର ସିଟି

ଗ୍ୟାସ୍ ଦୋକାନରେ ବିସ୍ଫୋରଣ ଘଟଣା

# ଦୋକାନୀ ଓ ଗ୍ୟାସ୍ ଯୋଗାଣକାରୀ ଗିରଫ



ଭୁବନେଶ୍ୱର,୨୯।୩ (ସମିସ): ଗ୍ୟାସ୍ ଦୋକାନରେ ବିସ୍ଫୋରଣ ଘଟଣାରେ ଦୋକାନୀ ଓ ଗ୍ୟାସ୍ ଯୋଗାଣକାରୀଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି, ଆନନ୍ଦବନ ନିକଟରେ ରହୁଥିବା ପାରାଦୀପର ବିଭୁପ୍ରସାଦ ଭୂୟାଁ (୩୭) ଓ ପୁରୀ ବୀରହରେକୃଷ୍ଣପୁରର ସୁକାନ୍ତ ବେହେରା (୩୭)।

ସୂଚନାନୁଯାୟୀ, ବିଭୁ ଏକ ବିଦ୍ୟୁତ ମରାମତି ଦୋକାନ ଚଲାଇବା ବାହାନାରେ ଘର ଭଡ଼ା ନେଇ ବେଆଇନ ଭାବରେ ଏଲ୍‌ପିଜି ସିଲିଣ୍ଡର ରିଫିଲିଂ କରୁଥିଲେ। ଦେବାଶିଷ ପାତ୍ରଙ୍କୁ ଏଥିପାଇଁ ଦୋକାନରେ ନିୟୋଜିତ କରିଥିଲେ। ସୁକାନ୍ତ ଆଇଗିଣିଆ ଅଞ୍ଚଳର ଅନ୍ନପୂର୍ଣ୍ଣା ଗ୍ୟାସ୍ ଏଜେନ୍ସିରୁ ବେଆଇନ ଭାବରେ ଏଲ୍‌ପିଜି ସିଲିଣ୍ଡର ଆଣି ବିଭୁଙ୍କ ଦୋକାନକୁ ଯୋଗାଉଥିଲା। ବିଭୁ ଓ ସୁକାନ୍ତ ମିଶି ସଙ୍କଟ ସମୟରେ ଏଲ୍‌ପିଜି ରିଫିଲିଂ କରି ଚଢ଼ା ଦରରେ ବିକ୍ରି କରୁଥିଲେ। ଗତ ୨୧ ତାରିଖ ପୂର୍ବାହ୍ନରେ ଦେବାଶିଷ ଗ୍ୟାସ୍ ରିଫିଲିଂ କରୁଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ହଠାତ୍ ବିସ୍ଫୋରଣ ହେବା ସହ ନିଆଁ ଲାଗି ଦେବାଶିଷ ପୋଡ଼ି ହୋଇ ଯାଇଥିଲେ। ତାଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଅଗ୍ନିଶମ ବାହିନୀ ନିଆଁକୁ ନିୟନ୍ତ୍ରଣ କରିଥିଲା। ଭରତପୁର ଥାନାର ଅତିରିକ୍ତ ଥାନା ଅଧିକାରୀ ମାଧବାନନ୍ଦ ବସ୍ତିଆଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରିଥିଲା। ସଂପୃକ୍ତ ଦୋକାନରେ ବିନା ସୁରକ୍ଷା ବ୍ୟବସ୍ଥାରେ ୧୪ କିଲୋଗ୍ରାମ ଘରୋଇ ସିଲିଣ୍ଡରରୁ ୫ କିଲୋଗ୍ରାମର ଛୋଟ ସିଲିଣ୍ଡରକୁ ରିକାଷ୍ଟିଂ କରାଯାଉଥିବା ତଦନ୍ତବେଳେ ଜଣାପଡ଼ିଥିଲା। ବିଭୁ ଏଲ୍‌ପିଜି ପରିଚାଳନା ଓ ବଣ୍ଟନ ପାଇଁ କୌଣସି ବୈଧ ଲାଇସେନ୍ସ ବା ଅନୁମତି ନ ନେଇ ଏପରି କାମ କରୁଥିବା କଥା ସାମ୍ନାକୁ ଆସିଥିଲା। ରବିବାର ମଧ୍ୟାହ୍ନରେ ପୁଲିସ ଆଇଗିଣିଆ ବଜାରରୁ ବିଭୁ ଓ ସୁକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବେଆଇନ୍ ଭାବେ କରୁଥିଲେ ରିଫିଲିଂ



ସତ ହେଉଥିଲେ ସାଙ୍ଘାତିକ

## ଆଇଆଇସିଙ୍କ ପ୍ରେମରେ ଏଏସ୍‌ଆଇ କଣ୍ଟା!

ଜଣେ ଆଇଆଇସିଙ୍କ ପ୍ରେମକୁ ନେଇ ଏବେ ରାଜଧାନୀରେ ଚର୍ଚ୍ଚା। ପ୍ରେମରେ ବାଧକ ସାଜିବାରୁ ଏଏସ୍‌ଆଇ ବାବୁ ସିଧାସଳଖ ଆରଓକୁ ବଦଳି ହୋଇଛନ୍ତି। ସହର ଉପକଣ୍ଠରେ ଥିବା ଏହି ଥାନା ବାବୁ ଜଣକ ଜଣେ ବିଧବା ମହିଳାଙ୍କ ପ୍ରେମରେ ପୂରା ଉବୁଟୁବୁ। ଅନେକ ସମୟରେ ମହିଳାଙ୍କୁ ଥାନାକୁ ଡକାଇ ଚାମ୍ବର ଓ କ୍ୱାର୍ଟର୍ସରେ କ୍ୱାଲିଟି ଟାଇମ୍ ସ୍ପେଣ୍ଡ କରୁଥିଲେ। ଥାନାର ଅନ୍ୟ କର୍ମଚାରୀ ଚୁପଚାପ୍ ରହୁଥିଲେ ବି ଏଏସ୍‌ଆଇଙ୍କ ଦେହରେ ଏସବୁ ହଜମ ହୋଇନଥିଲା। ଜୁନିଅର ହେଲେ ମଧ୍ୟ ବାବୁ ଜଣକ ଆଇଆଇସିଙ୍କୁ ସିଧାସଳଖ ବିରୋଧ କରିବା ସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହି ଦେଇଥିଲେ। ଏଏସ୍‌ଆଇଙ୍କ ଚରମବାଣୀ ଶୁଣି ଆଇଆଇସିଙ୍କ ଅକଲ ଗୁଡୁମ୍ ହୋଇଯାଇଥିଲା। କ'ଣ କରିବେ ଭାବି ସିଧା ଏଏସ୍‌ଆଇ ଜଣକ ଠିକରେ କାମ କରୁନଥିବା କହି ଡିସିପିଙ୍କୁ ଯାବତୀୟ ଅଭିଯୋଗ କରିଥିଲେ। ଏମିତିକି ଏଏସ୍‌ଆଇ ଜଣକ ସବୁବେଳେ ମଦ୍ୟପାନ କରି କର୍ମଚାରୀ ଓ ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର କରୁଥିବା କହିଥିଲେ। ଡିସିପି ମଧ୍ୟ ଏଏସ୍‌ଆଇଙ୍କୁ ଡକାଇ ଟିୟୁସନ୍ କରିଥିଲେ। ଏଏସ୍‌ଆଇ ଜଣକ କେସ୍ କ୍ଲୋଜ୍ ପାଇଁ ପାଇଥିବା କ୍ୟାସ୍ ରିୱାର୍ଡ, ଜିଏସ୍ ମାର୍କ ଦେଖି ଡିସିପି ମଧ୍ୟ ତାଜୁବ ହୋଇ ଯାଇଥିଲେ। ଆଇଆଇସିଙ୍କ ପ୍ରେମରେ ବାଧକ ସାଜିବାରୁ ତାଙ୍କୁ ଏ ଦଶା ଭୋଗିବାକୁ ପଡୁଛି ବୋଲି ଏଏସ୍‌ଆଇ ଜଣକ କହିଥିଲେ। ସବୁ ଶୁଣିସାରିବାପରେ ଡିସିପି କାନମୁଣ୍ଡା ଆଉଁସି ଏଏସ୍‌ଆଇଙ୍କୁ ନିରବ ରହିବାକୁ କହିଥିଲେ। ହେଲେ ଥାନାରେ ପହଞ୍ଚିବା ପରେ ଆଇଆଇସିଙ୍କ ଅତ୍ୟାଚାର ଆରମ୍ଭ ହୋଇ ଯାଇଥିଲା। ଏଏସ୍‌ଆଇ ଜଣକ ବାଟ ନପାଇ କାଠ ଫାଳିଆ ଧରି ଆଇଆଇସିଙ୍କୁ ଗୋଡ଼ାଇ ଥିଲେ। ଏତିକିରେ କଥା ସରିଲା। ଡିସିପିଙ୍କ କୋପ ଦୃଷ୍ଟି ପଡ଼ିଲା, ଏଏସ୍‌ଆଇଙ୍କର ଆରଓକୁ ବଦଳି ହେଲା। ସେପଟେ ଆଇଆଇସିଙ୍କ ପ୍ରେମରେ ଆଉ କେହି ବାଧା ସାଜିବେ ନାହିଁ ବୋଲି ଥାନାରେ ଚର୍ଚ୍ଚା।

### ଅଭିଯୋଗ ପରେ ଆରଓକୁ ବଦଳି

ରିଲ୍‌ସ, ସେଲ୍‌ଫି ନିଶାରେ ଯୁବପିଢ଼ି

# ମରଣଯନ୍ତା ପାଲଟିଛି ବାଲକାଟି ସାଇଫନ୍





ଧଉଳି, ୨୯।୩ (ସମିସ): ରାଜଧାନୀ ଉପକଣ୍ଠ ଧଉଳି ଠାରୁ ୩ କିଲୋମିଟର ଦୂରରେ ଥିବା ବାଲକାଟି ସାଇଫନ୍ ଏବେ ସୋସିଆଲ ମିଡିଆ ଟ୍ରେଣ୍ଡରେ ରହିଛି। କିଛି ଯୁବ ଇନ୍‌ଷ୍ଟାଗ୍ରାମ୍ ବ୍ୟବହାରକାରୀ ବାଲକାଟି ସାଇଫନ୍‌କୁ ବୁଲିବା ସହିତ ତା'ର ପ୍ରାକୃତିକ ପରିବେଶକୁ ଭିଡିଓ ମାଧ୍ୟମରେ ଉତ୍ତୋଳନ କରି ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ଏପରିକି ଏହାର ସୌନ୍ଦର୍ଯ୍ୟମୟ ପରିବେଶରେ ରିଲ୍‌ସ କରିବାକୁ ଅନ୍ୟମାନଙ୍କୁ ଆମନ୍ତ୍ରଣ କରୁଛନ୍ତି। ଯାହାକୁ ଦେଖି ଅନେକ ଯୁବ ୟୁ-ଟ୍ୟୁବର ଆକୃଷ୍ଟ ହୋଇ ଆସୁଛନ୍ତି। ଯାହା ଫଳରେ ଏହି ସ୍ଥାନରେ ଯୁବପିଢ଼ି ବିପଜ୍ଜନକ ଭାବେ ରିଲ୍‌ସ କରି ବିପଦରେ ପଡୁଛନ୍ତି। ସେଠାରେ କେବଳ ଭିଡିଓ କରୁନାହାନ୍ତି, ଗାଧୋଇବା ସହ ନିଶା ସେବନ କରିବାକୁ ଅନେକ ସେଠାକୁ ଯାଇ ବିପଦରେ ପଡୁଛନ୍ତି। କିଛିବର୍ଷ ମଧ୍ୟରେ ଏହି ସ୍ଥାନରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବଡ଼ିଯାଇ ପ୍ରାଣ ହରାଇଛନ୍ତି। ସବୁ ଜାଣିବା ପରେ ବି ରିଲ୍ସ ପ୍ରେମରେ ପଡ଼ି ଯୁବପିଢ଼ି ଏଠାକୁ ଆସୁଛନ୍ତି। ଏହାକୁ ଦେଖି କିଛି ସ୍ଥାନୀୟ ଅଧିବାସୀ ପୁଲିସକୁ ଖବର ଦେଇଥିଲେ। ବାଲକାଟି ପିସିଆର ପୁଲିସ ପହଞ୍ଚି ଅମାନିଆଙ୍କୁ ଘଉଡ଼ାଇ ଥିଲେ ମଧ୍ୟ କିଛି ଫରକ୍ ପଡ଼ିନଥିଲା। ପୁଲିସ କଥାକୁ ଅମାନ୍ୟ କରି ଅମାନିଆ ଯୁବପିଢ଼ି ସେଠାରେ ଗାଧୋଇବା ସହ ରିଲ୍‌ସ କରିବାରୁ ବିରତ ହେଉନାହାନ୍ତି। ଯାହାଦ୍ୱାରା ଅଘଟଣ ଘଟିବା ସମ୍ଭାବନାକୁ ଏଡ଼ାଇ ହେବନାହିଁ। ତେଣୁ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ବିନ୍ଦୁ ସାଗର ଜଳ ଉପଚାର କଲା ବିଏମ୍‌ସି



ଭୁବନେଶ୍ୱର,୨୯।୩(ସମିସ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ସିଟି ସେଣ୍ଟର ଏବଂ ନିକୋ ପାର୍କରେ ଅବ୍ୟବହୃତ ହୋଇ ରହିଥିବା ଡଙ୍ଗାଗୁଡିକୁ ଏବେ ପୁନଃକାର୍ଯ୍ୟକ୍ଷମ କରାଯାଇଛି। ଏହି ଡଙ୍ଗାଗୁଡ଼ିକୁ ବିନ୍ଦୁସାଗର ହ୍ରଦରୁ ଦଳ ସଫା କରିବା କାର୍ଯ୍ୟରେ ନିୟୋଜିତ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜିର ବିଶେଷଜ୍ଞଙ୍କ ସହାୟତାରେ ଦଳ ସଫା କରିବା ସହ ଜଳ ଉପଚାର କରାଯାଉଛି। ବର୍ତ୍ତମାନ ସର୍ବୋତ୍ତମ ଦକ୍ଷତା ଏବଂ ଜଳର ଗୁଣବତ୍ତାକୁ ସୁନିଶ୍ଚିତ କରିବା ପାଇଁ ବିଏମ୍‌ସି ପକ୍ଷରୁ କାର୍ଯ୍ୟ ଜାରି ରହିଛି। ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ବିଏମସିର ଡ୍ରେନେଜ୍ ଉପବିଭାଗ ତତ୍ତ୍ୱାବଧାନରେ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ବିନ୍ଦୁସାଗର ଜଳର ବର୍ଷସାରା ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ତଥା ସ୍ୱଚ୍ଛ, ସବୁଜ ଭୁବନେଶ୍ୱର ଗଠନ ଦିଗରେ ଏହାକୁ ସାମିଲ କରିବା ପାଇଁ ପ୍ରୟାସ ଜାରି ରହିଛି। ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ୨୨ ଏକରର ଐତିହ୍ୟ ଜଳାଶୟ ବିନ୍ଦୁସାଗର ହ୍ରଦ ଜୈବିକ ଭାର, ଶୈବାଳ ବୃଦ୍ଧି ଏବଂ ନୃତାତ୍ତ୍ୱିକ କାର୍ଯ୍ୟକଳାପ ହେତୁ ଜଳର ଗୁଣବତ୍ତା ଗୁରୁତର ଅବନତିର ସମ୍ମୁଖୀନ ହୋଇଥିଲା, ଯାହା ବୈଜ୍ଞାନିକ ହସ୍ତକ୍ଷେପ ଆବଶ୍ୟକ ରହିଥିଲା। ବିଏମ୍‌ସି ଏହି ଜଳାଶୟର ମାଲିକାନା ନିଜ ହାତକୁ ନେଇ ମୁମ୍ବାଇ ଆଇସିଟି ସହାୟତାରେ ପୁନରୁଦ୍ଧାର କାର୍ଯ୍ୟ କରିଛି। ହ୍ରଦର ଜଳକୁ ନିୟମିତ ପରିଷ୍କାର ରଖିବା ପାଇଁ ୪ଟି ପମ୍ପ ସହାୟତାରେ ଜଳର ସଞ୍ଚାଳନକୁ ସୁନିଶ୍ଚିତ କରାଯାଉଛି। ଏହା ଦ୍ୱାରା ହାଇଡ୍ରୋଡାଇନାମିକ୍ କ୍ୟାଭିଟେସନ୍ ମାଇକ୍ରୋବୁବଲ୍ ପତନ ସୃଷ୍ଟି ହେବ। ଫଳରେ ଜଳଶୟରେ ତରଙ୍ଗ ଏବଂ ହାଇଡ୍ରୋକ୍ସିଲ୍ ରେଡିକାଲ୍ ସୃଷ୍ଟି ହେବା ଦ୍ୱାରା ବିନା ରାସାୟନିକ ପ୍ରୟୋଗରେ ଜଳ ପ୍ରଦୂଷଣ କରୁଥିବା ଶୈବାଳ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରିବ। ସଂପ୍ରତି ଏହା କାର୍ଯ୍ୟକାରୀ ହେବା ଦ୍ୱାରା ଜଳର ପରିବର୍ତ୍ତନ ସହ ଗନ୍ଧ ମଧ୍ୟ ହ୍ରାସ ପାଇଛି। ବିଏମ୍‌ସିର ଏହି କାର୍ଯ୍ୟକ୍ରମ ସହରୀ ଜଳାଶୟ ପୁନଃଉଦ୍ଧାର ଜଳ ସୁରକ୍ଷାର ଏକ ମଡେଲ ଭାବେ ପ୍ରତୀୟମାନ ହୋଇଛି।

● ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ

## ଯୋଗଦେଲେ ଦେଶ-ବିଦେଶର ୧୦୦ ଚିତ୍ରଶିଳ୍ପୀ

ଧଉଳି,୨୯।୩(ସମିସ): ଐତିହାସିକ ଧଉଳି ଶାନ୍ତି ସ୍ତୂପ ନିକଟସ୍ଥ ହସ୍ତଶିଳ୍ପ ବଜାର ପରିସରରେ ସପ୍ତମ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳା ମାଧ୍ୟମରେ ବିଶ୍ୱଶାନ୍ତିର ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା, ଏନ୍‌ଟିପିସିର ବରିଷ୍ଠ ଅଧିକାରୀ ଧୀରଜ କୁମାର ଗୁପ୍ତା, ଗୁଲ୍‌ସନ ଟପୋ ଏବଂ ବିଆରଏମ୍‌ର ସମ୍ପାଦିକା ସସ୍ମିତା ମହାନ୍ତି ଭାରତର କଳା ଓ ସଂସ୍କୃତିର ଗାରିମା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।



ଏହି ମହୋତ୍ସବର ଏକ ବିଶେଷ ଆକର୍ଷଣ ଥିଲା ୧୦୦ ଜଣ ପ୍ରତିଷ୍ଠିତ ଶିଳ୍ପୀଙ୍କୁ ନେଇ ଆୟୋଜିତ ଚିତ୍ରକଳା ଶିବିର। ଏହି ଶିବିରକୁ ବରିଷ୍ଠ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଏବଂ ସମାଜସେବୀ ସୁଶାନ୍ତ କୁମାର ସାହୁ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଭାରତ ସମେତ ଲଣ୍ଡନ, ଆମେରିକା, ନେପାଳ ଓ ଭିଏତନାମ୍ ପରି ବିଦେଶୀ ଶିଳ୍ପୀମାନଙ୍କର କଳାକୃତି ଏହି ପ୍ରଦର୍ଶନୀକୁ ଏକ ଅନ୍ତର୍ଜାତୀୟ ରୂପ ଦେଇଛି। ପଟଚିତ୍ରରୁ ଆରମ୍ଭ କରି ଆଧୁନିକ ଇନ୍‌ଷ୍ଟଲେସନ୍ ଆର୍ଟ ପର୍ଯ୍ୟନ୍ତ ସମସ୍ତ କଳାକୃତି ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ପଞ୍ଚାନନ ସାମଲ ଶିଳ୍ପୀମାନଙ୍କୁ ସ୍ୱାଗତ କରି ଥିଲେ।

## ମୁଣ୍ଡମୁହାଣରେ ରାମନାଟକ



ଯାଁଳା,୨୯।୩(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ୍ ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମର ଐତିହାସିକ ରାମ ନାଟକ ଶ୍ରୀଶ୍ରୀ ରଘୁନାଥଙ୍କ ପୀଠରେ କ୍ରମାଗତ ଭାବେ ପ୍ରଦର୍ଶିତ ହେଉଥିବା ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ବିରଚିତ ରାମଲୀଳା ନାଟକ ଶ୍ରୀ ଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦର କୁଶଳୀ କଳାକାରମାନଙ୍କ ଅଭିନୟକୁ ଆଧାର କରି ନାଟକ ପରିବେଷଣ ହୋଇଛି, ଆଜି ତୃତୀୟ ସନ୍ଧ୍ୟାରେ ସୀତା ବିବାହ ଓ ପର୍ଶୁରାମ ଭେଟ ଦୃଶ୍ୟ ଅତ୍ୟନ୍ତ ଜୀବନ୍ତ ଭାବେ ପ୍ରଦର୍ଶିତ ହୋଇଥିଲା, ପ୍ରଭୁ ଶ୍ରୀରାମ ଶିବଧନୁ ଭଗ୍ନ କରନ୍ତି ଓ ସତୀ ସୀତା ସଖୀ ମାନଙ୍କ ଗ୍ରହଣରେ ଆସି ଶ୍ରୀରାମ ବରଣ ମାଳା ଦିଅନ୍ତି, ଏଭଳି ଦୃଶ୍ୟ ବେଶ ମନମୁଗ୍ଧକର ହୋଇଥିବା ବେଳେ ଏହାକୁ ଦେଖିବାକୁ ମୁଖ୍ୟ ମଞ୍ଚରେ ବହୁ ଜନସମାଗମ ହୋଇଥିଲା, ନାଟକରେ ବିଭିନ୍ନ ଭୂମିକାରେ, ବିଜୟ ବାରିକ (ରାମ), ବିଚିତ୍ର ପରିଡା (ସୀତା), ସୁନୀଲ୍ ମଙ୍ଗରାଜ (ଲକ୍ଷ୍ମଣ), ରବିନ୍ଦ୍ର ବାରିକ (ବିଶ୍ୱାମିତ୍ର, ପର୍ଶୁରାମ), ଦାଶରଥି ସ୍ୱାଇଁ (ଦଶରଥ), ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିବାବେଳେ ବହୁଭକ୍ତ ରଘୁନାଥଙ୍କ ଦର୍ଶନ କରିବା ସହ କଳାକାରଙ୍କୁ ଉତ୍ସାହିତ କରିଥିଲେ।

## ବନ୍ଧାହେଲେ ମାମୁ-ଭଣଜା

ଭୁବନେଶ୍ୱର,୨୯।୩(ସମିସ): ଏକ ପାରିବାରିକ ସାମାଜିକ କାର୍ଯ୍ୟକ୍ରମରେ ଗଣ୍ଡଗୋଳ କରି ବନ୍ଧା ହୋଇଛନ୍ତି ମାମୁ-ଭଣଜା। ସହିଦ ନଗର ଥାନା ପୁଲିସ ଉଭୟ ମାମୁ-ଭଣଜାଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ମାମୁ-ଭଣଜା ହେଲେ ପଥରବନ୍ଧ ବସ୍ତିର ପ୍ରଫୁଲ୍ଲ ନାୟକ ଓ ଶୁଭମ୍ ଦଳେଇ। ସୂଚନାଯୋଗ୍ୟ ଯେ, ଗତ୨୮ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ପରିବାରର ସାମାଜିକ କାର୍ଯ୍ୟକ୍ରମ ଚାଲୁଥିଲା। ଏଠାରେ ଉଭୟ ପ୍ରଫୁଲ୍ଲ ଓ ଶୁଭମ୍‌ଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତ ପ୍ରଫୁଲ ନିଶାଗ୍ରସ୍ତ ଅବସ୍ଥାରେ ଭଉଣୀଙ୍କ ଘରକୁ ଆସି ତାଙ୍କ ବଡ଼ ପୁଅ ତଥା ଭଣଜା ବିଷୟରେ ପଚାରିଥିଲେ। ଏଥିସହ ଭଉଣୀକୁ ଆକ୍ରମଣ କରିଥିଲେ। ଯାହା ଫଳରେ ତାଙ୍କ ବେକ ଓ ଛାତିରେ ଆଘାତ ଲାଗିଥିଲା। ଏହି ସମୟରେ ଭଣଜା ଶୁଭମ୍ ପ୍ରତିବାଦ କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏଥିସହ ସେ ମଧ୍ୟ ତାଙ୍କୁ ସେହି କଟୁରିରେ ଆକ୍ରମଣ କରି ଆହତ କରିଥିଲେ। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଦୁହିଁଙ୍କୁ ଗିରଫ କରିଥିଲା।



## ନାରାୟଣୀ ମନ୍ଦିରରୁ ଚୋରି

ବାଲିପାଟଣା,୨୯।୩ (ସମିସ): ନାରାୟଣୀ ମନ୍ଦିର କବାଟ ଭାଙ୍ଗି ମା'ଙ୍କର ୨ଟି ରୁପା ଆଖି, ଚିତା, ରୁପା ମୁଦ୍ରା ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ଆଇତଳଙ୍ଗ ଗ୍ରାମର ଜଣେ ମହିଳା ରାଜେଶ୍ୱରୀ ଦାଶ ମନ୍ଦିରକୁ ଯିବା ବେଳେ କବାଟ ଖୋଲା ଥିବା ଦେଖିଥିଲେ। ଗ୍ରାମବାସୀଙ୍କୁ ଏହା ଜଣାଇବା ପରେ ଗ୍ରାମବାସୀଙ୍କ ପକ୍ଷରୁ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

## ଦୋକାନୀଙ୍କୁ ଲୁହାଛଡ଼ରେ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର,୨୯।୩ (ସମିସ): ଦୋକାନୀଙ୍କୁ ଲୁହା ଛଡ଼ରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଚନ୍ଦକାର ବଂଶୀଧର ବେହେରା (୫୯)। ପୁଲିସ ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟାରେ ଚନ୍ଦକାର ମନ୍ମୟ ବେହେରା ତାଙ୍କ ଦୋକାନ ପାଖରେ ଘର କାମ କରୁଥିଲେ। ସେହି ସମୟରେ ବଂଶୀଧର ସେଠାକୁ ଆସି କାମ ବନ୍ଦ କରିବାକୁ କହିଥିଲେ। ମନ୍ମୟ କାରଣ ପଚାରିବାରୁ, ବଂଶୀଧର ଉତକ୍ଷିପ୍ତ ହୋଇ ଲୁହା ଛଡ଼ରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ମନ୍ମୟ ତଳେ ପଡ଼ିଯିବା ସହ ତାଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଚିକିତ୍ସା ପାଇଁ ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଏ ନେଇ ମନ୍ମୟ ଅଭିଯୋଗ କରିବା ପରେ ବଂଶୀଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।



ଲିଙ୍ଗରାଜ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ଓଡ଼ିଶୀ, ଛଉ ଓ ବିହୁରେ ଝୁମିଲେ ଦର୍ଶକ



ଭୁବନେଶ୍ୱର,୨୯ ।୩(ସମିସ): ଆଜିଥିଲା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅବସରରେ ଆୟୋଜିତ ଏକାମ୍ର ସାଂସ୍କୃତିକ ପ୍ରକାଶନୀର 'ଲିଙ୍ଗରାଜ ମହୋତ୍ସବ'। ଗୁରୁ ଗଜେନ୍ଦ୍ର ପଣ୍ଡା ଓ ପ୍ରତିଭା ପଣ୍ଡାଙ୍କ ନିର୍ଦ୍ଦେଶନାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଭୁବନେଶ୍ୱର ସାଇ ସ୍ମୃତି ନୃତ୍ୟ କଳାକେନ୍ଦ୍ର ଓ ଉତ୍କଳ ସଂଗୀତ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ କଟକର ବ୍ଲୁ ଆଣ୍ଡ ବ୍ରାଇଟ ଏକାଡେମୀ ପକ୍ଷରୁ ବିହୁ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଶ୍ରୁତି ପାଣିଗ୍ରାହୀ ଓ ଅନମିତା ପାଣିଗ୍ରାହୀ ଶିବ ତାଣ୍ଡବ ପରିବେଷଣ କରିଥିଲେ। ସେହିପରି ଖୋର୍ଦ୍ଧା ପାଇକ ଆଖଡ଼ା ପରିବେଷଣ କରିଥିବା ବେଳେ ଶେଷରେ କେନ୍ଦ୍ରୀୟ ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ ପକ୍ଷରୁ କୋଲକତାରୁ ଆସିଥିବା କଳାକାରଙ୍କ ଦ୍ୱାରା ପୁରଲିଆ ଛଉ ନୃତ୍ୟ ମନମୁଗ୍ଧକର ହୋଇଥିଲା। ପ୍ରକାଶନୀର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଓ ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ଜଗଦେବ, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ରାଜୀବ ଲୋଚନ ସାହୁ, ସାମ୍ବାଦିକ ଭାଗବତ ତ୍ରିପାଠୀ, ଡ. ଅଶୋକ ପଣ୍ଡା, ବିଶିଷ୍ଟ ଶିଳ୍ପଦ୍ୟୋଗୀ ଅମରେନ୍ଦ୍ର ଦାଶ, ତୁଳସୀ ରାମ ଜଗତ ପ୍ରମୁଖ ଯୋଗ ଦେଇ କଳାକାରଙ୍କୁ ସମ୍ମାନିତ କରିଥିଲେ। ଏଥିରେ କୋଷାଧକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଡ. ଲିଙ୍ଗରାଜ ସାହୁ ଯୋଗ ଦେଇଥିଲେ।

ଏଥିରେ ଅନୁଷ୍ଠାନର କର୍ମକର୍ତ୍ତା ନାରାୟଣ ମହାପାତ୍ର, ବାବନ ଚନ୍ଦ୍ର ପଢ଼ିହାରୀ, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ, ସୁଧୀର ରଞ୍ଜନ ଜେନା, ପ୍ରମୋଦ କୁମାର ଦାସ, ପ୍ରତାପ ପଟ୍ଟନାୟକ, ରଶ୍ମୀ ମହାପାତ୍ର, ବିଶ୍ୱନାଥ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ସୁଦର୍ଶନ ଦାରୁପୀଠରେ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ୧୯ରେ

ବାଲିଅନ୍ତା,୨୯।୩(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଗଡ଼କଣ୍ଟୁଣିଆ ସ୍ଥିତ ସୁଦର୍ଶନ ଦାରୁପୀଠ ପରିସରରେ ନବ ନିର୍ମିତ ଜଗନ୍ନାଥ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଏପ୍ରିଲ ମାସ ୧୯ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ସ୍ଥିରୀକୃତ କାର୍ଯ୍ୟସୂଚୀ ଅନୁସାରେ ୧୯ ତାରିଖରେ ଅଙ୍କୁରାରୋପଣ, ଶ୍ରୀଜୀଉମାନଙ୍କର ଧାନ୍ୟାଧିବାସ, ୨୦ ତାରିଖରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ୨୧ ତାରିଖରୁ ୨୨ ଦୁଇ ଦିନ ଅନ୍ୟାନ୍ୟ ପୂଜାନୀତି ସମ୍ପର୍ଣ୍ଣ ହେବ। ୨୩ ତାରିଖରେ ଷୋଡଶ ଉପଚାର ପୂଜା, ମନ୍ଦିର ପ୍ରତିଷ୍ଠା, ରତ୍ନ ସିଂହାସନ ପ୍ରତିଷ୍ଠା ଏବଂ ଶ୍ରୀ ଜୀଉମାନଙ୍କର ଜୀବନ୍ୟାସ ?ଧି ସମ୍ପାଦନ କରାଯିବ। ୨୪ ତାରିଖ ପୂର୍ଣ୍ଣାହୂତି ଦିବସରେ ୬୧ ଫୁଟ ବିଶିଷ୍ଟ ଜଗନ୍ନାଥ ମନ୍ଦିର ରତ୍ନ ସିଂହାସନକୁ ଚତୁର୍ଦ୍ଧାମୂର୍ତ୍ତି ବିଜେ କରିବେ। ଏହା ସହିତ ମା ଲକ୍ଷ୍ମୀ, ମା ବିମଳା ଏବଂ ନୃସିଂହନାଥ ମନ୍ଦିର ସିଂହାସନରେ ଉପବିଷ୍ଟ ହେବେ। ଏନେଇ ଆଜି ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଦାରୁ ପୀଠ ପରିସରରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ଦିର ଏବଂ ବିଗ୍ରହ କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପ୍ରତିଷ୍ଠା ଉତ୍ସବରେ ପୁରୀ ଜଗନ୍ନାଥ ମନ୍ଦିରର ୫ଟି ନିଯୋଗର କର୍ମକର୍ତ୍ତା ସାମିଲ ହେବେ। ଏନେଇ ଆଜିର ବୈଠକରେ ମନ୍ଦିର ପରିଚାଳନା କମିଟିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରସ୍ତୁତି କାର୍ଯ୍ୟ ନେଇ ସମୀକ୍ଷା ବୈଠକ ଚାଲିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

# ଭୁବନେଶ୍ୱର ସିଟି



## ଆଜି ଲିଙ୍ଗରାଜଙ୍କ ବାହୁଡ଼ା ଯାତ୍ରା

# ସାଢ଼େ ୨ଟାରେ ହେବ ରଥ ଟଣା



ଭୁବନେଶ୍ୱର,୨୯।୩(ସମିସ): ଲିଙ୍ଗରାଜଙ୍କ ବାହୁଡ଼ା ଯାତ୍ରା ସୋମବାର ଅନୁଷ୍ଠିତ ହେବ। ପୁଣି ଶ୍ରଦ୍ଧାଳୁମାନେ ଜୟ ଲିଙ୍ଗରାଜ ଜୟ ଲିଙ୍ଗରାଜ ନାରା ଦେଇ ଅଣଲେଉଟା ରୁକୁଣା ରଥକୁ ଟାଣି ଆଣିବେ। ଗତ ଗୁରୁବାର ଆଶୋକାଷ୍ଟମୀ ଦିନଠାରୁ ରାମେଶ୍ୱର ମନ୍ଦିରକୁ ଯାତ୍ରା କରିଥିଲେ ଲିଙ୍ଗରାଜ ମହାପ୍ରଭୁ, ଦେବୀ ଦୁର୍ଗା ଓ ଦୋଳଗୋବିନ୍ଦ।

ଆସନ୍ତା କାଲି ଏହି ଠାକୁରଙ୍କୁ ରୁକୁଣା ରଥରେ ରାମେଶ୍ୱରରୁ ସ୍ୱର୍ଣ୍ଣାଞ୍ଚଳକୁ ଲେଉଟାଇ ଅଣାଯିବ।

ଏହି ରଥର ବିଶେଷତ୍ୱ ହେଉଛି ଏହା ଅଣ ଲେଉଟା। ଅର୍ଥାତ୍ ବିନା ମୋଡ଼ରେ ରଥ ଫେରିଥାଏ। ଜଗନ୍ନାଥ ମହାପ୍ରଭୁଙ୍କ ରଥ ଦକ୍ଷିଣୀ ମୋଡ଼ ହେଉଥିବାବେଳେ ରୁକୁଣା ରଥ କୌଣସି ମୋଡ଼ ନେଇ ନ ଥାଏ। ଏଥିପାଇଁ ଏହାକୁ ଅଣଲେଉଟା କୁହାଯାଏ। ବିଧି ଅନୁସାରେ ରଥର ପଛପଟ ଦ୍ୱାର ଖୋଲାଯାଏ। ଏହି ଦ୍ୱାରରେ ସାରଥି ବ୍ରହ୍ମା, ଚାରି ଅଶ୍ୱ ଓ ଇଶଙ୍କୁ ଆଗରୁ ଆଣି ନୂତନ ପଟ ଦ୍ୱାରରେ ଲଗାଯାଏ। ସେହିପରି ସିଂହାସନ ପ୍ରଭାଙ୍କୁ ମଧ୍ୟ ବୁଲାଇ ଦିଆଯାଇଥାଏ। ଏଥିସହିତ ନୂତନ ପଟ ଦ୍ୱାରରେ ଚାରମାଳ ବନ୍ଧାଯାଇଥାଏ। ଯାହାଫଳରେ ଠାକୁରମାନେ ଏହି ନୂତନ ଦ୍ୱାରରେ ପହଣ୍ଡି ହୋଇ ରଥ ଉପରକୁ ଆସିଥାନ୍ତି।

### ● ବାହୁଡ଼ା ନୀତିକାନ୍ତି

ମଙ୍ଗଳ ଆଳତି ଓ ଅବକାଶ - ଭୋର ୫ ଟାରୁ ୫.୩୦ ମିନିଟ୍, ରୋଷ ହୋମ ଓ ପାକ କାର୍ଯ୍ୟ ୫.୩୦ରୁ ୬ଟା, ସାହାଣ ମେଲା ଦର୍ଶନ ସକାଳ ୬ ଟାରୁ ୮ଟା, ଛାମୁ ପରିଷ୍କାର ୮ଟାରୁ ୮.୩୦, ମହାସ୍ନାନ, ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ୮.୩୦ ରୁ ୯.୩୦, ଶ୍ରୀଜିଉଙ୍କ ବଲ୍ଲଭ, ଭୁବନେଶ୍ୱରୀଙ୍କ ବଲ୍ଲଭ ଓ ଶ୍ରୀଜିଉଙ୍କ ସକାଳ ଧୂପ ୯.୩୦ ରୁ ୧୦.୩୦, ଭୋଗ ମଣ୍ଡପ ୧୦.୩୦ ରୁ ୧୧.୩୦, ମୁଖ୍ୟ ମନ୍ଦିରରୁ ସେବାୟତମାନେ ରାମେଶ୍ୱର ମନ୍ଦିରରେ ପହଞ୍ଚିବା ପାଇଁ ୧୧.୩୦ ରୁ ମଧ୍ୟାହ୍ନ ୧୨ଟା, ଅଧର ପଣା ପୂଜା ୧୨ ଟାରୁ ଅପରାହ୍ନ ୧ ଟା, ପହଣ୍ଡି ଅପରାହ୍ନ ୧ଟାରୁ ୧.୪୫ ମିନିଟ୍, ଘୋଡ଼ାବନ୍ଧା ଓ ରଥଚାରମାଳ ଖୋଲା ୧.ଟା ୪୫ରୁ ୨ଟା ୩୦, ରଥଟଣା ୨ଟା ୩୦ ହେବ।

# 'ପାଇକ ବିଦ୍ରୋହ'କୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦାବି

ଭୁବନେଶ୍ୱର,୨୯।୩(ସମିସ): ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଘୋଷଣା କରିବା, ପାଇକ ଆଖଡାକୁ ରାଜ୍ୟକ୍ରୀଡ଼ାର ମାନ୍ୟତା ଦେବା ସହିତ, ସ୍କୁଲ, କଲେଜରେ ସାମିଲ କରିବାକୁ ନିଖିଳ ଓଡିଶା ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ଦାବି ରଖିଛନ୍ତି। ରବିବାର ରାଜ୍ୟସ୍ତରୀୟ ୨୧୦ ତମ ପାଇକ ବିଦ୍ରୋହ ଦିବସ ରାଜ୍ୟ ସଂଯୋଜକ ପାଇକ ଗୁରୁ କେଦାରନାଥ ଦାସଙ୍କ ପୌରୋହିତ୍ୟରେ ମ୍ୟୁଜିୟମ ଛକଠାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରାଜ୍ୟ ସରକାର ମାର୍ଚ୍ଚ ୨୯କୁ ପାଇକ ବିଦ୍ରୋହ ଦିବସ ଭାବରେ ଘୋଷଣା କରିବା ସହିତ ରାଜ୍ୟସ୍ତରୀୟ ପାଇକ ବିଦ୍ରୋହ ଦିବସ ପାଳନ କରିବା ପାଇଁ ପାଇକ ଗୁରୁ କେଦାର ଦାସ ମତ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବରେ ପ୍ରଫେସର ଡ. ଶଶାଙ୍କ ଶେଖର ଚୁଡ଼ାମଣି, ପାଇକ ବିଦ୍ରୋହ ଉପରେ ଆଲୋକପାତ କରିଥିଲେ।



ଖୋର୍ଦ୍ଧା ଜିଲ୍ଲା ସଭାପତି ତଥା ପାଇକଗୁରୁ ପୂର୍ଣ୍ଣଚନ୍ଦ୍ର ପାଟଶାଣି ଘୋଷଣା କରି କହିଥିଲେ ପାଇକ ବିଦ୍ରୋହକୁ ଦେଶରେ ପ୍ରଥମ ସ୍ୱାଧୀନତା ଦାବିରେ ଲକ୍ଷାଧିକ ପାଇକ ଦ୍ୱିତୀୟ ପାଇକ ବିଦ୍ରୋହ ପାଇଁ ସଜାଗ ରୁହନ୍ତୁ। ବରିଷ୍ଠ ଉପଦେଷ୍ଟା ଭିମସେନ ବିଶ୍ୱାଳ ପାଇକ ଆଖଡାର ଉନ୍ନତି ପାଇଁ ରାଜ୍ୟସରକାରଙ୍କ ନିକଟରେ ଦାବି ରଖିଥିଲେ। ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫେସର ଡ. ଗାୟନ ସାମଲ, ପାଇକରାଣୀ ସସ୍ମିତା ମଙ୍ଗରାଜ, ରାଜ୍ୟ ମୁଖପାତ୍ର ରାଜୀବ ନୟନ ରଥ, ଅବସରପ୍ରାପ୍ତ ପୁଲିସ ପ୍ରଶାସକ ବିଜୟ କୁମାର ଆଇଚ, ଦଳବେହେରା ମନୋରଞ୍ଜନ ପଶ୍ଚିମକବାଟ, ଗଞ୍ଜାମ ଜିଲ୍ଲା ସଭାପତି ସଞ୍ଜୟ କୁମାର ବିଶୋଇ, କଟକ ଜିଲ୍ଲା ସଭାପତି ରାଜକିଶୋର ବେହେରା ଆଦି ସମସ୍ତ ଜିଲ୍ଲାର କର୍ମକର୍ତ୍ତା ଯୋଗଦାନ କରିଥିଲେ। ଶେଷରେ ଗଡ଼ପାତ୍ରପଡ଼ା ବାଲୁଙ୍କେଶ୍ୱର ପାଇକ ଆଖଡ଼ପ୍ରସାଦ ପାଇକ ଆଖଡ଼ା, ଦଳମାନେ ସମରକଳା ପ୍ରଦର୍ଶନ କରିଥିଲେ।

# ୩୬ତମ ଶ୍ରୀଜଗନ୍ନାଥ କଥା ଲହରୀ



ଭୁବନେଶ୍ୱର,୨୯।୩(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି, ଚାରିବର୍ଗରେ ଚଉବର୍ଗ ଦେବାକୁ ଏକମାତ୍ର ସାମନ୍ତ। ବଡଠାକୁର ବଳଭଦ୍ର ଧର୍ମ ପ୍ରଦାନ କଲାବେଳେ, ଚକ୍ରରାଜ ସୁଦର୍ଶନ ହେଉଛନ୍ତି ଅର୍ଥର ପ୍ରଦାତା, ସେହିପରି ମା ସୁଭଦ୍ରା ସମସ୍ତଙ୍କର କାମପ୍ରଦା ହେଲାବେଳେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ମୂଖ୍ୟ ଦାତା ଜନାର୍ଦ୍ଦନ। ତେଣୁ ମହାପ୍ରଭୁଙ୍କର ଦର୍ଶନ, ସ୍ମରଣ, କୀର୍ତନ ଓ ପ୍ରଣାମ ଦ୍ୱାରା ପ୍ରତ୍ୟେକ ଜିବ ଏଇ ଚଉବର୍ଗ ପ୍ରାପ୍ତିର ଅଧିକାରୀ ହୋଇପାରିବ ବୋଲି "ଚଉବର୍ଗ ଦାତା ଶ୍ରୀଜଗନ୍ନାଥ' ଶୀର୍ଷକ ଉପରେ ପ୍ରବଚକ ପଣ୍ଡିତ ଡା. କୃଷ୍ଣ କେଶବ ଷଡ଼ଙ୍ଗୀ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟ କାଙ୍କଣ ଶିଖରୀ ଆନୁକୂଲ୍ୟରେ ୩୬ ତମ ଶ୍ରୀଜଗନ୍ନାଥ କଥାଲହରୀରେ ବକ୍ତବ୍ୟ ରଖୁଥିଲେ। ମୁଖ୍ୟ ଅତିଥି ଭାବରେ ବୃକ୍ଷ ମଣିଷ ସୁକାନ୍ତି ପ୍ରଧାନ ଯୋଗଦେଇ ଶ୍ରୀମନ୍ଦିରର ବେଢ଼ା ପରିକ୍ରମାର ତତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସୁପତି ଅରବିନ୍ଦ ଦାସ, ମଧୁସ୍ମିତା ବିଶ୍ୱାଳ ଓ ପ୍ରେମଲତା ଖୁଣ୍ଟିଆଙ୍କ ଦ୍ୱାରା ଭଜନ ପରିବେଶଣ କରାଯାଇଥିଲା। ସଂସ୍କୃତି ଗବେଷକ ତଥା ଉପସ୍ଥାପକ ଅଭିନନ୍ଦନ ଦାସ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ନୂତନ ସଭ୍ୟ ଭାବରେ ଅକ୍ଷୟ କୁମାର ସାହୁଙ୍କୁ ସ୍ୱାଗତ କରାଯାଇଥିଲା।

# 'ମାମୁଘର-ସ୍ମୃତି ଓ କଳ୍ପନାର ଏକ ସୁନ୍ଦର ଜଗତ'



ଭୁବନେଶ୍ୱର,୨୯।୩(ସମିସ): ପ୍ରତ୍ୟେକ ମଣିଷ ମନରେ ଜୀବନସାରା ଯେଉଁ ସ୍ମୃତି ସବୁବେଳେ ଉଜ୍ଜୀବିତ ହୋଇ ରହିଥାଏ ତାହା ହେଉଛି ମାମୁଘରର ସ୍ମୃତି। ପିଲାମାନେ ତ ମାମୁଘର ଯିବାକଥା ଶୁଣିଲେ ଆନନ୍ଦରେ କୁରୁଳି ଉଠନ୍ତି। ମାମୁଘରର ସ୍ମୃତି ହେଉଛି ମଣିଷ ଜୀବନର ସଂସ୍କୃତି ଓ କଳ୍ପନାର ଏକ ସୁନ୍ଦର ଜଗତ ବୋଲି ଇନ୍‌ଫୋସିଟି ଅଞ୍ଚଳର ଇଟିକିଲି ମିଟିକିଲି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଆଲୋଚନା କାର୍ଯ୍ୟକ୍ରମରେ ଅତିଥିମାନେ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବରେ କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଦିଗରାଜ ବ୍ରହ୍ମା, ଗାଳ୍ପିକ ଓ ଲେଖକ ଅରବିନ୍ଦ ରାୟ, ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।

ସେହିପରି କେନ୍ଦ୍ର ସାହିତ୍ୟ ଅକାଦେମୀ ସଦସ୍ୟ ଅରୁଣ କୁମାର ସାହୁ, ଗାଳ୍ପିକ କ୍ଷୀରୋଦ ଦାସ, ପକ୍ଷୀଘରର ସଂପାଦକ ବନୋଜ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଭାପତି ଶରତ କୁମାର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭା କାର୍ଯ୍ୟକ୍ରମରେ କବିତାପାଠ ହୋଇଥିଲେ। ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂଗଠନ ସଂପାଦକ ପ୍ରିୟଦର୍ଶୀ ଶୁଭକାନ୍ତଙ୍କ ସମେତ ସଦସ୍ୟ ରଜନୀକାନ୍ତ ରାଉତ, ଶିଳ୍ପୀତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାକୃତିକ ସମ୍ପଦର ସୁରକ୍ଷା ନେଇ 'ଲୋକ ଅଧିକାର ସମାବେଶ'

ଭୁବନେଶ୍ୱର,୨୯।୩(ସମିସ): ଗତ ୨୫ ଫେବୃଆରୀରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରରୁ ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ 'ଲୋକ ଅଧିକାର ଯାତ୍ରା' ଆରମ୍ଭ ହୋଇ ଗତ ୨୩ ମାର୍ଚ୍ଚରେ କଟକରେ ସମାପ୍ତ ହେବା ପରେ ରବିବାର ଲୋୟର ପିଏମ୍‌ଜି ଠାରେ ଲୋକ ଅଧିକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଲୋକଶକ୍ତି ଅଭିଯାନ, ଜନ ଆନ୍ଦୋଳନର ରାଷ୍ଟ୍ରୀୟ ସମନ୍ୱୟ ଏବଂ ସେଣ୍ଟର୍ ଫର୍ କ୍ଲାଇମେଟ୍ ଜଷ୍ଟିସ୍ ପକ୍ଷରୁ ଆୟୋଜିତ ଏହି ସମାବେଶରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକ ଯୋଗ ଦେଇଥିଲେ। ଓଡ଼ିଶା ସରକାର, ବିଭିନ୍ନ ରାଜନୈତିକ ଦଳ ଏବଂ ସର୍ବୋପରି ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ଏହି ବିକଳ୍ପ ବିକାଶ ନୀତି ସମ୍ପର୍କରେ ବିଚାର କରିବାକୁ ଲୋକ ଅଧିକାର ସମାବେଶ ଆହ୍ୱାନ କରିଛି। ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ (ଏନ୍‌ଏପିଏମ୍)ର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଲୋକଶକ୍ତି ଅଭିଯାନର ଅଧ୍ୟକ୍ଷ ତଥା ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ନେତା ଲିଙ୍ଗରାଜ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଂଯୋଜକ ଡଃ ବିଶ୍ୱଜିତ୍, ଓ ସାମାଜିକ କର୍ମୀ କଲ୍ୟାଣ ଆନନ୍ଦ ପ୍ରମୁଖ ଏହି ଆହ୍ୱାନ ଦେଇଥିଲେ। ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି, ପ୍ରଫେସର ବୀରେନ୍ଦ୍ର ନାୟକ, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ନେତା ଅଶୋକ ମିଶ୍ର, ଚାଷୀ ମୂଲିଆ ସଂଘର ବାସୁଦେବ ଦାସ, ଟ୍ରେଡ୍ ୟୁନିୟନ ନେତା ମହେନ୍ଦ୍ର ପରିଡ଼ା, ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, ବସ୍ତି ସୁରକ୍ଷା ମଞ୍ଚର ହେନାରାଣୀ, ଦେବୀ ପ୍ରସାଦ ପୃଷ୍ଟି, ମୁକ୍ତି ସଂଗଠନ (ନରସିଂହପୁର)ର ସୁଶାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।




# ବାଲିପାଟଣାରେ କୃଷକ ସମାବେଶ

ବାଲିପାଟଣା,୨୯।୩(ସମିସ): ଅନ୍ନଦାତାଙ୍କ ଅଧିକାର କୁ ସୁରକ୍ଷିତ ରଖିବା ସହ ଚାଷୀଙ୍କୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରାଯିବା ଉଚିତ୍ ବୋଲି ଆଜି ପୂର୍ବାହ୍ନରେ ଶିଶୁ ଅନନ୍ତ କଲେଜ ପଡ଼ିଆରେ ଆୟୋଜିତ ଚାଷୀ ସମାବେଶରେ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ ଓକିଲ ସୌମେନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଚଗଲା ବାବା, ଅବସରପ୍ରାପ୍ତ କୃଷି ଅଧିକାରୀ ଡ. ଦିବାକର ନାୟକ, ଡ. ଗୁରୁପ୍ରସାଦ ଛୋଟରାୟ, ଅମରେଶ୍ୱର୍ ମିଶ୍ର, ଡ. ରାଜେନ୍ଦ୍ର ଦାସ, ସୁରେଶ ପଣ୍ଡା ଓ ଡ. ପ୍ରଭୁ ଚରଣ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭ ରେ ପୂର୍ବତନ ଜିଲ୍ଲା କୃଷି ଅଧିକାରୀ ତରୁଣ ଛୋଟରାୟ ସ୍ୱାଗତ ଭାଷଣ ଦେଇଥିଲେ।ବହୁ ସମୟରେ ଗାଁ ର ଗରିବ ଚାଷୀ ଟିଏ ସରକାରଙ୍କ ପ୍ରଦତ୍ତ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଲୋକନାଥ ରାଉତରାୟ ଧନ୍ୟବାଦ୍ ଦେଇଥିଲେ।

# ସହିଦ ଲକ୍ଷ୍ମଣ ନାଏକଙ୍କ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର,୨୯।୩(ସମିସ): ଭାରତର ସ୍ୱାଧୀନତା ସଂଗ୍ରାମରେ ଜନଜାତି ଅସ୍ମିତା ଓ ସ୍ୱାଭିମାନର ଅଦମ୍ୟ ପ୍ରତୀକ ଶହୀଦ ଲକ୍ଷ୍ମଣ ନାଏକ ନିର୍ଭୀକତା, ତ୍ୟାଗ ଓ ଦେଶପ୍ରେମର ଉଜ୍ଜ୍ୱଳ ଉଦାହରଣ। ଜନଜାତିମାନଙ୍କ ଅଧିକାର ଓ ସ୍ୱାଧୀନତା ପାଇଁ ତାଙ୍କର ଅବିରତ ସଂଗ୍ରାମ ଏବଂ ବଳିଦାନ ଆଜିମଧ୍ୟ ସମାଜକୁ ପ୍ରେରିତ କରୁଛି। ତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ରବିବାର ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଏବଂ କଳିଙ୍ଗ ହସ୍ପିଟାଲ୍ ଛକସ୍ଥିତ ସହିଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ସ୍ମୃତିକୁ ସ୍ମରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶା ବିଧାନ ସଭା ପାର୍ଶ୍ୱ ଗେଟ୍ ନମ୍ବର-୧ ସ୍ଥିତ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣକରି ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ଓ ସାଂସଦ ମୁଜିବୁଲ୍ଲା ଖାନଙ୍କ ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଗୁରବୀର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



# 'ନୀତି ପ୍ରଣୟନ ଦିନଠାରୁ ୱାର୍କଚାର୍ଜଡ୍‌ଙ୍କୁ ପେନ୍‌ସନ୍ ଦିଅ'

ଭୁବନେଶ୍ୱର,୨୯।୩(ସମିସ): ଡିଏଲ୍‌ଆର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତିରେ ଅବସ୍ଥାପିତ କରାଯିବା ପାଇଁ ସରକାର ଘୋଷଣା କରିଥିବା ନୀତି ପ୍ରଣୟନ ଆଧାରରେ ପେନ୍‌ସନ୍ ଓ ଅନ୍ୟାନ୍ୟ ସୁବିଧା ଦେବାକୁ 'ଓଡ଼ିଶା ପୂର୍ତ୍ତ ଅବସରପ୍ରାପ୍ତ ୱାର୍କଚାର୍ଜଡ୍/ରେଗୁଲାର କର୍ମଚାରୀ ସଂଘ' ଦାବି କରିଛି। ସଂଘ ସଭାପତି ଅରୁଣ କେଶରୀ ପରିଡ଼ା ଓ ସାଧାରଣ ସମ୍ପାଦକ ଗଗନ ଭଞ୍ଜ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି ଯେ, ୧୯୭୯ରେ ୱାର୍କଚାର୍ଜଡ୍ ଓ ୧୯୮୧ରେ ଏନ୍‌ଏମ୍‌ଆର ରହିତାଦେଶ ପରେ ପୂର୍ତ୍ତି ବିଭାଗ ସୁପ୍ରିମକୋର୍ଟଙ୍କ ଆଦେଶକୁ ପାଳନକରି ସେମାନଙ୍କୁ ୧୯୯୨ରେ ଏକକାଳୀନ ସ୍ଥାୟୀ ନିଯକ୍ତିରେ ଅବସ୍ଥାପିତ କଲେ। ତେବେ ସରକାର ଡିଏଲ୍‌ଆର କର୍ମଚାରୀଙ୍କ ୧୬ ବର୍ଷର କାର୍ଯ୍ୟ ଦକ୍ଷତା ଓ ଅଭିଜ୍ଞତା ତତ୍‌ସହିତ ବହୁ ମକଦ୍ଦମାର ସମ୍ମୁଖୀନ ହେବା ପରେ ଏକ ସଂକଳ୍ପପତ୍ର ପ୍ରକାଶ କଲେ ଏବଂ କୋର୍ଟଙ୍କୁ ଜଣାଇଲେ ଯେ ନୀତି ପ୍ରଣୟନ ଘୋଷଣା ହେବା ଦିନଠାରୁ ତିନି ବର୍ଷ ମଧ୍ୟରେ ଖାଲିଥିବା ଗ୍ରୁପ୍ ସି/ଡି ପଦପଦବୀ ଭିତ୍ତିରେ ନିଯୁକ୍ତି ଦିଆଯିବ। ହଜାର ହଜାର କର୍ମଚାରୀ ପରିଣତ ବୟସରେ ପେନସନ୍ ପାଇବା ପାଇଁ ହାଇକୋର୍ଟ ଓ ସୁପ୍ରିମକୋର୍ଟରୁ ଆଦେଶ ପାଇଥିଲେ ମଧ୍ୟ ସରକାର କୋର୍ଟଙ୍କ ଆଦେଶକୁ ହେୟ ମନେକରୁଛନ୍ତି ଓ ଯେଉଁ ମକଦ୍ଦମାରେ ବିଭାଗୀୟ ସଚିବ କୋର୍ଟ ଅବମାନନାର ଶିକାର ହେଉଛନ୍ତି ସେମାନଙ୍କୁ ପେନ୍‌ସନ୍ ଦେଇ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ଯୋଗ୍ୟ ନୁହନ୍ତି ବୋଲି ନଥିରେ ଦର୍ଶାଉଛନ୍ତି। ସରକାର ମକଦ୍ଦମା ଖୋର୍ ନହୋଇ ଓ ଅଯଥା ରାଜକୋଷରୁ ଏ ବାବଦରେ ଅର୍ଥ ଖର୍ଚ୍ଚ ନକରି ମୁଖ୍ୟମନ୍ତ୍ରୀ, ପୂର୍ତ୍ତ ଓ ଆଇନ୍ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତକରି ଗରିବ ବର୍ଗର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ୍, ଗ୍ରାଚ୍ୟୁଇଟି ଓ ଅବ୍ୟବହୃତ ଛୁଟି ଦରମା ପ୍ରଦାନ କରିବା ପାଇଁ ସଂଘର ପ୍ରମୁଖ ନେତୃମଣ୍ଡଳୀ ଅଶୋକ ଚୌଧୁରୀ, ଭାଗ୍ୟରଥି ପଟ୍ଟନାୟକ, ଜମିଲୁର ରହମନ୍, ପ୍ରତାପ ସେନାପତି, ନରସିଂହ ଆଚାରୀ ପ୍ରମୁଖ ଅନୁରୋଧ କରିଛନ୍ତି।

# ତାତିରୁ ତ୍ରାହି ପାଇଁ ବସ୍ ଟର୍ମିନାଲ୍, ସପିଙ୍ଗ୍ ମଲ୍‌ରେ ଭିଡ଼

ଭୁବନେଶ୍ୱର,୨୯।୩(ସମିସ): ଦିନବେଳା ଗ୍ରୀଷ୍ମପ୍ରବାହ ବଢ଼ିବା ଆରମ୍ଭ ହେଲାଣି। ଦିନ ୧୧ଟା ପରେ ପଦାକୁ ବାହାରିଲେ ଖରାଗରମରେ ଲୋକ ମଧ୍ୟ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ବର୍ତ୍ତମାନ ରାଜଧାନୀରେ ଛାଇ ଟିକକ ମିଳିବା କଷ୍ଟକର ହୋଇ ପଡୁଛି। କାରଣ ଚାରିଆଡେ କୋଠାବାଡ଼ି ନିର୍ମାଣ ସହ ଗଛ ସଂଖ୍ୟା ମଧ୍ୟ କମି କମି ଯାଉଛି। ଛାଇ ଟିକକ ପାଇଁ ଲୋକଙ୍କୁ ଏଠିସେଠି ହେବାକୁ ପଡୁଛି। ଯେଉଁଠି ଟିକିଏ ଛାଇ ଦେଖାଯାଉଛି ସେଇଠି ରୁଣ୍ଡ ହୋଇଯାଉଛନ୍ତି। ଏହି ଖରା ଗରମରେ ଲୋକଙ୍କ ସାହାରା ପାଲଟିଛି ଆଖପାଖ ଅଞ୍ଚଳର ବିଭିନ୍ନ ସପିଂ ମଲ୍ ସାଙ୍ଗକୁ ବରମୁଣ୍ଡା ବସ୍ ଟର୍ମିନାଲ୍।

ବିଶେଷକରି ଦିନ ୧୧ଟାରୁ ତିନିଟା ପର୍ଯ୍ୟନ୍ତ ଆଶ୍ରୟସ୍ଥାନ ଭାବେ ପରିଗଣିତ ହେଉଛି। ଦୂରସ୍ଥାନକୁ ଯାତ୍ରା କରୁଥିବା ଲୋକମାନେ ମଧ୍ୟ ସମୟ ଆଗରୁ ଆସି ବସଷ୍ଟାଣ୍ଡ ଭିତରେ ଅପେକ୍ଷା କରୁଛନ୍ତି। କେବଳ ଯାତ୍ରୀ ନୁହନ୍ତି ବସଷ୍ଟାଣ୍ଡ ଆଖପାଖର ରହୁଥିବା ସାଧାରଣ ଲୋକମାନେ ମଧ୍ୟ ଖରାବେଳେ ସମୟଟା ଅତିବାହିତ କରିବା ସହ କେହି କେହି ସେହିଠାରେ ହିଁ ଶୋଇ ପଡୁଛନ୍ତି। ସେଥିରେ ପୁଣି ପାଞ୍ଚ ଟଙ୍କା ମିଲ୍ ସହିତ ଅନ୍ୟ ଖାଦର ମଧ୍ୟ ସୁବିଧା ଥିବାରୁ ଏହି ସ୍ଥାନଟି ସମୟ ଅତିବାହିତ କରିବାର ପ୍ରମୁଖସ୍ଥଳ ପାଲଟିଛି। ସେହିପରି ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀଙ୍କ ଠିକଣା ପାଲଟୁଛି ବିଭିନ୍ନ ସପିଙ୍ଗ ମଲ୍। କଲେଜ ଛାତ୍ରଛାତ୍ରୀଙ୍କଠୁ ଆରମ୍ଭକରି ଅନ୍ୟମାନେ ମଧ୍ୟ ଏଠାକୁ ବେଶୀ ଆସୁଛନ୍ତି। ନିଜ ବନ୍ଧୁ ବା ସହପାଠୀଙ୍କ ସହ ବସି କଥାବାର୍ତ୍ତାରେ ସମୟ କାଟୁଛନ୍ତି। ବିଶେଷ କରି ଏସିର ସୁବିଧା ଥିବାରୁ ଲୋକମାନଙ୍କୁ ଆଉ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁନାହିଁ। ଏଠାରେ ବିନାମୂଲ୍ୟ ଏବଂ ବିନା ସମୟସୀମାରେ ବସିବାର ସୁବିଧା ହିଁ ପ୍ରମୁଖ କାରଣବୋଲି ସେଠାକୁ ଆସିଥିବା କିଛି ଜଣ ମତ ଦେଇଥିଲେ। କେବଳ ସେହିମାନେ ନୁହଁ ସ୍ୱିଗି ଏବଂ ଜୋମାଟୋ ବଏ ମଧ୍ୟ ଅବସର କିମ୍ବା ଟିଫିନ୍ ଧରି ଥଣ୍ଡାରେ କେଇ ଘଡି ବସିବାକୁ ଏଠାକୁ ଚାଲି ଆସୁଛନ୍ତି। ଏପରିସ୍ଥଳେ ବସଷ୍ଟାଣ୍ଡରେ ଯାତ୍ରୀଙ୍କଠୁ ଅଧିକ ସ୍ଥାନୀୟ ଲୋକ ଏବଂ ଛାତ୍ରଛାତ୍ରୀଙ୍କ ଭିଡ ଦେଖିବାକୁ ମିଳୁଛି। ଏନେଇ ବରମୁଣ୍ଡା ପାଖରେ ରହୁଥିବା ଜଣେ ବ୍ୟକ୍ତି କୁହନ୍ତି ସବୁଦିନ ସେ ଏଠାକୁ ଆସି ଭିତରେ ନିୟମିତ ଖବରକାଗଜ ଆଣି ପଢ଼ନ୍ତି। ଖରାରେ ଅନ୍ୟ କେଉଁଠାକୁ ଯିବା ଅପେକ୍ଷା ଏଠାକୁ ଆସୁଛନ୍ତି। ଥଣ୍ଡାରେ ବସିବା ସହ ଖବରକାଗଜ ପଢା ମଧ୍ୟ ହୋଇଯାଉଛି।



### ନକଲି ସାର୍ଟିଫିକେଟ୍‌ରେ ଚାକିରି ମହଙ୍ଗା

# ଶିକ୍ଷକଙ୍କ ନାଁରେ ଏତଲା ଦେଲେ ବିଇଓ



ଉମରକୋଟ,୨୯।୩(ସମିସ): ନକଲି ସାର୍ଟିଫିକେଟ୍‌ରେ ଚାକିରି କରିବା ଅଭିଯୋଗରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ କୁର୍ଷି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟରତ ସହକାରୀ ଶିକ୍ଷକ ସନ୍ଧର ମାଝୀଙ୍କ ନାମରେ ଉମରକୋଟ ବିଇଓ ଈଶ୍ୱର ଚନ୍ଦ୍ର ମାଝି ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଉମରକୋଟ ଥାନାରେ କେସ୍ ନମ୍ବର ୮୦/୨୬ ରେ ମାମଲା ରୁଜୁ କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ସହକାରୀ ଶିକ୍ଷକ ସନ୍ଧର ମାଝୀ ଶିକ୍ଷା ବିଭାଗକୁ ନିଜ ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରିବା ସମୟରେ କର୍ଣ୍ଣାଟକ ହୁବୁଲିଠାରେ ଥିବା ବୋର୍ଡ ଅଫ୍ ସେକେଣ୍ଡାରୀ ଏଡୁକେସନରୁ ଯୁକ୍ତ ଦୁଇ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରିଥିଲେ। ଏହାକୁ ନେଇ ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି ଶିକ୍ଷକ ସନଧର ମାଝୀଙ୍କ ନାମରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଦୁର୍ନୀତି ନିବାରଣ ବିଭାଗଠାରୁ ଆରମ୍ଭ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ କର୍ଣ୍ଣାଟକର ଉକ୍ତ ମାଧ୍ୟମିକ ଶିକ୍ଷା ପରିଷଦକୁ ସନ୍ଧର ମାଝୀ ଦାଖଲ କରିଥିବା ଶିକ୍ଷାଗତ ପ୍ରମାଣପତ୍ର ଅସଲି କି ନକଲି ଜାଣିବାକୁ ଚିଠି ଲେଖିଥିଲେ। ଉକ୍ତ ପରିଷଦରୁ ପତ୍ର ସଂଖ୍ୟା ୨୮୨୬/୨୨ ୫୧ ୩୧, ୬।୩।୨୬ ତାରିଖ ଓ ଦ୍ୱିତୀୟ ଥର ପାଇଁପୁଣି ପତ୍ର ସଂଖ୍ୟା ୨୦୨୬/୨୨୫୧୩୭, ୨୦।୩।୨୬ ତାରିଖରେ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲେଖି ସନଧର ମାଝୀଙ୍କ ନାମରେ କୌଣସି ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରାଯାଇ ନାହିଁ ବୋଲି ଚିଠି ମାଧ୍ୟମରେ ଜଣାଇଥିଲେ। ଏହି ରିପୋର୍ଟ ପାଇବା ପରେ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ତାଙ୍କ ପତ୍ର ସଂଖ୍ୟା ୧୬୫୨ ତାରିଖ ୨୦।୩।୨୦୨୬ ଅନୁସାରେ ଉମରକୋଟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସନଧର ମାଝୀଙ୍କ ନାମରେ ଉମରକୋଟ ଥାନାରେ ଏତଲା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ପତ୍ର ପାଇବା ପରେ ଉମରକୋଟ ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱର ମାଝୀ ଉମରକୋଟ ଥାନାକୁ ଯାଇ ସନ୍ଧର ମାଝୀଙ୍କ ବିରୋଧରେ ଏତଲା ପ୍ରଦାନ କରିଛନ୍ତି। ଜବାବରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଯେଉଁ ମାନେ ନକଲି ସାର୍ଟିଫିକେଟରେ ଚାକିରି କରୁଛନ୍ତି ନିୟମ ଅନୁଯାୟୀ ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ହେବ।

# ପାଚିକା ଓ ଆଶାକର୍ମୀ ସଂଘର ବୈଠକ



ଜୟପୁର,୨୯।୩(ସମିସ): ଭାରତୀୟ ମଜଦୁର ସଂଘ ସମର୍ଥିତ ପାଚିକା ଏବଂ ଆଶାକର୍ମୀ ସଂଘର ଏକ ବୈଠକ ଜୟପୁର ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ବିରଞ୍ଚି ନାରାୟଣ ଷଡଙ୍ଗୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଂଘର ସମ୍ପାଦିକା କମଳା ବେହେରା, ଆଶାକର୍ମୀ ସଂଘର ଜିଲ୍ଲା ସମ୍ପାଦିକା ଭବାନୀ ପୂଜାରୀ ଓ ସଭାନେତ୍ରୀ ସୁଚିତ୍ରାରାଣି ସେଠୀ ଉପସ୍ଥିତ ରହି ବୈଠକରେ ପାଚିକା ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଗତ ୪ ମାସ ହେଲାଣି ପାଚିକା ମାନଙ୍କ ଦରମା ମିଳିନାହିଁ। ମାସିକ ଦରମା ମାତ୍ର ୩ ହଜାର ଟଙ୍କାରେ ପରିବାର ଚଳିବା କଷ୍ଟକର ହୋଇପଡିଛି । ଏଭଳି ସମସ୍ୟା ନେଇ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସମାଧାନ ହୋଇପାରୁନାହିଁ । ଗ୍ୟାସ ବ୍ୟବସ୍ଥା କରିବା ବଦଳରେ କାଠରେ ରୋଷେଇ କରିବା ପାଇଁ ବାଧ କରାଯାଉଛି। ତେଣୁ ଦରମା ବୃଦ୍ଧି ଏବଂ ଅନ୍ୟାନ୍ୟ ସମସ୍ୟାର ସମାଧାନ ନେଇ ଆଗାମୀ ଦିନରେ ଜିଲ୍ଲା ସ୍ତରରେ ଗୋଟିଏ ଶୋଭାଯାତ୍ରା କରାଯାଇ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିବା ନେଇ ନିଷ୍ପତି ଗ୍ରହଣ କରାଯାଇଛି।

# ଲକ୍ଷ୍ମୀପୁର ବଣିକ ସଂଘର ବାର୍ଷିକ ଉତ୍ସବ



ଲକ୍ଷ୍ମୀପୁର,୨୯।୩(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବଣିକ ସଂଘ ପକ୍ଷରୁ ତୃତୀୟ ବାର୍ଷିକ ଉତ୍ସବ ନିଶାର ଫାର୍ମ ଠାରେ କରାଯାଇଛି। ମୃତ୍ୟାଲୁମା ବଣିକ ସଂଘ ସଭାପତି ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ପ୍ରଥମେ ଲକ୍ଷ୍ମୀପୁରର ଅଧିଷ୍ଠାତା ଗ୍ରାମ୍ୟ ଦେବୀ ମୃତ୍ୟାଲୁ ମା'ଙ୍କ ଫୋଟଚିତ୍ରରେ ପୂଜାର୍ଚ୍ଚନା କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଭାରେ ସଭାପତିଙ୍କ ସମେତ ଉପ ସଭାପତି ଉମାଶଙ୍କର କର୍କରା, ସମ୍ପାଦକ ରଶ୍ମିରଞ୍ଜନ ନାଥ, ସହ ସମ୍ପାଦକ ବଳିଆ ବିଷୋୟୀ, କୋଷାଧ୍ୟକ୍ଷ ଭି ଶ୍ରାବଣ କୁମାର ଓ ଉପଦେଷ୍ଟା ପ୍ରଫୁଲ୍ଲ ସାହୁ ମଞ୍ଚାସୀନ ଥିଲେ। ଏହି ଉତ୍ସବ ପାଳନ ସମୟରେ ବଣିକ ସଂଘର ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ବଣିକ ସଂଘ ପାଇଁ ଏକ ଜାଗା ଚିହ୍ନଟ ହୋଇଛି। ଉକ୍ତ ଜମିରେ କାର୍ଯ୍ୟାଳୟ ସହ କଲ୍ୟାଣ ମଣ୍ଡପ ନିର୍ମାଣ କରି ବଣିକ ମାନଙ୍କର ଯାହା ସବୁ ଉତ୍ସବ ଠାରୁ ଆରମ୍ଭ କରି ସଭାସମିତି ଆୟୋଜନ କରାଯାଇ ପାରିବ। ଏଥିପାଇଁ ଅର୍ଥ ରାଶି ମଧ୍ୟ କିଛି ମିଳିଛି । କିନ୍ତୁ ତାହା ଯଥେଷ୍ଟ ନୁହେଁ। ସମସ୍ତେ ମିଶି କିଛି କିଛି ଅର୍ଥ ସହଯୋଗ କଲେ ଆମେ ତାହା କରିପାରିବା ବୋଲି ଜଣେ ବରିଷ୍ଠ ବ୍ୟବସାୟୀ ଦୀନବନ୍ଧୁ ସାହୁ କହି ଥିଲେ। ବଜାରରେ ଖାଦ୍ୟ ସାମଗ୍ରୀ ସବୁ ଦୋକାନରେ ଦର ସମାନ ରଖିବାକୁ ଅନୁରୋଧ କରାଯାଇଥିଲା। ବଜାର କମିଟି ପକ୍ଷରୁ ଗାଁ ଦାଣ୍ଡ କିପରି ନିର୍ମଳ ରହିବ ତା ଉପରେ ଗୁରୁତ୍ୱାରୋପ ସଭ୍ୟ ମାନେ କରିଥିଲେ। ସ୍ଥାନୀୟ ବଜାରରେ ଚାଲି ଆସୁଥିବା କିଛି ଢାବା ହୋଟେଲ ଗୁଡ଼ିକ ଉପରେ ବସ୍ ଗୁଡ଼ିକ ନିର୍ଭର କରିଥାନ୍ତି। ତା ଉପରେ ମଧ୍ୟ ସ୍ୱତନ୍ତ୍ର ଆଲୋଚନା କରାଯାଇଥିଲା। ଲକ୍ଷ୍ମୀପୁର ବଜାରରେ ୨ଶହ ୯୫ଟି ଛୋଟ ବଡ଼ ଦୋକାନ ରହିଛି। ପ୍ରତି ମାସର ଶେଷ ରବିବାର ଦିନ ବଜାର ବନ୍ଦ ରହିବାକୁ ଲିଖିତ ଭାବେ ମତ ବଣିକ ମାନେ ଦେଇଥିଲେ। କୌଣସି ବଣିକ ଭାଇର ମୃତ୍ୟୁ ହେଲେ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ମଧ୍ୟ ଆଲୋଚନା ପୂର୍ବରୁ ହୋଇଛି ଏବଂ ତାହା ପାଳନ ହେଉଥିବା ମଧ୍ୟ ସଭାରେ ସ୍ଥାନ ପାଇଥିଲା। ଚାଲି ଆସୁ ଥିବା କମିଟି ସଦସ୍ୟଙ୍କୁ ଆସନ୍ତା ଏକ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରଖିବାକୁ ସହମତି ପ୍ରକାଶ ପାଇ ଥିଲା। ଶେଷରେ ସଭାପରିଚାଳକ ଏକଲବ୍ୟ ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସହିଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ



ନବରଙ୍ଗପୁର,୨୯।୩(ସମିସ):

ନବରଙ୍ଗପୁର ସହର ଉପକଣ୍ଠରେ ଥିବା ସହିଦ ଲକ୍ଷ୍ମଣ ନାୟକ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସହିଦ ଲକ୍ଷ୍ମଣ ନାୟକ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା ସହ ସ୍ମୃତି ସଭା, ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ତିରୋଧାନ ଦିବସ ପାଳନ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଯୋଗ ଦେଇ ସହିଦ ଲକ୍ଷ୍ମଣ ନାୟକଙ୍କ ସଂଗ୍ରାମ ଜୀବନୀ, ନେତୃତ୍ୱ, ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭୂମିକାକୁ ସ୍ମରଣ କରିଥିଲେ। ଆଗାମୀ ପିଢ଼ି ଏହି ମହାନ ଆତ୍ମାଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ପୌର ଅଧ୍ୟକ୍ଷ କୁନୁ ନାୟକ, ବରିଷ୍ଠ ନାଗରିକ ରାଧାନାଥ ବେହେରା, ମନୋରଞ୍ଜନ ତ୍ରିପାଠୀ ଏବଂ ମୁଖ୍ୟ ବକ୍ତା ଡ. ବିଜୟ ମିଶ୍ର ପ୍ରମୁଖ ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମରେ ନେତୃତ୍ୱ, ସାହସିକତା, ସାମାଜିକ ନ୍ୟାୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ସମ୍ପର୍କିତ ଉଚ୍ଚ ପ୍ରାଥମିକ ସ୍ତର ଓ ଉଚ୍ଚ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ଗଣ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ତିରୋଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ନାରାୟଣ ପଣ୍ଡା, ହେମଲତା ମାଝୀ, ମନୋରମା ମାଝି, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ପୌରପାଳିକା ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ଅତିରିକ୍ତ ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ନବରଙ୍ଗପୁର ମହାବିଦ୍ୟାଳୟ ପ୍ରାଧାପିକା ସଂଗୀତା ତ୍ରିପାଠୀ, ସ୍କୁଲ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଆଲୋଚନାରେ ଭାଗ ନେଇଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ସହରର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇ ମହାନ୍ ବିପ୍ଳବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତିରୋଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଦିଲୀପ କୁମାର ମଲ୍ଲିକ, ନୀଳକଣ୍ଠ ନାୟକ, ବିଘ୍ନରାଜ ମାଝୀ ଓ ସୁବ୍ରତ ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ।

### ● ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ କର୍ମଶାଳା ଉଦ୍‌ଯାପିତ

# କଳା, ସ୍ଥାପତ୍ୟ କଳା ପ୍ରଭାବକୁ ନେଇ ଆଲୋଚନାଚକ୍ର



ଜୟପୁର,୨୯।୩(ସମିସ): ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଇତିହାସ, ସ୍ନାତକୋତ୍ତର ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା ଓଡିଶାର କଳା ଓ ସ୍ଥାପତ୍ୟ ରୂପ ଏବଂ ଏହାର ପ୍ରଭାବ ସମ୍ପର୍କିତ ଦୁଇଦିନିଆ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳା ଓଡିଶାର ପ୍ରାଚୀନ କଳା ଓ ସ୍ଥାପତ୍ୟର ରୂପ ଏବଂ ବିଭିନ୍ନ ପ୍ରଭାବ ଉପରେ ଆଲୋଚନା କରାଯାଇଥିଲା। ଐତିହାସିକ କାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ବିଭିନ୍ନ କଳା ରୂପକୁ ଉଦ୍‌ଜୀବିତ କରିବା, ଓଡ଼ିଶାର କଳା ଏବଂ ସ୍ଥାପତ୍ୟର ପ୍ରଭାର ମଧ୍ୟ ସାରା ଭାରତ ଓ ଦକ୍ଷିଣ ଭାରତ, ବଙ୍ଗ ଏବଂ ଗ୍ରୀକ ପ୍ରଭାବ ସହିତ ଏହାର ପ୍ରଭାବ ଉପରେ ଆଲୋଚନା କରିବା ସହ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ବିଷୟରେ ଆଲୋଚନା କରାଯାଇଥିଲା। ବିକ୍ରମଦେବ ବିଶ୍ୱବିଦ୍ୟାଳୟ ୧୯୪୭ ମସିହା ରାଜା ବିକ୍ରମଦେଓ ବର୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ଏବଂ ୨୦୨୩ରେ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ଦେଇଥିଲେ। ଇତିହାସ ବିଭାଗ ପୁରାତନ ଓ ନୂଆ ପିଢିର ଛାତ୍ରଛାତ୍ରୀଙ୍କୁ ପ୍ରାଚୀନ ଐତିହ୍ୟର ଅନୁସନ୍ଧାନ ଓ ସଂରକ୍ଷଣ ପାଇଁ ଇତିହାସ ବିଭାଗ ପ୍ରେରଣା ଦେଇ ଆସୁଛି। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ସୁନୀଲ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ କିସ ବିଶ୍ୱବିଦ୍ୟାଳୟ ପ୍ରଫେସର ରତ୍ନାକର ମହାପାତ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟର ସନ୍ତୋଷ କୁମାର ମଲ୍ଲିକ, ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରଫେସର ଲକ୍ଷ୍ମଣ ପାତ୍ର, ଗୁଣୁପୁର ମହାବିଦ୍ୟାଳୟ ସତ୍ୟବାନ ଗରଡା, ଏବଂ ନୂଆଦିଲ୍ଲୀ ସର୍ବେକ୍ଷଣ ସଂସ୍ଥାନ ପ୍ରତ୍ନତତ୍ତ୍ୱବିତ୍ ଆଶିଷ ରଞ୍ଜନ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରଫେସର ଡ. କିଶୋର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଡ.ନିଳାଦ୍ରୀ ନାଥ ଦାସ ଓ କିସ ବିଶ୍ୱବିଦ୍ୟାଳୟ ଡ. ରତ୍ନାକର ମହାପାତ୍ର ଉପସ୍ଥିତ ରହି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡିଠାରେ ଐତିହାସିକ ନୀଳକଣ୍ଠେଶ୍ୱର ମନ୍ଦିର ଉପରେ ଆଲୋଚନା କରିଥିଲେ। ଆଲୋଚନାରେ ପ୍ରିୟ ରଞ୍ଜନ ସାହୁ ବିସ୍ତୃତ ଭାବେ ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୋଦ କୁମାର ସାହୁ, ରତନ ପଣ୍ଡା, କୃଷ୍ଣ ମାଳୀ, ଶୁଭଶ୍ରୀ ବିଶ୍ୱାଳ, ଶ୍ରଦ୍ଧାଞ୍ଜଳୀ ଗୌଡ଼, ରଞ୍ଜିତା ପ୍ରଧାନ, ପଞ୍ଚାନନ ନାୟକ, ଉତ୍ତମ ବିଷୋୟୀ, ସୁନିତା ପଲେଇ, ଆଶାରାଣୀ ମହାପାତ୍ର ଉପସ୍ଥିତ ରହି ଓଡିଶାର କଳା ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଇତିହାସ ବିଭାଗର ପ୍ରଫେସର ମିନତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କୋରାପୁଟ ଜିଲ୍ଲା ବଧିର ସଂଘର କର୍ମକର୍ତ୍ତା ଚୟନ

ସୁନାବେଡା,୨୯।୩ (ସମିସ): କୋରାପୁଟ ଜିଲ୍ଲା ବଧିର ସଂଘର ଏକ ବିଶେଷ ସାଧାରଣ ବୈଠକ ସଭାପତି ଶେଖ ଇବ୍ରାହିମଙ୍କ ସଭାପତିତ୍ୱରେ ସୁନାବେଡା ସୁଭାଷନଗର ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ବୈଠକରେ କୋରାପୁଟ ଜିଲ୍ଲା ବଧିର ସଂଘର ନୂତନ କର୍ମକର୍ତ୍ତାଙ୍କ ଚୟନ କରାଯାଇଥିଲା। ଓଡ଼ିଶା ରାଜ୍ୟ ବଧିର ସଂଘର ସାଧାରଣ ସମ୍ପାଦକ ଏମଆର ମହାପାତ୍ର, ପୁରୀ ଜିଲ୍ଲା ବଧିର ସଂଘର ସାଧାରଣ ସମ୍ପାଦକ ଆକାଶ ପଟେଲ, ଆଇନଜୀବୀ ଅଶ୍ୱିନୀ ପଟ୍ଟନାୟକ, ଇଣ୍ଟରପ୍ରିଟର ସମ୍ବିତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ନିର୍ବାଚନ ଅଧିକାରୀ ବ୍ରହ୍ମା ଚରଣ ଗୌଡ଼ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସମ୍ପନ୍ନ କରିଥିଲେ। ବର୍ଷ ୨୦୨୬-୩୦ ଯାଏଁ ଶେଖ ଇବ୍ରାହିମ ସଭାପତି, କେ. ସୁବାସ ଚନ୍ଦ୍ର ପଟ୍ଟନାୟକ ଓ ବ୍ରହ୍ମା ଚରଣ ଗୌଡ ଉପ ସଭାପତି, ଶ୍ୟାମ ସୁନ୍ଦର ମାଟିଆ ସାଧାରଣ ସମ୍ପାଦକ, ବି. ରାଜେଶ୍ୱର ରାଓ ଯୁଗ୍ମ ସମ୍ପାଦକ, ସତ୍ୟ ନାରାୟଣ ଚୌଧୁରୀ ସହ ସମ୍ପାଦକ, ରଞ୍ଜନ କୁମାର ସାହୁ କୋଷାଧ୍ୟକ୍ଷ, ସଂଯୁକ୍ତା ଖିଲୋ ଯୁଗ୍ମ ସମ୍ପାଦିକା (ମହିଳା), ସମ୍ବିତ କୁମାର ପଣ୍ଡା ଇଣ୍ଟରପ୍ରିଟର ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବା ବେଳେ ଅରୁଣ କୁମାର କୁଲଦୀପ, ଅଜିତ କୁମାର ଖରା, ପ୍ରଦୀପ ଖରା, ସମୀର ଶିଖର ପଣ୍ଡା, ଜଗବନ୍ଧୁ ଭତ୍ରା, ତ୍ରିନାଥ କୁଲଦୀପ, ଉମାକାନ୍ତ ଜେନା, ପବିତ୍ର କନ୍ଧପାନ ଏବଂ ବି. ଶ୍ରୀଦେବୀ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଏତଦ୍ ବ୍ୟତୀତ ବିଶିଷ୍ଟ ସମାଜ ସେବୀ ଡ. ଉମା ଶଙ୍କର ପ୍ରସାଦ ପାତ୍ର, ଶାହେଦା ପରବୀନ, ସଞ୍ଜୀବ କୁମାର , ଗୋବିନ୍ଦ ବଲ୍ଲଭ ପାଢ଼ୀଙ୍କୁ ସଂଘର ଉପଦେଷ୍ଟା ଭାବେ ଏବଂ ଆଇନଜୀବୀ ଅଶ୍ୱିନୀ ପଟ୍ଟନାୟକଙ୍କୁ ଆଇନ ପରାମର୍ଶଦାତା ଭାବେ ମନୋନୀତ କରାଯାଇଛି।

### ● ନନ୍ଦପୁରରେ ସହିଦଙ୍କୁ ଏ କି ସମ୍ମାନ !

# ଆବର୍ଜନା ପରିସରରେ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି



ନନ୍ଦପୁର, ୨୯।୩ (ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ଜନନାୟକ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କ ସହିଦ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ସହିଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଦେଶ ପାଇ ହସି ହସି ଫାଶୀ ଖୁଣ୍ଟକୁ ଯାଇଥିବା ଏହି ମହାନ୍ ଦେଶପ୍ରେମୀଙ୍କ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ନନ୍ଦପୁର ସଦର ମହକୁମାର ରାସ୍ତାକଡ଼ରେ ସ୍ଥାପିତ ଏହି ମହାନ୍ ଜନନାୟକଙ୍କ ପ୍ରତିମୂର୍ତ୍ତୀକୁ ଅବହେଳା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରଶ୍ନ ଉଠୁଛି ପ୍ରତି ମୂର୍ତ୍ତି ସ୍ଥାପନ ଏକ ପରିତ୍ୟକ୍ତ ନାଳ ଉପରେ କରାଯିବା କଣ ଆମ ମହାନ୍ ସଂଗ୍ରାମୀଙ୍କ ପ୍ରତି ଭକ୍ତି ନା ରାଜନୀତି । ରାସ୍ତା କଡ ନର୍ଦ୍ଦମା ପରିସରରେ ମହାନ୍ ସଂଗ୍ରାମୀଙ୍କୁ ରଖି କି ସମ୍ମାନ ଦିଆଯାଉଛି। ନନ୍ଦପୁର ଆଇଆଇସି ତ୍ରିନାଥ ତୋଟା ପାଡ଼ିଆ କହିଛନ୍ତି, ଏହା ଏକ ଲଜ୍ୟା ଜନକ ବିଷୟ । ଖୁବ୍‌ଶୀଘ୍ର ସୁରକ୍ଷିତ ଓ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ନେଇ ଚିନ୍ତା କରାଯିବ ବୋଲି ସେ କହିଛନ୍ତି। ସହିଦ ଲକ୍ଷ୍ମଣ ନାୟକ ଆଦିବାସୀ ସେବା ମଞ୍ଚର ଉପ ସଭାପତି ପ୍ରଭାତ ଗୁରୁ ମାଇ କହିଛନ୍ତି, ଏଥିପାଇଁ ସେ ପ୍ରଥମେ ଦୁଃଖ ପ୍ରକାଶ କରି କ୍ଷମା ମାଗିବା ସହ ଖୁବ୍ ଶୀଘ୍ର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବ ବୋଲି କହିଛନ୍ତି।

# ଇଂ.ଦାଶରଥି ନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ଜୟପୁର, ୨୯।୩ (ସମିସ): ଜୟପୁର ସାହିତ୍ୟ ପରିଷଦର ପୂର୍ବତନ ସଭାପତି, ଫୁଟବଲ ଖେଳାଳି, ବରିଷ୍ଠ ସାହିତ୍ୟ ସାଧକ ଇଂ.ଦଶରଥୀ ନନ୍ଦଙ୍କର ଗତ ବୁଧବାର ପରଲୋକ ହୋଇଥିଲା। ଗତକାଲି ସନ୍ଧ୍ୟାରେ ଲାଲ ସାହି ବ୍ୟାଙ୍କ କୋଲନୀ ସ୍ଥିତ ଲୋକେଶ୍ୱରୀ ଉଦ୍ୟାନରେ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏଥିରେ ସ୍ୱର୍ଗତ ଇଂ. ନନ୍ଦଙ୍କ ସ୍ମୃତି ଚାରଣ କରିବା ସହିତ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ଉପସ୍ଥିତି ସାହିତ୍ୟିକ ଓ କବି ମାନେ କହିଥିଲେ। ସାହିତ୍ୟ ପରିଷଦ ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀଙ୍କ ଆହ୍ୱାନକ୍ରମେ ଏହି ଶୋକ ତଥା ଶ୍ରଦ୍ଧାଞ୍ଜଳି ସଭା ସାହିତ୍ୟ ପରିଷଦର ସଭାପତି ହରିହର କରସୁଧା ପଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିତ୍ୟିକ ଇଂ କେଦାର ନାଥ ବେହେରା, ମଧୁସୂଦନ ମିଶ୍ର, ଶ୍ରୀନାଥ ମିଶ୍ର, ନଳିନୀରଞ୍ଜନ ମିଶ୍ର, ଭାସ୍କର ଚନ୍ଦ୍ରସାମନ୍ତରାୟ, ମଦନ ମୋହନ ନାୟକ , ସୁରେଶ ନନ୍ଦ, ଲକ୍ଷ୍ମୀକାନ୍ତ ପାଢ଼ୀ, ଡ. ପ୍ରଦୀପ କୁମାର ମିଶ୍ର, ପ୍ରମୋଦ ରାଉଳ, ତପନ କିରଣ ତ୍ରିପାଠୀ, ଭାବଗ୍ରାହୀ ସାହୁ, ଡ଼.ସୁଧାଂଶୁ ପଟ୍ଟନାୟକ, ଅଶୋକ ମହାରଣା, ବୈରାଗୀ ସାହୁ, ରାଧାମୋହନ ପଣ୍ଡା ଶୋଭାଗିନୀ ନନ୍ଦ ଓ ପ୍ରମୋଦ ରାଉଳ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସହିଦ ଲକ୍ଷ୍ମଣ ନାୟକଙ୍କ ପୁଣ୍ୟତିଥି ପାଳିତ



କୋଷାଗୁମୁଡ଼ା,୨୯।୩(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ସଦର ମହକୁମାର ସହିଦ ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଂଘ ପକ୍ଷରୁ ସହିଦ ଲକ୍ଷ୍ମଣ ନାୟକଙ୍କ ପୁଣ୍ୟ ତିଥି ରବିବାର ପୂର୍ବାହ୍ନ ୧୧ଟାରେ ପାଳିତ ହୋଇଯାଇଛି। ଶହୀଦ ଲକ୍ଷ୍ମଣ ନାୟକଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ, ଦୀପ, ଧୂପ ପ୍ରଜ୍ୱଳନ କରି ସଂଘର ସଭାପତି ସୁଦର୍ଶନ ନାୟକ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ସହିଦଙ୍କ ସ୍ମୃତିଚାରଣ ସହ ଜୟଗାନ, ସହିଦ ଅମର ରହେ ବୋଲି ସଂଘର ସମ୍ପାଦକ ଏମ ମୋହନ ରାଓ କହିଥିଲେ। ଏହି କାର୍ଯ୍ୟକ୍ରମ ପରେ ସଂଘର ବିଭିନ୍ନ ସାମାଜିକ କାର୍ଯ୍ୟକୁ କିପରି ଆଗକୁ ସୂଚାରୁ ରୂପେ ସମ୍ପାଦନ କରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘ ପକ୍ଷରୁ ଅସହାୟ ଗରିବଙ୍କୁ ସାହାଯ୍ୟ କରିବା ଓ ବାଲ୍ୟ ବିବାହ ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଅଞ୍ଚଳରେ ବାଲ୍ୟ ବିବାହକୁ ରୋକିବା ଦିଗରେ କାର୍ଯ୍ୟ କରିବା ଉପରେ ଉପସ୍ଥିତ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ସଂଘର ସଦସ୍ୟ ମାନେ ତଥା ଅମଜାଦ ଖାଁ, ସୁଦର୍ଶନ ନାୟକ, ଏମ୍ ମୋହନ ରାଓ, ସନ୍ତୋଷ କୁମାର, ଚନ୍ଦନ ସାହୁ, ଆଫଜଲ ଖାଁ, ଲବୀ ଭତ୍ରା, ଧନୁର୍ଜୟ ଭକ୍ତ, ଚନ୍ଦ୍ର ସେନା ମାଳି, ନବୀନ ନାୟକ, ସୋମନାଥ ପୂଜାରୀ (ଖୋର୍କୀ) ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ବିଜୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



### ଏମ୍‌ସିସି (ଏ) ଟିମ୍ ଚାମ୍ପିଅନ

ନାରାୟଣପାଟଣା, ୨୯।୩ (ସମିସ): ଆଜି ନାରାୟଣପାଟଣା ମା' ଚୈତ୍ରାଇ କ୍ରିକେଟ୍ ୟୁଥ୍ କ୍ଲବ ପକ୍ଷରୁ ବିଜୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଦିନରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଶିକ୍ଷା ମନ୍ତ୍ରୀ ତଥା ବିଧାୟକ ଜୟପୁର ରବି ନାରାୟଣ ନନ୍ଦ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଲକ୍ଷ୍ମୀପୁର ଝିନ ହିକକା, ପୂର୍ବତନ ବିଧାୟକ କୋରାପୁଟ ରଘୁରାମ ପାଡାଲ, ପୂର୍ବତନ ବିଧାୟକ ପଟାଙ୍ଗି ପ୍ରଫୁଲ ପାଙ୍ଗି, ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା, ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ସମାଜସେବୀ ଶଙ୍କର ସାଉନ୍ତା, ସମାଜସେବୀ ଦୟା ପ୍ରଧାନ, ବ୍ଲକ ବିଜୁ ଜନତା ଦଳ ସଭାପତି ପ୍ରହଲାଦ ଖୋସଲା, ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା, ବୁଦ୍ଧିଜୀବୀ, ମା ଚୈତ୍ରାଇ କ୍ରିକେଟ୍ ଟିମ୍‌ର ସମସ୍ତ ଖେଳାଳି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ସମସ୍ତ ଅତିଥି ମାନଙ୍କୁ ବାଜା ବଜାଇ ଢେମସା ନାଚି ଖେଳ ପଡିଆ ପର୍ଯ୍ୟନ୍ତ ପ୍ରସେଶନ କରି ନେଇଥିଲେ। ପଡିଆରେ ପହଞ୍ଚିବା ପରେ ଅତିଥିମାନଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କରାଯାଇଥିଲା। ଅତିଥି ମାନଙ୍କ ଦ୍ୱାରା ବିଜୁ ପଟ୍ଟନାୟକଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପିଲାଙ୍କ ଉଦ୍ଦେଶ୍ୟରେ ଅତିଥି ମାନେ ନିଜର ଅଭିଭାଷଣ ରଖିଥିଲେ। ୧୬ ଟିମକୁ ନେଇ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଏମ୍‌ସିସି (ଏ) ଓ ଏମ୍‌ସିସି (ବି) ପହଞ୍ଚି ଥିଲେ। ଫାଇନାଲରେ ଏମ୍‌ସିସି (ଏ) ଟିମ ବିଜୟ ହାସଲ କରିଥିଲା। ବିଜୟ ହାସଲ ହୋଇଥିବା ଟିମକୁ ୩୦୦୦୦ ଟଙ୍କା ସହ ଟ୍ରଫି ଓ ପରାସ୍ତ ଟିମକୁ ୨୦୦୦୦ ଟଙ୍କା ସହ ଟ୍ରଫି ଦ୍ୱାରା ପୁରସ୍କୃତ କରାଯାଇଛି। ମଞ୍ଚ ପରିଚାଳନା କରୁଥିବା ସମାଜସେବୀ ଦୟା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମନ୍ଦିର ପ୍ରତିଷ୍ଠା କରିବାକୁ ଚେତାବନୀ ଦେଲେ ଗ୍ରାମବାସୀ

ମୁନିଗୁଡା,୨୯।୩(ସମିସ): ଦଧିବାମନ ମନ୍ଦିର ପ୍ରତିଷ୍ଠା ବିଳମ୍ବ ନେଇ ଅମ୍ବାଦଳା ଅଞ୍ଚଳରେ ପରିସ୍ଥିତି ସରଗରମ ରହିଛି। ବର୍ଷରୁ ବର୍ଷ ଧରି ମନ୍ଦିର ନିର୍ମାଣ ହୋଇ ପ୍ରତିଷ୍ଠା ନ ହେବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ 'ସକାଳ'ରେ ଖବର ପ୍ରକାଶନ ପରେ ଗ୍ରାମର ବିଭିନ୍ନ ସ୍ଥାନରେ ଚର୍ଚ୍ଚା ତୀବ୍ର ହୋଇଛି। ଗ୍ରାମବାସୀ ଏହାକୁ ଗୁରୁତର ଅବହେଳା ବୋଲି ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ମନ୍ଦିର ନିର୍ମାଣ କାମ ଶେଷ ହୋଇଥିଲେ ମଧ୍ୟ କମିଟି ପକ୍ଷରୁ ପ୍ରତିଷ୍ଠା ପାଇଁ କୌଣସି ସ୍ପଷ୍ଟ ପଦକ୍ଷେପ ନିଆଯାଉନାହିଁ। ଗ୍ରାମର ଯୁବ ସମାଜ, ବୁଦ୍ଧିଜୀବୀ, ପୁରୋହିତ, ସାମାଜିକ କର୍ମୀଙ୍କ ଠାରୁ ଆରମ୍ଭ କରି ଅବାଳ ବୃଦ୍ଧବନିତା ଏକ ସ୍ୱରରେ କହିଛନ୍ତି ଯେ, ମନ୍ଦିର କେବଳ ଏକ ଧାର୍ମିକ ସ୍ଥାନ ନୁହେଁ, ଏହା ଗ୍ରାମର ଆସ୍ଥା ଓ ପରମ୍ପରା ସହ ଜଡ଼ିତ। ଏପରି ସ୍ଥିତିରେ ଅନାବଶ୍ୟକ ବିଳମ୍ବକୁ ସେମାନେ କେବେ ମଧ୍ୟ ସ୍ୱୀକାର କରିବେ ନାହିଁ। ଏହା ସହିତ ଗ୍ରାମବାସୀଙ୍କ ଦ୍ୱାରା କମିଟିକୁ ଖୋଲା ଚେତାବନୀ ଦିଆଯାଇଛି। ସେମାନେ କହିଛନ୍ତି, ଯଦି ଶୀଘ୍ର ପ୍ରତିଷ୍ଠା ତାରିଖ ଘୋଷଣା କରାଯିବ ନାହିଁ, ତେବେ ଗ୍ରାମବାସୀ ନିଜେ ଆଗେଇ ଆସି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିବେ। ଅନ୍ୟପଟେ, ଏହି ଘଟଣା ପରେ କମିଟି ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନଥିବାରୁ ଅସନ୍ତୋଷ ଆହୁରି ବଢ଼ିଛି। ସ୍ଥାନୀୟ ବାସିନ୍ଦା ଶୀଘ୍ର ସମାଧାନ ଓ ପ୍ରତିଷ୍ଠା ତାରିଖ ଘୋଷଣା ପାଇଁ ଦାବି କରୁଛନ୍ତି। ଯଦି ଏହି ପ୍ରସଙ୍ଗରେ ଶୀଘ୍ର ପଦକ୍ଷେପ ନ ନିଆଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ରୂପ ନେଇପାରେ ବୋଲି ଅଞ୍ଚଳରେ ଆଶଙ୍କା ପ୍ରକାଶ ପାଉଛି।



### ଲକ୍ଷ୍ମଣ ନାୟକଙ୍କ ସହିଦ ଦିବସ ପାଳିତ

## ସଂଗ୍ରାମୀଙ୍କ ବଳିଦାନକୁ ମନେ ପକାଇଲା ମାଲକାନଗିରି

ମାଲକାନଗିରି,୨୯।୩(ସମିସ): ମାଲକାନଗିରି ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ମହାନ ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ମହାବିଦ୍ୟାଳୟ ପରିସରରେ ଥିବା ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଥିଲେ ଯେ, ଆମକୁ ନିଜ ଅଞ୍ଚଳର ଇତିହାସ ବିଷୟରେ ଜାଣିବାର ଆବଶ୍ୟକତା ରହିଛି। ପଛୁଆ ମନଭାବ ତ୍ୟାଗ କରି ଶହୀଦ ଲକ୍ଷ୍ମଣ ନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ହେବ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ କହିଥିଲେ, ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ କେବଳ ଇତିହାସର ଏକ ପୃଷ୍ଠା ନୁହେଁ, ବରଂ ଛାତ୍ର ସମାଜ ପାଇଁ ଦେଶପ୍ରେମ ଓ ସାହସିକତାର ଏକ ଜ୍ୱଳନ୍ତ ଉଦାହରଣ। ତାଙ୍କ ଜୀବନୀରୁ ଶିକ୍ଷାଲାଭ କରି ଛାତ୍ରମାନେ ନିଜ ସମାଜ ପ୍ରତି କର୍ତ୍ତବ୍ୟନିଷ୍ଠ ହେବା ଉଚିତ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ବାରିକ ନିଜ ଅଭିଭାଷଣରେ କହିଥିଲେ, ମାଲକାନଗିରି ମାଟିର ଏହି ମହାନ ସନ୍ତାନଙ୍କୁ ସ୍ମରଣ କରିବା ସମସ୍ତଙ୍କ ପାଇଁ ଗର୍ବର ବିଷୟ। ଶିକ୍ଷା ସହିତ ମାନବିକତା ଏବଂ ନିଜ ମାଟି ପାଇଁ କିଛି କରିବାର ସଂକଳ୍ପ ନେବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ। ଏହି ଅବସରରେ ଡ. ରଞ୍ଜନ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ରତ୍ନାକର ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ହରେକୃଷ୍ଣ କୀର୍ତ୍ତନିଆଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ, ଅଧ୍ୟାପକ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ

ମାଲକାନଗିରି, ୨୯।୩ (ସମିସ): ମାଲକାନଗିରି ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟ ସଭା କକ୍ଷରେ ସଭାପତି ବାଲାରାଜୁ ପାଢୀଙ୍କ ତତ୍ତ୍ୱାବଧାନରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ବକ୍ତା ରବିନ୍ଦ୍ର କୁମାର ମହାରଣା, ସଂଘର ଉପସଭାପତି ସୁରେନ୍ଦ୍ର କୁମାର ମଲ୍ଲିକ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀ ନାୟକଙ୍କୁ ଭାରତରତ୍ନରେ ସମ୍ମାନିତ କରିବା ପାଇଁ ସଂଘରେ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଅଶୋକ କୁମାର ସାମଲ, ବିରଞ୍ଚିନାରାୟଣ ଦାଶ, ବାଳକୃଷ୍ଣ ପାଢ଼ୀ, ଜଗନ୍ନାଥ ତିଆଡ଼ି, ନବକିଶୋର ସାହୁ, ଲଡୁ କିଶୋର ପଣ୍ଡା, ପୂର୍ଣ୍ଣ ଚନ୍ଦ୍ର ସାହୁ, ରଙ୍ଗରାଜ ସେନାପତି, ରବିନାରାୟଣ ପାଣିଗ୍ରାହୀ, ଚିରଞ୍ଜିବୀ ମହାପାତ୍ର, ରାମଚନ୍ଦ୍ର ସଲେଇ, ଏସ୍ ଇରାସ୍ୱାମୀ, ବି. ଜନାର୍ଦ୍ଦନ ରାଓ ପ୍ରମୁଖ ଉପସ୍ଥିତ ଥିଲେ।



## ଗଞ୍ଜେଇ ସହ ସ୍କୁଟି ଜବତ, ୨ ଗିରଫ

ମାଲକାନଗିରି,୨୯।୩(ସମିସ): ମାଲକାନଗିରି ଜିଲ୍ଲା ଓରକେଲ ପୁଲିସକୁ ମିଳିଛି ସଫଳତା। ଗୋଟିଏ ସ୍କୁଟି ୨୨ କିଲୋ ଗଞ୍ଜେଇ ସହ ୨ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଓରକେଲ ପୁଲିସ। ମିଳିଥିବା ସୂଚନାନୁଯାୟୀ ଓରକେଲ ଥାନା ଏସଆଇ ଅଜିତ ସିଂ ବାରିହାଙ୍କ ନେତୃତ୍ୱରେ ଏକ ଟିମ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାର ନନ୍ଦିନୀଗୁଡା ଠାରେ ପାଟ୍ରୋଲିଂ ସମୟରେ ଏକ ସ୍କୁଟି ଦ୍ରୁତ ଗତିରେ ଆସୁଥିବା ଦେଖି ଅଟକାଇଥିଲେ। ସ୍କୁଟିରେ ୨ ବ୍ୟକ୍ତି ରହିଥିବା ବେଳେ ଏକ ବସ୍ତା ଦେଖି ଉକ୍ତ ବସ୍ତାରେ କଣ ଅଛି ବୋଲି ପୋଲିସ ପଚାରିବାରୁ ଦୁହିଁଙ୍କ ଉତ୍ତରରେ ତାଳମେଳ ଖାଇ ନଥିଲା। ପୁଲିସକୁ ସନ୍ଦେହ ହେବାରୁ ସଙ୍ଗେ ସଙ୍ଗେ ଉକ୍ତ ବସ୍ତାରେ କଣ ଅଛି ଦେଖିଲା ବେଳକୁ ଗଞ୍ଜେଇ ରହିଥିବା ଦେଖିଥିଲେ। ସ୍କୁଟି ସମେତ ୨ ଚାଲାଣକାରୀଙ୍କୁ ଗିରଫ କରି ଥାନାକୁ ନିଆଯାଇଥିଲା। ୨ ଚାଲାଣକାରୀଙ୍କ ମଧ୍ୟରୁ ଜଣଙ୍କ ନାମ ସନିଆ ହରିଜନ(୨୯), ଘର ବୈପାରିଗୁଡା ଥାନା ଅନ୍ତର୍ଗତ କେନ୍ଦୁଲିବେଡା ଗ୍ରାମ। ଏବଂ ଅନ୍ୟ ଜଣଙ୍କ ନାମ ଖଗପତି ଖରା (୨୫), ଘର ମାଥିଲି ଥାନା ଅନ୍ତର୍ଗତ କୋପରା ଗ୍ରାମ ବୋଲି ଜଣାପଡିଛି। ଉଭୟ ଏହି ଗଞ୍ଜେଇକୁ ଜୟପୁର ଅଭିମୁଖେ ଚାଲାଣ କରୁଥିବା ତଦନ୍ତକାରୀ ଅଧିକାରୀ ଏସଆଇ ମନୋହର ସାହୁ କହିଛନ୍ତି। ତେବେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଅଧିକ ହେବା ସହ କେସ ନଂ ୮୬/୨୬ରେ ଆଜି ୨ ଚାଲାଣକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।



## ୧୨୦ ବସ୍ତା ଡିଏପି ସାର ଜବତ



ପାପଡ଼ାହାଣ୍ଡି,୨୯।୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ମୋକିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାମୁନି ଗ୍ରାମଠାରେ ଟ୍ରକ୍‌ରୁ ଅନଲୋଡ୍ ହେବା ସମୟରେ ୧୨୦ ବସ୍ତା ଡିଏପି ସାର ଜବତ କଲା ପ୍ରଶାସନ। ଜବତ ୧୨୦ ବସ୍ତା ଡିଏପି ଘନଶ୍ୟାମ ଶର୍ମାଙ୍କ ଗୋଦାମରେ ସିଲ କରାଯାଇଛି । ସାରର ଅଭାବ ଦେଖା ଦେଇଥିବା ବେଳେ ଏନେଇ ସାର ବିକ୍ରେତା ମାନଙ୍କୁ ପ୍ରଶାସନ ତରଫରୁ ମାର୍ଗଦର୍ଶିକା ଜାରି କରାଯଇଛି। ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ସରକାରଙ୍କ ମାର୍ଗଦର୍ଶିକାକୁ ସମସ୍ତ ସାର ସ୍ୱୀକୃତିପ୍ରାପ୍ତ ବିକ୍ରେତାକୁ ସାର ବିକ୍ରି ବନ୍ଦ କରିବା ନୋଟିସ ଦେବା ସହ ସାର ଗୋଦାମକୁ ଯାଞ୍ଚ କରିଥିଲେ ପାପଡାହାଣ୍ଡି ତହସିଲଦାର ତପନ କୁମାର ନାୟକ, ବ୍ଲକ କୃଷି ଅଧିକାରୀ ସିଦ୍ଧାର୍ଥ ସାରଥୀ ପରିଡା, ସହକାରୀ କୃଷି ତଥା ସାର ନିରୀକ୍ଷକ ଏ. ଲାବାନ୍ୟା, କୃଷି ଅଧିଦର୍ଶକ ସୁଧାଂଶୁ କୁମାର ବାରୋଡା। ଏହି ସମୟରେ ବାସିନୀ ଗ୍ରାମର ଘନଶ୍ୟାମ ଶର୍ମାଙ୍କ ଦୋକାନ ସମ୍ମୁଖରେ ଏକ ଟ୍ରକ୍‌ରୁ ପିପିଏଲ ଡିଏପି ଅନ୍‌ଲୋଡ଼ ହେଉଥିବା ସମୟରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ କରିବାରୁ ଡିଏପି ଆଣିଥିବା ଗାଡ଼ିରେ କୌଣସି କାଗଜପତ୍ର ନଥିଲା। କିମ୍ବା ବେପାରୀ ଘନଶ୍ୟାମ ଶର୍ମାଙ୍କ ସ୍ୱୀକୃତିପ୍ରାପ୍ତ ଖତ ଲାଇସେନ୍ସ ନାହିଁ। ଘନଶ୍ୟାମ ଗୋଦାମରେ ରହିଥିବା ଓ ଗାଡିରେ ଥିବା ମୋଟ ୧୨୦ ବସ୍ତା ଡିଏପିକୁ ଜବତ କରି ଗୋଦାମ ସିଲ କରାଯାଇଥିଲା। ସାର ବେପାରୀ ମାନେ କଳାବଜାରୀ କରିବା ସକାଶେ ବିନା ପଞ୍ଜୀକରଣରେ ବେପାର କରୁଛନ୍ତି। ଚାଷ ସମୟରେ ଚାଷୀ ସାର ଓ ଡିଏପି ନ ପାଇ ଚାଷ କାମ ପାଇଁ ନାହିଁ ନଥିବା ହଇରାଣ ହେଉଛନ୍ତି। ଚାଷ ମଧ୍ୟ ନଷ୍ଟ ହୋଇ କ୍ଷୟକ୍ଷତି ହେଉଛି। ଏପରି କଳା ବଜାରୀ କରୁଥିବା ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ପ୍ରକାଶ ଥାଉକି ଗତବର୍ଷ ଏହି ଅଞ୍ଚଳରେ ବହୁ ସାର ବେପାରୀଙ୍କ ପାଖରେ ସରକାରୀ ଖତ ଲାଇସେନ୍ସ ନଥାଇ ମଧ୍ୟ ସାର ଏବଂ ବେସରକାରୀ ମକା ଏବଂ ହାଇବ୍ରିଡ଼ ଧାନ ବିହନ ବିକ୍ରୟ ହୋଇଥିବା ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇଥିଲା। କିନ୍ତୁ ପ୍ରଶାସନ ତରଫରୁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା।

## ବାର୍ଷିକ ଫଳ ପ୍ରକାଶ କଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ରାୟଗଡା,୨୯।୩(ସମିସ): ରବିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡା ଠାରେ ଶିକ୍ଷା ବର୍ଷ ୨୦୨୫-୨୬ର ବାର୍ଷିକ ଫଳାଫଳ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛବିଲାଲ ସିଙ୍ଗ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ, ଉପସଭାପତି ରଘୁନନ୍ଦନ ନନ୍ଦ, ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, ସଦସ୍ୟା ସସ୍ମିତା ପାଢ଼ୀ ଓ ଗାୟତ୍ରୀ ବେହେରା ତଥା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମହୋଦୟ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ପ୍ରଧାନ ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟ ମାଧ୍ୟମରେ ଶିଶୁ ମନ୍ଦିର ଶିକ୍ଷା ଶୈଳୀର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହାପରେ ପ୍ରଥମ ଶ୍ରେଣୀ ଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁଙ୍କୁ ପୁରସ୍କୃତ କରିବା ସହିତ ଚତୁର୍ଥ ସ୍ଥାନରୁ ଅଷ୍ଟମ ସ୍ଥାନ ଅଧିକାର କରିଥିବା ଶିଶୁଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସମସ୍ତ ଶିଶୁଙ୍କ ପ୍ରଗତି ପତ୍ର ପ୍ରଦାନ କରାଯାଇଥିଲା। ଉପ ସଭାପତିଙ୍କ ଦ୍ୱାରା ଧନ୍ୟବାଦ ପ୍ରଦାନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଛି।



■ ମାଲକାନଗିରି ବଙ୍ଗାଳି ସମାଜର କର୍ମକର୍ତ୍ତା ଚୟନ

## ଗୌରାଙ୍ଗ କର୍ମକାର ସଭାପତି ନିର୍ବାଚିତ

ମାଲକାନଗିରି, ୨୯।୩ (ସମିସ): ମାଲକାନଗିରି ଜିଲ୍ଲା ବଙ୍ଗାଳି ସମାଜର ନୂତନ କର୍ମକର୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁଣି ଥରେ ଗୌରାଙ୍ଗ କର୍ମକାରଙ୍କୁ ସମାଜର ଜିଲ୍ଲା ସଭାପତି ଭାବେ ମନୋନୀତ କରାଯାଇଛି। ଜିଲ୍ଲାର ୨୧୪ ଗୋଟି ବଙ୍ଗାଳୀ ଗ୍ରାମରେ ବସବାସ କରୁଥିବା ୪ ଲକ୍ଷରୁ ଅଧିକ ବଙ୍ଗାଳୀ ଲୋକଙ୍କ ସଂଗଠନ ମାଲକାନଗିରି ବଙ୍ଗାଳୀ ସମାଜ ୨୦୧୭ ମସିହାରେ ଗଠିତ ହେଇଥିବା ବେଳେ ଏହି ସଂଗଠନ ୨୦୧୯ ରେ ସରକାରୀ ମାନ୍ୟତା ଲାଭ କରିଥିଲା। ଆରମ୍ଭରୁ ଶ୍ରୀ କର୍ମକାର ବିଗତ ୮ ବର୍ଷ ଧରି ସଭାପତି ଭାବରେ ନିର୍ବାଚିତ ହୋଇ ଆସୁଥିବା ବେଳେ ଚଳିତ ଥର ପୁଣି ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଜିଲ୍ଲାର ପୋଟେରୁ ସ୍ଥିତ ନରନାରାୟଣ ସେବାଶ୍ରମ ପରିସରରେ ଏହି ନୂଆ କମିଟି ଚୟନ ଟ୍ରିବ୍ୟୁନାଲ ଚେୟାରମ୍ୟାନ ମାଧବ ଚନ୍ଦ୍ର ସରକାର, ଡେପୁଟି ଚେୟାରମ୍ୟାନ ତପନ କୁମାର ସାନା, ନିମାଇ ଚନ୍ଦ୍ର ପାଲ, କମଲେଶ ରାୟ ଏବଂ ଡା.ଗୋପାଳ ଚନ୍ଦ୍ର ବିଶ୍ୱାସଙ୍କ ସମେତ ୧୧ଟି ଜୋନାଲ କମିଟି ସଦସ୍ୟଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଆସନ୍ତା ୫ ବର୍ଷ ପାଇଁ ପୁଣି ଥରେ ଗୌରାଙ୍ଗ କର୍ମକାରଙ୍କୁ ଜିଲ୍ଲା ସଭାପତି, ମନୋଜ ଚୌଧୁରୀ ସାଧାରଣ ସମ୍ପାଦକ, ବିଦ୍ୟୁତ ବିଶ୍ୱାସଙ୍କୁ କୋଷାଧ୍ୟକ୍ଷ ଭାବରେ ଚୟନ କରାଯାଇଛି। ସେହିପରି ଉପଦେଷ୍ଟା ଭାବେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ନିମାଇଁ ସରକାର, ଗଣମାଧ୍ୟମ ସଂଯୋଜକ ଅସୀମ ବିଶ୍ୱାସ, ମୁଖପାତ୍ର ଭାବେ ଶିବପ୍ରସାଦ କୀର୍ତ୍ତନିଆ, ତାରକ ମଣ୍ଡଳଙ୍କ ସହିତ ୯ ଜଣ କୋର କମିଟି ସଦସ୍ୟ, ୧୦ଜଣ ଉପ ସଭାପତି ଏବଂ ୧୦ଜଣ ସହ ସମ୍ପାଦକ ଭାବରେ ମନୋନୀତ ହୋଇଛନ୍ତି।



## ଠାକୁରାଣୀ ଯାତ୍ରାରେ ଝୋଟିକଳା ପ୍ରଦର୍ଶନ

● ଚର୍ଚ୍ଚାରେ ଶରତ ପ୍ରଧାନଙ୍କ ମୁରୁଜ ମୂର୍ତ୍ତି

ଉମରକୋଟ,୨୯।୩(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟରେ ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଛି। ପରମ୍ପରା ଅନୁସାରେ ମା' ଠାକୁରାଣୀ ତାଙ୍କ ଭଉଣୀଙ୍କ ସହ ସହର ଘର ଘର ପରିକ୍ରମା କରୁଛନ୍ତି। ଲୋକମାନେ ଘର ସମ୍ମୁଖରେ ସୁନ୍ଦର ଝୋଟି ଓ ମୁରୁଜ ଆଙ୍କି ମା'ଙ୍କୁ ସ୍ୱାଗତ କରୁଛନ୍ତି। ଏହି ପବିତ୍ର ଅବସରରେ ଉମରକୋଟ ଗୁଲିପାଟଣା ସାହିର ଶରତ ପ୍ରଧାନ ତାଙ୍କ ନିଆରା ପ୍ରତିଭା ପାଇଁ ବିଶେଷ ଆକର୍ଷଣ ସୃଷ୍ଟି କରିଛନ୍ତି। ସେ ମୁରୁଜରେ ମା' ଠାକୁରାଣୀଙ୍କ ଅବିକଳ ମୂର୍ତ୍ତି ଆଙ୍କିଥିବାରୁ ଏହା ଦେଖିବାକୁ ଗୁଲିପାଟଣା ସାହିରେ ଲୋକଙ୍କ ଭିଡ଼ ଲାଗିରହିଛି। ଶିରା ଘର ସମ୍ମୁଖରେ ମା'ଙ୍କ ସ୍ୱାଗତରେ ନାଚ, ଗୀତ, ବାଜା ଓ ମହୁରି ପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହା ସହିତ ଶରତଙ୍କ ତିଆରି ମୁରୁଜ ଝୋଟି ମୂର୍ତ୍ତି ଏହି ଯାତ୍ରାର ଅନ୍ୟତମ ମୁଖ୍ୟ ଆକର୍ଷଣ ହୋଇପଡ଼ିଛି। ସ୍ଥାନୀୟ ଲୋକମାନେ ଶରତ ପ୍ରଧାନଙ୍କ ଏହି କଳାକୃତିକୁ ଭରପୁର ପ୍ରଶଂସା କରୁଥିବାବେଳେ ତାଙ୍କର ଏହି ନିଆରା ପ୍ରତିଭା ପାଇଁ ସେ ସମଗ୍ର ଅଞ୍ଚଳରେ ସୁନାମ ଅର୍ଜନ କରିପାରିଛନ୍ତି।




## ସରକାରୀ ନିୟମ ପ୍ରହସନ, ମନରେଗା ଅର୍ଥ ହରିଲୁଟ୍



### ଉପରସ୍ଥ ଅଧିକାରୀ ନୀରବ ଦ୍ରଷ୍ଟା

କୋରୁକୋଣ୍ଡା,୨୯।୩(ସମିସ): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପାଲଟି ଯାଇଛି ପ୍ରହସନ। ଲୋକଙ୍କୁ କାମ ଯୋଗାଇ ଦେବା ଲକ୍ଷ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ଏ ନେଇ ବିଭିନ୍ନ ନିୟମ ପ୍ରଣୟନ କରିଥିଲେ ମଧ୍ୟ ଦାଦନ ଶ୍ରମିକ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହେଉଥିବା କାମରେ ଦୁର୍ନୀତିକୁ ନେଇ ବିଭିନ୍ନ ସମୟରେ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ସହିତ ଉପରିସ୍ତ ଅଧିକାରୀମାନେ ଜାଣି ମଧ୍ୟ ନୀରବ ଦ୍ରଷ୍ଟା ସାଜୁଛନ୍ତି। ଏଣୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଦାୟୀତ୍ୱରେ ଥିବା ପଞ୍ଚାୟତ ଅଧିକାରୀ ମାନେ ଅନିୟମିତତା କରିବାକୁ ସାହସ ପାଉଛନ୍ତି। କେତେକ ସ୍ଥାନରେ ପୁରୁଣା କାମକୁ ଦେଖାଇ ଗରିବ ଜବ କାର୍ଡ ଧାରୀଙ୍କ ଖାତାକୁ ଟଙ୍କା ପଠାଇ କିଛି ଟଙ୍କା ଜବକାର୍ଡ ଧାରୀଙ୍କୁ ଦେଇ ବଳକା ଟଙ୍କା ଅଧିକାରୀମାନେ ଚଳୁ କରିଦେଉଥିବା ନଜିର ରହିଛି। ଏମିତିକି କିଛି କାମ ନକରି ମଧ୍ୟ ବ୍ଲକ ଏବଂ ପଞ୍ଚାୟତ ଅଧିକାରୀଙ୍କ ମଧୁ ଚନ୍ଦ୍ରିକାରେ ଲକ୍ଷ ଲକ୍ଷ ଟଙ୍କା ଉଠା ଯାଇଥିବାର ଦେଖିବାକୁ ମିଳୁଛି। ପ୍ରତେକ ଦିନ କାମ ଆରମ୍ଭରେ ଏବଂ ଶେଷରେ କାର୍ଯ୍ୟ ସ୍ଥଳୀରେ କାର୍ଯ୍ୟରତ ଶ୍ରମିକଙ୍କ ଫଟୋ, ସରକାରୀ ତଥ୍ୟ ଏନଏମଏମଏସରେ ଅପ୍‌ଲୋଡ କରାଯିବ। ହେଲେ ସେହି ସରକାରୀ ତଥ୍ୟ ଏନଏମଏମଏସରେ ନାବାଳକ ମାନଙ୍କ ଫଟୋ ଉଠାଯାଇଥିବା ଏନଏମଏମଏସରେ ଦେଖିବାକୁ ମିଳୁଛି। ଆଉ କେଉଁଠି ସମାନ ତାରିଖରେ ଏକାଧିକ କାମରେ ସମାନ ଶ୍ରମିକଙ୍କ ଫୋଟ ଏନ୍‌ଏମ୍‌ଏମ୍‌ଏସ୍‌ରେ ଦର୍ଶା ଯାଇଥିବା ଖବର ବାରମ୍ବାର ଖବର କାଗଜରେ ପ୍ରକାଶ ପାଇଲା ପରେ ମଧ୍ୟ ଏପରି ଦୁର୍ନୀତିକୁ ରୋକିବା ବଦଳରେ ନୀରବ ରହି ସେଭଳି କାମ କରିବାକୁ ବ୍ଲକ ପ୍ରଶାସନ ସାହସ ଯୋଗାଉ ଥିବା ଭଳି ମନେ ହେଉଛି। ଏପରି କାମ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ। ଗତ ବର୍ଷ ଜୁନ ଏବଂ ଜୁଲାଇ ମାସରେ ଦୁଇଗୋଟି କାର୍ଯ୍ୟକୁ ନେଇ ଅନିୟମିତାତାର ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ଜୁଲାଇ ୭ ତାରିଖରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ ଚିଠି ନଂ୨୮୮୧/ ଏମ୍‌ଡିଏନ୍‌ଆରଜିଏର ତଦନ୍ତ କରିବା ନିମନ୍ତେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁ ଏବଂ କନିଷ୍ଠ ଯନ୍ତ୍ରୀ ବାପୁଜୀ ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଉକ୍ତ କାର୍ଯ୍ୟର ତଦନ୍ତ ହେଲା ନାହିଁ। ବିଡିଓଙ୍କ ଚିଠିକୁ ଅଣଦେଖା କରିବା ସହିତ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ କହିଥିଲେ, ତଦନ୍ତ କଣ କରିବା ଆଉ। ସେହିପରି ବ୍ଲକ ଅଧୀନ ପୁରୁଣା ଚିମିଟା ପଲ୍ଲି ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କ ଫଟୋ ଏବଂ ସମାନ ଭାବରେ କାମୱାଡା ପଞ୍ଚାୟତରେ ତିନୋଟି କାମରେ ସମାନ ଶ୍ରମିକଙ୍କ ଫୋଟ ପଡିଥିବା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସାହୁଙ୍କ ଦୃଷ୍ଟି ଆକର୍ଷଣ କରବାରୁ ସେ କହିଥିଲେ, ଏପରି ହେବା କଥା ନୁହେଁ। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହେଲେ ଏହି ସବୁ ଦୁର୍ନୀତି ଖବର 'ସକାଳ'ରେ ପ୍ରକାଶିତ ହେବାର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ବର୍ତ୍ତମାନ ପୂର୍ବରୁ ଅନିୟମିତତା କାମକୁ ନେଇ ଖବର ପ୍ରକାଶିତ ହୋଇଥିଲା। ସେହି ରାସ୍ତା କାମର ଏନଏମଏମଏସରେ ଦର୍ଶା ଯାଇଥିବା ଫଟୋରେ ଦେଖିବାକୁ ମିଳିଛି। ପ୍ରାୟ ୭୦ବର୍ଷରୁ ଅଧିକ ବୟସର ବୃଦ୍ଧମାନେ କାମ କରିବା ସହିତ ୩ବର୍ଷରୁ ଅଧିର୍କ ସମୟ ହେବ ବାହାରେ ରହୁଥିବା ବ୍ୟକ୍ତିଙ୍କ ଫୋଟ ମଧ୍ୟ ଅପ୍‌ଲୋଡ଼ କରାଯାଇଥିବା ଗ୍ରାମବାସୀ କହିଛନ୍ତି। ଫୋଟୋ ଦେଖିଲେ ଯେ କେହିବି ଜାଣି ପାରିବେ, ବ୍ଲକ ଅଧୀନ ପଞ୍ଚାୟତ ଗୁଡିକରେ "ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା" କିପରି ଚାଲିଛି। ଏହାକୁ ନେଇ ଆମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଯଦି ଜଣେ ବୃଦ୍ଧ କାମକୁ ଆସିବେ ତାଙ୍କୁ କଣ ମନା କରିହବ କି ଏବଂ ଗ୍ରାମ ବାହାରକୁ ଯାଇଥିବା ବ୍ୟକ୍ତି କିପର କାମ କରୁଛି ପଚାରିବାରୁ କହିଥିଲେ ଯେ ବୁଝିକି କହିବି। କିନ୍ତୁ ଆଜି ପର୍ଯ୍ୟନ୍ତ ଯେତେ କାମର ଅନିୟମିତା ଖବର ପ୍ରକାଶ ପାଇଛି, ସେସବୁର ତଦନ୍ତ କାହିଁକି ହେଉନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏହି ସବୁ ଅନିୟମିତତାକୁ ନେଇ ଆମେ ଜିଲ୍ଲାପରିଷଦ ମାଲକାନଗିରି ଏମ୍‌ଜିଏନ୍‌ଆରଇଜିଏ କୋର୍ଡିନେଟର ଶୁଭଶ୍ରୀ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତ, ଏହି କାମ ଗୁଡିକର ଶୀଘ୍ର ତଦନ୍ତ କରିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସେ ଜଣାଇବେ।

## ଗ୍ରାମଦେବୀ ବୁରୁଦଲ୍ଲା ମା'ଙ୍କ ଚୈତ୍ରପର୍ବ ପ୍ରସ୍ତୁତି



ରାୟଗଡା,୨୯।୩(ସମିସ): ରାୟଗଡ଼ା ଗ୍ରାମଦେବୀ ଠାକୁରାଣୀ ବୁରୁଦଲ୍ଲା ପାଲ୍ଲାମା'ଙ୍କ ବାର୍ଷିକ ଉତ୍ସବ ଚୈତ୍ର ପର୍ବ ପାଳନ ନିମନ୍ତେ ଶନିବାର ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମନ୍ଦିର ପରିଚାଳନା କମିଟିର ନୂତନ ସଭାପତି ପାଟିବାଡ଼ା ଶ୍ରୀନିବାସ ନାଇଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ଜୁନ୍ ୧ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ପର୍ବ ପାଳନ ନେଇ ଦିନ ଧାର୍ଯ୍ୟ କରାଯାଇଛି। ଏଥିରେ ମୁଖ୍ୟ ଗାଁ ଡାକରା ଆସନ୍ତା ମେ ମାସ ୩୦ ତାରିଖ, ଉଜୁଡ଼ି ଗାଡ଼ି ବୁଲିବ ୩୧ ତାରିଖ ଏବଂ ଜୁନ ୧୦ ତାରିଖରେ ପର୍ବ ଶେଷ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଶୋଭାଯାତ୍ରା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ପୂର୍ବତନ ସଭାପତି ଜଗନ ମୋହନ, ଉପଦେଷ୍ଟା ଶିଲ୍ଲା ଜଗନ୍ନାଥ ସ୍ୱାମୀ, କମିଟି ଉପ ସଭାପତି ଯେଦ୍ଦୁ ଶ୍ରୀହରି ରାଓ, ସମ୍ପାଦକ ବାର୍ଜି ସେଶଗିରି, ଯୁଗ୍ମ ସମ୍ପାଦକ ପିନୀତି ଶ୍ରୀକାନ୍ତ, କୋଷାଧ୍ୟକ୍ଷ କେ.ସାରଥି ଲାଲ୍ (ପପୁ), ଉପ କୋଷାଧ୍ୟକ୍ଷ ପି. ଉମାଶଙ୍କର, କନଭେନର କିନ୍ତାଲି ଶ୍ରୀନିବାସ ରାଓଙ୍କ ସମେତ ମନ୍ଦିର ପରିଚାଳନା କମିଟି ଅନେକ ସଦସ୍ୟ ଏବଂ ସ୍ଥାନୀୟବାସୀ ଉପସ୍ଥିତ ଥିଲେ।